ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ମେ ୨୯/୨୦୨୫ (୧୬ ପୃଷ୍ଠା) Bhubaneswar, Thursday, May 29/2025 Page 16 ₹ 7.00
୫୧ଶ ଭାଗ ୧୮୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 183 ମୂଲ୍ୟ₹୭/-



ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ବୁଧବାର କୋଣାର୍କ ସୂର୍ଯ୍ୟମନ୍ଦିର ପରିସର ଜଳାର୍ଣ୍ଣବ ହୋଇଛି। ପର୍ଯ୍ୟଟକମାନେ ପାଣିରେ ପଶି ମନ୍ଦିର ବୁଲି ଦେଖୁଛନ୍ତି।

# ପୁଞ୍ଜିଲାଲଙ୍କୁ ଆଜୀବନ କାରାଦଣ୍ଡ

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

**ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ୭ବର୍ଷ ପରେ ରାୟ ବୁଧବାର ପ୍ରକାଶ ପାଇଛି। ପାଟଣାଗଡ଼ ଏଡିଜେ କୋର୍ଟରେ ଅଭିଯୁକ୍ତ ପୁଞ୍ଜିଲାଲ ମେହେର ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ପୁଞ୍ଜିଲାଲଙ୍କ ଅପରାଧକୁ ଅତ୍ୟନ୍ତ ଘୃଣ୍ୟ ବୋଲି ଅଦାଲତ ବିବେଚନା କରିଥିଲେ ସୁଦ୍ଧା ଏହା ବିରଳରୁ ଅତି ବିରଳତମ ନୁହେଁ ବୋଲି ଦର୍ଶାଇ ତାଙ୍କୁ ଆଜୀବନ କାରାଦଣ୍ଡାଦେଶ ସହ ମୋଟ ୧ଲକ୍ଷ ୪୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଥିବା ସ୍ୱତନ୍ତ୍ର ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋ କହିଛନ୍ତି। ଅପରପକ୍ଷରେ ମୃତ ସୌମ୍ୟଶେଖର ସାହୁଙ୍କ ପରିବାର ପୁଞ୍ଜିଲାଲ୍‌ଙ୍କୁ ଫାଶୀଦଣ୍ଡ ମିଳିବା ନେଇ ଆଶା କରିଥିଲେ। ତଥାପି କୋର୍ଟଙ୍କ ଏହି ରାୟକୁ ସୌମ୍ୟଙ୍କ ମା'ବାପା ସ୍ୱାଗତ କରିଥିବା ପ୍ରକାଶ କରିଛନ୍ତି। ପୁଞ୍ଜିଲାଲଙ୍କୁ ଆଜୀବନ କାରାଦଣ୍ଡାଦେଶ ମୃତ ପୁଅର ଆତ୍ମାକୁ ଶାନ୍ତି ଦେବ ବୋଲି ସୌମ୍ୟଙ୍କ ମା' ସଞ୍ଜୁକ୍ତା ସାହୁ କହିଛନ୍ତି।**

ବଲାଙ୍ଗୀର/ ପାଟଣାଗଡ଼, ୨୮।୫
(ବୀରେନ୍ଦ୍ର ଝାଙ୍କର/ ସଚ୍ଚିଦାନନ୍ଦ ମହାକୁର)

୨୦୧୮ ଫେବୃଆରୀ ୨୩ରେ ପାଟଣାଗଡ଼ରେ ପାର୍ସଲ ବୋମା ବିସ୍ଫୋରଣ ଘଟି ନବବିବାହିତ ସଫ୍ଟୱେର ଇଞ୍ଜିନିୟର ସୌମ୍ୟ, ତାଙ୍କ ଜେଜେମା ଜେମାମଣି ସାହୁଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୃତ ସୌମ୍ୟଙ୍କ ନବବିବାହିତା ସ୍ତ୍ରୀ ରିମାରାଣୀ ଗୁରୁତର ଆହତ ହୋଇଥିଲେ। ମାମଲାରେ କ୍ରାଇମବ୍ରାଞ୍ଚ ପାଟଣାଗଡ଼ ନିକଟସ୍ଥ ଭଇଁଷା କଲେଜର ଇଂଲିଶ ବିଭାଗ ଅଧ୍ୟାପକ ପୁଞ୍ଜିଲାଲ ମେହେରଙ୍କୁ ଏକମାତ୍ର ଓ ମୁଖ୍ୟ ଅଭିଯୁକ୍ତ ଭାବେ ଗିରଫ କରିଥିଲା। ପାଟଣାଗଡ଼ ଏଡିଜେ କୋର୍ଟରେ ପ୍ରାୟ ୨ବର୍ଷ କାଳ ମାମଲାର ଶୁଣାଣି ଓ ନ୍ୟାୟିକ



ରିମାରାଣୀ ଓ ସୌମ୍ୟ

ପ୍ରକ୍ରିୟା ଚାଲିବା ପରେ ଘଟଣାର ୭ ବର୍ଷ ୨ ମାସ ୪ ଦିନ ପରେ ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ପୁଞ୍ଜିଲାଲ୍‌ଙ୍କୁ କଡ଼ା ସୁରକ୍ଷା ବଳୟରେ ବୁଧବାର ସକାଳେ ପାଟଣାଗଡ଼ କୋର୍ଟ ପରିସରକୁ ଅଣାଯାଇଥିଲା। ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ପ୍ରକାଶ ପାଇବା ନେଇ ପାଟଣାଗଡ଼



ଦୋଷୀ ସାବ୍ୟସ୍ତ ପୁଞ୍ଜିଲାଲ ମେହେରଙ୍କୁ ପାଟଣାଗଡ଼ କୋର୍ଟରୁ କଡ଼ା ସୁରକ୍ଷା ଭିତରେ ବଲାଙ୍ଗୀର ଜେଲକୁ ନିଆଯାଉଛି।

### 'ପୁଞ୍ଜିଲାଲଙ୍କ ଅପରାଧ ଅତ୍ୟନ୍ତ ଘୃଣ୍ୟ, କିନ୍ତୁ ବିରଳରୁ ବିରଳତମ ନୁହେଁ'

ଏଡିଜେ କୋର୍ଟ ପରିସର ଲୋକାରଣ୍ୟ ହୋଇଥିଲା। ଓକିଲ, ଆଇନ ଛାତ୍ରୀଛାତ୍ର, ପୋଲିସ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଏହାକୁ ନେଇ ବିଭିନ୍ନ ଆଲୋଚନା ପର୍ଯ୍ୟାଲୋଚନା ହୋଇଥିଲା। ପ୍ରାୟ ୨ଘଣ୍ଟାର ଶୁଣାଣି ପ୍ରକ୍ରିୟା ପରେ ଏଡିଜେ ସୋନାଲି ପଟ୍ଟନାୟକ ରାୟ ଶୁଣାଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଅଭିଯୁକ୍ତଙ୍କ ବିରୋଧରେ ଦାଖଲ ହୋଇଥିବା କ୍ରାଇମବ୍ରାଞ୍ଚର ୨୦୦୦ ପୃଷ୍ଠା ସମ୍ବଳିତ ଚାର୍ଜଶିଟ୍, ବୈଜ୍ଞାନିକ ପ୍ରମାଣ, ପାରିପାର୍ଶ୍ୱିକ ପ୍ରମାଣ, ଗୁରୁତ୍ୱପୂର୍ଣ୍ଣ ଭିଡିଓ ପ୍ରମାଣ, ୬୨ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ଦଲିଲ, ଉଭୟ ପକ୍ଷ ଓକିଲଙ୍କ ଯୁକ୍ତି ଶୁଣିବା ପରେ ଏଡିଜେ ଏହି ରାୟ ଶୁଣାଇଛନ୍ତି। ଆଇପିସି ଦଫା ୩୦୨(ହତ୍ୟା)ରେ ଆଜୀବନ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା, ଦଫା ୩୦୭(ହତ୍ୟା ଉଦ୍ୟମ)ରେ ୧୦ ବର୍ଷ ଜେଲ ଓ ୨୦ ହଜାର ଟଙ୍କା ଜରିମାନା, ଦଫା ୨୦୧(ପ୍ରମାଣ ନଷ୍ଟ)ରେ ୭ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ସହ ଏକ୍ସପ୍ଲୋସିଭ୍ ସବ୍‌ଷ୍ଟାନ୍‌ସେସ୍ ଆକ୍ଟର ଦଫା ୩ ରେ ଆଜୀବନ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଜରିମାନା ଏବଂ ଦଫା ୪ରେ ୧୦ ବର୍ଷ ଜେଲ ଓ ୧୦ ହଜାର ଟଙ୍କା ଜରିମାନା ଦେବାକୁ ଆଦେଶ ଦେଇଛନ୍ତି। ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋ କୋର୍ଟଙ୍କ ରାୟ ଉପରେ ସନ୍ତୋଷ ପ୍ରକାଶ କରିବା ସହ କ୍ରାଇମବ୍ରାଞ୍ଚର ସମସ୍ତ ଦଫାରେ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଥିବା କହିଛନ୍ତି। ଅନ୍ୟପକ୍ଷରେ ପ୍ରତିପକ୍ଷ ଓକିଲ ଶିବ ପ୍ରସାଦ ମିଶ୍ରଙ୍କୁ ପଚାରିବାରେ ଦୋଷୀ ସାବ୍ୟସ୍ତ ହେବା ପରେ ପୁଞ୍ଜିଲାଲ ଉପରିସ୍ଥ କୋର୍ଟକୁ ଯିବେ କି ନା ସେ ଆଗକୁ ନିଷ୍ପତ୍ତି ନେବେ ବୋଲି କହିଛନ୍ତି। ମୃତ ସୌମ୍ୟଶେଖରଙ୍କ ମାତାପିତା ସଞ୍ଜୁକ୍ତା ଓ ରବୀନ୍ଦ୍ର ସାହୁ କୋର୍ଟଙ୍କ ଦଣ୍ଡାଦେଶରେ ସନ୍ତୋଷ ପ୍ରକାଶ କରିବା ସହ ପୁଞ୍ଜିଲାଲଙ୍କୁ ତାଙ୍କର କୁକର୍ମ ଫଳ ମିଳିଲା ବୋଲି କହିଛନ୍ତି।

# ଚାକିରି ବୟସସୀମା ୪୨କୁ ବୃଦ୍ଧି

ଭୁବନେଶ୍ୱର,୨୮।୫
(ରବିନାରାୟଣ ଜେନା)

ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଯୁବବର୍ଗଙ୍କୁ ନିଯୁକ୍ତି ଯୋଗାଇବା ଏବଂ କୃତ୍ରିମ ବୁଦ୍ଧିମତ୍ତା(ଏଆଇ)ର ଉପଯୋଗକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ବୁଧବାର ସନ୍ଧ୍ୟାରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି, ସରକାରୀ ଚାକିରିରେ ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସ ସୀମା ୩୨ରୁ ୪୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିଲାଗି ସରକାର ଓଡ଼ିଶା ବେସାମରିକ ସେବା(ସର୍ବୋଚ୍ଚ ବୟସସୀମା ସ୍ଥିରୀକରଣ) ନିୟମାବଳୀ ୧୯୮୯ର ସଂଶୋଧନ କରାଯାଇଛି। ସରକାରଙ୍କ ନିୟମାବଳୀରେ ଥିବା ବ୍ୟବସ୍ଥା ଅନୁଯାୟୀ ସରକାରୀ ପଦପଦବୀ ଓ ସେବାରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସସୀମା ପୂର୍ବରୁ ୩୨ ବର୍ଷ ରହିଥିଲା। କ୍ୟାବିନେଟ୍ ନିଷ୍ପତ୍ତି ଦ୍ୱାରା ସରକାରୀ ଚାକିରି ପାଇଁ ପ୍ରସ୍ତୁତି କରି ବୟସମୀମା ପାର୍ ହୋଇଯାଇଥିବା



## ୫ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ମୋହର
## ଏଆଇ ନୀତିକୁ ଅନୁମୋଦନ

ଆଶାୟୀ ଉପକୃତ ହେବେ।

ମୁଖ୍ୟ ଶାସନ ସଚିବ କହିଥିଲେ, ରାଜ୍ୟ ସରକାର କିଛି ସେବା ଓ ପଦବୀ, ଯେଉଁଠାରେ ସର୍ବୋଚ୍ଚ ବୟସସୀମା ଅଧିକ ଉଲ୍ଲେଖ ହୋଇଛି କିମ୍ୱା ୟୁନିଫର୍ମ ସେବା ଯଥା ପୋଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ସେବା ଇତ୍ୟାଦି ଏବଂ ଯେଉଁ ସେବା ଓ ପଦବୀରେ ଶାରୀରିକ ଦକ୍ଷତା ପରୀକ୍ଷା ରହିଥାଏ ଏବଂ ଏହାବ୍ୟତୀତ ଅନ୍ୟ ସମସ୍ତ ବିଭିନ୍ନ ମୂଳ ପଦବୀ ଓ ସେବାରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସସୀମା ୩୨ ବର୍ଷରୁ ୪୨ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଉପରୋକ୍ତ ସର୍ବୋଚ୍ଚ ବୟସସୀମା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି, ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗ, ମହିଳା, ଅବସରପ୍ରାପ୍ତ ସେନା ଅଧିକାରୀ ଏବଂ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ କ୍ଷେତ୍ରରେ ସରକାରଙ୍କ ଦ୍ୱାରା ବିଭିନ୍ନ ସମୟରେ ଲାଗୁ ହେଉଥିବା ନିୟମାବଳୀ ଅନୁସାରେ କୋହଳ ହେବ ବୋଲି ସେ କହିଥିଲେ।

ସେହିପରି ରାଜ୍ୟ ସରକାର ଓଡ଼ିଶା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(କୃତ୍ରିମ ବୁଦ୍ଧିମତ୍ତା) ☞ପୃଷ୍ଠା-୨

# ଓଡ଼ିଶା ଛୁଇଁଲା ମୌସୁମୀ

### ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ

ଭୁବନେଶ୍ୱର,୨୮।୫ (ଅନୁରାଧା ମହାରଣା)

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ବୁଧବାର ଓଡ଼ିଶା ଛୁଇଁଛି। ନିର୍ଦ୍ଧାରିତ ସମୟ ପୂର୍ବରୁ ମୌସୁମୀ ବାୟୁ ଓଡ଼ିଶାରେ ପ୍ରବେଶ କରିଛି। ଦକ୍ଷିଣ ଓଡ଼ିଶାର କିଛି ସ୍ଥାନରେ ମୌସୁମୀ ବାୟୁ ଅଗ୍ରସର ହେବା ସହ କିଛି ସ୍ଥାନରେ ବର୍ଷା ମଧ୍ୟ ହୋଇଛି। ଏହା ପୂର୍ବରୁ ୧୯୯୯ ମେ' ୨୮ରେ ଓ ୨୦୦୯ ମେ' ୨୫ରେ ମୌସୁମୀ ଓଡ଼ିଶା ଛୁଇଁଥିଲା। ଭାରତୀୟ ପାଣିପାଗ ବିଭାଗ ସୂଚନାନୁସାରେ, ଦୀର୍ଘ ୧୬ ବର୍ଷ ପରେ ମେ' ମାସରେ ମୌସୁମୀ ଓଡ଼ିଶାରେ ପ୍ରବେଶ କରିଛି। ଚଳିତ ବର୍ଷ ନିର୍ଦ୍ଧାରିତ ସମୟଠାରୁ ୧୨ଦିନ ପୂର୍ବରୁ ମୌସୁମୀ ବାୟୁ କେରଳ ଛୁଇଁଥିଲା। ସେହି ଅନୁସାରେ ଚଳିତ ବର୍ଷ ମୌସୁମୀ ସଅଳ ଓଡ଼ିଶା ଛୁଇଁବ ବୋଲି ପୂର୍ବାନୁମାନ କରାଯାଇଥିବାବେଳେ ତାହା ହିଁ ହୋଇଛି। ଦକ୍ଷିଣ-ପଶ୍ଚିମ ମୌସୁମୀ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଆମେ ଆମ ଜୀବନର ସାକ୍ଷୀ**



## ସଂକ୍ଷେପରେ

### ଦକ୍ଷିଣ ଚାଇନା ସାଗର ଦ୍ୱୀପରେ ଚାଇନାର ଅତ୍ୟାଧୁନିକ ବୋମାବର୍ଷୀ ବିମାନ

ହଂକଂ,୨୮।୫

ଦକ୍ଷିଣ ଚାଇନା ସାଗରର ବିବାଦୀୟ ପାରାସେଲ୍ ଦ୍ୱୀପରେ ବେଜିଂ ଏହାର ସବୁଠୁ ଅତ୍ୟାଧୁନିକ ବୋମାବର୍ଷୀ ଯୁଦ୍ଧବିମାନ ଅବତରଣ କରାଇଥିବା ସାଟେଲାଇଟ୍ ଚିତ୍ରରୁ ଦେଖିବାକୁ ମିଳିଛି। ବିରୋଧୀଙ୍କୁ ସାମରିକ ସାମର୍ଥ୍ୟ ଦେଖାଇବାର ଏହା ଚାଇନାର ସଦ୍ୟତମ ସଙ୍କେତ ବୋଲି କେତେଜଣ ବିଶ୍ଳେଷକ କହିଛନ୍ତି। ୨୦୨୦ ପରେ ପ୍ରଥମ ଥର ପାଇଁ ଚାଇନା ପରାସେଲ୍‌ର ଉଡି ଆଇଲାଣ୍ଡରେ ଏହାର ଦୀର୍ଘ ଆକ୍ରମଣ କ୍ଷମତା ବିଶିଷ୍ଟ ଏଚ୍-୬ ବମ୍ବରକୁ ମୁତୟନ କରିଛି। ଫିଲିପାଇନ୍ସ ସହ ଉତ୍ତେଜନା ଲାଗିରହିଥିବାବେଳେ ଚଳିତ ସପ୍ତାହାନ୍ତରେ ଉକ୍ତ ଅଞ୍ଚଳରେ ସର୍ବବୃହତ୍ ପ୍ରତିରକ୍ଷା ଫୋରମ୍ ଆୟୋଜନ ପୂର୍ବରୁ ତାଇୱାନ ନିକଟରେ ଚାଇନା ଏଭଳି ଯୁଦ୍ଧବିମାନ ମୁତୟନ କରିଛି।

### ଇରାନରେ ୩ ଭାରତୀୟ ନିଖୋଜ



ତେହରାନ/ନୂଆଦିଲ୍ଲୀ, ୨୮।୫

ଇରାନରେ ୩ ଭାରତୀୟ ନିଖୋଜ ଥିବାର ମାମଲା ସାମ୍ନାକୁ ଆସିଛି। ଏହି ୩ ନିଖୋଜ ଭାରତୀୟ ହେଉଛନ୍ତି ପଞ୍ଜାବର ଶଙ୍ଗରୁର୍ ନିବାସୀ ହୁସନ୍‌ପ୍ରିତ ସିଂ, ଏସ୍‌ବିଏସ୍ ନଗର ନିବାସୀ ଜସ୍‌ପାଲ ସିଂ ଏବଂ ହୋସିଆରପୁର ନିବାସୀ ଅମୃତପାଲ ସିଂ। ଘଟଣାକୁ ନେଇ ଇରାନରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଏକ୍ସ'ରେ ଏକ ପୋଷ୍ଟ କରି କୁହାଯାଇଛି, ଏହି ୩ ଭାରତୀୟଙ୍କ ସହ ସମ୍ପର୍କ ସ୍ଥାପନ ହୋଇପାରୁ ନ ଥିବା ନେଇ ସେମାନଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଭାରତୀୟ ଦୂତାବାସ ବୁଧବାର ଏହି ମାମଲାକୁ ସ୍ଥାନୀୟ ଅଧିକାରୀଙ୍କ ସମ୍ମୁଖରେ ଉପସ୍ଥାପନ କରିଛି। ଏହି ୩ ଭାରତୀୟଙ୍କୁ ଖୋଜିବା ପାଇଁ ଇରାନୀ ଅଧିକାରୀଙ୍କ ସହ ସକ୍ରିୟ ଭାବେ କାମ କରୁଥିବା ନେଇ ଭାରତୀୟ ଦୂତାବାସ କହିଛି। ଗତ ମେ' ୧ରେ ଏହି ୩ ଭାରତୀୟ ଇରାନର ରାଜଧାନୀ ତେହରାନରେ ପହଞ୍ଚିଥିଲେ। ୧୧ ତାରିଖ ପରଠାରୁ ସେମାନଙ୍କ ସହ ସମ୍ପର୍କ ସ୍ଥାପନ ହୋଇପାରୁ ନାହିଁ ବୋଲି ହୁସନ୍‌ପ୍ରିତଙ୍କ ମା' କହିଛନ୍ତି। ଏହି ୩ ଭାରତୀୟଙ୍କୁ ଅପହରଣ କରାଯାଇଛି ବୋଲି ସେ କହିଛନ୍ତି। ସେମାନଙ୍କୁ ମୁକୁଳାଇବା ପାଇଁ ଅପହରଣକାରୀମାନେ ୧ କୋଟି ଟଙ୍କା ଦାବି କରିଛନ୍ତି। ହୁସନ୍‌ପ୍ରିତ ଏବଂ ଅନ୍ୟ ୨ ଭାରତୀୟଙ୍କୁ ହଳଦିଆ ରଙ୍ଗର ଏକ ଦଉଡ଼ିରେ ବନ୍ଧା ଯାଇ ରଖାଯିବାର ଏକ ଭିଡିଓ ଅପହରଣକାରୀମାନେ ପଠାଇଥିଲେ। ଟଙ୍କା ନ ପଠାଇଲେ ସେମାନଙ୍କୁ ହତ୍ୟା କରାଯିବ ବୋଲି ଅପହରଣକାରୀ ଧମକ ଦେଇଥିବା ପରିବାର ଲୋକେ କହିଛନ୍ତି। ଏହି ୩ ବ୍ୟକ୍ତିଙ୍କୁ ଇରାନ ପଠାଇଥିବା ହୋସିଆରପୁରର ଏଜେଣ୍ଟ ଏବେ ନିଖୋଜ ଥିବା ଜଣାପଡ଼ିଛି।

# ବାଧାପ୍ରାପ୍ତ ହେବ ସିସିଟିଭି କ୍ୟାମେରା ଯୋଗାଣ



**ସିସିଟିଭି ନିର୍ମାତାମାନଙ୍କ ପାଇଁ ଭାରତୀୟ ନିୟାମକମାନେ ନୂଆ ସୁରକ୍ଷା ନିୟମ ଆଣିଛନ୍ତି। ତଦନୁସାରେ ସିସିଟିଭି କ୍ୟାମେରା ଉତ୍ପାଦନକାରୀଙ୍କୁ ଏହାର ହାର୍ଡୱେର ଓ ସଫ୍ଟୱେର ସୋର୍ସ କୋଡ୍ ଆସେସ୍‌ମେଣ୍ଟ ଦେବାକୁ ପଡ଼ିବ। ଚାଇନା ନିର୍ମିତ ସିସିଟିଭି କ୍ୟାମେରାରେ ଗୁପ୍ତଚରଗିରିକୁ ନେଇ ଭାରତ ସରକାର ଚିନ୍ତିତ ଥିବାବେଳେ ପ୍ରିଭେସି (ଗୋପନୀୟତା) ଓ ସିକ୍ୟୁରିଟି (ନିରାପତ୍ତା)କୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଅଣାଯାଇଥିବା ଏହି ଏସେନ୍ସିଆଲ ରିକ୍ୱାରମେଣ୍ଟ ବା ଅପରିହାର୍ଯ୍ୟ ଆବଶ୍ୟକତା (ଇଆର୍) ନିୟମକୁ ବାଧ୍ୟତାମୂଳକ କରାଯାଇଥିବା ଅଧିକାରୀମାନେ କହିଛନ୍ତି। ଅନ୍ୟପକ୍ଷେ ନିର୍ମାଣକାରୀ ସଂସ୍ଥାଗୁଡ଼ିକ ଏଭଳି ହାଇ-ସିକ୍ୟୁରିଟି ଯୋଗୁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଥିବା ଦର୍ଶାଇଛନ୍ତି। ଏହି ପୃଷ୍ଠଭୂମିରେ ସିକ୍ୟୁରିଟି କ୍ୟାମେରାର ଚାହିଦା ବଢୁଥିବାବେଳେ ନୂଆ ନିୟମ ଯୋଗୁ ଯୋଗାଣ ବାଧାପ୍ରାପ୍ତ ହୋଇପାରେ ବୋଲି ଶିଳ୍ପ ଜଗତ ସତର୍କ କରାଇଛି।**

ନୂଆଦିଲ୍ଲୀ,୨୮।୫

ସିକ୍ୟୁରିଟି କ୍ୟାମେରା ନିର୍ମାତାଙ୍କ ପାଇଁ ଅପରିହାର୍ଯ୍ୟ ଆବଶ୍ୟକତା (ଇଆର୍) ନିୟମକୁ ବାଧ୍ୟତାମୂଳକ କରାଯାଇଥିବା ବିଷୟ ସରକାରୀ ଦସ୍ତାବିଜ ଓ କମ୍ପାନୀ ଇମେଲ୍‌ଗୁଡ଼ିକରୁ ଜଣାପଡ଼ିଛି। ଦେଶରେ ଚାଇନା ସର୍ଭିଲାନ୍ସ କ୍ଷମତା ସମ୍ପର୍କିତ ଚିନ୍ତା ବଢ଼ିଥିବାବେଳେ ଏହି ସିକ୍ୟୁରିଟି ଟେଷ୍ଟିଂ ନୀତି ଯୋଗୁ ବୈଶ୍ୱିକ ସର୍ଭିଲାନ୍ସ ଉପକରଣ ନିର୍ମାତାମାନେ ଭାରତକୁ ସିସିଟିଭି ଯୋଗାଇବାକୁ ମଙ୍ଗୁନାହାନ୍ତି। ଏଭଳି ସ୍ଥିତିରେ ସେମାନେ ସରକାରୀ ପ୍ରୟୋଗଶାଳାରେ ମୂଲ୍ୟାଙ୍କନ ପାଇଁ ହାର୍ଡୱେର, ସଫ୍ଟୱେର ଓ କୋଡ୍ ସୋର୍ସ ଦାଖଲ କରିବା ନେଇ ଦାବି ସମ୍ପର୍କିତ ନୂଆ



ନିୟମାବଳୀ ବିଦେଶୀ ନିର୍ମାତା ଓ ଭାରତୀୟ ରେଗୁଲେଟର୍ସଙ୍କୁ ମୁହାଁମୁହିଁ କରିଛି। ଚାଇନାର ଚତୁର ସର୍ଭିଲାନ୍ସ ସାମର୍ଥ୍ୟକୁ ନେଇ ଚିନ୍ତିତ ନୂଆଦିଲ୍ଲୀ ସିସିଟିଭି ନିର୍ମାଣକାରୀ ସଂସ୍ଥାଗୁଡ଼ିକ ପାଇଁ ନୂଆ ନିୟମ ଆଣିଥିବା ଭାରତୀୟ ନୀତି ପ୍ରଣୟନରେ ସମ୍ପୃକ୍ତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ୨୦୨୧ରେ ତତ୍କାଳୀନ ଇନ୍‌ଫର୍ମେଶନ୍ ଟେକ୍ନୋଲୋଜି (ଆଇଟି) ରାଷ୍ଟ୍ରମନ୍ତ୍ରୀ ପାର୍ଲାମେଣ୍ଟରେ କହିଥିଲେ, ସରକାରୀ ପ୍ରତିଷ୍ଠାନଗୁଡ଼ିକରେ ସଂଲଗ୍ନ ୧୦ ଲକ୍ଷ ସିସିଟିଭି କ୍ୟାମେରା ଚାଇନା କମ୍ପାନୀଗୁଡ଼ିକ ଦ୍ୱାରା ନିର୍ମିତ ହୋଇଛି। ତେଣୁ ସର୍ଭର୍ସ ବୋର୍ଡକୁ ଭିଡିଓ ଡେଟା ଟ୍ରାନ୍ସଫର ହେବା ଆଶଙ୍କା ରହିଛି। ଗତ ଏପ୍ରିଲରୁ ଲାଗୁ ହୋଇଥିବା ନୂଆ ଇଆର୍ ଅନୁସାରେ ଚାଇନାର ହିକ୍‌ଭିଜନ୍(୦୦୨୪୧୫.ଏସ୍‌ଜେଡ୍), ଶିଓମି (୧୮୧୦.ଏଚ୍‌କେ), ଦହୁଆ(୦୦୨୨୩୬.ଏସ୍‌ଜେଡ୍), ଦକ୍ଷିଣ କୋରିଆର ହନ୍‌ୱା ଏବଂ ମଟୋରୋଲା ସୋଲ୍ୟୁସନ୍ସ(ଏମ୍‌ଏସ୍‌ଆଇ.ଏନ୍) ସମେତ ଆମେରିକାର ଓପନ୍ସ ନ୍ୟୁ ଟ୍ୟାବ୍ ନିଜ କ୍ୟାମେରାଗୁଡ଼ିକୁ ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ରରେ ବିକ୍ରି କରିବା ପୂର୍ବରୁ ଭାରତ ସରକାରଙ୍କ ଲ୍ୟାବ୍‌ରେ ଯାଞ୍ଚ କରାଇବା ପାଇଁ ଦାଖଲ କରିବେ। ଏହି ନୀତି ୨୦୨୫ ଏପ୍ରିଲ ୯ ପରଠୁ ନିର୍ମିତ କିମ୍ବା ଆମଦାନୀ ହୋଇଥିବା ସମସ୍ତ ଇଣ୍ଟରନେଟ୍ ସଂଯୋଗଯୁକ୍ତ ସିସିଟିଭି ମଡେଲ ପାଇଁ ପ୍ରଯୁଜ୍ୟ ହେବ। ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ ଭାରତର ସାଇବରସିକ୍ୟୁରିଟି ମୁଖ୍ୟ ଥିବା ଗୁଲଶନ ରାୟ କହିଛନ୍ତି, ସିସିଟିଭି କ୍ୟାମେରାରେ ସବୁବେଳେ ଗୁପ୍ତଚରଗିରି କରାଯିବା ନେଇ ରିସ୍କ ରହୁଛି। ଇଣ୍ଟରନେଟ୍-କନେକ୍ଟେଡ୍ ସିସିଟିଭିକୁ ଯେକେହି ପରିଚାଳନା କରିପାରିବେ। ତେଣୁ ସେଗୁଡ଼ିକରେ ନିରାପତ୍ତା ବ୍ୟବସ୍ଥା ଜରୁରୀ ହୋଇପଡ଼ିଛି। ଏହା ପରେ ଗତ ଏପ୍ରିଲ ୩ରେ ଭାରତୀୟ ଅଧିକାରୀମାନେ ହନ୍‌ୱା, ମଟରୋଲା, ବୋସ୍କ, ହନିୱେଲ୍ ଓ ଶିଓମି ଭଳି ୧୭ ବିଦେଶୀ ଓ ଘରୋଇ ଏକ୍‌ଜିକ୍ୟୁଟିଭ୍‌ଙ୍କ ସହ ବୈଠକ କରିଥିଲେ। ଉକ୍ତ ବୈଠକରେ ଅଧିକାଂଶ ନିର୍ମାତା ସରକାରଙ୍କ ନୂଆ ନିୟମ ମାନିବାକୁ ପ୍ରସ୍ତୁତ ନୁହନ୍ତି ବୋଲି ଜଣାଇଥିଲେ। ଏଥିସହ ନିୟମ ଲାଗୁକୁ ବିଳମ୍ବିତ କରିବା ପାଇଁ ସେମାନେ ଲବି କରିଥିଲେ। କିନ୍ତୁ ସରକାର ସେମାନଙ୍କ ଅନୁରାଧକୁ ପ୍ରତ୍ୟାଖ୍ୟାନ କରି ଏହାକୁ ବାଧ୍ୟତାମୂଳକ ଲାଗୁ କରାଯିବ ବୋଲି କହିଥିଲେ।

### ସର୍ଭିଲାନ୍ସ ଉପକରଣ ପାଇଁ ଭାରତର ନୂଆ ନିୟମ ମାନିବାକୁ ବୈଶ୍ୱିକ ନିର୍ମାତା ନାରାଜ

ଭାରତରେ ସର୍ଭିଲାନ୍ସ ଗିଅର ଯାଞ୍ଚ କରୁଥିବା ସଂସ୍ଥା ହେଉଛି ଷ୍ଟାଣ୍ଡାର୍ଡାଇଜେଶନ୍ ଟେଷ୍ଟିଂ ଆଣ୍ଡ କ୍ୱାଲିଟି ସାର୍ଟିଫିକେଶନ୍ (ଏସ୍‌ଟିକ୍ୟୁସି) ନିର୍ଦ୍ଦେଶାଳୟ, ଯାହାକି ଆଇଟି ମନ୍ତ୍ରଣାଳୟ ଅଧୀନରେ କାର୍ଯ୍ୟ କରିଥାଏ। ଉକ୍ତ ଏଜେନ୍ସିର ୧୫ଟି ଲ୍ୟାବ୍ ରହିଛି, ଯେଉଁଠି ଏକକାଳୀନ ୨୮ ଆବେଦନର ସମୀକ୍ଷା କରାଯାଇପାରିବ ବୋଲି ଏହାର ୱେବ୍‌ସାଇଟ୍‌ରେ ଦର୍ଶାଯାଇଥିଲା। ତେବେ ରଏଟର୍ସ ପକ୍ଷରୁ ଏସମ୍ପର୍କିତ ପ୍ରଶ୍ନ କରାଯିବା ପରେ ଉକ୍ତ ତଥ୍ୟକୁ ହଟାଇ ଦିଆଯାଇଛି। ପ୍ରତ୍ୟେକ ଆପ୍ଲିକେଶନ୍‌ରେ ସର୍ବାଧିକ ୧୦ ମଡେଲକୁ ସାମିଲ କରାଯାଇପାରିବ। ମେ' ୨୮ ବୁଧବାର ସୁଦ୍ଧା ବିଭିନ୍ନ ନିର୍ମାତାଙ୍କ ପକ୍ଷରୁ ଦାଖଲ ୩୪୨ ଆବେଦନ ପଡ଼ିରହିଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ସେଗୁଡ଼ିକ ମଧ୍ୟରୁ ୨୩୭ ଆବେଦନକୁ ନୂଆ ବୋଲି ବର୍ଗୀକୃତ କରାଯାଇଥିବାବେଳେ ଏପ୍ରିଲ ୯ ପରେ ୧୪୨ ଆବେଦନ ଦାଖଲ ହୋଇଥିବା କୁହାଯାଇଛି। ଏଭଳି ସ୍ଥିତିରେ ସିସିଟିଭି କ୍ୟାମେରାଗୁଡ଼ିକର ନିରାପତ୍ତା ଯାଞ୍ଚ ଠିକ୍ ସମୟରେ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି।

## ମଣିପୁରରେ ନୂଆ ସରକାର ଗଢ଼ିବାକୁ ୪୪ ବିଧାୟକ ପ୍ରସ୍ତୁତ

### ରାଜ୍ୟପାଳଙ୍କୁ ଜଣାଇଲେ ଭାଜପା ନେତା

ଇମ୍ଫାଲ,୨୮।୫(ପି.ଟି.)

ମଣିପୁରରେ ନୂଆ ସରକାର ଗଢ଼ିବା ପାଇଁ ୪୪ ଜଣ ବିଧାୟକ ପ୍ରସ୍ତୁତ ଥିବା ଭାଜପା ବିଧାୟକ ଥୋକ୍‌ଚୋମ୍ ରାଧେଶ୍ୟାମ ସିଂ ବୁଧବାର ରାଜ୍ୟପାଳ ଅଜୟ କୁମାର ଭାଲ୍ଲାଙ୍କୁ ଭେଟିବା ପରେ କହିଛନ୍ତି। ସିଂଙ୍କ ସମେତ ଅନ୍ୟ ୯ ଜଣ ବିଧାୟକ ରାଜଭବନ ଯାଇ ରାଜ୍ୟପାଳଙ୍କୁ ଭେଟିଥିଲେ। ଜନସାଧାରଣଙ୍କ ଇଚ୍ଛା ଅନୁଯାୟୀ ୪୪ ବିଧାୟକ ସରକାର ଗଢ଼ିବା ପାଇଁ ପ୍ରସ୍ତୁତ ଥିବା ନେଇ ଆମେ ରାଜ୍ୟପାଳଙ୍କୁ ଜଣାଇବା ସହ ଏଥିପାଇଁ ସମାଧାନର ସୂତ୍ର ସମ୍ପର୍କରେ ଆଲୋଚନା କରିଛୁ ବୋଲି ସିଂ କହିଛନ୍ତି।

ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବେ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ତେବେ ସେମାନେ ସରକାର ଗଢ଼ିବା ପାଇଁ ଦାବି ଜଣାଇଛନ୍ତି କି ବୋଲି ପ୍ରଶ୍ନ ହେବାରୁ ଭାଜପାର କେନ୍ଦ୍ରୀୟ ନେତୃତ୍ୱ ଏନେଇ ନିଷ୍ପତ୍ତି ନେବ ବୋଲି ସିଂ କହିଛନ୍ତି। ବାଚସ୍ପତି ଥୋକ୍‌ଚୋମ୍ ସତ୍ୟବ୍ରତ ସିଂ ୪୪ ବିଧାୟକଙ୍କୁ ବ୍ୟକ୍ତିଗତ ଭାବେ ଏବଂ ଏକାଠି ଭେଟିଛନ୍ତି। ସରକାର ଗଠନରେ କାହାର ବିରୋଧ ନ ଥିବା ଭାଜପା ନେତା ସ୍ପଷ୍ଟ କରିଛନ୍ତି।



ଥୋକ୍‌ଚୋମ୍ ରାଧେଶ୍ୟାମ ସିଂ

୨୦୨୩ ମେ'ରୁ ମଣିପୁରରେ ମେଇତି ଏବଂ କୁକି-ଜୋ ସମ୍ପ୍ରଦାୟ ମଧ୍ୟରେ ଦୀର୍ଘଦିନ ଧରି ଜାତିଆଣ ହିଂସା ଲାଗିରହିଥିବାବେଳେ ଏହାକୁ ନିୟନ୍ତ୍ରଣ କରିବାରେ ଏନ୍. ବୀରେନ୍ ସିଂ ସରକାର ବିଫଳ ହୋଇଥିବାରୁ ସମାଲୋଚିତ ହୋଇଥିଲେ। ଗତ ଫେବୃଆରୀରେ ସେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା। ୬୦ ଆସନ ବିଶିଷ୍ଟ ମଣିପୁର ବିଧାନସଭାରେ ଏବେ ୫୯ ବିଧାୟକ ଥିବାବେଳେ ଜଣେ ବିଧାୟକଙ୍କ ପରଲୋକ ଯୋଗୁ ଗୋଟିଏ ଆସନ ଖାଲି ପଡ଼ିଛି। ଭାଜପା ନେତୃତ୍ୱାଧୀନ ମେଣ୍ଟରେ ୩୨ ଜଣ ମେଇତି ବିଧାୟକ, ୩ ମଣିପୁରୀ ମୁସଲିମ୍ ବିଧାୟକ ଏବଂ ୯ ଜଣ ନାଗା ବିଧାୟକଙ୍କୁ ମିଶାଇ ମୋଟ ୪୪ ଜଣ ରହିଛନ୍ତି। କଂଗ୍ରେସରୁ ୫ ଜଣ ମେଇତି ବିଧାୟକ ରହିଥିବାବେଳେ ଅବଶିଷ୍ଟ ୧୦ କୁକି ବିଧାୟକଙ୍କ ମଧ୍ୟରୁ ୭ ଜଣ ଭାଜପା ଟିକେଟରେ ଜିତିଥିଲେ। ୨ ଜଣ କୁକି ପିପୁଲ୍ସ ଆଲିଆନ୍ସର ହୋଇଥିବାବେଳେ ଜଣେ ସ୍ୱାଧୀନ ବିଧାୟକ।

### ଅଳ୍ପକେ ବର୍ତ୍ତିଲେ ବିମାନର ୧୮୦ ଯାତ୍ରୀ

ଚେନ୍ନାଇ, ୨୮।୫

ସିଙ୍ଗାପୁରରୁ ଚେନ୍ନାଇ ଆସୁଥିବା ଏୟାର ଇଣ୍ଡିଆ ଏକ୍ସପ୍ରେସ୍‌ର ଏକ ବିମାନ ଅବତରଣ କରିବାର ଠିକ୍ ପୂର୍ବରୁ ୨୦୦ ଫୁଟ ଉଚ୍ଚତାରେ ଏହାର ଲାଣ୍ଡିଂକୁ ବାତିଲ କରାଯାଇଥିଲା। ବିମାନ ଯାଉଥିବା ଦିଗରେ ପ୍ରବଳ ପବନ ବହୁଥିବାରୁ ଲାଣ୍ଡିଂବେଳେ ଅଘଟଣ ଘଟିବାର ଆଶଙ୍କା କରି ପାଇଲଟ 'ଗୋ ଆରାଉଣ୍ଡ'ର ନିଷ୍ପତ୍ତି ନେଇଥିଲେ। ଫଳରେ ବିମାନଟିକୁ ୩୦ ମିନିଟ ଧରି ଉଡ଼ିବାକୁ ପଡ଼ିଥିଲା ଏବଂ ଏହାପରେ ଦ୍ୱିତୀୟ ପ୍ରୟାସରେ ବିମାନଟି ସୁରକ୍ଷିତ ଅବତରଣ କରିଥିଲା। ବିମାନରେ ଥିବା ସମସ୍ତ ୧୮୦ ଜଣ ଯାତ୍ରୀ ସୁରକ୍ଷିତ ଅଛନ୍ତି।

### କମଲ ହାସନଙ୍କ ପାଇଁ ରାଜ୍ୟ ସଭା ସିଟ୍ ଛାଡ଼ିଲା ଡିଏମ୍‌କେ

ଚେନ୍ନାଇ, ୨୮।୫

ଆସନ୍ତା ୧୯ରେ ତାମିଲନାଡୁର ୬ ରାଜ୍ୟ ସଭା ଆସନ ପାଇଁ ନିର୍ବାଚନ ହେବ। ରାଜ୍ୟର ଶାସନରେ ଥିବା ଡିଏମ୍‌କେ ୪ ଆସନରେ ଲଢ଼ିବ ବୋଲି ବୁଧବାର ଦଳ ପକ୍ଷରୁ ଘୋଷଣା କରାଯାଇଛି। ସେହିପରି ସହଯୋଗୀ କମଲ ହାସନଙ୍କ ଦଳ ମକ୍କଲ ନିଧି ମୟମ (ଏମ୍‌ଏନ୍‌ଏମ୍)କୁ ଗୋଟିଏ ସିଟ୍ ଛାଡ଼ିବାକୁ ଦଳ ଘୋଷଣା କରିଛି। ଦଳ ପକ୍ଷରୁ ରାଜ୍ୟ ସଭା ନିର୍ବାଚନ ପାଇଁ ୩ ଜଣଙ୍କର ନାଁ ଘୋଷଣା କରାଯାଇଛି। ଡିଏମ୍‌କେ ପକ୍ଷରୁ ବରିଷ୍ଠ ଆଡ୍‌ଭୋକେଟ ପି. ୱିଲସନ, ଦଳୀୟ ନେତା ଏସ୍‌ଆର୍ ଶିବଲିଙ୍ଗମ ଏବଂ କବି ତଥା ଲେଖକ ରୁକୟା ମଲିକଙ୍କ ନାଁକୁ ରାଜ୍ୟ ସଭା ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି।



କଂଗ୍ରେସ ନେତା ଶଶୀ ଥରୁରଙ୍କ ନେତୃତ୍ୱରେ ପାନାମା ଯାଇଥିବା ବହୁଦଳୀୟ ପ୍ରତିନିଧି ମଣ୍ଡଳୀ ସେଠାର ନ୍ୟାଶନାଲ ଆସେମ୍ବ୍ଲି ଅଧ୍ୟକ୍ଷ ଡାନା କାଷ୍ଟାନେଡା ଓ ଅନ୍ୟମାନଙ୍କୁ ଭେଟୁଛନ୍ତି।

## 'ତାମିଲରୁ ଜନ୍ମ ନେଇଛି କନ୍ନଡ଼'

### ବିବାଦରେ କମଲ ହାସନ୍

### କର୍ଣ୍ଣାଟକରେ ଫିଲ୍ମ ବ୍ୟାନ୍ ପାଇଁ ଦାବି

ଚେନ୍ନାଇ/ବେଙ୍ଗାଲୁରୁ, ୨୮।୫ (ପି.ଟି.)

ଅଭିନେତା କମଲ ହାସନ ବିବାଦ ଘେରକୁ ଆସିଛନ୍ତି। ମଙ୍ଗଳବାର ଚେନ୍ନାଇରେ ନିଜ ଆଗାମୀ ଫିଲ୍ମ 'ଠଗ୍ ଲାଇଫ୍'ର ଅଡିଓ ଲଞ୍ଚ୍ କାର୍ଯ୍ୟକ୍ରମରେ କମଲ କହିଥିଲେ, କନ୍ନଡ଼ ଭାଷା ତାମିଲ ଭାଷାରୁ ଜନ୍ମ ନେଇଛି। ଉକ୍ତ କାର୍ଯ୍ୟକ୍ରମରେ କନ୍ନଡ଼ ଅଭିନେତା ଶିବରାଜ୍ କୁମାରଙ୍କୁ କେନ୍ଦ୍ରକରି କମଲ କହିଥିଲେ, ତାମିଲ ଭାଷା ସହ ଜଡ଼ିତ ହୋଇଥିବାରୁ ସେ ଗର୍ବିତ। ପ୍ରତ୍ୟକ ତାମିଲ ହେଉଛନ୍ତି ତାଙ୍କ ପରିବାର। ଶିବରାଜ୍ ମଧ୍ୟ ତାଙ୍କ ପରିବାରର ସଦସ୍ୟ। ଶିବରାଜଙ୍କ ଭାଷା କନ୍ନଡ଼ ତାମିଲ ଭାଷାରୁ ଜନ୍ମିତ। କମଲଙ୍କର ଏହି ବୟାନକୁ ନେଇ କର୍ଣ୍ଣାଟକରେ ବିବାଦ ଦେଖାଦେଇଛି। କର୍ଣ୍ଣାଟକର ଅନେକ ରାଜନେତା ଏବଂ



କମଲ ହାସନ

ସଙ୍ଗଠନ ପକ୍ଷରୁ କମଲଙ୍କ ଏହି ମନ୍ତବ୍ୟକୁ ଦୃଢ଼ ବିରୋଧ କରାଯାଇଛି। ବିଭିନ୍ନ କନ୍ନଡ଼ ସଙ୍ଗଠନ ପକ୍ଷରୁ ବୁଧବାର 'ଠଗ୍‌ଲାଇଫ' ଫିଲ୍ମର ପୋଷ୍ଟରକୁ ଚିରାଯାଇଛି। ତାଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟା କହିଛନ୍ତି, କନ୍ନଡ଼ ଭାଷାର ଏକ ଲମ୍ବା ଇତିହାସ ରହିଛି, ଯାହା ବିଷୟରେ କମଲ ଜାଣିନାହାନ୍ତି। କମଲଙ୍କ ଫିଲ୍ମ ଉପରେ କର୍ଣ୍ଣାଟକରେ କଟକଣା ଲଗାଇବା ପାଇଁ କନ୍ନଡ଼ ଫିଲ୍ମ ଇଣ୍ଡଷ୍ଟ୍ରିର ସମସ୍ତ ଅଂଶୀଦାରଙ୍କ ସହ ଗୁରୁବାର ଏକ ବୈଠକ ଡକାଯାଇଛି ବୋଲି କର୍ଣ୍ଣାଟକ ଫିଲ୍ମ ଚ୍ୟାମ୍ବର ଅଫ୍ କମର୍ସର ସଭାପତି ଏମ୍ ନରସିଂହାଲୁ କହିଛନ୍ତି। ବିବାଦ ବଢ଼ିବା ପରେ କମଲ ନିଜ ମନ୍ତବ୍ୟକୁ ନେଇ ସଫେଇ ରଖିଛନ୍ତି। ସେ ଯାହା କିଛି ବି କହିଛନ୍ତି, ତାହା ତାମିଲ ଭାଷା ପ୍ରତି ତାଙ୍କର ଭଲ ପାଇବା ଥିଲା। କନ୍ନଡ଼ ଭାଷାକୁ ଅସମ୍ମାନ କରିବା ତାଙ୍କର ଉଦ୍ଦେଶ୍ୟ ନ ଥିଲା।

## ଆଗାମୀ ୪ ବର୍ଷ ପ୍ରଚଣ୍ଡ ତାତି

### ୨୦୨୫-୨୯ରେ ପୃଥିବୀ ତାପମାତ୍ରା ୧.୫ ଡିଗ୍ରୀ ସୀମା ଟପିପାରେ: ଡବ୍ଲ୍ୟୁଏମ୍‌ଓ

ନୂଆଦିଲ୍ଲୀ,୨୮।୫(ପି.ଟି.)

୨୦୨୫ରୁ ୨୦୨୯ ଅବଧି ମଧ୍ୟରେ କୌଣସି ବର୍ଷ ପୃଥିବୀର ହାରାହାରି ତାପମାତ୍ରା ପ୍ରାକ୍-ଶିଳ୍ପାଞ୍ଚଳ ସ୍ତର ୧.୫ ଡିଗ୍ରୀ ସେଲ୍‌ସିୟସ୍‌ର ସୀମା ଅତିକ୍ରମ କରିବା ନେଇ ୭୦ ପ୍ରତିଶତ ଆଶଙ୍କା ରହିଛି। ଏହାର ନକାରାତ୍ମକ ପ୍ରଭାବ ଆମ ଅର୍ଥନୀତି, ଦୈନନ୍ଦିନ ଜୀବନ ଓ ପୃଥିବୀର ପରିବେଶ ଉପରେ ପଡ଼ିବ ବୋଲି ବୁଧବାର ବିଶ୍ୱ ପାଣିପାଗ ସଙ୍ଗଠନ (ଡବ୍ଲ୍ୟୁଏମ୍‌ଓ) ପକ୍ଷରୁ ଜାରି ଏକ ରିପୋର୍ଟରେ ସତର୍କ କରାଯାଇଛି।

ଡବ୍ଲ୍ୟୁଏମ୍‌ଓ ଦ୍ୱାରା ପ୍ରକାଶିତ ଉକ୍ତ ରିପୋର୍ଟରେ କୁହାଯାଇଛି ଯେ ଆଗାମୀ ୫ ବର୍ଷରୁ ବର୍ଷକ ଭିତରେ ବୈଶ୍ୱିକ ତାପମାତ୍ରା ୨୦୨୪ର ଉଷ୍ମତା ରେକର୍ଡକୁ ଭାଙ୍ଗିବାର ୮୦% ଆଶଙ୍କା ରହିଛି। ୨୦୨୪ ସବୁଠୁ ଉତ୍ତପ୍ତ ବର୍ଷ ହେବା ସହ ବୈଶ୍ୱିକ ତାପମାତ୍ରା ୧୮୫୦-୧୯୦୦ ମସିହାର ବେସ୍‌ଲାଇନ୍ ଉପରେ ୧.୫ ଡିଗ୍ରୀ ସେଲସିୟସ୍ ଅତିକ୍ରମ କରିଥିଲା। ଏହି ଅବଧି ମଧ୍ୟରେ ଜୀବାଶ୍ମ ଇନ୍ଧନ ଜାଳେଣି ଭଳି ମାନବୀୟ



କାର୍ଯ୍ୟକଳାପ ବୃଦ୍ଧିପାଇ ଜଳବାୟୁକୁ ବହୁଳମାତ୍ରାରେ ପ୍ରଭାବିତ କରିବା ଆରମ୍ଭ ହୋଇଥିଲା। ୧.୫ ଡିଗ୍ରୀ ସେଲ୍‌ସିୟସ୍ ହେଉଛି ସେହି ମାପଦଣ୍ଡ, ଯାହାକୁ ନେଇ ୨୦୧୫ ପ୍ୟାରିସ୍ ଜଳବାୟୁ ସମ୍ମିଳନୀରେ ଦେଶଗୁଡ଼ିକ ଜଳବାୟୁ ପରିବର୍ତ୍ତନର ସବୁଠୁ ଖରାପ ପରିଣାମକୁ ଏଡ଼ାଇବା ପାଇଁ ସହମତି ପ୍ରକାଶ କରିଥିଲେ। ୧.୫ ଡିଗ୍ରୀ ସେଲ୍‌ସିୟସ ସୀମା ସ୍ଥାୟୀ ଭାବେ ଉଲ୍ଲଂଘନ ହେଲେ ଆଗାମୀ ୨୦ରୁ ୩୦ ବର୍ଷ ପର୍ଯ୍ୟନ୍ତ ଦୀର୍ଘକାଳୀନ ଉଷ୍ମତା ବୃଦ୍ଧି ଘଟିପାରେ ବୋଲି ପ୍ୟାରିସ୍ ଚୁକ୍ତିନାମାରେ ଉଲ୍ଲେଖ କରାଯାଇଛି। ଦେଶଗୁଡ଼ିକୁ ସେମାନଙ୍କ ପରବର୍ତ୍ତୀ ପର୍ଯ୍ୟାୟର ନ୍ୟାଶନାଲି ଡିଟର୍ମାଇନ୍‌ଡ କଣ୍ଟ୍ରିବ୍ୟୁଶନ୍ (ଏନ୍‌ଡିସି) କିମ୍ବା ୨୦୩୧-୨୦୩୫ ବର୍ଷ ପାଇଁ ଜାତୀୟ ଜଳବାୟୁ ଯୋଜନା ସମ୍ପର୍କିତ ବିବରଣୀ ଚଳିତ ବର୍ଷ ଜାତିସଂଘ ଜଳବାୟୁ ପରିବର୍ତ୍ତନ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡ଼ିବ। ଏହି ଜଳବାୟୁ ଯୋଜନାଗୁଡ଼ିକର ସାମଗ୍ରିକ ଲକ୍ଷ୍ୟ ହେଉଛି ବୈଶ୍ୱିକ ତାପମାତ୍ରା ବୃଦ୍ଧିକୁ ୧.୫ ଡିଗ୍ରି ସେଲ୍‌ସିୟସ ଭିତରେ ସୀମିତ ରଖିବା।

ଡବ୍ଲ୍ୟୁଏମ୍‌ଓ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ୨୦୨୫ରୁ ୨୦୨୯ ଭିତରେ ଏହି ତାପମାତ୍ରାର ସୀମା ୧.୨ରୁ ୧.୯ ଡିଗ୍ରୀ ସେଲ୍‌ସିୟସ ମଧ୍ୟରେ ରହିପାରେ, ଯାହାକି ୧୮୫୦ରୁ ୧୯୦୦ ମଧ୍ୟରେ ବଢ଼ିଥିବା ତାତିରୁ ଅଧିକ। ଏନେଇ ଡବ୍ଲ୍ୟୁଏମ୍‌ଓ ଡେପୁଟି ସେକ୍ରେଟାରି ଜେନେରାଲ କୋ ବାରେଟ କହିଛନ୍ତି, ଆମେ ୧୦ ସବୁଠୁ ଉତ୍ତପ୍ତ ବର୍ଷକୁ ଦେଖିଛୁ। ଦୁର୍ଭାଗ୍ୟବଶତଃ ଡବ୍ଲ୍ୟୁଏମ୍‌ଓ ରିପୋର୍ଟରୁ ଆଗାମୀ ବର୍ଷଗୁଡ଼ିକରେ ଏଥିରୁ ଆଶ୍ୱସ୍ତି ମିଳିବା ଆଶା ଦିଶୁନାହିଁ। ଅର୍ଥାତ୍ ଆମ ଅର୍ଥନୀତି, ଦୈନନ୍ଦିନ ଜୀବନ ଓ ପୃଥିବୀର ପରିବେଶ ଉପରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିବ। ତେବେ ନିରନ୍ତର ଭାବେ ଜଳବାୟୁ ଅନୁଧ୍ୟାନ ଓ ପୂର୍ବାନୁମାନ କରାଯିବା ଦ୍ୱାରା ନିଷ୍ପତ୍ତି ଗ୍ରହଣକାରୀଙ୍କୁ ବିଜ୍ଞାନ ଭିତ୍ତିକ ସୂଚନା ହାସଲରେ ସହାୟକ ହେବ ବୋଲି ସେ କହିଛନ୍ତି।

## ଦୀପିକା କକ୍କରଙ୍କୁ ଷ୍ଟେଜ୍ ୨ ଲିଭର କ୍ୟାନ୍‌ସର



ମୁମ୍ବାଇ

ଟିଭି ଅଭିନେତ୍ରୀ ଦୀପିକା କକ୍କର ସମ୍ପ୍ରତି ନିଜ ବ୍ୟକ୍ତିଗତ ଜୀବନରେ କଠିନ ପର୍ଯ୍ୟାୟ ଦେଇ ଗତି କରୁଛନ୍ତି। ସେ ଷ୍ଟେଜ୍-୨ ଲିଭର କ୍ୟାନ୍‌ସରରେ ପୀଡ଼ିତ ଥିବା ନେଇ ବୁଧବାର ଇନ୍‌ଷ୍ଟାଗ୍ରାମରେ ସୂଚନା ଦେଇଛନ୍ତି। ତାଙ୍କ ପାଇଁ ପ୍ରାର୍ଥନା କରିବାକୁ ସେ ନିଜର ସମସ୍ତ ପ୍ରଶଂସକଙ୍କୁ ଅପିଲ କରିଛନ୍ତି। ପୂର୍ବରୁ ଦୀପିକା ନିଜ ସ୍ୱାମୀ ତଥା ଟିଭି ଅଭିନେତା ସୋଏବ ଇବ୍ରାହିମଙ୍କ ସହ ଏକ ବ୍ଲଗ୍ ଶେୟାର କରି ତାଙ୍କ ଲିଭରରେ ଟ୍ୟୁମର ଥିବା ନେଇ ପ୍ରଘଟ କରିଥିଲେ। ଦୀପିକା ଏକ ଇନ୍‌ଷ୍ଟାଗ୍ରାମ ପୋଷ୍ଟକରି ଲେଖିଛନ୍ତି, ଗତ କିଛି ସପ୍ତାହ ତାଙ୍କ ପାଇଁ ଖୁବ୍ କଷ୍ଟସାଧ୍ୟ ଥିଲା। ପେଟର ଉପର ଭାଗରେ ଯନ୍ତ୍ରଣା ଅନୁଭବ କରିବାରୁ ସେ ଡାକ୍ତରଙ୍କ ସହ ସମ୍ପର୍କ କରିଥିଲେ। ତାଙ୍କ ଲିଭରରେ ଟେନିସ୍ ବଲ୍ ଆକାରର ଏକ ଟ୍ୟୁମର ଥିବା ନେଇ ଜଣାପଡ଼ିଥିଲା। ପରୀକ୍ଷା କରିବା ପରେ ଏହି ଟ୍ୟୁମରଟି ଏକ ଦ୍ୱିତୀୟ ପର୍ଯ୍ୟାୟ କର୍କଟ ରୋଗାକ୍ରାନ୍ତ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା। ଦୀପିକା କହିଛନ୍ତି, ସମ୍ପ୍ରତି ସେ ଓ ତାଙ୍କ ପୂରା ପରିବାର କଠିନ ସମୟ ଦେଇ ଗତି କରୁଛନ୍ତି। କର୍କଟ ରୋଗରେ ପୀଡ଼ିତ ହୋଇଥିଲେ ମଧ୍ୟ ବିବ୍ରତ ନ ହୋଇ ସେ ସମ୍ପୂର୍ଣ୍ଣ ସକାରାତ୍ମକ ଅଛନ୍ତି ଏବଂ ଦୃଢ଼ତାର ସହ ଆଗାମୀ ପରିସ୍ଥିତିକୁ ମୁକାବିଲା କରିବେ ବୋଲି ଦୀପିକା କହିଛନ୍ତି। ଦୀପିକାଙ୍କ ଏହି ପୋଷ୍ଟରେ ଅନେକ ସେଲିବ୍ରିଟି ଏବଂ ବହୁ ପ୍ରଶଂସକ ତାଙ୍କର ଶୀଘ୍ର ଆରୋଗ୍ୟ ପାଇଁ ପ୍ରାର୍ଥନା କରିଛନ୍ତି।

# ଧରିତ୍ରୀ
DHARITRI

51 Years

ଭୁବନେଶ୍ୱର, ଗୁରୁବାର, ମେ ୨୯/୨୦୨୫ | Bhubaneswar, Thursday, May 29/2025 | ପୃଷ୍ଠା-୧


# ଧାନ ଏମ୍‌ଏସ୍‌ପି ୬୯ ଟଙ୍କା ବଢ଼ିଲା

## କମ୍ ସୁଧରେ କୃଷିଋଣ ସୁବିଧା ଆଉ ବର୍ଷେ ବୃଦ୍ଧି

ନୂଆଦିଲ୍ଲୀ,୨୮।୫

କେନ୍ଦ୍ର କ୍ୟାବିନେଟ୍ ୨୦୨୫-୨୬ ବିପଣନ ବର୍ଷ ପାଇଁ ଧାନ ସମେତ ୧୪ଟି ଖରିଫ୍ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବଢ଼ାଇବା ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା ଆର୍ଥିକ ବ୍ୟାପାର କ୍ୟାବିନେଟ କମିଟି ନେଇଥିବା ନିଷ୍ପତ୍ତି ଅନୁଯାୟୀ, ଧାନ ଏମ୍‌ଏସ୍‌ପି କୁଇଣ୍ଟାଲ ପିଛା ୬୯ ଟଙ୍କା ବୃଦ୍ଧି କରାଯାଇ ନୂଆ ଦର ୨,୩୬୯ ଟଙ୍କା ଧାର୍ଯ୍ୟ କରାଯାଇଛି। ସରକାର ଏଣିକି ଗ୍ରେଡ୍-ଏ ଧାନ କୁଇଣ୍ଟାଲ ୨,୩୮୯ ଟଙ୍କାରେ କିଣିବେ ବୋଲି କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅନ୍ୟ ଖରିଫ ଫସଲ ମଧ୍ୟରେ କଳା ତିଳ (ନାଇଜର ସିଡ୍) ଏମ୍‌ଏସ୍‌ପି କୁଇଣ୍ଟାଲ ପ୍ରତି ୮୨୦ ଟଙ୍କା ବୃଦ୍ଧି କରାଯାଇଥିବାବେଳେ ମାଣ୍ଡିଆ କୁଇଣ୍ଟାଲ ୫୯୬ ଟଙ୍କା, କପା ୫୮୯ ଟଙ୍କା, ରାଶି ୫୭୯ ଟଙ୍କା ଏବଂ ମକା କୁଇଣ୍ଟାଲ ୧୭୫ ଟଙ୍କା ବୃଦ୍ଧି କରାଯାଇଛି। ତୈଳବୀଜ ମଧ୍ୟରେ ଚିନାବାଦାମ କୁଇଣ୍ଟାଲ ପିଛା ଏମ୍‌ଏସ୍‌ପି ୪୮୦ ଟଙ୍କା ବୃଦ୍ଧି ହୋଇଥିବାବେଳେ ସୂର୍ଯ୍ୟମୁଖୀ ୪୪୧ ଟଙ୍କା ଏବଂ ସୋୟାବିନ୍ ୪୩୬ ଟଙ୍କା ବଢ଼ିଛି। ହରଡ଼ ଡାଲି ଏମ୍‌ଏସ୍‌ପି ୪୫୦ ଟଙ୍କା ବଢ଼ିଥିବାବେଳେ ମୁଗ ଡାଲି ୮୬ ଟଙ୍କା ଏବଂ ବିରି ୪୦୦ ଟଙ୍କା ବଢ଼ିଛି।



କୃଷି ଆୟ ବୃଦ୍ଧି କରିବା ସହ ଗ୍ରାମାଞ୍ଚଳ ସଙ୍କଟ ଦୂର ନିମନ୍ତେ ସହାୟତା ସ୍ୱରୂପ କେନ୍ଦ୍ର ସରକାର ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରିଛନ୍ତି। ମୌସୁମୀ ସହିତ ବିହନ ବୁଣା ସମୟ ଆସିଯାଇଥିବାରୁ ଏମ୍‌ଏସ୍‌ପିରେ ସଂଶୋଧନ କରାଯାଇଛି। ଫଳରେ କୃଷକମାନଙ୍କ ଫସଲ ଚୟନ ଉପରେ ଏହା ପ୍ରଭାବ ପକାଇବ ବୋଲି ଆଶା କରାଯାଉଛି। ଚାଷୀମାନେ ଯେପରି ସେମାନଙ୍କ ଫସଲ ଉତ୍ପାଦନ ପାଇଁ ସର୍ବନିମ୍ନ ମୂଲ୍ୟ ନିଶ୍ଚିତ ପାଇବେ ସେଥିପାଇଁ ଏମ୍‌ଏସ୍‌ପି ଏକ ସୁରକ୍ଷା କବଚ ଭାବେ କାର୍ଯ୍ୟ କରିଥାଏ। ସଂଶୋଧିତ ଏମ୍‌ଏସ୍‌ପି ଜୁନ୍‌ରୁ ଆରମ୍ଭ ହେଉଥିବା ଖରିଫ ଋତୁରୁ କାର୍ଯ୍ୟକାରୀ ହେବ।

ଏହା ବ୍ୟତୀତ କେନ୍ଦ୍ର କ୍ୟାବିନେଟ ସଂଶୋଧିତ ସୁଧ ଅନୁଦାନ ଯୋଜନା (ଏମ୍‌ଆଇଏସ୍‌ଏସ୍)କୁ ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବଳବତ୍ତର ରଖିବା ପ୍ରସ୍ତାବକୁ ଅନୁମୋଦନ କରିଛି। ତଦନୁଯାୟୀ, କୃଷକମାନଙ୍କୁ ଯୋଗାଇଦିଆଯାଉଥିବା ସ୍ୱଳ୍ପମିଆଦୀ କୃଷିଋଣ ପାଇଁ ବର୍ତ୍ତମାନର ୧.୫ ପ୍ରତିଶତ ସୁଧ ଛାଡ଼ ଜାରି ରହିବ। ଏମ୍‌ଆଇଏସ୍‌ଏସ୍ ହେଉଛି ଏକ କେନ୍ଦ୍ରୀୟ ଯୋଜନା, ଯାହାଦ୍ୱାରା କିଷାନ କ୍ରେଡିଟ୍ କାର୍ଡ (କେସିସି) ଜରିଆରେ ☞ପୃଷ୍ଠା-୨

# ବ୍ୟାପିଲା କରୋନା, ଆଉ ୫ ସଂକ୍ରମିତ

## ଭୁବନେଶ୍ୱରରୁ ୪, ଖୋର୍ଦ୍ଧାରୁ ଜଣେ ଚିହ୍ନଟ

- ପ୍ରଥମ ଆକ୍ରାନ୍ତଙ୍କଠାରେ ଓମିକ୍ରନ୍‌ର ସବ୍‌ଭାରିଆଣ୍ଟ୍ ଭାଇରସ୍ ଚିହ୍ନଟ
- ଓଡ଼ିଶାରେ ମାରାତ୍ମକ କୋଭିଡ୍ କେସ୍ ଦେଖାଦେଇ ନାହିଁ: ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୮।୫
(ବନ୍ଦନା ସେଠୀ)

ରାଜ୍ୟରେ ଏବେ କରୋନା ବ୍ୟାପିବା ଆରମ୍ଭ କରିଛି। ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବଢୁଥିବାବେଳେ ୨୪ଘଣ୍ଟା ମଧ୍ୟରେ ରାଜ୍ୟରୁ ଆଉ ୫ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ୪ଜଣ ସଂକ୍ରମିତ ଭୁବନେଶ୍ୱରର ହୋଇଥିବାବେଳେ ଜଣେ ଖୋର୍ଦ୍ଧା ଅଞ୍ଚଳର ବୋଲି ଜଣାପଡିଛି। ଏମାନଙ୍କ ମଧ୍ୟରୁ ୪ଜଣ ପୁରୁଷ ଓ ଜଣେ ମହିଳା ଅଛନ୍ତି। ସମସ୍ତ ସଂକ୍ରମିତଙ୍କୁ ସଙ୍ଗରୋଧରେ ରଖାଯିବା ସହ ସେମାନେ ଆଉ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି, ତା'ର ଯାଞ୍ଚ କରାଯାଉଛି। ଅପରପକ୍ଷେ କୋଭିଡ୍‌କୁ ନେଇ ଆତଙ୍କିତ ହେବାର ଆବଶ୍ୟକତା ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ନୀଳକଣ୍ଠ ମିଶ୍ର କହିଛନ୍ତି। ରାଜ୍ୟରେ ପୂର୍ବରୁ ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ଭଲ ଅଛି, ସେ ଖୁବ୍‌ଶୀଘ୍ର ଡିସ୍‌ଚାର୍ଜ ହେବେ। ଓଡ଼ିଶାରେ ଏବେ ମାରାତ୍ମକ କୋଭିଡ୍ କେସ୍ ଦେଖାଦେଇ ନାହିଁ। ଯଦି କେଉଁଠାରୁ କୋଭିଡ୍ ସଂକ୍ରମଣ ନେଇ ରିପୋର୍ଟ ଆସେ, ତେବେ ତାକୁ ଆର୍‌ଟିପିସିଆର୍ କରି ପ୍ରଥମେ କନ୍‌ଫର୍ମ କରାଯାଇ ଜିନମ୍ ସ୍ୱିକ୍ୱେନ୍ସ କରାଯିବ। ବର୍ତ୍ତମାନ ସୁଦ୍ଧା କେନ୍ଦ୍ର ସରକାର ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) କୋଭିଡ୍‌କୁ ନେଇ କୌଣସି ଗାଇଡ୍‌ଲାଇନ୍ ଜାରି କରିନାହାନ୍ତି। ତେଣୁ ୨୦୨୨ ଗାଇଡ୍‌ଲାଇନ ଅନୁସାରେ ରୋଗୀ ସେବା ଚାଲିଛି ଏବଂ ☞ପୃଷ୍ଠା-୨



### ଜାରି ହୋଇପାରେ ନୂଆ ଗାଇଡ୍‌ଲାଇନ୍

ମେ ୨୨ରେ ରାଜ୍ୟର ପ୍ରଥମ କରୋନା ସଂକ୍ରମିତ ଭୁବନେଶ୍ୱରରୁ ଚିହ୍ନଟ ହୋଇଥିଲେ। ୭୦ବର୍ଷୀୟ ବ୍ୟକ୍ତି ଜଣକ ଦିଲ୍ଲୀଫେରନ୍ତା ବୋଲି ଜଣାପଡିଥିଲା। ଏହାର ୫ଦିନ ପରେ ରାଜ୍ୟରୁ ଆଉ ୫ଜଣ କୋଭିଡ ସଂକ୍ରମିତ ଚିହ୍ନଟ ହୋଇଥିବାରୁ ଲୋକଙ୍କ ମନରେ ଭୟ ଓ ଆଶଙ୍କା ଘାରିବାରେ ଲାଗିଛି। ଅପରପକ୍ଷେ ଦେଶରେ ମଧ୍ୟ କୋଭିଡ୍ ସଂକ୍ରମିତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଦେଶରେ ୧ ହଜାର ୧୦ଟି ଆକ୍ଟିଭ୍ କୋଭିଡ୍ କେସ୍ ରହିଛି। ତେଣୁ କୋଭିଡ ସ୍ଥିତିକୁ ନେଇ ଆଲୋଚନା ପରେ ନୂଆ ଗାଇଡ୍‌ଲାଇନ ଆସିପାରେ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

# ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ଆସିପାରେ ମହାଭିଯୋଗ ପ୍ରସ୍ତାବ

ନୂଆଦିଲ୍ଲୀ,୨୮।୫

ସୁପ୍ରିମକୋର୍ଟରେ ଅଭିଯୋଗ ସ୍ଥିର ହୋଇସାରିଥିବା ଦିଲ୍ଲୀ ହାଇକୋର୍ଟର ପୂର୍ବତନ ବିଚାରପତି ଜଷ୍ଟିସ୍ ଯଶଓ୍ୱନ୍ତ ବର୍ମାଙ୍କ ବିରୋଧରେ ସଂସଦର ମୌସୁମୀ ଅଧିବେଶନରେ ସରକାର ମହାଭିଯୋଗ ପ୍ରସ୍ତାବ ଆଗତ କରିପାରନ୍ତି। ମାର୍ଚ୍ଚ ୧୪ରେ ଜଷ୍ଟିସ୍ ବର୍ମାଙ୍କ ଘରେ ନିଆଁ ଲାଗିଥିବାବେଳେ ସେଠାକୁ ଲିଭାଇବାକୁ ଯାଇଥିବା ଅଗ୍ନିଶମ କର୍ମଚାରୀମାନେ ବିପୁଳ ପରିମାଣର ଅର୍ଥ ଠାବ କରିଥିଲେ, ଯାହାର ପରିମାଣ ୧୫ କୋଟି ଟଙ୍କା ହେବ ବୋଲି ସେତେବେଳେ ଅନୁମାନ କରାଯାଇଥିଲା। ଏହାର ତଦନ୍ତ ପାଇଁ ମାର୍ଚ୍ଚ ୨୨ରେ ସୁପ୍ରିମକୋର୍ଟ ଜଷ୍ଟିସ୍ ଶିଲୁ ନାଗୁ, ଜଷ୍ଟିସ୍ ଜିଏସ୍ ସନ୍ଧାଓ୍ୱାଲିଆ ଏବଂ ଜଷ୍ଟିସ୍ ଅନୁ ଶିବରମଣଙ୍କୁ ନେଇ ଏକ ୩ ଜଣିଆ କମିଟି ଗଠନ କରିଥିଲେ। ଉକ୍ତ କମିଟି ମେ' ୩ରେ ଅଭିଯୋଗରେ ସତ୍ୟତା ଥିବା ନେଇ ଅନେକ ସାକ୍ଷୀଙ୍କଠାରୁ ମିଳିଥିବା ପ୍ରମାଣକୁ ଭିତ୍ତିକରି ରିପୋର୍ଟ ଦେଇଥିଲେ। ମେ'୯ରେ ତତ୍କାଳୀନ ସିଜେଆଇ ସଞ୍ଜୀବ ଖାନ୍ନା ଜଷ୍ଟିସ୍ ବର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିସ କରି ଏହି ତଦନ୍ତ ରିପୋର୍ଟର ଏକ କପି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପ୍ରଦାନ କରିଥିଲେ। ଏପରି କି ଜଷ୍ଟିସ୍ ବର୍ମାଙ୍କୁ ଇସ୍ତଫା ଦେବା ପାଇଁ ମଧ୍ୟ କୁହାଯାଇଥିଲା। କିନ୍ତୁ ସେ ଇସ୍ତଫା ଦେବାକୁ ମନା କରିଦେଇଥିଲେ। ମାର୍ଚ୍ଚ ୨୦ରେ ତାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରାଯାଇଥିଲା। ତେବେ ତାଙ୍କୁ କୌଣସି ପ୍ରକାର ଦାୟିତ୍ୱ ଦିଆଯାଇ ନ ଥିଲା। ପୂର୍ବତନ ସିଜେଆଇ ଖାନ୍ନାଙ୍କ ସୁପାରିସକୁ ରାଜ୍ୟ ସଭା ଅଧ୍ୟକ୍ଷ ଓ ଲୋକ ସଭା ବାଚସ୍ପତିଙ୍କ ନିକଟକୁ ମଧ୍ୟ ପଠାଯାଇଛି। ☞ପୃଷ୍ଠା-୨



ଯଶଓ୍ୱନ୍ତ ବର୍ମା

# ମାଲବାହୀ ଟ୍ରେନ୍‌ର ୩୭ ବଗି ଲାଇନ୍‌ଚ୍ୟୁତ

କୋରାପୁଟ, ୨୮।୫ (ଅମିତାଭ ବେହେରା)

ଏକ ମାଲ ବୋଝେଇ ଟ୍ରେନ୍‌ର ୩୭ ବଗି ବୁଧବାର ଅନ୍ଧ୍ରପ୍ରଦେଶ ବିଶାଖାପାଟଣା ଚିମିଡିପାଲି ନିକଟ କୋଥାଭଲାସା-କିରିଣ୍ଡୁଲ(କେ-କେ) ଲାଇନ୍‌ରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଫଳରେ ସୁଡ଼ଙ୍ଗ ମଧ୍ୟରେ ଟ୍ରେନର ଅଧାବଗି ଫସି ରହିଛି। ଏଥିଯୋଗୁ କେ-କେ ଲାଇନ୍‌ରେ ଗାଡ଼ି ଚଳାଚଳ ବନ୍ଦ ରହିଛି। କିରିଣ୍ଡୁଲରୁ ଲୁହାପଥର ବୋଝେଇ କରି ଟ୍ରେନ୍‌ଟି ବିଜୟୱାଡ଼ା ଅଭିମୁଖେ ଯାଉଥିଲା ବେଳେ ଏହି ଦୁର୍ଘଟଣା ଘଟିଛି। ଫଳରେ ବିଶାଖାପାଟଣାରୁ କିରୁଣ୍ଡୁଲକୁ ଟ୍ରେନ ଚଳାଚଳ ବନ୍ଦ ରହିଛି। ଏହି ଟ୍ରେନ୍‌ରେ ୫୯ରୁ ଉର୍ଦ୍ଧ୍ୱ ବଗି ଲାଗିଥିଲା। ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ଜଣାପଡିଛି।



ଚିମିଡିପାଲି ଟନେଲ୍ ନିକଟରେ ବୁଧବାର ଲାଇନ୍‌ଚ୍ୟୁତ ହୋଇଥିବା ମାଲବାହୀ ଟ୍ରେନ୍।




**ଆଜିର ମନ୍ତବ୍ୟ**

"ପହଲଗାମ୍ ଆକ୍ରମଣ ପରେ ଆତଙ୍କବାଦୀଙ୍କ ଶିବିର ଓ ଲଞ୍ଚପ୍ୟାଡ୍‌ଗୁଡ଼ିକୁ ଧ୍ୱଂସକରି ଭାରତ ମୁହଁତୋଡ଼ ଜବାବ ଦେଇଛି। ଆତଙ୍କବାଦରୁ ଦେଶବାସୀଙ୍କୁ ସୁରକ୍ଷା ଦେବା ନେଇ ଭାରତର ଅଧିକାରକୁ ବିଶ୍ୱର ବିଭିନ୍ନ ଦେଶ ସ୍ୱୀକୃତି ପ୍ରଦାନ କରିଛନ୍ତି। -ଏସ୍. ଜୟଶଙ୍କର, ବହିର୍ବ୍ୟାପାର ମନ୍ତ୍ରୀ

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ନେତାଜୀ ଯୁବା ବାହିନୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଗୋବିନ୍ଦ ନଗର, ଟଙ୍କପାଣି ରୋଡ, ସମୟ: ପୂର୍ବାହ୍ନ ୧୦ଟା।
- ମହାବୀର ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ, ସ୍ଥାନ: ବେଲେଶ୍ୱରଙ୍କ ପୀଠ ନିକଟ, ତଳଗଡ଼, ବାଲିଅନ୍ତାଡ, ସମୟ: ପୂର୍ବାହ୍ନ ୧୦ଟା।
- ଋତୁସ୍ରାବ ସ୍ୱଚ୍ଛତା ଦିବସ ପାଳନ, ସ୍ଥାନ: ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା।
- ମିଶନ ଶକ୍ତି ପକ୍ଷରୁ ଲକ୍ଷପତି ଦିଦି ସମ୍ମିଳନୀ, ସ୍ଥାନ: ଲୋକସେବା କନ୍‌ଭେନଶନ ସେଣ୍ଟର, ସମୟ: ପୂର୍ବାହ୍ନ ୧୧ଟା ୧୫।

## କଟକ

- ମା' ତାରିଣୀ ଦେବୀଙ୍କ ବାର୍ଷିକ ମେଳା, ସ୍ଥାନ: ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତି ପରିସର, ସମୟ: ସକାଳ ୭ଟା।

## ପୁରୀ

- ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭ ଉଦ୍‌ଘାଟନ, ସ୍ଥାନ: କୃଷିବିଜ୍ଞାନ କେନ୍ଦ୍ର, ସାକ୍ଷୀଗୋପାଳ, ସମୟ: ସକାଳ ୮ଟା ୩୦।

## ବାଲେଶ୍ୱର

- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ଥାଲସଡ଼ା, ସାଉଡ୍ରୁ, ବାହାନଗା, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରୀଷ୍ମକାଳୀନ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦଶମ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଏଫ୍‌ଏମ୍‌ୟୁରେ ଜାତୀୟସ୍ତରୀୟ ଆଲୋଚନାଚକ୍ରର ଉଦ୍‌ଘାଟନୀ ଦିବସ, ସ୍ଥାନ: ପିଜି କାଉନସିଲ କନଫରେନ୍ସ ହଲ୍, ନୂଆପାଢ଼ୀ କ୍ୟାମ୍ପସ୍, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।

## ଭଦ୍ରକ

- କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ, ସ୍ଥାନ: କୁଆଁର୍ଦ୍ଧା, ଆଡ଼ିଆ, ବନ୍ତ, ସମୟ: ଅପରାହ୍ନ ୩ଟା ୩୦।

## ମୟୂରଭଞ୍ଜ

- ଆନ୍ତଃ ବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାରିପଦା ଷ୍ଟାଡିୟମ, ସମୟ:ସକାଳ ୬ଟା।
- ଅଷ୍ଟପ୍ରହର ନାମଯଜ୍ଞ,ସ୍ଥାନ: ଚିତ୍ରଡ଼ା ଶୀର୍ଷାପାଳ, ମୋରଡ଼ା, ସମୟ:ସକାଳ ୭ଟା।
- ଅଣ ଆବାସିକ ଗ୍ରୀଷ୍ମକାଳୀନ ଫୁଟବଲ ପ୍ରଶିକ୍ଷଣ ଶିବିର, ସ୍ଥାନ:ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ସକାଳ ୮ଟା।
- ଆମେ-୮୦ ପକ୍ଷରୁ ଜଳସେବା, ସ୍ଥାନ:ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ, ବାରିପଦା,ସମୟ: ସକାଳ ୯ଟା।
- ରକ୍ତଦାନ ଶିବିର, ସ୍ଥାନ: ବ୍ଲଡ୍ ବ୍ୟାଙ୍କ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।

## ବ୍ରହ୍ମପୁର

- ଋତୁସ୍ରାବ ଦିବସ ପାଳନ, ସ୍ଥାନ-ଜଳେଶ୍ୱରପୁର ସମୟ: ଅପରାହ୍ନ ୪ଟା।
- ସିଏମ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ମହାତ୍ମାଗାନ୍ଧୀ ଷ୍ଟାଡିୟ, ସମୟ: ଅପରାହ୍ନ ୪ଟା ୩୦।

## ଗଞ୍ଜାମ

- ଆୟୁଷ୍ମାନ ଆରୋଗ୍ୟ ଶିବିର, ସ୍ଥାନ: ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ସକାଳ ୮ଟା ୩୦।
- ସ୍ୱଚ୍ଛତା ଅଭିଯାନ, ସ୍ଥାନ: ବଡ଼ ଆର୍ଯ୍ୟପଲ୍ଲୀ ଗାଁ, ସମୟ: ପୂର୍ବାହ୍ନ ୧୧ଟା।

## ଢେଙ୍କାନାଳ

- ଅନ୍ତର୍ଜାତୀୟ ସମବାୟ ଦିବସ ପାଳନ, ସ୍ଥାନ: ଗୋପବନ୍ଧୁ ଟାଉନ୍ ହଲ୍, ଢେଙ୍କାନାଳ, ସମୟ: ସକାଳ ୯ଟା୩୦।
- ବାଦୀପାଳାର ଉଦଯାପନୀ ଦିବସ, ସ୍ଥାନ: କରମୂଳ ଗ୍ରାମ ପାଲା ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## କେନ୍ଦ୍ରାପଡ଼ା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗର୍ଗେଶ୍ୱର ଦେବ ପୀଠ, ବାଲିଚନ୍ଦ୍ରପୁର, ରାଜନଗର, ଶୀତଳେଶ୍ୱର ପୀଠ, ଗୋପ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ଶିତଳ ଷଷ୍ଠୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ:ଖଣ୍ଡପଡ଼ାନୀଳକଣ୍ଠେଶ୍ୱର ମନ୍ଦିର ଓ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, ସମୟ:ଅପରାହ୍ନ ୪ଟା।

## ନବରଙ୍ଗପୁର

- କୃଷି ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ତେନ୍ତୁଲିଖୁଣ୍ଟି ବ୍ଲକ କୃଷକ ପରାମର୍ଶ କେନ୍ଦ୍ର, ସମୟ: ସକାଳ ୮ଟା।
- ମାଁ ମଙ୍ଗଳା ମନ୍ଦିର ପ୍ରତିଷ୍ଠା ଉତ୍ସବ ଆରମ୍ଭ, ସ୍ଥାନ: ନୂଆଗୁଡ଼ା ଗ୍ରାମ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- କୋରାପୁଟରେ ବିକଶିତ କୃଷି ସଂକଳ୍ପ ଅଭିଯାନ ରଥ ଶୁଭାରମ୍ଭ, ସ୍ଥାନ : କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ ଟା ।
- ଜିଲାସ୍ତରୀୟ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା କମିଟି ଉପରେ ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୪ ଟା ।
- ଜିଲା ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ : ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ ଅପରାହ୍ନ ୫ ଟା।

## ମାଲକାନଗିରି

- ରାଣୀ ଅହଲ୍ୟାବାଇ ହୋଲକରଙ୍କ ଜୟନ୍ତୀ ଉପଲକ୍ଷେ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ:ମାଲକାନଗିରିଜିଲା ପରିଷଦ ସଭା ଗୃହ, ସମୟ:ଅପରାହ୍ନ ୫ ଟା।

## ସମ୍ବଲପୁର

- ସାଓଲିନ କୁଙ୍ଗ୍ ଫୁ ଉଷ୍ମ ଅନୁଷ୍ଠାନ ପକ୍ଷରୁ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ସକାଶେ ମାର୍ଶଲ ଆର୍ଟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ସମ୍ବଲପୁର ବିନାଖିଣ୍ଡି ସ୍ଥିତ ଜିଲା ଜୁଡୋ ହଲ, ସମୟ : ସକାଳ ୬ଟା ୩୦ ।
- ମୁଖ୍ୟମନ୍ତ୍ରୀ କପ୍ ଆନ୍ତଃଜିଲା ଜୋନାଲ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୭ଟା ।
- ଭତରା ସ୍ୱପ୍ନେଶ୍ୱର ବାବାଙ୍କ ପତରପେଁଡି, ସ୍ଥାନ : ଧନୁପାଲି , ସମୟ : ରାତି ୮ଟା ୩୦
- କୁଲୁଥକାନୀ କଳ୍ପେଶ୍ୱର ବାବାଙ୍କ ପତରପେଡିଁ, ସ୍ଥାନ : ରସେଲ କଲୋନୀ, ସମୟ : ରାତି ୮ଟା ୩୦ ।
- ବୁଢାରଜା ମହାଦେବଙ୍କ ପତରପେଁଡି, ସ୍ଥାନ : ମୈତ୍ରୀ ନଗର, ସମୟ : ରାତି ୮ଟା ୩୦ ।
- ଭୂତନାଥ ବାବାଙ୍କ ପତରପେଁଡି, ସ୍ଥାନ : ଭୂତାପଡା , ସମୟ : ରାତି ୮ଟା ୩୦ ।
- ମାନେଶ୍ୱର ମାନଧାତା ବାବାଙ୍କ ପତରପେଁଡି, ସ୍ଥାନ : ଧମା ସ୍ଥିତ କରଞ୍ଜୁଲା , ସମୟ : ରାତି ୮ଟା ୩୦ ।

## ରାଉରକେଲା

- ଭାଜପା ପକ୍ଷରୁ ଅହଲ୍ୟାବାଇ ହୋଲକରଙ୍କ ଜନ୍ମବାର୍ଷିକୀ ପାଳନ, ସ୍ଥାନ: ରାଉରକେଲା ବିପିୟୁଟି, ସମୟ: ପୂର୍ବାହ୍ନ ୧୦ଟା।
- ସାମ୍ବାଦିକମାନଙ୍କ ସୁରକ୍ଷା ନେଇ ଆପ୍ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ସ୍ମାରକପତ୍ର, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୧ଟା ୩୦ ।
- ୬ଷ୍ଠ ଦିବସ,ଶ୍ରୀମଦ୍ ଭାଗବତ ଗୀତାପାଠ, ସ୍ଥାନ: ଅଗ୍ରସେନ ଭବନ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ଭୋର୍ ୫ଟା।
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଶୀତଳଷଷ୍ଠୀ ଯାତ୍ରା ଅବସରରେ ଅଳଙ୍କାର ଧାରଣ, ସ୍ଥାନ: ସୋନପୁର ଘୋଡାଘାଟପଡା ସ୍ଥିତ କନ୍ୟା ମାତାପିତାଙ୍କ ବାସଗୃହ, ସମୟ: ସକାଳ ୯ଟା।
- ଶୀତଳଷଷ୍ଠୀ ଯାତ୍ରା ଉପଲକ୍ଷେ ବର ନିମନ୍ତ୍ରଣ, ସ୍ଥାନ: ସୋନପୁର ଉଦୟନଗର ସ୍ଥିତ ବର ମାତାପିତାଙ୍କ ବାସଗୃହ, ସମୟ: ସନ୍ଧ୍ୟା ୬ଟା।

## ନୂଆପଡ଼ା

- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ, ସ୍ଥାନ: କୋମନା ବ୍ଲକ କାଣ୍ଡେତରା ଗାଁ, ସମୟ: ପ୍ରାତଃ ୪ଟା ୩୫।
- ଅଷ୍ଟପ୍ରହର ନାମଯଜ୍ଞ ଶୁଭାରମ୍ଭ, ସ୍ଥାନ: କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁ, ସମୟ: ସକାଳ ୯ଟା ୧୫।
- ସିଦ୍ଧେଶ୍ୱର ମହାଦେବ ମନ୍ଦିରରେ ଶୀତଳ ଷଷ୍ଠୀ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଖଡିଆଳ ବ୍ଲକ ଖାସବାହାଲ ପଞ୍ଚାୟତ ଚଚରାଭଟା ଗାଁ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର ପୂର୍ବାହ୍ନ ପ୍ରତ୍ୟେକ କ୍ଷେତ୍ରରେ ଅନୁକୂଳ ରହିବା ସମୟରେ ଅପରାହ୍ନରେ ପରିସ୍ଥିତି ବଦଳିଯିବ। ଆଜିର ଯାତ୍ରା, ବାଣିଜ୍ୟ, ଅଧ୍ୟୟନ, ଗବେଷଣା, ସାହିତ୍ୟ ଓ ରଚନାତ୍ମକ କାମରେ ପ୍ରଶଂସିତ ହେବେ। ପିଲାଙ୍କ କଥାକୁ ନେଇ ମାନସିକ ସ୍ଥିତି ବିପନ୍ନ ହେବ। ନୂତନ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି।

**ବୃଷ** ଆପଣଙ୍କ ଭୁଲ୍ ନିଷ୍ପତ୍ତି କାମରେ ଦ୍ୱନ୍ଦ୍ୱ, ପରିବାରରେ ଅଶାନ୍ତି ଓ ଅର୍ଥପ୍ରାପ୍ତିରେ ସମସ୍ୟା ସୃଷ୍ଟି କରିବ। କର୍ମକ୍ଷେତ୍ରରେ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ, ଅନ୍ୟଥା କଳହ ଲାଗିପାରେ। ନୂତନ ଭାବେ କୌଣସି କାର୍ଯ୍ୟାରମ୍ଭ ସକାଶେ ତତ୍ପରତା ବଢ଼ିପାରେ। ପରିବାରର ଆବଶ୍ୟକତା ଅନୁଯାୟୀ ଗୃହୋପକରଣ ସାମଗ୍ରୀ କ୍ରୟ କରିପାରନ୍ତି।

**ମିଥୁନ** ପାରିବାରିକ କଳହ କାରଣରୁ ବିଭିନ୍ନ ଦୁଶ୍ଚିନ୍ତାରେ ମନ ଭଲ ରହିବ ନାହିଁ। କିନ୍ତୁ ବହୁତ ଦିନ ହେଲା ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ। ପ୍ରକାଶନ, ପ୍ରଶାସନ, ପରିବହନ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ସାମାଜିକ ସ୍ତରରେ ପରିସ୍ଥିତିକୁ ଦେଖି ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ୍ୟ ହେବେ।

**କର୍କଟ** ବିଭିନ୍ନ ପ୍ରକାରର ନକାରାତ୍ମକ ଭାବନା ମନକୁ ବିଷାକ୍ତ କରିପାରେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସାହିତ୍ୟ, କଳା, ସଙ୍ଗୀତ, ଚଳଚ୍ଚିତ୍ର ତଥା ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ସିଂହ** ପରିସ୍ଥିତିର ଭାରସାମ୍ୟ ରକ୍ଷା ନିମନ୍ତେ ମିଥ୍ୟାଳାପ କରିବାକୁ ପଡିପାରେ। କର୍ମକ୍ଷେତ୍ରରେ କିନ୍ତୁ ସମସ୍ୟା ସମାଧାନ ହୋଇଯିବ ଓ ଶିଳ୍ପ, ଏଜେନ୍ସିପ୍, ସାମ୍ବାଦିକତାରୁ ଖୁସି ରହିବେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ପାରିବାରିକ ସ୍ତରରେ ଗୁରୁଜନଙ୍କଠାରୁ ପରାମର୍ଶ ପାଇ ଖୁସି ହୋଇପାରନ୍ତି।

**କନ୍ୟା** ଦୀର୍ଘ ଦିନର ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଆର୍ଥିକ ଅନଟନ କାରଣରୁ ମାନସିକ ଅସ୍ଥିରତା ଦେଖାଦେବ। କଥା ଓ କାମରେ ତାଳମେଳ ଅଭାବରୁ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେ ନାହିଁ। ସମ୍ପର୍କୀୟମାନେ ସମ୍ମୁଖରେ ଭଲ କଥା କହି ପରୋକ୍ଷ ଶତ୍ରୁତା କରିବା ଯୋଗୁ ବିଚଳିତବୋଧ କରିପାରନ୍ତି।

**ତୁଳା** ଆଜିର ପ୍ରତ୍ୟୁଷ ଯାତ୍ରା ପ୍ରୀତିପ୍ରଦ ହେବା ସହ ବନ୍ଧୁମିଳନଜନିତ ଆନନ୍ଦ ଅନୁଭବ କରିବେ। ପରିବାରର ଆବଶ୍ୟକତାନୁଯାୟୀ ମୂଲ୍ୟବାନ ଜିନିଷ କିଣିବାକୁ ମନ ବଳାଇ ପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ମାଧ୍ୟମରେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସାହାଯ୍ୟରୁ ଉପକୃତ ହେବେ।

**ବିଛା** ବନ୍ଧୁଙ୍କ ଜରିଆରେ ସକାଳୁ ଶୁଭ ଖବର ପାଇ ମନ ଖୁସି ହୋଇଯିବ। ତରବରିଆ ଭାବେ କୌଣସି କାମ କଲେ ସବୁ ଓଲଟ ପାଲଟ ହୋଇଯାଇପାରେ। କର୍ମକ୍ଷେତ୍ରରେ ଚେଷ୍ଟା ଅବ୍ୟାହତ ରଖିବା ଫଳରେ ବିଳମ୍ବରେ ସଫଳତା ପାଇବେ। ସେବା ଓ ପରୋପକାର ହେତୁ ନିଜ ପରିସରରେ ପ୍ରତିଷ୍ଠିତ ହୋଇପାରନ୍ତି।

**ଧନୁ** ଆଜି ଆପଣ ଯେମିତି ଯାହା ଚାହୁଁଛନ୍ତି ତାହା ପାଇବାରେ ଅସୁବିଧା ହେବ ନାହିଁ। ଜାଣିଶୁଣି କେତେଜଣ ବ୍ୟକ୍ତି ସମସ୍ୟା ସୃଷ୍ଟିରେ ସହାୟକ ହେବାର ଆଶଙ୍କା ରହିଛି। ମତାନ୍ତରଜନିତ ପାରିବାରିକ ସ୍ତରରେ ଟେନସନ୍ କିଛି ମାତ୍ରାରେ ବଢିଯିବ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**ମକର** ଆଜିର କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ସ୍ୱାଭାବିକ ରହିବ। ବନ୍ଧୁମାନଙ୍କ ସହ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନି ଘଟିପାରେ। ଘରକଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ପର କ୍ଷଣରେ ଅନୁତପ୍ତ ହେବେ। ବ୍ୟବସାୟିକ ସ୍ଥିତି ସୁଦୃଢ଼ ରହିବ କିନ୍ତୁ ଋଣ ପରିଶୋଧ କରିବାରେ ପଛେଇଯିବେ।

**କୁମ୍ଭ** ବନ୍ଧୁଙ୍କୁ ସାହାଯ୍ୟ ସହଯୋଗ କରି ଆତ୍ମତୃପ୍ତି ଲାଭ କରିବେ। ସଭା ସମିତିରେ, ବନ୍ଧୁ ଗହଣରେ ଗାମ୍ଭୀର୍ଯ୍ୟ ରକ୍ଷାକଲେ ତାହା ହିଁ ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବ। କେତେକ କ୍ଷେତ୍ରରେ ନିଜେ କଷ୍ଟ ଅନୁଭବ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଫାଇଦା ହାସଲ ସକାଶେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**ମୀନ** ଅକସ୍ମାତ୍ ଅର୍ଥପ୍ରାପ୍ତି, ସୌଜନ୍ୟତା, ମଧୁର ବ୍ୟବହାର ଦ୍ୱାରା ବନ୍ଧୁଙ୍କୁ ଆପ୍ୟାୟିତ କରି ପ୍ରଶଂସିତ ହେବେ। ଅବହେଳା କାରଣରୁ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ ଏବଂ ମାନସିକ ସ୍ତରରେ ଦୁର୍ଭାବନା ବଢ଼ିଚାଲିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରିପାରିବେ ନାହିଁ। କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ।

ଆଜି ମେ ୨୯ ତାରିଖ, ଜ୍ୟେଷ୍ଠ ଶୁକ୍ଳପକ୍ଷର ରମ୍ଭା ତୃତୀୟା ଗୁରୁବାର, ରାଶିନକ୍ଷତ୍ର- ଆର୍ଦ୍ରା/ମିଥୁନ, ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ସକାଳ ଘ.୦୫.୧୧ ଗତେ ଘ.୧୧.୧୭ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଅପରାହ୍ନ ଘ.୦୧.୨୨ ଗତେ ଘ.୦୩.୦୦ ମଧ୍ୟେ ରାହୁ କାଳ ।

# ଖୁବ୍‌ଶୀଘ୍ର ଭଙ୍ଗା ହେବ ୪୧୦ କ୍ୱାର୍ଟର୍ସ

**ଭୁବନେଶ୍ୱର,୨୮।୫(ରବିନାରାୟଣ ଜେନା)**

ରାଜଧାନୀର ପ୍ରମୁଖ ଅଞ୍ଚଳ ୟୁନିଟ-୨ରେ ଥିବା ୪୧୦ ସରକାରୀ କ୍ୱାର୍ଟର୍ସ ଖୁବ୍‌ଶୀଘ୍ର ଉଚ୍ଛେଦ ହେବ। ସମ୍ପୃକ୍ତ ଅଞ୍ଚଳରେ ନୂତନ ଆବାସ ପ୍ରକଳ୍ପ ନିର୍ମାଣ କରାଯିବ। ଯାହାଦ୍ୱାରା ସରକାରୀ କର୍ମଚାରୀଙ୍କ ଚାହିଦାକୁ ମେଣ୍ଟାଇ ହେବ ବୋଲି ସରକାର ଲକ୍ଷ୍ୟ ରଖିଛନ୍ତି। ଏହାକୁ ନେଇ ସାଧାରଣ ପ୍ରଶାସନ ବିଭାଗ ଅତିରିକ୍ତ ସଚିବ ତଥା ଅତିରିକ୍ତ ନିର୍ଦ୍ଦେଶକ(ଇଷ୍ଟେଟ୍) ସଂଗ୍ରାମ କୁମାର ରାୟସର୍ଦ୍ଦାର ସମ୍ପୃକ୍ତ ୪୧୦ ସରକାରୀ କର୍ମଚାରୀଙ୍କୁ ପୃଥକ ଭାବେ ନୋଟିସ ଜାରି କରିଛନ୍ତି। ନୋଟିସ୍‌ରେ କୁହାଯାଇଛି ଯେ, ୟୁନିଟ୍-୨ଅଞ୍ଚଳରେ ସରକାରୀ କ୍ୱାର୍ଟର୍ସର ଚାହିଦାକୁ ମେଣ୍ଟାଇବା ଲାଗି ସରକାରଙ୍କ ପକ୍ଷରୁ ରାଜଧାନୀ ପୁନଃବିକାଶ ପ୍ରକଳ୍ପ ନିର୍ମାଣ କରାଯିବ। ଏଥିପାଇଁ ୟୁନିଟ୍-୨ ଅଞ୍ଚଳରୁ ବିଭିନ୍ନ ପ୍ରକାରର ୪୧୦ ସରକାରୀ କ୍ୱାର୍ଟସ ଉଚ୍ଛେଦ କରାଯିବ। ଏହାକୁ ଦୃଷ୍ଟିରେ ରଖି ୬ମାସ ମଧ୍ୟରେ ସରକାରୀ କ୍ୱାର୍ଟର୍ସ ବିନା ଦ୍ୱିଧାରେ ଖାଲି କରିବାକୁ ପଡ଼ିବ। ଏଥିପାଇଁ କର୍ମଚାରୀମାନେ ସରକାରଙ୍କୁ ପୁନର୍ବାର ସରକାରୀ କ୍ୱାର୍ଟର୍ସ ପାଇବା ଲାଗି ଆବେଦନ କରିପାରିବେ। ସରକାରଙ୍କ ପକ୍ଷରୁ ପ୍ରାଥମିକତା ଭିତ୍ତିରେ କ୍ୱାର୍ଟସ ଉପଲବ୍ଧସ୍ଥଳେ କର୍ମଚାରୀଙ୍କୁ ଯୋଗାଇ ଦିଆଯିବ ବୋଲି ସଂଗ୍ରାମ କୁମାର ରାୟସର୍ଦ୍ଦାର ନୋଟିସରେ ଦର୍ଶାଇଛନ୍ତି। ୨୦୨୫ ଶେଷ ସୁଦ୍ଧା ଅବସର ନେଉଥିବା କର୍ମଚାରୀଙ୍କ ପାଇଁ ସ୍ୱତନ୍ତ୍ର ନିୟମ ରହିଛି । ଯେଉଁ ସରକାରୀ କର୍ମଚାରୀ ୨୦୨୫ ଡିସେମ୍ବର ୩୧ ତାରିଖ ସୁଦ୍ଧା ଅବସର ନେବେ, ସେମାନଙ୍କୁ ବିକଳ୍ପ କ୍ୱାର୍ଟର୍ସ ପାଇଁ ଆବେଦନ କରିବାକୁ ପଡ଼ିବ ନାହିଁ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଭାଙ୍ଗକୁ ଚୁଡ଼ା ଘଷା, ମାଉଁଷକୁ ମଦ;**
**ଗଞ୍ଜାଇ କି ଘିଅଭାତ, ଅଫିମକୁ ଦୁଧ ।**

ଭାଙ୍ଗ ସହିତ ଚୁଡ଼ାଘଷା ଓ ମଦ ସହିତ ମାଂସ ଖିଆଯିବା ଭଳି ଗଞ୍ଜେଇ ସହ ଘିଅଭାତ ତଥା ଅଫିମ ସହିତ କ୍ଷୀର ଖିଆଯାଉଥିବାର ଜଣାଯାଇଥାଏ। ଏପରି ଖାଦ୍ୟ ଖାଇବାରେ ଏକ ଅଲଗା ପ୍ରକାରର ମଜା ମଧ୍ୟ ରହିଥାଏ। ବିଭିନ୍ନ ନିଶାଦ୍ରବ୍ୟ ସେବନ ସହ ଉପଯୁକ୍ତ ଖାଦ୍ୟ ଖାଇବା ନେଇ ଏଠାରେ ବର୍ଣ୍ଣନା କରାଯାଇଛି।

**ଭଜି ଗାଁରେ କୁଜି,**
**ଯେଉଁ ଗାଁରେ ଦେବତା ନ ଥାନ୍ତି,**
**ଶୀଳପୁଆଟାଏ ପୁଜି ।**

ସାଧାରଣତଃ ଯୋଗ୍ୟ ବ୍ୟକ୍ତିଙ୍କୁ ଯଥୋଚିତ ସମ୍ମାନ ମିଳୁଥିବାବେଳେ ସେମାନେ ସମସ୍ତଙ୍କର ପ୍ରଶଂସାର ପାତ୍ର ପାଲଟିଥାନ୍ତି। ତେବେ ଯୋଗ୍ୟ ବ୍ୟକ୍ତି ନ ଥିବା ବେଳେ ଅଯୋଗ୍ୟ ବ୍ୟକ୍ତି ଆଦର ଲଭେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ପ୍ରଥମ ପୃଷ୍ଠାରୁ...

## ଚାକିରି ବୟସସୀମା ...

ନୀତି(୨୦୨୫)କୁ କ୍ୟାବିନେଟରେ ଅନୁମୋଦନ କରିଛନ୍ତି। ଏହି ନୀତିର ଏକ ପ୍ରମୁଖ ବିଶେଷତ୍ୱ ହେଲା ଏକ ସ୍ୱତନ୍ତ୍ର ଏଆଇ ମିଶନ ସୃଷ୍ଟି କରିବ, ଯାହା ସରକାରୀ ବିଭାଗଗୁଡ଼ିକ ମଧ୍ୟରେ ଏଆଇ ପ୍ରୟୋଗର ପ୍ରୟାସଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପାଇଁ ସର୍ବୋଚ୍ଚ ପ୍ରତିଷ୍ଠାନ ଭାବରେ କାର୍ଯ୍ୟ କରିବ। ଓଡ଼ିଶାର ବୈଷୟିକ ବିକାଶକୁ ଏହି ନୀତି ଆହୁରି ସୁଦୃଢ଼ କରିବ। ଏହି ନୀତି ଓଡ଼ିଶାର ଶ୍ରେଷ୍ଠ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ଅଂଶବିଶେଷ ହେବା ସହ ଓଡ଼ିଶାର ପ୍ରଯୁକ୍ତିବିଦ୍ୟା ବିକାଶ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ହେବ। କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ଦ୍ୱାରା ପ୍ରଶାସନିକ କ୍ଷେତ୍ରରେ ସୁଫଳ ମିଳିବ। କୃତ୍ରିମ ବୁଦ୍ଧିମତ୍ତାକୁ ଆଧାରକରି ତଥ୍ୟ ସଂଗ୍ରହ, ନବସୃଜନକୁ ପ୍ରୋତ୍ସାହନ, ତଥ୍ୟ-ପରିଚାଳିତ ନିଷ୍ପତ୍ତି ସହ ରାଜ୍ୟର ସାମାଜିକ-ଆର୍ଥିକ ଉନ୍ନତି ସମ୍ଭବ ହୋଇପାରିବ।

ଓଡ଼ିଶା ଏଆଇ ନୀତି ବିଶେଷକରି କୃତ୍ରିମ ବୁଦ୍ଧିମତ୍ତାର ମୌଳିକ ଭିତ୍ତିଭୂମି, ଦକ୍ଷତା, ଶକ୍ତି ଏବଂ ନିୟନ୍ତ୍ରଣାତ୍ମକ ଢାଞ୍ଚା ଉପରେ ପର୍ଯ୍ୟବସିତ। ଏହା ରାଜ୍ୟର କମ୍ପ୍ୟୁଟିଙ୍ଗ କ୍ଷମତାକୁ ସରଳ କରିବା ସହିତ ପରିପକ୍ୱ ତଥ୍ୟ ପ୍ରଦାନ କରିପାରିବ ଏବଂ ଶିଳ୍ପ ଓ ଶିକ୍ଷା ମଧ୍ୟରେ ସହଯୋଗକୁ ପ୍ରୋତ୍ସାହିତ କରିବ। ଏହି ନୀତି ସମୟ-ଉପଯୋଗୀ ବିକାଶମୂଳକ ପ୍ରକଳ୍ପ ପ୍ରସ୍ତୁତି, ପାଇଲଟ୍ ପ୍ରକଳ୍ପଗୁଡ଼ିକ ମଧ୍ୟରେ ସମନ୍ୱୟ ସ୍ଥାପନ ତଥା ସରକାରୀ ସଂସ୍ଥା, ଷ୍ଟାର୍ଟଅପ୍ ଏବଂ ବୈଷୟିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ଅନୁସନ୍ଧାନ ଓ ବିକାଶମୂଳକ କାର୍ଯ୍ୟରେ ସହାୟତା ଦେବ।

ଓଡ଼ିଶା ଏଆଇ ମିଶନରେ ଦୁଇସ୍ତରୀୟ ପରିଚାଳନା ବ୍ୟବସ୍ଥା କରାଯାଇଛି। ସେଥିପାଇଁ ଗୋଟିଏ ଉଚ୍ଚସ୍ତରୀୟ ଏଆଇ ଟାସ୍କଫୋର୍ସ ଓ ଏଆଇ ସେଲ୍‌ର ବ୍ୟବସ୍ଥା ରହିଛି। ଏହି ନୀତିକୁ ଏକ ସମନ୍ୱୟମୂଳକଭାବେ କାର୍ଯ୍ୟକାରୀ କରାଯାଇ ଭାରତ ଏଆଇ ମିଶନର ମୌଳିକ ଲକ୍ଷ୍ୟଗୁଡ଼ିକ ସହିତ ସମନ୍ୱୟ ସ୍ଥାପନା କରାଯିବ। ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ ଏକ ସୁଦୃଢ଼ ବୈଷୟିକ ଭିତ୍ତିଭୂମିର ନିର୍ମାଣ ପାଇଁ ନିଆଯାଉଥିବା ପଦକ୍ଷେପର ଏହି ନୀତି ଏକ ଦୃଷ୍ଟାନ୍ତ। ଏହା ବ୍ୟତୀତ ରାଜ୍ୟ ସରକାର ଏମ୍‌ଇଆଇଟିଓ୍ୱାଇ ଏବଂ ଏନ୍‌ଏସ୍‌ଏସ୍‌ଓଏମ୍ ସହିତ ସହଭାଗିତାରେ ଏକ ଏଆଇ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି, ଯାହା ଓଡ଼ିଶାର ବୈଷୟିକ ଗବେଷଣା, ଆବିଷ୍କାର ଓ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ମୁଖ୍ୟ ସଚିବ କହିଛନ୍ତି।

**ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି**

# ଜଟାଧାରୀ ମୁହାଣରେ ହେବ ଜେଟି

**ଭୁବନେଶ୍ୱର,୨୮।୫(ରବିନାରାୟଣ ଜେନା)**

ଜଗତ୍‌ସିଂହପୁର ଜଟାଧାରୀ ମୁହାଣଠାରେ ଏକ ଜେଟି ସ୍ଥାପନ ହେବ ବୋଲି ବୁଧବାର ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଥିଲେ, ଇସ୍ପାତ୍ କାରଖାନାର ଆବଶ୍ୟକତା, ଅର୍ଥନୈତିକ ପ୍ରଗତି ଓ ଓଡ଼ିଶା ଲୋକଙ୍କ ଉପରେ ଏହାର ସାମାଜିକ-ଅର୍ଥନୈତିକ ପ୍ରଭାବକୁ ବିଚାରକରି ରାଜ୍ୟ ସରକାର ୨୦୧୮ ମସିହାରେ ଉକ୍ତ ଜେଟି ସ୍ଥାପନ ନିମନ୍ତେ ନୀତିଗତ ଅନୁମୋଦନ ପ୍ରଦାନ କରିଥିଲେ। ଏହାପରେ ରାଜ୍ୟ ସରକାର ଓ ଏମ୍‌ଏସ୍ ଜେଏସ୍‌ଡବ୍ଲୁ ଷ୍ଟିଲ୍ ଲିଃ. ମଧ୍ୟରେ ୨୦୨୨ ଡିସେମ୍ବର ୩ରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ କରିଥିଲେ। ଏହାର ମୁଖ୍ୟ ଲକ୍ଷ୍ୟ ଥିଲା, ଓଡ଼ିଶା ପୋର୍ଟ ପଲିସି-୨୦୨୨ ଅନୁଯାୟୀ ବନ୍ଦର ସମ୍ପର୍କିତ ଶିଳ୍ପର ବିକାଶ ସହ ବନ୍ଦରକୁ ସଂଯୋଗ କରୁଥିବା ଭିତ୍ତିଭୂମିର ବିକାଶକୁ ଏହି ଜେଟି ପ୍ରୋତ୍ସାହିତ କରିବ। ଏହାସହ ଏହି ଜେଟି ରାଜ୍ୟ ପାଇଁ ରାଜସ୍ୱ ସୃଷ୍ଟି କରିବ। ଏହି ପ୍ରକଳ୍ପ ମାଧ୍ୟମରେ ୩୪୫୦ ଲୋକଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ମିଳିବ। ଏହାର ପୁନଃ ବିକାଶ ଓ ସଂପ୍ରସାରଣ ହେଲେ ଅଧିକ ରାଜସ୍ୱ ସହିତ କର୍ମନିଯୁକ୍ତି ସୁଯୋଗ ବଢ଼ିବ। ଉପଯୁକ୍ତ ପ୍ରକ୍ରିୟା ଅନୁସରଣ କରି ରାଜ୍ୟ କ୍ୟାବିନେଟ, ରାଜ୍ୟ ସରକାର ଓ ଏମ୍‌ଏସ୍ ଜେଏସ୍‌ଡବ୍ଲୁଷ୍ଟିଲ୍ ଲିଃ.ମଧ୍ୟରେ ହେବାକୁଥିବା ରିହାତି ଚୁକ୍ତିନାମାର ସ୍ୱାକ୍ଷର ନିମନ୍ତେ ଅନୁମତି ପ୍ରଦାନ କରିଛନ୍ତି। ଏଥିସହିତ ଏହାର ପ୍ରଗତି, ପରିଚାଳନା, କାର୍ଯ୍ୟକାରିତା, ତଦାରଖ ଓ ଆବଶ୍ୟକ ସଂଶୋଧନ ପାଇଁ ଓଡ଼ିଶା ସାମୁଦ୍ରିକ ବୋର୍ଡକୁ କ୍ୟାବିନେଟ୍ ଅନୁମତି ପ୍ରଦାନ କରିଛନ୍ତି।

## ବଢ଼ିଲା ଚକ୍ଷୁ ଚିକିତ୍ସା ସହାୟକ ପଦ

ମୁଖ୍ୟ ସଚିବ କହିଥିଲେ, ରାଜ୍ୟ ସରକାର ଓଡ଼ିଶା ଚକ୍ଷୁଚିକିତ୍ସା ସେବା(ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତ) ନିୟମାବଳୀ-୨୦୨୫ ପ୍ରଣୟନ କରିଛନ୍ତି। ବର୍ତ୍ତମାନ ୧୯୭ ଜଣ ଚକ୍ଷୁଚିକିତ୍ସା ସହାୟକ ରାଜ୍ୟର ବିଭିନ୍ନ ଚିକିତ୍ସାଳୟରେ କାର୍ଯ୍ୟରତ ଅଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୪ ମାର୍ଚ୍ଚ ୧୬ ପ୍ରକାଶିତ ସଂକଳ୍ପ ଅନୁଯାୟୀ, ଚକ୍ଷୁଚିକିତ୍ସା ସେବା ଅଧୀନରେ ମୂଳ ପଦବୀରେ ୩୩୮ ସମେତ ମୋଟ ୫୩୮ଟି ପଦବୀ ସୃଷ୍ଟି କରାଯାଇଛି। ଏଥିସହ ମୂଳ ପଦବୀରେ ୧୪୧ଟି ନୂତନ ପଦବୀ ସୃଷ୍ଟି ସହ ପଦୋନ୍ନତି ଭିତ୍ତିରେ ପଦାନୁକ୍ରମରେ ବିଭିନ୍ନ ପଦବୀ ପୂରଣ ପାଇଁ ମୋଟ ୨୦୦ଟି ପଦବୀ ସୃଷ୍ଟି କରାଯାଇଛି। ରାଜ୍ୟର ଜନସାଧାରଣଙ୍କୁ ଭାରତୀୟ ଜନସ୍ୱାସ୍ଥ୍ୟ ମାନକ(ଆଇପିଏଚ୍‌ଏସ୍) ଦ୍ୱାରା ଧାର୍ଯ୍ୟ ସର୍ତ୍ତ ଅନୁଯାୟୀ ଚିକିତ୍ସାସେବା ଯୋଗାଇବାକୁ ସ୍ୱତନ୍ତ୍ର ଭାବେ ଓଡ଼ିଶା ଚକ୍ଷୁଚିକିତ୍ସା ସେବାବର୍ଗ ସୃଷ୍ଟି କରାଯାଇଛି ବୋଲି ମୁଖ୍ୟ ସଚିବ କହିଛନ୍ତି।

# ମହିମା ଗାଦିର ବିକାଶ ଲାଗି ୧୧୭.୧୧ କୋଟି ମଞ୍ଜୁର

**ଭୁବନେଶ୍ୱର,୨୮।୫(ରବିନାରାୟଣ ଜେନା)**

ରାଜ୍ୟ ସରକାର ଢେଙ୍କାନାଳ ଯୋରନ୍ଦାସ୍ଥିତ ମହିମା ଗାଦିର ଉନ୍ନତିମୂଳକ କାର୍ଯ୍ୟ ଓ ଭବ୍ୟ ଶୂନ୍ୟମଣ୍ଡପ ନିର୍ମାଣକୁ ଗୁରୁତ୍ୱ ଦେଇଛନ୍ତି। ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ମହିମା ଗାଦିର ଉନ୍ନତୀକରଣ ଲାଗି ୧୧୭.୧୧ କୋଟି ଟଙ୍କାର ପ୍ରସ୍ତାବକୁ ଅନୁମୋଦନ ମିଳିଛି। ରାଜ୍ୟ କ୍ୟାବିନେଟ ବୈଠକ ପରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଖବରଦାତା ସମ୍ମିଳନୀରେ କହିଛନ୍ତି, ମହିମା ଗାଦିର ବିକାଶ ଏବଂ ଭବ୍ୟ ଶୂନ୍ୟମଣ୍ଡପ ନିର୍ମାଣ ଦ୍ୱାରା ଯୋରନ୍ଦା ଜନସାଧାରଣଙ୍କ ଦୀର୍ଘଦିନର ଦାବି ପୂରଣ ହେବ। ଏହି ସ୍ଥାନ ପର୍ଯ୍ୟଟକମାନଙ୍କୁ ପ୍ରୋତ୍ସାହିତ କରିବା ସହ ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ଓ ଅର୍ଥନୈତିକ ବିକାଶ ହୋଇପାରିବ। ଏଥିଲାଗି ରାଜ୍ୟ କ୍ୟାବିନେଟ୍ ୧୧୭.୧୧ କୋଟି ଟଙ୍କାର ଏକ ପ୍ରସ୍ତାବକୁ ଅନୁମୋଦନ ଦେଇଛି। ଏମ୍‌ଏସ୍ ଆଇରନ ଟ୍ରାଏଙ୍ଗଲ ଲିଃ. ଏହି ପ୍ରକଳ୍ପ ୩୬ ମାସରେ ନିର୍ମାଣ କରିବ ବୋଲି ମୁଖ୍ୟ ସଚିବ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## ଜଷ୍ଟିସ୍ ବର୍ମାଙ୍କ ...

ଜୁଲାଇ ତୃତୀୟ ସପ୍ତାହରେ ମୌସୁମୀ ଅଧିବେଶନ ବେଳେ ସଂସଦରେ ସରକାର ଜଷ୍ଟିସ୍ ବର୍ମାଙ୍କ ବିରୋଧରେ ମହାଭିଯୋଗ ପ୍ରସ୍ତାବ ଆଣିପାରନ୍ତି ବୋଲି କୁହାଯାଉଛି। ଏହା ଗୃହୀତ ହେଲେ ଜଷ୍ଟିସ୍ ବର୍ମାଙ୍କୁ ପଦ ହରାଇବାକୁ ପଡ଼ିବ। ତେବେ ଏଥିପାଇଁ ପ୍ରସ୍ତାବ ସପକ୍ଷରେ ଲୋକ ସଭାର ୧୦୦ ଓ ରାଜ୍ୟ ସଭାର ଅନ୍ୟୂନ ୫୦ ସଦସ୍ୟଙ୍କ ସମର୍ଥନ ଜରୁରୀ।

## ଧାନ ଏମ୍‌ଏସ୍‌ପି ...

କୃଷକମାନଙ୍କୁ କମ୍ ସୁଧରେ ଋଣ ଯୋଗାଇ ଦିଆଯାଇଥାଏ। ଏହି ଯୋଜନାରେ ଚାଷୀମାନେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପମିଆଦୀ ଋଣ ୭ ପ୍ରତିଶତ ସୁଧରେ ପାଇପାରିଥାନ୍ତି। ସେଥିରୁ ୧.୫ ପ୍ରତିଶତ ସରକାର ସବ୍‌ସିଡି ଦେଇଥାନ୍ତି। ଏହାବ୍ୟତୀତ ଯେଉଁ ଚାଷୀମାନେ ଠିକ୍ ସମୟରେ ଋଣ ପରିଶୋଧ କରନ୍ତି, ସେମାନଙ୍କୁ ତ୍ୱରିତ୍ ପରିଶୋଧ ପ୍ରୋତ୍ସାହନ (ପିଆର୍‌ଆଇ) ସ୍ୱରୂପ ୩ ପ୍ରତିଶତ ରିହାତି ଦିଆଯାଇଥାଏ। ଅର୍ଥାତ୍ ସେମାନଙ୍କ ପାଇଁ ସୁଧ ମାତ୍ର ୪ ପ୍ରତିଶତ ହୋଇଥାଏ। ସେହିପରି ଯେଉଁମାନେ ପଶୁପାଳନ କିମ୍ବା ମତ୍ସ୍ୟଚାଷ ପାଇଁ ଋଣ ନେଇଥାନ୍ତି, ସେମାନଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଲାଭ ମିଳିଥାଏ। ଏହି ଯୋଜନାରେ କୌଣସି ପରିବର୍ତ୍ତନ ହୋଇ ନ ଥିବାରୁ ଦେଶର ୭.୭୫ କୋଟିରୁ ଉର୍ଦ୍ଧ୍ୱ କେସିସି ଆକାଉଣ୍ଟଧାରୀ ଉପକୃତ ହେବେ।

## ବ୍ୟାପିଲା କରୋନା...

କୋଭିଡ୍ ଗାଇଡ୍‌ଲାଇନ ସମସ୍ତ ହସ୍ପିଟାଲ ଜାଣିଛନ୍ତି। ସେହିପରି ଚଳିତ ବର୍ଷର ପ୍ରଥମ ଆକ୍ରାନ୍ତଙ୍କ ପାଖରେ ଓମିକ୍ରନ୍‌ର ସବ୍‌ଭାରିଆଣ୍ଟ ଜେଏନ୍-୧ ଭାଇରସ ଚିହ୍ନଟ ହୋଇଛି। ଏହା ସାଧାରଣ ଭାରିଆଣ୍ଟ, ଯାହାକି ଆଗରୁ ରହିଥିଲା। ତେଣୁ ଏହାକୁ ନେଇ ବ୍ୟସ୍ତ ହେବାର କୌଣସି କାରଣ ନାହିଁ ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡ. ମିଶ୍ର ସୂଚନା ଦେଇଛନ୍ତି।

## ଓଡ଼ିଶା ଛୁଇଁଲା ...

ବାୟୁ କେରଳ ଛୁଇଁବାର ମାତ୍ର କିଛିଦିନ ମଧ୍ୟରେ ମୌସୁମୀ ଓଡ଼ିଶା ଛୁଇଁଛି। ଅନ୍ୟପଟେ ଉତ୍ତର-ପଶ୍ଚିମ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ସକ୍ରିୟ ଘୂର୍ଣ୍ଣିବଳୟ ମଙ୍ଗଳବାର ଲଘୁଚାପ ରୂପ ନେଇଛି। ଏହା ଉତ୍ତରରେ ଗତି କରି ଗୁରୁବାର ଅବପାତର ରୂପ ନେଇପାରେ। ଲଘୁଚାପ ପ୍ରଭାବରେ ଆସନ୍ତା ୨ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ପରବର୍ତ୍ତୀ ଦୁଇଦିନ ବଜ୍ରପାତ ସହ ପ୍ରବଳ ବର୍ଷା ହୋଇପାରେ। ଗୁରୁବାର ଅନୁଗୋଳ, ବାଲେଶ୍ୱର, ଭଦ୍ରକ, ବୌଦ୍ଧ, ଗଞ୍ଜାମ, ଜଗତ୍‌ସିଂହପୁର, କେନ୍ଦ୍ରପଡ଼ା, ମୟୂରଭଞ୍ଜ, ନୟାଗଡ଼, ପୁରୀ, ସୁବର୍ଣ୍ଣପୁର ଆଦି ଜିଲାକୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ମାଲକାନଗିରି, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ବାଲେଶ୍ୱର, ପୁରୀ, ନୟାଗଡ଼, ଖୋର୍ଦ୍ଧା, କଟକ ଓ ଯାଜପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଏହି ସମୟରେ ଘଡ଼ଘଡ଼ି ସହିତ ବର୍ଷା ସାଙ୍ଗକୁ ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିପାରେ। ଏଥିପାଇଁ ସତର୍କ ରହିବାକୁ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଜାରି କରାଯାଇଛି। ଏସ୍‌ଆର୍‌ସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲାପାଳଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମତ୍ସ୍ୟଜୀବୀମାନେ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଫସଲ କ୍ଷୟ ସମ୍ଭାବନା ରହିଥିବାରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି।




# ସରକାର ବଢ଼ାଇଲେ ମନ୍ତ୍ରୀ, ଅଫିସରଙ୍କ ଗାଡ଼ି ଖର୍ଚ୍ଚ

ଭୁବନେଶ୍ୱର,୨୮।୫ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ବିଭିନ୍ନ ଅଫିସର ଏବଂ ମନ୍ତ୍ରୀମାନଙ୍କ ମାସିକ ଗାଡ଼ିଭଡ଼ା ବାବଦକୁ ବରାଦ ରହିଥିବା ଅର୍ଥରାଶିରେ ବୃଦ୍ଧି କରିଛନ୍ତି। ୨୦୧୯ ମସିହାରେ ଅର୍ଥ ବିଭାଗ ପକ୍ଷରୁ ଯେଉଁ ଗାଡ଼ି ଭଡ଼ା ରାଶି ବରାଦ ରହିଥିଲା ବୁଧବାର ଏଥିରେ ପରିବର୍ତ୍ତନ କରାଯାଇଛି। ଅର୍ଥ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ପୂର୍ବରୁ ମନ୍ତ୍ରୀମାନଙ୍କ ଭଡ଼ା ବାବଦକୁ ଯେଉଁ ୪୨ ହଜାର ଟଙ୍କା ମାସିକ ଦିଆଯାଉଥିଲା ତାହା ଏବେ ୫୦ ହଜାର ୪୦୦ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟର ଉଚ୍ଚପଦସ୍ଥ ଆଇଏଏସ୍ ଅଫିସରଙ୍କୁ ମଧ୍ୟ ସମାନ ଗାଡ଼ି ଭଡ଼ା ପ୍ରଦାନ କରାଯିବ। ଗୋଟିଏ ଲିଟରରେ ସର୍ବାଧିକ ୯ କି.ମି. ଯାଉଥିବା ଗାଡ଼ି ପାଇଁ ଏହି ଅର୍ଥରାଶି ବରାଦ ହୋଇଛି। ସେହିପରି ଆପେକ୍ସ ସ୍କେଲ୍‌ର ଅଫିସରମାନେ ମଧ୍ୟ ଗାଡ଼ି ଭଡ଼ା ବାବଦକୁ ମାସିକ ୫୦ ହଜାର ୪୦୦ ଟଙ୍କା ପାଇବେ। ପ୍ରମୁଖ ସଚିବ ର୍‌ୟାଙ୍କ୍‌ର ଅଫିସର ଯେଉଁମାନେ ପୂର୍ବରୁ ୩୦ ହଜାର ଟଙ୍କା ଲେଖାଏ ଗାଡ଼ିଭଡ଼ା ପାଉଥିଲେ ସେମାନେ ଏଣିକି ଯେଉଁ ଗାଡ଼ି ବ୍ୟବହାର କରିବେ ତା'ର ଭଡ଼ା ବାବଦକୁ ୩୬ହଜାର ଟଙ୍କା ଲେଖାଏ ସ୍ଥିର କରାଯାଇଛି। ସ୍ୱତନ୍ତ୍ର ସଚିବ, ଅତିରିକ୍ତ ସଚିବ ଏବଂ ନିର୍ଦ୍ଦେଶକ ପାହ୍ୟାର ଅଫିସରମାନେ ଯେଉଁ ଗାଡ଼ି ବ୍ୟବହାର କରୁଥିଲେ ପୂର୍ବରୁ ତା'ର ମାସିକ ଭଡ଼ା ୨୬ ହଜାର ଟଙ୍କା ଥିବାବେଳେ ଏବେ ତାହା ୩୧ହଜାର ୨୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଡିପାର୍ଟମେଣ୍ଟର ମୁଖ୍ୟ ଯେଉଁମାନେ ଗାଡ଼ି ଭଡ଼ା ବାବଦକୁ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ପାଉଥିଲେ ସେମାନଙ୍କ ଗାଡ଼ି ଭଡ଼ା ୨୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଜିଲାପାଳ, ଏସ୍‌ପି ଏହିପରି ସମାନ ର୍‌ୟାଙ୍କ୍‌ର ଅଫିସର ଯେଉଁ ଗାଡ଼ି ବ୍ୟବହାର କରୁଥିଲେ ସେ ବାବଦକୁ ଆଗରୁ ୩୭ ହଜାର ଟଙ୍କା ପାଉଥିବା ବେଳେ ଏବେ ସେମାନଙ୍କ ମାସିକ ଗାଡ଼ିଭଡ଼ା ୪୪ ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ବ୍ଲକ୍, ତହସିଲର ଅଫିସରଙ୍କ ଗାଡ଼ି ଭଡ଼ା ୩୧ ହଜାର ଟଙ୍କାରୁ ୩୭ ହଜାର ୨୦୦ ଟଙ୍କା କରାଯାଇଛି।

କଲେଜ, ୟୁନିଭର୍ସିଟି, ଟ୍ରେନିଂ ଇନ୍‌ଷ୍ଟିଚ୍ୟୁଟ୍‌ର ବସ୍ ଭଡ଼ାକୁ ମଧ୍ୟ ବୃଦ୍ଧି କରାଯାଇଛି। ଅର୍ଥ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି, ଅଫିସର ଓ ମନ୍ତ୍ରୀମାନେ ମନଇଚ୍ଛା ଗାଡ଼ି ବ୍ୟବହାର କରିପାରିବେ ନାହିଁ। ଲିଟର ପିଚ୍ଛା କେତେ କି.ମି. ପର୍ଯ୍ୟନ୍ତ ଯାଉଥିବା ଗାଡ଼ିକୁ ସ୍ଥିରୀକୃତ ବର୍ଦ୍ଧିତ ଦର ଦିଆଯିବ ତାହା ଉଲ୍ଲେଖ ରହିଛି। ସେହି ଅନୁଯାୟୀ ଗାଡ଼ି ବ୍ୟବହାର କରିବାକୁ ବାଧ୍ୟ। ଯେଉଁ ଗାଡ଼ି ବ୍ୟବହାର କରାଯିବ ସେଗୁଡ଼ିକ ୩ ବର୍ଷ ଭିତରର ଗାଡ଼ି ହୋଇଥିବ। ସର୍ବାଧିକ ୭ ବର୍ଷ ପୁରୁଣା ଗାଡ଼ିକୁ କୌଣସି ଅସୁବିଧା ସମୟରେ ସର୍ଭିସ୍ ପ୍ରୋଭାଇଡର୍ ଯୋଗାଇ ପାରିବେ। ଅଫିସର ଓ ମନ୍ତ୍ରୀମାନେ ବ୍ୟବହାର କରିବାକୁ ଥିବା ଗାଡ଼ିଗୁଡ଼ିକ ଉକ୍ତ ସର୍ଭିସ୍ ପ୍ରୋଭାଇଡର୍ କୌଣସି ଘରୋଇ କିମ୍ବା ବ୍ୟବସାୟିକ କାର୍ଯ୍ୟରେ ଅଫିସ ସମୟ ପରେ ବା ଛୁଟି ସମୟରେ ବ୍ୟବହାର କରିପାରିବେ ନାହିଁ। ଯେଉଁ ଭଡ଼ା ସ୍ଥିର କରାଯାଇଛି ତାକୁ ଛାଡ଼ି ଗାଡ଼ିର ପେଟ୍ରୋଲ, ଡିଜେଲ ପଇସା ପୃଥକ୍ ଭାବେ ପ୍ରଦାନ କରାଯିବ। ଯଦି ଉକ୍ତ ସର୍ଭିସ ପ୍ରୋଭାଇଡର୍ ଗାଡ଼ି ଯୋଗାଇବା ବ୍ୟବସ୍ଥା ଠିକ୍ ଭାବେ ଚାଲେ ବୋଲି ରାଜ୍ୟ ସରକାର ଠିକ୍ ଅନୁଭବ କରନ୍ତି, ତେବେ କଣ୍ଟ୍ରାକ୍ଟ ସମୟ ୩ ବର୍ଷରୁ ୪ ବର୍ଷକୁ ବୃଦ୍ଧି କରାଯିବ। ଏହି ବ୍ୟବସ୍ଥା ଯୋଗାଇବା ପାଇଁ ଯେଉଁ ଟେଣ୍ଡର କରାଯିବ, ସେଥିଲାଗି କୌଣସି ପେପର୍‌ର ମୂଲ୍ୟ ନିଆଯିବ ନାହିଁ।

# ଆଜି ଲକ୍ଷପତି ଦିଦି ସମ୍ମିଳନୀ, ଯୋଗଦେବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

ଦେଶର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକର ସଫଳତାକୁ ସମର୍ଥନଦେବା ସହ ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ 'ଲକ୍ଷପତି ଦିଦି ସମ୍ମିଳନୀ ୨୦୨୫' ଆୟୋଜନ ହେବ। ଗୁରୁବାର ଲୋକସେବା ଭବନର ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଆଧାରିତ ଆର୍ଥିକ କାର୍ଯ୍ୟକଳାପ ଜରିଆରେ ବାର୍ଷିକ ୧ ଲକ୍ଷ ଟଙ୍କା ବା ତଦୂର୍ଦ୍ଧ୍ୱ ଆୟ କରିଥିବା ଲକ୍ଷପତି ଦିଦିମାନଙ୍କୁ ପ୍ରୋତ୍ସାହନ ଦେବା ସହ ସମ୍ମାନିତ କରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଦିଦିଙ୍କୁ ସଶକ୍ତ କରିବା ଏବଂ ମହିଳା ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସାହନ ଦେବାରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହି ସମ୍ମିଳନୀ ସଶକ୍ତ କରିବ। ଅନ୍ୟ ମହିଳାମାନଙ୍କୁ ପ୍ରେରଣା ଦେବା ପାଇଁ ଉକ୍ତ କାର୍ଯ୍ୟକ୍ରମରେ ସାରା ଭାରତରୁ ଲକ୍ଷପତି ଦିଦିମାନେ ଗୋଟିଏ ଛାତ ତଳେ ଏକାଠି ହୋଇ ସେମାନଙ୍କର ସଫଳତା ଏବଂ ନିରନ୍ତର ଯାତ୍ରାର କାହାଣୀ ବର୍ଣ୍ଣନା କରିବେ। ଜାତୀୟ ସଂହତି ଏବଂ ଜ୍ଞାନ ଆଦାନପ୍ରଦାନର ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷପତି ଦିଦିଙ୍କ ସମେତ ସରକାରୀ ଅଧିକାରୀ, ଜାତିସଂଘ ପ୍ରତିଷ୍ଠାନ, ଜାତୀୟ ଗ୍ରାମୀଣ ଜୀବିକା ମିଶନ ଏବଂ ବିଭିନ୍ନ ରାଜ୍ୟ ଜୀବିକା ମିଶନର ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିବେ।




# ଡେପୁଟେଶନରେ ଯିବେ ଭିନିଲ୍ କ୍ରିଷ୍ଣା

## କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଦାୟିତ୍ୱ ତୁଲାଇବେ

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

୨୦୦୫ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇଏଏସ୍ ଅଫିସର ଆର୍. ଭିନିଲ୍ କ୍ରିଷ୍ଣା କେନ୍ଦ୍ରୀୟ ଡେପୁଟେଶନରେ ଯିବେ। ତାଙ୍କୁ କେନ୍ଦ୍ରରେ କ୍ରୀଡ଼ା ମନ୍ତ୍ରଣାଳୟର ଯୁଗ୍ମ ସଚିବ ଭାବେ ଦାୟିତ୍ୱ ମିଳିଛି। ଯେବେଠାରୁ ସେ ଦାୟିତ୍ୱ ଗ୍ରହଣ କରିବେ ସେବେଠୁ ୫ ବର୍ଷ ପର୍ଯ୍ୟନ୍ତ ପରବର୍ତ୍ତୀ ନିର୍ଦ୍ଦେଶନାମା ପ୍ରକାଶ ନ ପାଇବା ଯାଏଁ ସେ ଏହି ଦାୟିତ୍ୱରେ ରହିବେ। ଏନେଇ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କେନ୍ଦ୍ର କ୍ୟାବିନେଟ୍‌ର ନିଯୁକ୍ତି କମିଟି ୪୧ ଜଣ ଅଫିସରଙ୍କୁ ଯୁଗ୍ମ ସଚିବ ଭାବେ ନିଯୁକ୍ତି ଦେଇଥିବା ବେଳେ ସେମାନଙ୍କ ମଧ୍ୟରେ ଭିନିଲ କ୍ରିଷ୍ଣା ରହିଛନ୍ତି। ରାଜ୍ୟରେ ଭାଜପା ସରକାର ଆସିବା ପରେ ତାଙ୍କୁ ଲ୍ୟାଣ୍ଡ ରେକର୍ଡ ଏବଂ ସେଟେଲମେଣ୍ଟ



ଆର୍. ଭିନିଲ୍ କ୍ରିଷ୍ଣା

କମିଶନର ଭାବେ ଦାୟିତ୍ୱ ଦେଇଥିଲା। ଗତ ବିଜେଡି ସରକାର ସମୟରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭାବେ ସେ କାର୍ଯ୍ୟ କରୁଥିଲେ। ଏହାସହ ସେ କ୍ରୀଡ଼ା ବିଭାଗ ସଚିବ ଭାବେ ମଧ୍ୟ ଦାୟିତ୍ୱ ତୁଲାଉଥିଲେ।

ସୂଚନାଯୋଗ୍ୟ, ଗତ କିଛି ମାସ ମଧ୍ୟରେ ରାଜ୍ୟର ଏକାଧିକ ଆଇଏଏସ୍ ଏବଂ ଆଇପିଏସ୍ ଅଫିସର ଡେପୁଟେଶନରେ ଯାଇସାରିଲେଣି। ମୁଖ୍ୟତଃ ଗତ ବିଜେଡି ସରକାର ସମୟରେ ଯେଉଁମାନେ ସବୁଠାରୁ କ୍ଷମତାଶାଳୀ ଆଇଏଏସ୍ ଏବଂ ଆଇପିଏସ୍ ଅଫିସର ଭାବେ ଜଣାଶୁଣା ଥିଲେ ସେମାନଙ୍କ ମଧ୍ୟରୁ ଜଣଙ୍କ ପରେ ଜଣେ ଏବେ କେନ୍ଦ୍ରକୁ ଡେପୁଟେଶନରେ ଚାଲିଯାଉଛନ୍ତି। ସେହିପରି ଭିନିଲ କ୍ରିଷ୍ଣା ବିଜେଡି ସରକାରରେ ବହୁ କ୍ଷମତାଶାଳୀ ଅଫିସର ଭାବେ ଚର୍ଚ୍ଚାରେ ରହିଥିଲେ। ବିଜେଡିର ଦ୍ୱିତୀୟ କ୍ଷମତାକେନ୍ଦ୍ର ବୋଲାଉଥିବା ଭି.କେ. ପାଣ୍ଡିଆନ୍‌ଙ୍କ କୋଟେରିରେ ଭିନିଲ କ୍ରିଷ୍ଣା ସବୁବେଳେ ନଜରକୁ ଆସୁଥିଲେ। କ୍ରିଷ୍ଣାଙ୍କୁ ଡେପୁଟେଶନ ନେଇ କିଛିଦିନ ହେବ ଚର୍ଚ୍ଚା ହେଉଥିବା ବେଳେ ଏହା ବର୍ତ୍ତମାନ ନିର୍ଦ୍ଦେଶନାମା ଜରିଆରେ ପ୍ରକାଶ ପାଇଛି।

# ଡାକ୍ତରଙ୍କ ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

ଜୟପୁର,୨୮।୫(ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ବୁଧବାର ବୈପାରିଗୁଡ଼ା ହନୁମାନ ନଗର ଅଞ୍ଚଳର ପ୍ରସୂତି ପୂର୍ଣ୍ଣିମା ବାଘଙ୍କ ମୃତ୍ୟୁ ହୋଇଛି। ଡାକ୍ତରଙ୍କ ଅବହେଳାରୁ ତାଙ୍କର ମୃତ୍ୟୁ ହୋଇଥିବା ନେଇ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଯାହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚିବା ପରେ ଉତ୍ତେଜନା ଥମିଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ କରାଯିବ।

# ଟ୍ରାକ୍ଟରକୁ ଧକ୍କା ଦେଲା ଟ୍ରକ୍: ୨ ମୃତ

ବୈଶିଙ୍ଗା, ୨୮।୫(ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ୧୮ନଂ. ଜାତୀୟ ରାଜପଥର ଆଗ୍ରିଆ ଛକଠାରେ ବୁଧବାର ସକାଳେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଉତ୍ତରପ୍ରଦେଶ ମିରଟ ଅଞ୍ଚଳର ଅତୁଲ ଭାରତୀ ଏବଂ ହରିୟାଣାର କର୍ଣ୍ଣାଲ ଜିଲା ଅଞ୍ଚଳର ସୁନ୍ଦର ଦୋଲ। ଗୁରୁତର ହରିୟାଣାର କର୍ଣ୍ଣାଲ ଜିଲା ରାମଜୋର କଟାବାଗ ସେକ୍ଟର ୩୨ ଥାନା ଅଞ୍ଚଳର ପ୍ରଦୀପ ରଞ୍ଜନ, ହେରିଟେଜ ଅଞ୍ଚଳର ବିକାଶ କଲ୍ୟାଣ, ଇନ୍ଦିରା କଲୋନୀ ଜୁନ୍ଦାଲା ଗେଟ ସଦରଥାନା ଅଞ୍ଚଳର କରନ ଭଟନାଗରଙ୍କୁ ଚିକିତ୍ସା ପାଇଁ ବାରିପଦାସ୍ଥିତ ପିଆର୍‌ଏମ୍ ମେଡିକାଲରେ ଭର୍ତ୍ତି କରାଯାଇଛି। ବାରିପଦାରୁ ଏକ ଟ୍ରାକ୍ଟର ନେଇ ଆହତମାନେ ବାଲେଶ୍ୱର ଫେରୁଥିଲା ବେଳେ ଟ୍ରକ୍‌ଟି ଦ୍ରୁତ ଗତିରେ ଆସି ଉକ୍ତ ଟ୍ରାକ୍ଟରକୁ ଧକ୍କା ଦେଇଥିଲା।

DSPL-82

ଓଡ଼ିଶା ସରକାର

## ଋତୁସ୍ରାବ ସମ୍ପର୍କିତ ପରିଚ୍ଛନ୍ନତା ଦିବସ

୨୮ ମଇ ୨୦୨୫

"କିଶୋରୀ ଓ ମହିଳାମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଋତୁସ୍ରାବ ସମୟରେ ପରିଚ୍ଛନ୍ନତା ଅତ୍ୟନ୍ତ ଜରୁରୀ । "ଖୁସି" ଯୋଜନାରେ ସରକାରଙ୍କ ତରଫରୁ କିଶୋରୀମାନଙ୍କୁ ଦିଆଯାଉଥିବା ସାନିଟାରୀ ପ୍ୟାଡ୍‌ର ସଦୁପଯୋଗ କରନ୍ତୁ ।"

## ଋତୁସ୍ରାବ ପରିଚ୍ଛନ୍ନତା ସମ୍ପର୍କିତ କିଛି ସରଳ ଉପାୟ

- ପ୍ରତିଦିନ ସ୍ନାନ କରନ୍ତୁ ଓ ପରିଷ୍କାର ବସ୍ତ୍ର ପରିଧାନ କରନ୍ତୁ ।
- ସାନିଟାରୀ ପ୍ୟାଡ୍ ବ୍ୟବହାର କରନ୍ତୁ ଓ ୪-୬ ଘଣ୍ଟା ଅନ୍ତରରେ ତାହାକୁ ବଦଳାନ୍ତୁ ।
- ରକ୍ତସ୍ରାବର ଭରଣା ପାଇଁ ସରକାରଙ୍କ ଦ୍ୱାରା ଦିଆଯାଉଥିବା ଲୌହସାର ଓ ଫଲିକ ଏସିଡ୍ ବଟିକା ଖାଆନ୍ତୁ ।
- ଅନିୟମିତ କିମ୍ବା ଅତ୍ୟଧିକ ସ୍ରାବ ହେଲେ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରାମର୍ଶ କରନ୍ତୁ ।

ଅଧିକ ସୂଚନା ପାଇଁ ଆଶା / ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ ।

OIPR-10003/13/0188/2526

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

FREE HOTEL MANAGEMENT COURSES AT SIHM, BALANGIR (ODISHA)
(ONLY FOR SUNDARGARH DISTRICT)

Eligible students belonging to all sections (SC/ST/OBC/Gen) from the mining affected Blocks (Bonaigarh, Gurundia, Hemgir, Koida, Kuarmunda, Kutra, Lahunipada, Nuagaon, Lephripada Lathikata, Rajgangpur, Rajgangpur MPL, Biramitrapur MPL, Rourkela Municipal Corp. of SUNDARGARH District can enroll themselves at SIHM, Balangir free of cost for Degree, Diploma and Craft Courses for the Academic Year 2024-25. The entire expenses of Course & Hostel Fees will be sponsored by District Mineral Foundation (DMF), Sundargarh.

| COURSES | DURATION | QUALIFICATION | AGE LIMIT |
| --- | --- | --- | --- |
| 1. B.Sc In Hospitality & Hotel Administration | 03 Years | 10+2 pass or equivalent with English one of the subject at the 12th level | No Age Limit |
| 2. Diploma in Front Office Operation, Food Production, Housekeeping Operation, Food & Beverage Service and Bakery & Confectionery | 1½ Year | 10+2 pass or equivalent | |
| 3. Craftsmanship Certificate Course in Food Production | 06 Months | 10th pass | |
| 4. Craftsmanship Certificate Course in Food & Beverage Service | 1½ Year | 10th pass | |

VISIT STATE IHM, BALANGIR FOR FURTHER DETAILS
STATE INSTITUTE OF HOTEL MANAGEMENT, DIGITAL DOOR NO. ODBLGBIJ01A002, BIJAKHAMAN, BALANGIR (ODISHA)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA)
Visit our website - www.sihmbalangir.org, e-mail: admissions@sihmbalangir.org
Contact No. 8447903803, 9437140772, 8018581031



ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। -ଶ୍ରୀମା



# ଆମେ ଆମ ଜୀବନର ସାକ୍ଷୀ

ଦେବଦତ୍ତ ପଟ୍ଟନାୟକ

ପୁରାଣରେ ବହୁ ଚମତ୍କାର ଅବଧାରଣା ରହିଛି, ଯାହା ପୁନର୍ଜନ୍ମର ଭାବନା ଏବଂ ଜ୍ଞାନକୁ ବୁଝାଇଥାଏ। ତେବେ ମାନବୀୟ ଚିନ୍ତାଧାରାରେ ଈଶ୍ୱର ଏବଂ ସମାନତାର ଧାରଣା ରହିଥିଲେ ମଧ୍ୟ ସେସବୁ ପ୍ରକୃତିରେ ଦୃଶ୍ୟମାନ ହୋଇ ନ ଥାଏ। ପୁରାଣ ହେଉଛି ଅଦୃଶ୍ୟ ଜଗତର ଧାରଣା ଓ ବିଶ୍ୱାସ। ପ୍ରକୃତିରେ ନ ଥିବା ଜିନିଷଗୁଡ଼ିକୁ ବୁଝାଇବା ଲାଗି ଏହା କାଳ୍ପନିକ ଛବି ବା କାହାଣୀ ବ୍ୟବହାର କରେ। ଆଦିମାନବ ପ୍ରକୃତିର କାର୍ଯ୍ୟକୁ ବ୍ୟାଖ୍ୟା କରିବା ପାଇଁ ଦେବତାଙ୍କ ଧାରଣା ଆଣିଥିଲା। ତା' ଦୃଷ୍ଟିରେ ଫୁଲ ଓ ଫଳ ଦେଉଥିବା ଗଛ ହିଁ ଭଗବାନ୍। ଜଙ୍ଗଲ ଓ ନଦୀ ମଧ୍ୟ ଥିଲା ତା' ପାଇଁ ଦେବତା। ପ୍ରକୃତିର ନିୟମ ସହିତ ଏକ ସମନ୍ୱୟ ଆଣିବା ଲାଗି ମଧ୍ୟପ୍ରାଚ୍ୟର ଆଦିବାସୀମାନେ ଈଶ୍ୱରଙ୍କ କାହାଣୀ ସୃଷ୍ଟି କରିଥିଲେ। ବିଶେଷକରି ସେହି ସମୟରେ ଭାରତୀୟମାନେ ଜୀବନର ବିବିଧତା ତଥା ଭବିଷ୍ୟତ ଓ ଅବସମାନତାକୁ ଦର୍ଶାଇବା ସକାଶେ ପୁନର୍ଜନ୍ମ ଧାରଣା ଆଣିଥିଲେ, ଯାହାସବୁ ଥିଲା କାଳ୍ପନିକ କାହାଣୀ ଏବଂ ଅବାସ୍ତବ ଛବି ମାଧ୍ୟମରେ ଏହାକୁ ପ୍ରଚାର କରିଥିଲେ। ଉଦାହରଣ ସ୍ୱରୂପ, ବୌଦ୍ଧଧର୍ମର ଜାତକ କାହାଣୀ ବୁଦ୍ଧଙ୍କର ପ୍ରାୟ ୫୫୦ଟି ପୂର୍ବଜନ୍ମ ସମ୍ପର୍କରେ (କେତେକ ଭଣିତ, କେତେକ ପ୍ରାଣୀ ଏବଂ କେତେକ ମଣିଷ ଭାବରେ) ସୂଚିତ କରିଛି। ବିଷ୍ଣୁଙ୍କର ଦୁଇ ଅବତାର ରାମ ଏବଂ କୃଷ୍ଣଙ୍କ କାହାଣୀ ରାମାୟଣ ଓ ମହାଭାରତରେ ରହିଛି। ଦେଖିବାକୁ ଗଲେ ହିନ୍ଦୁ ପରମ୍ପରାରେ ପୁନର୍ଜନ୍ମ ବିଶ୍ୱାସ ଦୃଢ଼ ଭାବେ ରହିଆସିଛି। ଯିଶୁ ଜଣେ କୁମାରୀଠାରୁ ଜନ୍ମ ହେବା ବିଶ୍ୱାସକୁ ଏବେ ବି ଅନେକେ ଗ୍ରହଣ କରନ୍ତି। କିନ୍ତୁ ସେ ଏକ ଅଲୌକିକ ସତ୍ତା, ଈଶ୍ୱରଙ୍କ ପୁତ୍ର, ଯାହାଙ୍କୁ ହତ୍ୟା କରାଯିବା ପରେ ତାଙ୍କ ପୁନର୍ଜୀବନ ପ୍ରାପ୍ତିକୁ ଜାଗ୍ରତ କରିବା ପାଇଁ ଏଭଳି ବିଶ୍ୱାସ ଉଦ୍ଦିଷ୍ଟ ଥିଲା। ମହମ୍ମଦ ଜେରୁଜେଲମରୁ ସ୍ୱର୍ଗକୁ ଯିବାର କାହାଣୀ ତାଙ୍କୁ ଜଣେ ଈଶ୍ୱର ଭାବେ ଦର୍ଶାଇବା ପାଇଁ ଉଦ୍ଦିଷ୍ଟ ଥିଲା। ୟୁରୋପୀୟ ପଣ୍ଡିତମାନେ ଯିଶୁ ଏବଂ ମହମ୍ମଦଙ୍କ ଜନ୍ମ ଓ ଜୀବନର ବାସ୍ତବତାକୁ ଯେମିତି ଗ୍ରହଣ କରନ୍ତି ହିନ୍ଦୁ ପୁରାଣଗୁଡ଼ିକୁ ଠିକ୍ ସେମିତି ସ୍ୱୀକାର କରିଥାନ୍ତି। ସେମାନେ ସେଥିରେ କାଳ୍ପନିକତା ଦେଖିପାରନ୍ତି ନାହିଁ। ଦେଖିବାକୁ ଗଲେ କ୍ଷୀରସାଗର ଅସ୍ତିତ୍ୱ କିମ୍ବା ଶିବଙ୍କ ମସ୍ତକ ଦେଇ ଗଙ୍ଗା ଆକାଶରୁ ଧରାକୁ ଆସିଥିବା ଧାରଣାଗୁଡ଼ିକୁ ଅର୍ଥପୂର୍ଣ୍ଣ ପ୍ରତୀକ ଭାବେ ବ୍ୟବହାର କରି ପ୍ରଚାର କରାଯାଇଥିଲା।



ଏବେକାର ଆଧୁନିକ ଯୁଗର ଲୋକେ ପରମ୍ପରାକୁ ପୂଜା କରନ୍ତି। ସେମାନେ ସେମାନଙ୍କ ପୂର୍ବଜଙ୍କ ତୁଳନାରେ ବାସ୍ତବବାଦୀ ବୋଲି ଅନୁଭବ କରନ୍ତି। କିନ୍ତୁ ଯଦି ଆମେ ପୁନର୍ଜନ୍ମ ଉପରେ ବିଶ୍ୱାସ କରୁ, ତେବେ ଆମକୁ ବୁଝିବା ଦରକାର ଯେ ପୁନର୍ଜନ୍ମ ବିଚାର କ'ଣ ଓ ଏହାର ଉଦ୍ଦେଶ୍ୟ କ'ଣ ରହିଛି। ପୁନର୍ଜନ୍ମ ତିନୋଟି ସିଦ୍ଧାନ୍ତ ସାମ୍ନାକୁ ଆଣେ। ପ୍ରଥମେ ଏହା ସୃଷ୍ଟିର ବିବିଧତାକୁ ଦର୍ଶାଏ। ପୁନର୍ଜନ୍ମ ସମସ୍ତ ବିବିଧତାକୁ ଆମର ଦାୟିତ୍ୱ ବୋଲି ସୂଚିତ କରେ। ପୁନର୍ଜନ୍ମ କର୍ମକୁ ବ୍ୟାଖ୍ୟା କରେ। ସମସ୍ତଙ୍କ ଜୀବନ ଭଲ ଓ ମନ୍ଦ କର୍ମର ସମାହାର ବୋଲି କହେ। ପୁନର୍ଜନ୍ମ ଧାରଣା ଏହା ମଧ୍ୟ ଦର୍ଶାଏ ଯେ, ଯେଉଁମାନେ ପୂର୍ବଜନ୍ମରେ ନକାରାତ୍ମକ ବା ମନ୍ଦ କର୍ମ କରିଥାନ୍ତି ସେମାନେ ଏ ଜନ୍ମରେ ଯନ୍ତ୍ରଣା ଭୋଗନ୍ତି। ଯେଉଁମାନେ ସକାରାତ୍ମକ କର୍ମର ପାରଙ୍ଗ ନେଇ ଆସନ୍ତି ସେମାନେ ଆନନ୍ଦରେ ରହନ୍ତି। ଜୀବନ ଓ ଜନ୍ମର ଏହି ବିବିଧତାକୁ ବୁଝାଇବାରେ କର୍ମ ସାହାଯ୍ୟ କରେ। ଏପରିକି ସମସ୍ତେ ସମାନ ବା ଗୋଟିଏ ରୂପ ବୋଲି ବିଶ୍ୱାସ କରୁ ନ ଥିବା ସମାଜରେ ମଧ୍ୟ କର୍ମ ସିଦ୍ଧାନ୍ତ ରହିଛି। ଅନ୍ୟପଟେ ଯେଉଁଠି ସମସ୍ତେ ସମାନ ବୋଲି ବିଶ୍ୱାସ କରାଯାଏ ସେଠାରେ ଗୋଟିଏ ଈଶ୍ୱର, ଗୋଟିଏ ଗ୍ରନ୍ଥ ଏବଂ ଗୋଟିଏ ଜୀବନଶୈଳୀ ତୁମେ ପାଇପାରିବ। ଦ୍ୱିତୀୟରେ ଜୀବର ଗୋଟିଏ ଜନ୍ମ ଉପରେ ବିଶ୍ୱାସ କରୁଥିବା ପୁରାଣଗୁଡ଼ିକ ଜୀବନର ଏକ ଅନ୍ତିମ ପ୍ରଳୟ, ମହାପ୍ରଳୟ ଓ ମହାଯୁଦ୍ଧକୁ ଦର୍ଶାନ୍ତି। ଅନ୍ୟପଟେ ଅନେକ ଜୀବନ ଓ ଜନ୍ମ(ପୁନର୍ଜନ୍ମ)ର ସିଦ୍ଧାନ୍ତ ଉପରେ ବିଶ୍ୱାସ କରୁଥିବା ସମାଜରେ ସେପରି କୌଣସି ଶେଷ ବିଚାର(ସୃଷ୍ଟି ଓ ଜୀବନ) ନାହିଁ, ଏପରି କି କୌଣସି ବିଜୟ କିମ୍ବା ପରାଜୟ ନାହିଁ। କୁହାଯାଏ ଏଇ ଜୀବନରେ ଜଣେ ବିଜୟୀ ହେଲେ ଆର ଜନ୍ମରେ ତାକୁ ହାରିବାକୁ ହୋଇଥାଏ। ପୂର୍ବଜନ୍ମରେ ଯିଏ ଧନୀ ଥାଏ ସେ ଏଇ ଜୀବନରେ ଗରିବ ହୁଏ। କହିବାକୁ ଗଲେ ଜୀବନର ସବୁକିଛି ଏକ ଚକ୍ରାକାର ଗତିରେ ଚାଲେ ଓ ଜୀବର ପ୍ରତ୍ୟେକଟି କାର୍ଯ୍ୟର ପରିଣାମ ଅଛି। ସୃଷ୍ଟିରେ ମଧ୍ୟ କୌଣସି ଗୋଟିଏ ମହାବିନାଶର ଦିନ ନାହିଁ। କେହି ସ୍ୱର୍ଗ କିମ୍ବା ନର୍କରେ ନାହାନ୍ତି। କୌଣସି ଅନ୍ତିମ ଗନ୍ତବ୍ୟସ୍ଥଳ ନ ଥାଏ। କେବଳ ଥାଏ ଜନ୍ମ -ମୃତ୍ୟୁ ଚକ୍ରର ପଥ, ଯେଉଁଥିରେ ଜଣେ ଜନ୍ମ ପରେ ଜନ୍ମ ନେଇଥାନ୍ତି।

ତୃତୀୟରେ ଯଦି ଜଣେ କେବଳ ଥରେ ଜନ୍ମ ନେବ କିମ୍ବା ଥରେ ଏହି ସୃଷ୍ଟିରେ ବଞ୍ଚିବ, ତେବେ ବୁଝିବାକୁ ହେବ ଯେ, ତାଙ୍କର ପୁନର୍ଜନ୍ମ ନାହିଁ, ଅର୍ଥାତ୍ ସେ ଜନ୍ମ-ମୃତ୍ୟୁଚକ୍ରରୁ ମୁକ୍ତ ହୋଇଯାଏ। ଏହା ହେଉଛି ସନ୍ଥଙ୍କ ପ୍ରାରବ୍ଧର ସୁଫଳ। ତେଣୁ ତୁମେ ବଞ୍ଚିଥିବା ସମୟରେ କରିଥିବା କର୍ମ ଏବଂ ଲାଭ କରିଥିବା ସଫଳତା ଓ ଧନସମ୍ପତ୍ତିକୁ ଜୀବନ ଶେଷରେ ଗଣନା କରାଯାଇଥାଏ। ତୁମେ ସେହି ଜୀବନରେ ସଫଳ ହୋଇଛ କି ନାହିଁ ତାହା ସ୍ଥିର କରାଯାଏ ଓ ତାହା ହିଁ ପ୍ରାରବ୍ଧ। କିନ୍ତୁ ଯଦି ତୁମେ ବାରମ୍ବାର ଜନ୍ମ ନେଉଛ, ତେବେ ତୁମ ଜୀବନ ସେହି ଭଳି ଅସୀମ ଥର ଭାଗ ହେଉଛି ବୋଲି ବୁଝିବାକୁ ହେବ। ଫଳରେ ତୁମେ ଯାହା କରିଥାଅ କିମ୍ବା ହାସଲ କରିଥାଅ, ତାହାର ମୂଲ୍ୟ ଶେଷରେ ଶୂନ୍ୟ ହୋଇଯାଏ। ମନେରଖିବାକୁ ହେବ ଯେ, ଅନ୍ୟମାନଙ୍କୁ ତୁମେ ଯାହାସବୁ ଦେଉଛ ସେଥିରେ ତୁମ ଜୀବନର ମୂଲ୍ୟାଙ୍କନ ହୋଇଥାଏ। ଭଲ କର୍ମ କରୁଥିଲେ କିମ୍ବା ଭଲ ସେବା ଦେଉଥିଲେ ଜୀବନର ମୂଲ୍ୟ ବଢ଼େ। ଆମ୍ବ ଗଛରେ ଆମ୍ବ ଫଳିଲେ ତାହାର ମୂଲ୍ୟ ଜଣା ପଡ଼େନାହିଁ ବରଂ ତାକୁ ଖାଇଲେ ତାହାର ମୂଲ୍ୟ କ'ଣ ଜାଣିହେବ। ପ୍ରକୃତରେ କୌଣସି ଜିନିଷର ଗୁଣାତ୍ମକ ମୂଲ୍ୟ ଅନ୍ୟମାନଙ୍କ ଦ୍ୱାରା ନିର୍ଦ୍ଧାରଣ ହୋଇଥାଏ। ତୁମେ ଏ ଜନ୍ମରେ ଜୀବନକୁ ନଷ୍ଟ କରିଥିଲେ ପରଜନ୍ମରେ ତାହାକୁ ଅନ୍ୟମାନେ ନଷ୍ଟ କରିଦେବେ। ଏ ଜନ୍ମରେ ଭଲ କାମ ତଥା ଅନ୍ୟମାନଙ୍କ ସେବା କରିଥିଲେ ତାହାର ମୂଲ୍ୟ ଅନ୍ୟମାନଙ୍କ ଦ୍ୱାରା ପରଜନ୍ମରେ ନିର୍ଦ୍ଧାରିତ ହେବା ଥୟ। କେହି ଆମକୁ ଦେଖୁ ବା ନ ଦେଖୁ ଆମେ ହିଁ ଆମ ଜୀବନର ଜଣେ ବାସ୍ତବ ସାକ୍ଷୀ। ଏଣୁ ଜଣେ ସାକ୍ଷୀ ଭାବେ ଉତ୍ତମ କର୍ମର ଋଣ ପରିଶୋଧ କରିବାକୁ ହେବ ଏବଂ ଭଲ କାମ କରି ପୁନର୍ଜନ୍ମରେ ସକାରାତ୍ମକ ଫଳପ୍ରାପ୍ତି ପାଇଁ ଚେଷ୍ଟା କରାଯିବା ଦରକାର।

-devduttofficial@gmail.com

## ବର୍ଷଣ ଯୋଜନାର ଦୂଷଣ ଚିତ୍ର



କାଳିପ୍ରସାଦ ମହାପାତ୍ର

ଚାଲୁ ଚାଲୁ ପିଲାଦିନର ବିଦ୍ୟାଳୟ ଆଡ଼େ ଦିନେ ଚାଲିଗଲି। ପ୍ରଧାନ ଶିକ୍ଷୟିତ୍ରୀ ମୋ ବୃତ୍ତି, ବ୍ୟକ୍ତିତ୍ୱ ସମ୍ବନ୍ଧରେ ଭଲ ଭାବରେ ଅବଗତ। ନମସ୍କାର କରି ଆଦର କଲେ। ବିଦ୍ୟାଳୟର ନାନା ସମସ୍ୟା ଉପରେ ଗପି ଚାଲିଲେ। ପଚାରିଲି- ବିଦ୍ୟାଳୟରେ ପିଲା ସଂଖ୍ୟା କେତେ? କହିଲେ ୫୨। ଆଶ୍ଚର୍ଯ୍ୟ ହେଲି। ଶୁଣିଲି, ପାଖ ସ୍କୁଲ କେତୋଟିକୁ ଭାଙ୍ଗିଦେଇ ଏଇ ସ୍କୁଲରେ ମିଶାଇ ଦିଆଯାଇଛି। ସେଠିକାର ଆଠ, ନଅଟି ପିଲା ଆଉ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଆଣି ଏଠି ଏକାଠି କରିଦିଆଯାଇଛି। ହେଲେ ଏଠି ବି ପ୍ରତିବର୍ଷ ପିଲା ସଂଖ୍ୟା କମିବାରେ ଲାଗିଛି। କାରଣ ପଚାରିଲି। ପ୍ରଧାନ ଶିକ୍ଷୟିତ୍ରୀ କହିଲେ- "ସାର୍, ପିଲା କୁଆଡୁ ଆସିବେ? ଏବେ ତ କାହାର ଦୁଇଟି ପିଲା ବି ନାହାନ୍ତି। ସମସ୍ତଙ୍କର ଗୋଟିଏ ଗୋଟିଏ। ସେ ଝିଅ ହେଉ ବା ପୁଅ। ଆଉ ସେ ଗୋଟିକୁ ନେଇ ସେମାନେ କୋଉ ଶିଶୁମନ୍ଦିର ବା ଇଂଲିଶ ମିଡିୟମରେ ନାମ ଲେଖାଉଛନ୍ତି। ତେଣୁ ପିଲା ଆମେ ପାଇବୁ କୋଉଠୁ?"

ଦେଖିଲି ବିଦ୍ୟାଳୟର ଭୌତିକ ଚିତ୍ର ମନ୍ଦ ନୁହେଁ। ବରଂ ଉନ୍ନତବନୀୟ, ଆଖି ଝଲସା - ପର୍ଯ୍ୟାପ୍ତ ଘର, ପାଚେରି, ଗେଟ୍ ରାମ୍ପ, ପାଇଖାନା, କାନ୍ଥ ସବୁ ରଙ୍ଗାରଙ୍ଗ, ଚକାଚକ! ମଧ୍ୟାହ୍ନଭୋଜନ, ପୋଷାକ, ବହିପତ୍ର ସବୁ ଯଥେଷ୍ଟ ମହଜୁଦ। ପଚାରିଲି- ୭ଟା ଶ୍ରେଣୀରେ ପିଲା ସଂଖ୍ୟା ତ ଏତିକି, ହେଲେ ଶିକ୍ଷକ? "ପ୍ରଧାନ ଶିକ୍ଷୟିତ୍ରୀ କହିଲେ, ମୋତେ ମିଶାଇ ୪ ଜଣ।" ଆଶ୍ଚର୍ଯ୍ୟ ହେଲି- ପ୍ରଥମ ପିରିୟଡ଼ରେ ୭ଟା ଶ୍ରେଣୀକୁ ୭ ଜଣ ଶିକ୍ଷକ ନିହାତି ପ୍ରବେଶ କରିବା କଥା। ଏଠି ଏ ନିୟମ କେମିତି ହେଉଥିବ?

ସେଦିନ ସେ ୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଭିତରୁ ଜଣେ ଟ୍ରେନିଂରେ ଯାଇଥିଲେ। ରିସେସ୍‌ରେ ପିଲାଏ ମଧ୍ୟାହ୍ନଭୋଜନ ଖାଇ ପଢ଼ିଆରେ ହୋହଲ୍ଲା, ମାର ଧର ହେଉଥାନ୍ତି। ରିସେସ୍ ଶେଷହେବା ପରେ ବି ଶ୍ରେଣୀକୁ ଯିବାର ଆତୁରତା ନ ଥାଏ। ଜଣେ ଶିକ୍ଷୟିତ୍ରୀ ଘରକୁ ଯିବାକୁ ଦରଖାସ୍ତଟିଏ ଧରି ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଢ଼ାଇଲେ। ଅନଧିକାର ତଥା ଆସୌଜନ୍ୟ ଜିଜ୍ଞାସା ପାଇଁ କ୍ଷମା ମାଗି ପଚାରିଲି- କ'ଣ ଘରଘରୁ ଯିବେ କି ଦିଦି? "ହଁ ସାର୍! ଆଜି ସଂକ୍ରାନ୍ତି ତ! ଘରେ ପୂଜା।" ମୋ ଭିତରଟା କେମିତି ହୁଙ୍କାରିଉଠିଲା। କହିଲି, "ଦେଖୁଛନ୍ତି, ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଛାଡ଼ି ଆପଣ ୩ ଜଣଙ୍କ ଭିତରୁ ଜଣେ ଶିକ୍ଷକ ମୋ ଆଗେ ଆଗେ ଅଫିସ୍ କାମରେ ବାହାରିଗଲେ। ଜଣେ ପୂର୍ବରୁ ଟ୍ରେନିଂରେ ଅଛନ୍ତି। ଆପଣ ଏବେ ଘର ପୂଜା ପାଇଁ ଦିନ ଦୁଇଟା ପୂର୍ବରୁ ସ୍କୁଲ ଛାଡ଼ିବେ। ଜଣେ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବିଦ୍ୟାଳୟଟି ଚାଲିବ କେମିତି?" ଶିକ୍ଷୟିତ୍ରୀ ଜଣକ କହିଲେ- ସବୁ କଥା କ'ଣ ଲେଖା ଥାଏ ସାର୍! ଘରେ ମୋର ୭ ମାସର ଝିଅଟିଏ। ତା'ରି ପାଇଁ ଟିକେ ଦିଦିଙ୍କୁ କହି ଯାଉଛି। ଧର୍ମ ସଙ୍କଟରେ ପଡ଼ି ପଡ଼ିଚି ମୋର କିଛି ବାହାରିଲା ନାହିଁ। ସେତେବେଳକୁ ପ୍ରତି ଶ୍ରେଣୀରେ ପିଲାଏ ହାଟ ଭଳି ଘୋ ଘୋ ହେଉଥାନ୍ତି। ପ୍ରଧାନ ଶିକ୍ଷୟିତ୍ରୀ ନିଜର ଅସହାୟତା ପଦାରେ ପଡ଼ିଯାଉଥିବା ଜାଣିପାରି କହିଲେ- ଓଃ! ଏସବୁ ମାମୁଲି କଥା, ଟିକେ ନାଲିଆଖି ଦେଖାଇପାରିବୁ ନାହିଁ।" ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅନୁମତି ନେଇ ଗୋଟିଏ ଶ୍ରେଣୀକୁ ଗଲି। ଏକା ପ୍ରକୋଷ୍ଠରେ ଉଭୟ ପଞ୍ଚମ ଓ ଷଷ୍ଠ ଶ୍ରେଣୀର ପିଲାଏ ବସିଥିଲେ। ସେମାନଙ୍କୁ କେତୋଟି ଶବ୍ଦ ଲେଖିବାକୁ ଡାକିଲି। ସମୁଦାୟ ତେରଟି ପିଲାଙ୍କ ମଧ୍ୟରୁ ଗୋଟିଏ ପିଲାର ଦଶଟି ଶବ୍ଦ ଠିକ୍ ଥିଲା। ଅନ୍ୟ ୧୨ ଜଣଙ୍କର ସମସ୍ତ ଶବ୍ଦ ଅଶୁଦ୍ଧ।

ଅଫିସ୍‌କୁ ଫେରି ଆସି ନାଗରରେ ବସି ପଡ଼ିଲି। ପ୍ରଧାନ ଶିକ୍ଷୟିତ୍ରୀ ଶୁଖିଲା ହସ ହସି ନିଜର ଅସହାୟତା, ସରକାରଙ୍କ ନୂତନ ଶିକ୍ଷାନୀତିରେ ଏକାଧିକ ଯୋଜନା କଥା କହି ନିଜେ ପ୍ରକୋଷ୍ଠ ପ୍ରକୋଷ୍ଠ ବୁଲି ତଦାରଖ କରିବେ ବୋଲି କହିଲେ। ଏହି ସମୟରେ ଛୁଟି ଦରଖାସ୍ତ ଦେଉଥିବା ଶିକ୍ଷୟିତ୍ରୀ ଜଣଙ୍କର ଦରଖାସ୍ତଟି (ଇଂରାଜୀରେ) ଉପରେ ମୋ ଦୃଷ୍ଟି ପଡ଼ିଲା। ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମୁଦାୟ ୭ - ୮ ଟି ଧାଡ଼ି ପାଞ୍ଚଟି ଅଶୁଦ୍ଧ ଶବ୍ଦ ସହିତ ମାରାତ୍ମକ ବ୍ୟାକରଣଗତ ତ୍ରୁଟି ସବୁ ଥିଲା। ତାହାକୁ ଦେଖି କାହାକୁ କିଛି ନ କହି ଉଠିବାର ଉପକ୍ରମ କରୁଥିଲି।

ଆଖିକୁ ଅସୁଖ ଲାଗୁଥିଲା ପିଲାମାନଙ୍କ ଅଶୁଦ୍ଧ ଶବ୍ଦ, ତାଲିମପ୍ରାପ୍ତ ଶିକ୍ଷୟିତ୍ରୀଙ୍କ ଇଂରାଜୀ ଦରଖାସ୍ତ ଏବଂ ଛାତ୍ରାଛାତ୍ରୀଙ୍କ ବିଶୃଙ୍ଖଳିତ ଆଚରଣ। ମନେପଡ଼େ ଆମ ପିଲାଦିନ। ସେତେବେଳର ଅର୍ଥାତ୍ ୫୦/୬୦ ବର୍ଷ ତଳର ଧୋତି, ମୁଣ୍ଡ ଗଳା ଶାର୍ଟ ଆଉ କାଗଜର ଛତା କଳା, ଖାଲି ପାଦର ବୁଢ଼ା ବୁଢ଼ା ଆମ ସାରମାନଙ୍କ କଥା। ସରକାରୀ ଯୋଜନାର ନାମଗନ୍ଧ ନ ଥିବା ସେ ସବୁ ବେଢ ଖଣ୍ଡିକରେ କେତେ ସତେ କରାମତି ନ ଥିଲା! ଶିକ୍ଷା, ଶୃଙ୍ଖଳା, ସଂଯମ, ଚରିତ୍ରବତ୍ତା, ଅନୁଶ୍ଚା ସହ ବିଦ୍ୟାଳୟର କଞ୍ଚା ବାଡ଼, ଲିପାପୋଛାର ମାଟି କାନ୍ଥ ଖଣ୍ଡିକ ବି କମ୍ ଜ୍ଞାନକୁମ୍ଭିର, ସଂସ୍କାର ସଞ୍ଚାରୀ କାରଖାନାଟିଏ ନ ଥିଲା ସତେ!

ମୋ:୯୭୭୦୧୦୯୫୬୭

## ଏଇ ଭାରତରେ

ଏବେ ଅନେକ ପିଲା ମା'ବାପାଙ୍କର ସେବା କରିବା ଓ ସେମାନଙ୍କ ଦାୟିତ୍ୱ ନେବାକୁ ବୋଝ ବୋଲି ଭାବୁଛନ୍ତି। ହେଲେ ମୃତ୍ୟୁ ପରେ ଶ୍ରାଦ୍ଧକ୍ରିୟା କରିବା ପାଇଁ ଝଗଡ଼ା କରିବାଭଳି ଘଟଣା ଦେଖିବାକୁ ମିଳିଛି ମଧ୍ୟପ୍ରଦେଶ ଟିକମଗଡ଼ ଜିଲା ଲିଧୋରାତାଲ ଗାଁରେ। ପିତାଙ୍କ ଅନ୍ତିମ ସଂସ୍କାରବେଳେ ତାଙ୍କ ମୃତଦେହକୁ ଦୁଇଭାଗ କରିବା ପର୍ଯ୍ୟନ୍ତ କଥା ଯାଇଥିଲା। ଘଟଣାଟି ହେଉଛି, ତଳ ଲିଧୋରା ଗାଁର ୮୪ ବର୍ଷୀୟ ଧାନୀ ସିଂହ ତାଙ୍କ ସାନ ପୁଅ ଦାମୋଦରଙ୍କ ପାଖରେ ରହୁଥିଲେ। ଧାନୀଙ୍କର ମୃତ୍ୟୁ ହେବା ପରେ ଅନ୍ତିମ ସଂସ୍କାର ପାଇଁ ଦେଶଭାଇ ସମସ୍ତ ବ୍ୟବସ୍ଥା କରିଥିଲେ। କିନ୍ତୁ ବାପାଙ୍କ ମୃତ୍ୟୁର ଖବର ପାଇଁ ସହରରେ ରହୁଥିବା ବଡ଼ ପୁଅ କିଷନ ଆସି ଅନ୍ତିମ ସଂସ୍କାର କରିବାକୁ ଜିଦ୍ ଧରିଥିଲେ, ଯାହାପାଇଁ ଦୁଇ ଭାଇଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏମିତିକି ବାପାଙ୍କ ମୃତଦେହକୁ ଦୁଇଭାଗ କରିବା ଯାଏ କଥା ଯାଇଥିଲା। ଶେଷରେ ପୋଲିସ ସେଠାରେ ପହଞ୍ଚି ଘଟଣାର ସମାଧାନ କରିଥିଲା ଏବଂ ସାନପୁଅଙ୍କୁ ଅନ୍ତିମ ସଂସ୍କାରର ଅଧିକାର ମିଳିଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୨୯ ମେ ୧୯୭୬

- ରାଜ୍ୟର ବିଶିଷ୍ଟ ହୋମିଓ ଚିକିତ୍ସକ ତଥା ସମାଜସେବୀ ଡାକ୍ତର ଅଭିନ ଚନ୍ଦ୍ର ରାଓଙ୍କ ୭୮ ବର୍ଷ ବୟସରେ ପରଲୋକ।
- ରାଜ୍ୟ ସରକାର ସର୍ବନିମ୍ନ ମଜୁରୀ ବୋର୍ଡ ସହ ପରାମର୍ଶ କରି ଛାପାଖାନାର ୫ଟି ଶ୍ରେଣୀର କର୍ମଚାରୀମାନଙ୍କର ଦରମା ହାର ପରିବର୍ତ୍ତନ କରିଛନ୍ତି।
- ବିହାର ମୁଖ୍ୟମନ୍ତ୍ରୀ ଜଗନ୍ନାଥ ମିଶ୍ର ପୂର୍ବାଞ୍ଚଳ ପରିଷଦର ଭାଇସଚେୟାରମ୍ୟାନ୍ ନିଯୁକ୍ତ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 2 | | | |
| | | 3 | | | | | | 8 |
| 8 | | | | | | 5 | 1 | |
| | | 9 | | 7 | | | | |
| 5 | 4 | | | 1 | | | | |
| 9 | | | | 3 | | | | 6 |
| 4 | | 7 | | | | 8 | | 1 |
| 6 | | | | | 1 | 3 | 7 | |
| | 3 | | | | 9 | 4 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏଉରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 2 | 6 | 4 | 3 | 5 | 1 | 9 |
| 3 | 4 | 5 | 8 | 9 | 1 | 2 | 7 | 6 |
| 6 | 9 | 1 | 5 | 2 | 7 | 3 | 8 | 4 |
| 9 | 5 | 3 | 4 | 8 | 6 | 1 | 2 | 7 |
| 2 | 7 | 8 | 9 | 1 | 5 | 6 | 4 | 3 |
| 4 | 1 | 6 | 7 | 3 | 2 | 8 | 9 | 5 |
| 5 | 6 | 9 | 2 | 7 | 8 | 4 | 3 | 1 |
| 8 | 3 | 7 | 1 | 5 | 4 | 9 | 6 | 2 |
| 1 | 2 | 4 | 3 | 6 | 9 | 7 | 5 | 8 |

ଗତକାଲିର ଉତ୍ତର



# ସାମ୍ବିଧାନିକ କ୍ଷମତାର ପ୍ରୟୋଗ

କିଶୋର ଚନ୍ଦ୍ର ବେହେରା

ଗଣତନ୍ତ୍ରରେ ସରକାରର ୩ଟି ଅଙ୍ଗ ବା ଶାଖା ଥାଏ, ଯଥା ବ୍ୟବସ୍ଥାପକ ସଭା, କାର୍ଯ୍ୟପାଳିକା ଓ ନ୍ୟାୟପାଳିକା। କାର୍ଯ୍ୟପାଳିକା ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ବ୍ୟବସ୍ଥାପିକା ଦ୍ୱାରା ପ୍ରଣୀତ ଆଇନକୁ କାର୍ଯ୍ୟକାରୀ କରିବା ସହିତ ଅଦାଲତର ନିଷ୍ପତ୍ତିକୁ ପାଳନ କରିଥାଏ। ବିଶିଷ୍ଟ ରାଜନୀତିଜ୍ଞ ଗାର୍ଣ୍ଣର ମତପୋଷଣ କରନ୍ତି, "ବ୍ୟବସ୍ଥାପିକା ଓ ସମ୍ବିଧାନ ଦ୍ୱାରା ପ୍ରଣୀତ ଆଇନ ତଥା ନ୍ୟାୟାଳୟର ରାୟକୁ କାର୍ଯ୍ୟକାରୀ କରିଥାଏ ସରକାରଙ୍କର କାର୍ଯ୍ୟପାଳିକା ବିଭାଗ"। ଏହି ବିଭାଗ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ସମ୍ପାଦନ କରୁଥିବାରୁ ବ୍ୟାବହାରିକ ଅର୍ଥରେ ସରକାର କହିଲେ କାର୍ଯ୍ୟପାଳିକା ହିଁ ବୁଝାଏ। କାର୍ଯ୍ୟପାଳିକା କହିଲେ ରାଷ୍ଟ୍ରର ମୁଖ୍ୟ ରାଷ୍ଟ୍ରପତି, ସରକାର ମୁଖ୍ୟ ପ୍ରଧାନମନ୍ତ୍ରୀ, ମନ୍ତ୍ରିମଣ୍ଡଳ ଓ ଉଚ୍ଚ ଶାସନ କର୍ମଚାରୀଙ୍କୁ ବୁଝାଇଥାଏ। କିନ୍ତୁ ବିସ୍ତୃତ ଅର୍ଥରେ କାର୍ଯ୍ୟପାଳିକା ଉଭୟ ନୀତି ନିର୍ଦ୍ଧାରଣ ଓ ନୀତି କାର୍ଯ୍ୟକାରୀ ଶାସନକର୍ତ୍ତାଙ୍କୁ ବୁଝାଏ। ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମନ୍ତ୍ରିମଣ୍ଡଳ ନୀତି ନିର୍ଦ୍ଧାରଣ କରନ୍ତି ଏବଂ ପ୍ରଶାସନିକ ସରକାରୀ କର୍ମଚାରୀ ସେଗୁଡ଼ିକ କାର୍ଯ୍ୟକାରୀ କରିଥାନ୍ତି। ବ୍ୟବସ୍ଥାପକ ସଭା ଆଇନ ପ୍ରଣୟନ କରୁଥିବାବେଳେ କାର୍ଯ୍ୟପାଳିକା ଏହାକୁ କାର୍ଯ୍ୟକାରୀ କରେ। ସେହିପରି ବିଚାରବିଭାଗ ଏହି ଆଇନ ଗୁଡ଼ିକର ତର୍ଜମା, ବ୍ୟାଖ୍ୟା ଓ ସମୀକ୍ଷା କରେ ତଥା ଦୋଷୀଙ୍କୁ ଦଣ୍ଡବିଧାନ କରେ। ଭାରତୀୟ ସମ୍ବିଧାନ ଓ ନ୍ୟାୟିକ ବ୍ୟବସ୍ଥାରେ ଏକ ସୁଚିନ୍ତିତ ସ୍ୱାଧୀନ ଓ ନିରପେକ୍ଷ ବିଚାର ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ସର୍ବୋଚ୍ଚ ନ୍ୟାୟାଳୟ ତାମିଲନାଡୁ ରାଜ୍ୟପାଳଙ୍କ ପ୍ରସଙ୍ଗରେ ଦେଇଥିବା ରାୟ ସମ୍ପର୍କିତ ୧୪ ପ୍ରଶ୍ନ ପଚାରିଛନ୍ତି ରାଷ୍ଟ୍ରପତି। ସମ୍ବିଧାନର ଧାରା ୨୦୦, ୨୦୧ ଓ ୩୬୧କୁ ଉଲ୍ଲେଖ କରି ରାଜ୍ୟପାଳଙ୍କ ଇଚ୍ଛାଧୀନ ବ୍ୟାପାର ଉପରେ ନ୍ୟାୟାଳୟ ହସ୍ତକ୍ଷେପ କରିବା କେତେଦୂର ନ୍ୟାୟସଙ୍ଗତ ସେ ସମ୍ପର୍କରେ ଅବଗତ କରିବା ପାଇଁ ଉଚ୍ଚତମ ନ୍ୟାୟାଳୟକୁ ଚିଠି ଲେଖିଛନ୍ତି। ସମ୍ବିଧାନର ଧାରା ୧୪୩ ଆଧାରରେ ରାଷ୍ଟ୍ରପତି ସୁପ୍ରିମକୋର୍ଟକୁ ପ୍ରଶ୍ନ କରିଛନ୍ତି। ଏପ୍ରିଲରେ ଉପରାଷ୍ଟ୍ରପତି ଜଗଦୀପ ଧନକର ଏବଂ କିଛି ରାଜନେତା ସୁପ୍ରିମକୋର୍ଟଙ୍କ କ୍ଷମତା ଉପରେ ପ୍ରଶ୍ନ ଉଠାଇଥିଲେ। ତାମିଲନାଡୁ ସରକାର ବିନା ରାଜ୍ୟପାଳଙ୍କ ସମ୍ମତିରେ ୧୦ଟି ବିଲ୍ ଗୃହୀତ କରିବା ପରେ ଆରମ୍ଭ ହୋଇଥିଲା ବିତର୍କର ଝଡ଼।

ସମ୍ବିଧାନର ଧାରା ୧୪୩ (୧) ଆଧାରରେ ଭାରତର ପ୍ରଥମ ନାଗରିକ ଦେଶର ସର୍ବୋଚ୍ଚ ନ୍ୟାୟାଳୟକୁ ଅନେକ ପ୍ରଶ୍ନରେ ନ୍ୟାୟିକ ବ୍ୟବସ୍ଥାକୁ ହରଡ଼ଘଣାରେ ପକାଇଦେଇଛନ୍ତି। ଧାରା ୨୦୦ ଅନୁଯାୟୀ ଯେତେବେଳେ ଏକ ସାଧାରଣ ବିଲ୍ ରାଜ୍ୟପାଳଙ୍କ ଦ୍ୱାରା ରାଷ୍ଟ୍ରପତିଙ୍କ ପାଖକୁ ଅନୁମୋଦନ ପାଇଁ ପଠାଯାଏ ସେତେବେଳେ ରାଷ୍ଟ୍ରପତି ସେହି ବିଲ୍ ଉପରେ ସହମତି ଦେଇପାରନ୍ତି କିମ୍ବା ଅସହମତି ପ୍ରକାଶ କରିପାରନ୍ତି। ସମ୍ବିଧାନରେ ଏହି ପ୍ରକ୍ରିୟା ନେଇ କୌଣସି ସମୟସୀମା ଧାର୍ଯ୍ୟ କରାଯାଇନଥିବା ବେଳେ ସୁପ୍ରିମକୋର୍ଟ କିନ୍ତୁ ଏହା ଉପରେ ରାୟ ଦେଇ କହିଛନ୍ତି ଯେ ରାଷ୍ଟ୍ରପତି ଏହି ବିଲ୍ ଉପରେ ତିନି ମାସ ଭିତରେ ନିଷ୍ପତ୍ତି ନେବେ। ଏହି ନିଷ୍ପତ୍ତି ନେବାରେ ବିଳମ୍ବ ହେଲେ ତାହାର କାରଣ ଦର୍ଶାଇବାକୁ ହେବ। ରାଷ୍ଟ୍ରପତି ଏହାକୁ ଗ୍ରହଣ ନକରି ଏ ସମ୍ପର୍କରେ ଅସନ୍ତୋଷ ପ୍ରକଟ କରିବା ସହ ଅନେକ ପ୍ରଶ୍ନର ସ୍ପଷ୍ଟୀକରଣ ଲୋଡ଼ିଛନ୍ତି ସର୍ବୋଚ୍ଚ ନ୍ୟାୟାଳୟଠାରୁ। ପ୍ରଥମ ପ୍ରଶ୍ନ ଯେତେବେଳେ ରାଜ୍ୟପାଳଙ୍କ ପାଖକୁ କୌଣସି ବିଲ୍ ଆସେ, ସେତେବେଳେ ତାଙ୍କ ପାଖରେ କ'ଣ ସବୁ ସାମ୍ବିଧାନିକ ବିକଳ୍ପ ରହିଥାଏ? ଦ୍ୱିତୀୟରେ ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ କ'ଣ ରାଜ୍ୟପାଳ କୌଣସି ବିଲ୍ ଉପରେ ନିଷ୍ପତ୍ତି ନେବା ବେଳେ ମନ୍ତ୍ରିପରିଷଦଙ୍କ ପରାମର୍ଶ ଦ୍ୱାରା ବନ୍ଧା? ତୃତୀୟରେ ଭାରତୀୟ ସମ୍ବିଧାନର ଧାରା ୨୦୦ ଅନୁଯାୟୀ କ'ଣ ରାଜ୍ୟପାଳଙ୍କ ନିଷ୍ପତ୍ତିକୁ କୋର୍ଟରେ



ଚ୍ୟାଲେଞ୍ଜ କରାଯାଇପାରିବ? ଚତୁର୍ଥରେ ଧାରା ୩୬୧ ରାଜ୍ୟପାଳଙ୍କ ନିଷ୍ପତ୍ତିର ନ୍ୟାୟିକ ସମୀକ୍ଷା ଉପରେ କ'ଣ ସମ୍ପୂର୍ଣ୍ଣ ଭାବେ ପ୍ରତିବନ୍ଧକ ଲଗାଇପାରିବ? ପଞ୍ଚମରେ ଯଦି ସମ୍ବିଧାନରେ ରାଜ୍ୟପାଳଙ୍କ ପାଇଁ କୌଣସି ସମୟସୀମା ନାହିଁ ତାହାରେ କ'ଣ ଅଦାଲତ ସମୟ ସୀମା ନିର୍ଦ୍ଧାରଣ କରିପାରିବେ? ଷଷ୍ଠରେ ରାଷ୍ଟ୍ରପତିଙ୍କ ନିଷ୍ପତ୍ତିକୁ କ'ଣ ଅଦାଲତରେ ଚ୍ୟାଲେଞ୍ଜ କରିହେବ? ସପ୍ତମରେ ରାଜ୍ୟପାଳ ରାଷ୍ଟ୍ରପତିଙ୍କ ନିକଟକୁ ବିଲ୍ ପଠାଇଲେ ରାଷ୍ଟ୍ରପତିଙ୍କ ପାଇଁ ସୁପ୍ରିମକୋର୍ଟଙ୍କ ମତାମତ ନେବା ବାଧ୍ୟତାମୂଳକ କି? ଅଷ୍ଟମରେ ଧାରା ୨୦୦ ଏବଂ ୨୦୧ ଅନୁଯାୟୀ ରାଜ୍ୟପାଳ ଏବଂ ରାଷ୍ଟ୍ରପତିଙ୍କ ନିଷ୍ପତ୍ତି ଆଇନ ହେବା ପୂର୍ବରୁ ନ୍ୟାୟିକ ସମୀକ୍ଷାର ଅଧୀନରେ ଆସେ କି? ନବମରେ ଭାରତର ସମ୍ବିଧାନର ଧାରା ୧୪୨ ଅନୁଯାୟୀ କ'ଣ ସାମ୍ବିଧାନିକ କ୍ଷମତାର ପ୍ରୟୋଗ ରାଷ୍ଟ୍ରପତି କିମ୍ବା ରାଜ୍ୟପାଳଙ୍କ ଦ୍ୱାରା ଆଦେଶକୁ କୌଣସି ପ୍ରକାରରେ ବଦଳାଇପାରିବ? ଦଶମରେ ରାଜ୍ୟପାଳଙ୍କ ଅନୁମୋଦନ ବିନା ମଧ୍ୟ ରାଜ୍ୟ ବିଧାନସଭା ଦ୍ୱାରା ଗୃହୀତ ଆଇନ ପ୍ରଭାବଶାଳୀ ବୋଲି ବିବେଚନା କରାଯିବ କି ? ଏକାଦଶରେ ଧାରା ୧୪୫(୩) ଅନୁଯାୟୀ ଏକ ସାମ୍ବିଧାନିକ ପ୍ରଶ୍ନର ବିଚାର କରିବା ପାଇଁ ସୁପ୍ରିମକୋର୍ଟର ସର୍ବନିମ୍ନ ପାଞ୍ଚ ଜଣିଆ ଖଣ୍ଡପୀଠ ଆବଶ୍ୟକ କି? ଦ୍ୱାଦଶରେ ଧାରା ୧୪୨ ଅନୁଯାୟୀ ସୁପ୍ରିମକୋର୍ଟର କ୍ଷମତା କେବଳ ପ୍ରକ୍ରିୟା ଯାଏ ସୀମିତ ନା ବିପରୀତ ଆଦେଶ ଜାରି କରାଯାଇପାରିବ? ତ୍ରୟୋଦଶରେ ସମ୍ବିଧାନ ତଥା ପ୍ରଚଳିତ ଆଇନ ସହିତ ଅସଙ୍ଗତ ନିର୍ଦ୍ଦେଶ ବା ଆଦେଶନାମା ସର୍ବୋଚ୍ଚ ନ୍ୟାୟାଳୟ ଦେଇ ପାରିବେ କି? ଶେଷରେ ସମ୍ବିଧାନର ଧାରା ୧୩୧ ଅନୁଯାୟୀ ଦାୟର ହୋଇଥିବା ମାମଲା ବ୍ୟତୀତ, କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ବିବାଦ ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କ ଅନ୍ୟ କୌଣସି କ୍ଷମତା ଅଛି କି ବୋଲି ପ୍ରଶ୍ନ କରିଛନ୍ତି।

ରାଷ୍ଟ୍ରପତିଙ୍କ ଆପତ୍ତି ଉପରେ ସର୍ବୋଚ୍ଚ ନ୍ୟାୟାଳୟ ନିଜର ରାୟ ବଦଳାଇପାରିବେ କି? ଏହି ପ୍ରଶ୍ନ କାର୍ଯ୍ୟପାଳିକା ପାଇଁ ବର୍ତ୍ତମାନ ଏକ ମୁଖ୍ୟ କାରଣ ରୂପେ ଠିଆ ହୋଇଛି। ଯଦିଓ ଆମେ ଭାରତୀୟ ସମ୍ବିଧାନର ୧୪୩ (୧) କଥା ବିଚାର କରିବା ରାଷ୍ଟ୍ରପତି ଯେକୌଣସି ଆଇନଗତ ପ୍ରସଙ୍ଗରେ ସର୍ବୋଚ୍ଚ ନ୍ୟାୟାଳୟ ସହ ପରାମର୍ଶ କରିପାରିବେ। ଏହି ମତାମତ ବାଧ୍ୟତାମୂଳକ ନୁହେଁ, କିନ୍ତୁ ଏହାର ଅନେକ ସାମ୍ବିଧାନିକ ମହତ୍ତ୍ୱ ରହିଛି। ଭିନ୍ନଭିନ୍ନ ସମୟରେ ରାଷ୍ଟ୍ରପତି ମାଗିଥିବା ମତାମତ ଉପରେ ସର୍ବୋଚ୍ଚ ନ୍ୟାୟାଳୟ ଜରୁରୀ ଜବାବ ଦେବାକୁ ମନା କରିଦେଇଥିଲେ। ୧୯୮୨ରେ ପାକିସ୍ତାନରୁ ଆସିଥିବା ପ୍ରବାସୀଙ୍କ ଥଇଥାନ ଆଇନ ଉପରେ ମତାମତ ଲୋଡ଼ାଯାଇଥିଲା, କିନ୍ତୁ ପରେ ସେହି ଆଇନ ପାରିତ ହୋଇ କୋର୍ଟରେ ପିଟିଶନ ଦାଖଲ କରାଯାଇଥିଲା, ଯାହା ମତାମତକୁ ଅପ୍ରାସଙ୍ଗିକ କରିଦେଇଥିଲା। ଦ୍ୱିତୀୟଟି ହେଲା ୧୯୯୩ରେ ରାମ ଜନ୍ମଭୂମି - ବାବ୍ରି ମସଜିଦ ବିବାଦରେ ମନ୍ଦିରର ପୂର୍ବ ସ୍ଥିତି ଉପରେ ମତାମତ ଲୋଡ଼ାଯିବାରୁ କୋର୍ଟ ଏହାକୁ ଧାର୍ମିକ ଓ ସାମ୍ବିଧାନିକ ମୂଲ୍ୟବୋଧର ବିପରୀତ ବୋଲି କହି ଖାରଜ କରିଦେଇଥିଲେ। ୧୯୯୮ରେ କାବେରୀ ଜଳ ବିବାଦକୁ ନେଇ ଅଦାଲତ କହିଥିଲେ ଯେ, ରାୟ ପ୍ରକାଶ ପାଇବା ପରେ ସେହି ପ୍ରସଙ୍ଗରେ ରାଷ୍ଟ୍ରପତିଙ୍କ ମତାମତ ନେବା ନ୍ୟାୟପାଳିକାର ମର୍ଯ୍ୟାଦା ବିରୋଧୀ। ସରକାର ଚାହିଁଲେ ରିଭ୍ୟୁ ପିଟିଶନ ଦାଖଲ କରିପାରିବେ, ଯାହା ନ୍ୟାୟିକ ପ୍ରକ୍ରିୟାର ଏକ ଅଂଶ। ବିରୋଧୀ ଶାସିତ ରାଜ୍ୟଗୁଡ଼ିକର ବିଲ୍ ରାଜ୍ୟପାଳ କେଉଁ ପରିସ୍ଥିତିରେ ରଖିଛନ୍ତି ବା ପ୍ରତ୍ୟାଖ୍ୟାନ କରୁଛନ୍ତି, ସେଥିରୁ ଏହିପରା ଘଟଣା ସାମ୍ନାକୁ ଆସିଛି। ତାମିଲନାଡୁର ରାଜ୍ୟପାଳ ଆର୍.ଏନ୍. ରବି ୧୦ଟି ବିଲ୍ ରାଷ୍ଟ୍ରପତିଙ୍କ ନିକଟକୁ ପଠାଇଥିଲେ। ଏହା କେନ୍ଦ୍ର - ରାଜ୍ୟ ସମ୍ପର୍କରେ ସନ୍ତୁଳନ ପ୍ରସଙ୍ଗ ଏବଂ ଏକ ସମୟସୀମା ଜରୁରୀ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି। ଏ ବାବଦରେ ରାଷ୍ଟ୍ରପତିଙ୍କ ପାଇଁ ସମୟସୀମା ନିର୍ଦ୍ଧାରଣ କରି ନିର୍ଦ୍ଦେଶ ଯୋଗୁ ସରକାର ଏହାକୁ ସାମ୍ବିଧାନିକ ଅସନ୍ତୁଳନ ବୋଲି କହିଥିଲେ। ଉପରାଷ୍ଟ୍ରପତି ମଧ୍ୟ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଯଦି ଏଭଳି ଆରୋପପ୍ରତ୍ୟାରୋପ ଲାଗି ରହିବ ତେବେ ସମ୍ବିଧାନ ପାଇଁ ଶୁଭଙ୍କର ନୁହେଁ ବୋଲି ରାଷ୍ଟ୍ରନୀତିଜ୍ଞ ମତପୋଷଣ କରୁଛନ୍ତି।

ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟ
ଜୟପୁର, କୋରାପୁଟ
ମୋ: ୯୪୩୭୭୫୫୫୬୮

## ଚିରନ୍ତନୀ

କି ଆନନ୍ଦ ନିହିତ ସେ
ସ୍ୱର୍ଗ ପରବାସେ,
ହୁଏ କି ତା' ସୁରଭିତ
ଶିଶୁର ସୁହାସେ!
-(ପୁରୀ-ମନ୍ଦିର)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ପାଲା ଅନୁଷ୍ଠାନକୁ ସହାୟତା ମିଳୁ

ମହାଶୟ,

ପାଲା ଅନୁଷ୍ଠାନଗୁଡ଼ିକ ଏବେ ଅର୍ଥାଭାବ ସ୍ଥିତିର ସମ୍ମୁଖୀନ ହେଲେଣି। ଏଣୁ ପୁରାତନ ପାଲା ଅନୁଷ୍ଠାନଗୁଡ଼ିକୁ ଆର୍ଥିକ ସରକାରୀ ସହାୟତା ମିଳୁ। ୫୦ବର୍ଷରୁ ଊର୍ଦ୍ଧ୍ୱ ଅନୁଷ୍ଠାନକୁ ଚିହ୍ନଟ କରାଯାଉ। ଏବେ ପରିସ୍ଥିତି ଏମିତି ହେଲାଣି ଯେ, ବାଦୀପାଲା ପରିବର୍ତ୍ତେ ଏକକ ପାଲା ମାତ୍ର ୭ଦିନ ପରିବର୍ତ୍ତେ ୩ଦିନ କରାଯାଉଛି। ଅନୁଷ୍ଠାନଗୁଡ଼ିକ ଆର୍ଥିକ ସହାୟତା ପାଇଲେ ପରିଚାଳନା କରିବା ସହଜ ହେବ। ଏହାସହ ୫୦ବର୍ଷରୁ ଊର୍ଦ୍ଧ୍ୱ ଅନୁଷ୍ଠାନ ସୁରକ୍ଷିତ ହୋଇପାରିବ। ଏଥିପ୍ରତି ସରକାରଙ୍କ ଶୁଭଦୃଷ୍ଟି ପଡ଼ୁ।

-ରମେଶ ଚନ୍ଦ୍ର ବେହେରା, ଆୟରପୁର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ: E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଜୁନ୍ ୧୨ରେ ରିପୋର୍ଟ କାର୍ଡ ଦେବେ ସରକାର

ଭୁବନେଶ୍ୱର,୨୮।୫(ରବିନାରାୟଣ ଜେନା)

## ୩୧ ସୁଦ୍ଧା ୧୨ ନୀତି ଚୂଡ଼ାନ୍ତ ଲାଗି ବିଭାଗକୁ ନିର୍ଦ୍ଦେଶ

ଆସନ୍ତା ଜୁନ୍ ୧୨ରେ ରାଜ୍ୟ ଭାଜପା ସରକାରର ପ୍ରଥମ ବର୍ଷ ପୂର୍ତ୍ତି ହେବ। ଏହି ଉପଲକ୍ଷେ ସରକାରଙ୍କ ପକ୍ଷରୁ ରାଜ୍ୟବ୍ୟାପୀ ବ୍ୟାପକ ଉତ୍ସବ ଆୟୋଜନ ପାଇଁ ଯୋଜନା ଚାଲିଛି। ଜୁନ୍ ୧୦ରେ ଉତ୍ସବର ପ୍ରଥମ ପର୍ବ ରୂପେ 'ସମୃଦ୍ଧ ଓଡ଼ିଶା' ସେମିନାର କରାଯିବ। ୧୧ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପୁରୀ ଗସ୍ତ କରିବେ। ଏହାପରେ ନାରୀଶକ୍ତି, ଯୁବଶକ୍ତି, ଚାଷୀ ଓ ଆଦିବାସୀ ଆଦି ସମାବେଶ କରାଯିବ। ଏହାକୁ ନେଇ ଚଳିତ ମାସ ୨୨ରେ ଦୁଇଟି ପର୍ଯ୍ୟାୟରେ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି।

ବୁଧବାର ପୂର୍ବାହ୍ନ ୧୦ଟାରେ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ଏବଂ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ପୃଥକ୍ ବୈଠକ ଅନୁଷ୍ଠିତ ହେବା ସହ ସରକାରଙ୍କୁ ରିପୋର୍ଟ ଦେବାକୁ ବିଭାଗଗୁଡ଼ିକୁ କୁହାଯାଇଛି। ଏହାସହିତ ସରକାରଙ୍କ ଲୋକାଭିମୁଖୀ ଯୋଜନା 'ସୁଭଦ୍ରା'ଠାରୁ ଆରମ୍ଭକରି ଆୟୁଷ୍ମାନ୍ ଭାରତ ଯୋଜନା ଏବଂ ଗୋଟିଏ ବର୍ଷ ମଧ୍ୟରେ ନୂଆ ସରକାର କରିଥିବା ଅନ୍ୟାନ୍ୟ ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯିବାକୁ ପ୍ରସ୍ତାବ ରହିଛି।

ତଥ୍ୟ ଅନୁଯାୟୀ, ରାଜଧାନୀ ଭୁବନେଶ୍ୱରଠାରୁ ଆରମ୍ଭକରି ବିଭିନ୍ନ ଜିଲାରେ ରାଜ୍ୟସ୍ତରୀୟ ସମାବେଶ ଆୟୋଜନ କରାଯିବ। ନାରୀଶକ୍ତିକୁ ସମର୍ପିତ ଶୀର୍ଷକ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଜୁନ୍ ୧୩ରେ ବ୍ରହ୍ମପୁରରେ ଅନୁଷ୍ଠିତ ହେବ। ସେହିପରି ଜୁନ୍ ୧୮ରେ ଢେଙ୍କାନାଳରେ 'ଯୁବଶକ୍ତି' ଏବଂ ୧୯ରେ ମୟୂରଭଞ୍ଜରେ 'ଆଦିବାସୀ ଶକ୍ତି' ଉପରେ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

ଏହି ଅବସରରେ ୧୨ଟି ନୀତି ଚୂଡ଼ାନ୍ତ କରି ଚଳିତମାସ ଶେଷସୁଦ୍ଧା ରିପୋର୍ଟ ଦେବାକୁ ବିଭିନ୍ନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୀତିଗୁଡ଼ିକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ଅନୁମୋଦନ ପାଇଁ ପଠାଯିବା ସହିତ ନୀତିଗୁଡ଼ିକର ତାଲିକା ଯୋଜନା ଓ ସମନ୍ୱୟ ବିଭାଗକୁ ପଠାଇବାକୁ କୁହାଯାଇଛି। ରାଜ୍ୟସ୍ତରୀୟ ମୁଖ୍ୟ ଉତ୍ସବ ଜୁନ୍ ୧୨ରେ ଭୁବନେଶ୍ୱରର ଜନତା ମଇଦାନରେ ଅନୁଷ୍ଠିତ ହେବାକୁ ଥିବାବେଳେ ଜୁନ୍ ୨୦ରେ ବରଗଡ଼ରେ କୃଷକମାନଙ୍କ ପାଇଁ ଏକ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ ହେବ। ଏହି ଉପଲକ୍ଷେ ଉତ୍କଳ ପ୍ରସଙ୍ଗ (ଓଡ଼ିଆ) ଏବଂ ଓଡ଼ିଶା ରିଭ୍ୟୁ(ଇଂଲିଶ)ର ବିଶେଷ ସଂସ୍କରଣ ପ୍ରକାଶ ପାଇବ। ଜୁନ୍ ୧୨ରୁ ୧୯ ମଧ୍ୟରେ ପ୍ରତ୍ୟେକ ବ୍ଲକରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ, ଯାହା ରାଜ୍ୟରେ ଶିକ୍ଷା ଭିତ୍ତିଭୂମି ବିସ୍ତାର କରିବାରେ ଏକ ମାଇଲଖୁଣ୍ଟ ସଦୃଶ ହେବ ବୋଲି କୁହାଯାଇଛି।

# ୪୮.୫୦ ଲକ୍ଷ ହେକ୍ଟର ଜମିରେ ଫସଲ ଲକ୍ଷ୍ୟ

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

**ଖରିଫ ୨୦୨୫**

**୪ ଲକ୍ଷ କୁଇଣ୍ଟାଲ ବିହନ ଯୋଗାଇବେ ସରକାର**

ଭାରତୀୟ ପାଣିପାଗ ବିଭାଗର ଆକଳନ ଅନୁଯାୟୀ ଚଳିତବର୍ଷ ସ୍ୱାଭାବିକ ବର୍ଷା ହେବ, ଯାହା ଚାଷୀଙ୍କୁ ବେଶ୍ ସୁହାଇବ। ରିପୋର୍ଟ ଅନୁଯାୟୀ, ଖରିଫ ୨୦୨୫ରେ ବିଭିନ୍ନ ଫସଲ ଅଧୀନରେ ପ୍ରାୟ ୪୮.୫୦ ଲକ୍ଷ ହେକ୍ଟର ଜମି ଅନ୍ତର୍ଭୁକ୍ତ ହେବ। ଏଥିରେ ପ୍ରମୁଖ ଭାବେ ମଧ୍ୟମ, କ୍ଷୁଦ୍ର-ବୃହତ୍ ଉଠା ଜଳସେଚନ ଇତ୍ୟାଦି ସହ ୩୭.୬୬ ଲକ୍ଷ ହେକ୍ଟରକୁ ସାମିଲକରି ଜଳସେଚନ ପ୍ରକ୍ରିୟାକୁ ସୁନିଶ୍ଚିତ କରାଯାଉଛି। ସେହିପରି ଓଡ଼ିଶା ରାଜ୍ୟ ବିହନ ନିଗମ ଜରିଆରେ ଓ ଘରୋଇ ମାଧ୍ୟମରେ ପ୍ରାୟ ୪ ଲକ୍ଷ କୁଇଣ୍ଟାଲ ଉଚ୍ଚ ଗୁଣବତ୍ତାସମ୍ପନ୍ନ ପ୍ରମାଣିତ ବିହନ ଯୋଗାଣ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ରାଜ୍ୟ ସରକାର ୧୦୦ କୋଟି ଟଙ୍କାର କର୍ପସ ପାଣ୍ଠିର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଆବଶ୍ୟକ ଅନୁସାରେ ପ୍ରାୟ ୯.୫୫ ଲକ୍ଷ ମେଟ୍ରିକ୍ ଟନ୍ ସାର ଯଥା ୟୁରିଆ, ଡିଏପି, ଏମ୍ଓପି, ଏନ୍ପିଏକେଏସ୍ ଯୋଗାଇ ଦିଆଯିବ। ଓଡ଼ିଶା ବଳଭଦ୍ର ଜୈବିକ ଚାଷ ଅଧୀନରେ ଜଗନ୍ନାଥ ମନ୍ଦିରକୁ କୋଠଭୋଗ ଓ ମହାପ୍ରସାଦ ପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ଅମୃତ ଅନ୍ନ ପ୍ରକଳ୍ପରେ ୩୪୫୦ ହେକ୍ଟରରେ ଜୈବିକ ଉତ୍ପାଦନ ଯୋଜନା କରାଯାଇଛି। ଆର୍ଥିକ ବର୍ଷ ୨୦୨୪-୨୫ ରେ ପାଖାପାଖି ୧୧୫୨ଟି କୃଷି ଉଦ୍ୟୋଗକୁ ୧୬୦ କୋଟି ଟଙ୍କାର ସବ୍ସିଡି ପ୍ରଦାନ କରାଯାଇଛି, ଯାହା ବର୍ତ୍ତମାନ ସୁଦ୍ଧା ସର୍ବାଧିକ ଏବଂ ଗତବର୍ଷ ତୁଳନାରେ ପ୍ରାୟ ଦେଢ଼ ଗୁଣ ଅଧିକ। କୃଷକମାନଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟର ପରିଚାଳନା, ସମୃଦ୍ଧ କୃଷକ ଯୋଜନାରେ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ଇନ୍ପୁଟ୍ ସହାୟତା ରାଶି, ଏଗ୍ରୀ ଷ୍ଟାକ୍, କୃଷକ ରେଜିଷ୍ଟ୍ରି ଭଳି ଡିଜିଟାଲ ସେବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ଲାଭ ଉଠାଇବାକୁ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ତରଫରୁ ପରାମର୍ଶ ଦିଆଯାଇଛି।

# ଖୁବ୍‌ଶୀଘ୍ର ୭ ନୂଆ ଏନ୍ଏସି ନେଇ ଘୋଷଣା: ମନ୍ତ୍ରୀ

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

- ଜିଲାପାଳ, ପଞ୍ଚାୟତିରାଜ ମନ୍ତ୍ରୀ ରିପୋର୍ଟ ଦେଇସାରିଲେଣି
- ବର୍ଷପୂର୍ତ୍ତି ଉତ୍ସବରେ ଏନେଇ ହୋଇପାରେ ଘୋଷଣା

ରାଜ୍ୟର ଭାଜପା ସରକାର ଆସନ୍ତା ୧୨ ତାରିଖରୁ ବର୍ଷପୂର୍ତ୍ତି ଉତ୍ସବ ପାଳନ କରିବାକୁ ଯାଉଛନ୍ତି। ଏଥିଲାଗି ସରକାରୀ ସ୍ତରରେ ବଡ଼ ଧରଣର ପ୍ରସ୍ତୁତି ଏକ ପ୍ରକାର ଆରମ୍ଭ ହୋଇଯାଇଛି। ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ପାଳନ କରିବା ନେଇ ସଚିବମାନଙ୍କ ସ୍ତରରେ ଏକ ପ୍ରକାର ଏଜେଣ୍ଡା ସ୍ଥିର ହୋଇସାରିଲାଣି। ତେବେ ବର୍ଷପୂର୍ତ୍ତି କାର୍ଯ୍ୟକ୍ରମ ପାଳନ ସମୟରେ ସରକାର କେତେକ ବଡ଼ ଧରଣର ଘୋଷଣା କରିପାରନ୍ତି ବୋଲି କୁହାଯାଉଛି। ଏହି ଅବସରରେ ରାଜ୍ୟରେ ୭ଟି ନୂଆ ଏନ୍ଏସି ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିପାରନ୍ତି ବୋଲି ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମନ୍ତ୍ରୀ ମହାପାତ୍ର କହିଛନ୍ତି, ଜନସାଧାରଣ କିମ୍ବା ଲୋକପ୍ରତିନିଧିମାନେ ଯେଉଁସବୁ ଅଞ୍ଚଳକୁ ଏନ୍ଏସି ମାନ୍ୟତା ଦେବା ଲାଗି ଦାବି କରିଥିଲେ ତା'ର ତଥ୍ୟ ନଗର ଉନ୍ନୟନ ବିଭାଗ ନିକଟକୁ ଆସିଥିଲା। ଏହାପରେ ଏ ସମ୍ବନ୍ଧରେ ଅଧିକ ତର୍ଜମାକରି ଏନ୍ଏସି ହେବା ଲାଗି ଉକ୍ତ ଅଞ୍ଚଳଗୁଡ଼ିକ ସବୁ ପ୍ରକାର ନିୟମ ପାଳନ କରୁଛନ୍ତି ନା ନାହିଁ ତା'ର ବିସ୍ତୃତ ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲାପାଳମାନଙ୍କୁ ତଥ୍ୟ ମଗାଯାଇଥିଲା। ଜିଲାପାଳମାନେ ମଧ୍ୟ ଏହାର ରିପୋର୍ଟ ସଂଗ୍ରହକରି ନଗର ଉନ୍ନୟନ ବିଭାଗକୁ ପଠାଇଥିଲେ। ଏହାପରେ ଉକ୍ତ ରିପୋର୍ଟ ପଞ୍ଚାୟତିରାଜ ବିଭାଗ ନିକଟକୁ ପଠାଇ ଦିଆଯାଇଛି। ପଞ୍ଚାୟତିରାଜ ବିଭାଗ ମଧ୍ୟ ତର୍ଜମା କରିସାରିବା ପରେ ଏହାକୁ ନଗର ଉନ୍ନୟନ ବିଭାଗକୁ ପଠାଇ ଦିଆଯାଇଛି। ଏହାର ତର୍ଜମା ସରିବା ପରେ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକାଶ ପାଇବ। ପ୍ରଥମ ପର୍ଯ୍ୟାୟରେ ୭ଟି ଏନ୍ଏସି ଘୋଷଣା ହେବାକୁ ଥିବାବେଳେ ପର୍ଯ୍ୟାୟକ୍ରମେ ଆହୁରି ଏନ୍ଏସି ଘୋଷଣା ହୋଇପାରେ ବୋଲି ଜଣାପଡ଼ିଛି।

# ସରକାରଙ୍କ ବର୍ଷପୂର୍ତ୍ତି ଉତ୍ସବ ପାଳନ ଯୋଜନାକୁ ବିରୋଧୀଙ୍କ ଟାର୍ଗେଟ

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

- ଏମାନେ ଉତ୍ସବ କରନ୍ତୁ, ଆମେ ଏମାନଙ୍କ ବିଫଳତା ଗଣିବୁ: ଭକ୍ତ
- ଏମାନଙ୍କ ବିଫଳତା ଗଣିଲେ ବର୍ଷେ ଲାଗିଯିବ: ପ୍ରସନ୍ନ

ରାଜ୍ୟରେ ଭାଜପା ସରକାର ତାଙ୍କ ବର୍ଷପୂର୍ତ୍ତି ଉତ୍ସବ ବଡ଼ ଧରଣରେ ପାଳନ କରିବାକୁ ଯାଉଛନ୍ତି। ରାଜ୍ୟବ୍ୟାପୀ ଏହି କାର୍ଯ୍ୟକ୍ରମ ପାଳନହେବାକୁ ଥିବାବେଳେ ବିରୋଧୀ ବିଜେଡି ଏବଂ କଂଗ୍ରେସ ଏନେଇ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଗତ ବର୍ଷକ ମଧ୍ୟରେ ସରକାରଙ୍କ ବିଫଳତା ଗଣିଲେ ବର୍ଷେ ଲାଗିଯିବ ବୋଲି ବିରୋଧୀ କହିଛନ୍ତି।

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ଭାଜପା ସରକାର ସବୁବେଳେ ଉତ୍ସବ କରିଆସିଛନ୍ତି। ଏ ସରକାର ବି ସେହିଭଳି। ଉତ୍ସବ, ପ୍ରଚାର ସବୁକିଛି କରାଯାଉ ହେଲେ ନାରୀର ସମ୍ମାନ, ସୁଭଦ୍ରାକୁ ନ୍ୟାୟଦେବା ଲାଗି ସବୁକିଛି କରନ୍ତୁ। ଏମାନେ ଉତ୍ସବ କରନ୍ତୁ, କଂଗ୍ରେସ ଏମାନଙ୍କ ଗୋଟିଏ ଗୋଟିଏ କରି ସବୁ ବିଫଳତା ଗଣିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯେଉଁଦିନ ଓଡ଼ିଶା ଆସିବେ ସେଦିନ ସୁଭଦ୍ରା ନ୍ୟାୟ ପାଇବେ। ସେମାନେ ନିର୍ବାଚନ ପୂର୍ବରୁ କେଉଁସବୁ ପ୍ରତିଶ୍ରୁତି ଦେଇଥିଲେ ସେଥିରୁ କ'ଣ ସବୁ ପାଳନ କରିଛନ୍ତି ତା'ର ହିସାବ ମଗାଯିବ। ପ୍ରଧାନମନ୍ତ୍ରୀ ଆସିବା ଦିନ ରାଜ୍ୟରେ ହଜାର ହଜାର ସୁଭଦ୍ରା ନ୍ୟାୟ ମାଗିବାକୁ ରାସ୍ତାକୁ ଆସିବେ ବୋଲି ଭକ୍ତ କହିଛନ୍ତି।

ବରିଷ୍ଠ ବିଜେଡି ନେତା ତଥା ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ସରକାର ବର୍ଷ ତମାମ କେବଳ ଉତ୍ସବ ପାଳିବାରେ ମସ୍‌ଗୁଲ ଅଛନ୍ତି, କାର୍ଯ୍ୟ କ୍ଷେତ୍ରରେ ଶୂନ୍। ସରକାରର ପ୍ରଥମ ବର୍ଷରେ ସଫଳତା ବୋଲି କିଛି ନାହିଁ। ରାଜ୍ୟର ଆଇନକାନୁନ୍ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି। ବିଜେଡି ସରକାର ସମୟରେ ଗ୍ରାମାଞ୍ଚଳରେ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା କାମଗୁଡ଼ିକ ଠପ୍ ହୋଇଯାଇଛି। ବିକାଶମୂଳକ କାର୍ଯ୍ୟ ଜମାରୁ ହେଉନାହିଁ। କେନ୍ଦ୍ରୀୟ ଯୋଜନାରେ ଆସୁଥିବା ଅନୁଦାନ ମଧ୍ୟ କମିଯାଇଛି। ବଜେଟ ଅର୍ଥ କ୍ଷେତ୍ରୀୟସ୍ତରରେ ଏ ସରକାର ଖର୍ଚ୍ଚ କରିପାରିନାହାନ୍ତି। ଗୋଟି ଗୋଟି କରି ସରକାରଙ୍କ ବିଫଳତା ଗଣିଲେ ବର୍ଷେ ଲାଗିଯିବ ବୋଲି ସେ କହିଛନ୍ତି।

କଂଗ୍ରେସ ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, ଏ ସରକାର ରାଜ୍ୟବ୍ୟାପୀ ଯେଉଁ ଉତ୍ସବ ପାଳନ କରିବାକୁ ଯାଉଛନ୍ତି ଏହା ନିରୁତ୍ସାହ। ସେମାନେ ସଫଳତା ନୁହେଁ ବିଫଳତାର ଉତ୍ସବ ପାଳନ କରିବା ଦରକାର। ଯଦି ସେମାନେ ବିଫଳତାର ପ୍ରଚାରକରିବେ ନାହିଁ ତେବେ ସଫଳତା ଆସିଲା କେଉଁଠୁ। ଏମାନଙ୍କ ସଫଳତା ବୋଲି କିଛି ନାହିଁ। କେବଳ ରଙ୍ଗ ବଦଳାଇବେ, ଯୋଜନାର ନାଁ ପରିବର୍ତ୍ତନ କରିବା ଛଡ଼ା ଆଉ କିଛି ଜାଣିନାହାନ୍ତି ବୋଲି ତାରା କହିଛନ୍ତି।

# ବିଜେଡି ଛାଡ଼ିଲେ ପ୍ରୟାସକାନ୍ତି

## ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା



ଭଦ୍ରକ ନୂଆବଜାରସ୍ଥିତ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରୟାସକାନ୍ତି ସାମଲ।

ଭଦ୍ରକ,୨୮।୫ (ସନାତନ ରାଉତ/ ରବିନାରାୟଣ ଖିଲାର)

ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ପୁଅ ପ୍ରୟାସକାନ୍ତି ସାମଲ ବୁଧବାର ବିଜେଡି ଛାଡ଼ିଛନ୍ତି। ଦଳର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଛନ୍ତି। ବ୍ୟକ୍ତିଗତ କାରଣରୁ ସେ ବିଜେଡିରୁ ଇସ୍ତଫା ଦେଇଛନ୍ତି। ତେବେ କୌଣସି ଦଳରେ ନ ରହି ସାଧାରଣ ଲୋକଙ୍କ ସେବା ଜାରି ରଖିବେ ବୋଲି ଅପରାହ୍ନ ୪ଟାରେ ଭଦ୍ରକ ନୂଆବଜାରସ୍ଥିତ ତାଙ୍କ ବାସଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରୟାସକାନ୍ତି କହିଛନ୍ତି।

ଗତ ସାଧାରଣ ନିର୍ବାଚନ ପରେ ରାଜ୍ୟରେ ଭାଜପା ସରକାର ଗଠନ କରିବା ପରଠାରୁ ବିଜେଡିର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ପ୍ରୟାସକାନ୍ତିଙ୍କୁ ନେଇ ଚର୍ଚ୍ଚା ଚାଲିଥିଲା। ସେ ଭାଜପା ସହ ଯୋଗାଯୋଗରେ ରହୁଥିବା ନେଇ ରାଜନୈତିକ ମହଲରେ ଆଲୋଚନା ହେଉଥିଲା। ସବୁ ଆଲୋଚନାର ଅନ୍ତ ଘଟାଇ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଥିବା ସେ ସୂଚନା ଦେଇଛନ୍ତି। ବାପା ଓ ସାନଭାଇ ବିଜେଡିରେ ଅଛନ୍ତି। ଗୋଟିଏ ପରିବାରର ୩ଜଣ ଗୋଟିଏ ଦଳରେ ରହିବା ଉଚିତ୍ ମନେ ନ କରି ସେ ଇସ୍ତଫା ଦେଇଛନ୍ତି। ବିଜେଡି ତାଙ୍କୁ ରାଜନୈତିକ ପରିଚୟ ଦେଇଥିବାରୁ ସେ କୃତଜ୍ଞ। ବର୍ତ୍ତମାନ କୌଣସି ରାଜନୈତିକ ଦଳରେ ଯୋଗଦେବା ନେଇ ନିଷ୍ପତ୍ତି ନେଇନାହାନ୍ତି। ଦଳ ଛାଡ଼ିବା ସମ୍ପର୍କରେ ସେ ତାଙ୍କ ବାପାଙ୍କୁ ଅବଗତ କରିନାହାନ୍ତି। ଖୁବ୍‌ଶୀଘ୍ର ବାପାଙ୍କୁ ଜଣାଇବେ ବୋଲି ସେ କହିଛନ୍ତି। ୨୦୦୨ରୁ ସେ ବିଜେଡିରେ ରହିବା ସହ ୨୦୦୩ରେ ଭଦ୍ରକ ପୌରପାଳିକାର ଅଧ୍ୟକ୍ଷ ଥିଲେ। ଦଳର ରାଜ୍ୟ ସାଧାରଣ ସମ୍ପାଦକ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ପ୍ରୟାସକାନ୍ତିଙ୍କ ଇସ୍ତଫାକୁ ନେଇ ଭଦ୍ରକ ରାଜନୀତିରେ ହଇଚଇ ସୃଷ୍ଟି ହୋଇଛି। ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକ ସମେତ ଭଦ୍ରକ ନିର୍ବାଚନମଣ୍ଡଳୀରେ ତାଙ୍କର ବହୁ ଅନୁଗତ, ସହଯୋଗୀ ରହିଛନ୍ତି। ସେ ଇସ୍ତଫା ଦେବା ପରେ ତାଙ୍କ ସହଯୋଗୀମାନେ ବିଜେଡି ପାଇଁ ସକ୍ରିୟ କାର୍ଯ୍ୟ କରିବେ କି ନାହିଁ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲାରେ ଜଣେ ଦୃଢ଼ ସଙ୍ଗଠକ ଭାବେ ପରିଚିତ ପ୍ରୟାସକାନ୍ତିଙ୍କ ଇସ୍ତଫା ବିଜେଡିରେ ପ୍ରଭାବ ପକାଇବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

# ଖଟିଆରେ ବୁହାହେଲେ ଗର୍ଭବତୀ, ନବଜାତକ ମୃତ

ଝରିଗାଁ,୨୮।୫(କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଇଚ୍ଛାପୁର ପଞ୍ଚାୟତ ଡୁମୁଣିଗୁଡ଼ା ଗ୍ରାମ ବିମଳା ଜାନୀଙ୍କ ବୁଧବାର ଅପରାହ୍ନରେ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ପରିବାର ଲୋକେ ଆମ୍ବୁଲାନ୍ସକୁ ଖବର ଦେଇଥିଲେ। ଗାଁକୁ ରାସ୍ତା ନ ଥିବାରୁ ତାହା ଦେଢ଼ କିମି ଦୂରରେ ଅଟକିଥିଲା। ଗ୍ରାମବାସୀ ବିମଳାଙ୍କୁ ଖଟିଆରେ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଲେ। ଆମ୍ବୁଲାନ୍ସ ମଧ୍ୟରେ ସେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଲେ। ତେବେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚିବା ପରେ ଡାକ୍ତର ଶିଶୁପୁତ୍ରକୁ ମୃତ ଘୋଷଣା କରିଥିଲେ।


**Government of Odisha** No. N-54
**Higher Education Department**

**MUKHYAMANTRI RESEARCH FELLOWSHIP-2025-26 UNDER MRIP**
************
**Timeline for Registration of Ph.D. Applicants under SAMS for the State Public Universities**

The timeline for **the Registration of Ph.D. Applicants** for the session 2025-26 in the State Public Universities under the Higher Education Departments as well as other Departments of the Government of Odisha, through the project 'Student Academic Management System (SAMS)' is given below. Any changes in the dateline will be published in the newspapers as well as in the website www.samsodisha.gov.in. The Common Prospectus (CP) for the said Course is available on the SAMS Portal. Kindly refer to the CP for the below mentioned activities.

| Sl# | Activities | Timeline |
|---|---|---|
| 1 | Availability of Online CAF in the website www.samsodisha.gov.in | 29-May-2025 (Thursday) **(04:00 PM)** |
| 2 | Last date of applying online CAF through www.samsodisha.gov.in | 24-Jun-2025 (Tuesday) **(11.45 PM)** |
| 3 | Editing of the CAF (If required), by the eligibile applicants for the CAF submitted earlier (New CAF submission is not allowed on this day) | 25-Jun-2025 (Wednesday) **(10.00 AM to 11.45 PM)** |
| 4 | Submision of applicant's data to Odisha State Higher Education Council (OSHEC) by OCAC | 03-July-2025 (Thursday) |
| 5 | Document Verification for the candidates by Odisha State Higher Education Council (OSHEC) | Dates will be notified by the Higher Education Department Later |

For more details please contact: e-Admission Helpline (Toll Free) Number 155335 / 1800-345-6770

**N.B.:** To enroll into the MRF, the candidates must be a permanent resident of Odisha. The candidates may complete the required Pre Ph.D. course work at any of the State Universities of Odisha or outside Odisha, but must have registered under an approved research guide at any of the state public universities of Odisha.

**OIPR-11001/11/0056/2526** **Sd./- Deputy Director, PTC Section**



**NATIONAL LAW UNIVERSITY ODISHA, CUTTACK**
(Established by Odisha Act IV of 2008)
Kathajodi Campus, Sector 13, CDA, Cuttack - 753015, Odisha
[Accredited by NAAC]

**Advertisement for Teaching Positions at NLUO**
**Advt No.: NLUO/FR-001/29.05.2025**

| Sl. No. | Position | Subject | No. of Posts | Reservation | Pay Level/ Details | Nature of Appointment |
|---|---|---|---|---|---|---|
| 1 | Assistant Professor (Contractual) | English | 1 | UR | Consolidated Salary of Rs. 50,000/- P.M. | One year Contract |
| 2 | Assistant Professor (Contractual) | Political Science | 1 | UR | Consolidated Salary of Rs. 50,000/- P.M. | One year Contract |
| 3 | Guest Faculty | Indian Legal System, Advocacy for Marginalized Communities, Access to Justice, Legal Drafting, Equality and Inclusiveness, Social Entrepreneurship, IT Expertise I, Case Knowledge Management | 08 (One each) | UR | Rs. 1500/- Per class | Purely temporary for one semester |

The interested and eligible candidates are to apply by using the available details on the Career section of the University website www.nluo.ac.in latest by **10.06.2025 by 5.00 P.M.**

**Note:**
1. The filled-in application form along with the relevant documents, all proof of qualifications, experiences and required Demand Draft should reach the Registrar, National Law University Odisha, Kathjodi Campus, C.D.A., Sector-13, Cuttack-753 015 on **10.06.2025** by **5.00 P.M.**
2. Only short-listed candidates will be called for Interview.
3. No TA/DA will be given for attending the Interview.
4. For any updates please visit University website regularly, no separate communication will be made to the candidates.

**Sd/- Registrar**



**भारतीय रिज़र्व बैंक**
**RESERVE BANK OF INDIA**
www.rbi.org.in

**भारतीय रिज़र्व बैंक द्वारा विनियमित संस्थाओं, के विरुद्ध शिकायतों का निवारण**

**रिज़र्व बैंक – एकीकृत ओम्बड्समैन योजना (आरबी–आईओएस)**

- रिज़र्व बैंक ने अपनी सभी विनियमित संस्थाओं को उनके ग्राहकों से प्राप्त शिकायतों का समाधान करने हेतु अपने स्तर पर एक व्यवस्था बनाए रखने का आदेश दिया है, जिसे विनियमित संस्थाओं का आंतरिक शिकायत निवारण तंत्र माना जाता है।
- रिज़र्व बैंक ने, रिज़र्व बैंक – एकीकृत ओम्बड्समैन योजना, 2021 (आरबी–आईओएस) के माध्यम से अपनी विनियमित संस्थाओं द्वारा प्रदान की गई सेवाओं में कमियों से संबंधित ग्राहक शिकायतों के समाधान के लिए एक त्वरित और नि:शुल्क वैकल्पिक शिकायत निवारण तंत्र भी स्थापित किया है।
- बैंकों, गैर–बैंकिंग वित्तीय कंपनियों (एनबीएफसी), भुगतान प्रणाली प्रतिभागियों (पीएसपी) और साख सूचना कंपनियों (सीआईसी) को शिकायत निवारण तंत्र के तहत विनियमित संस्थाओं के रूप में माना जाता है।
- किसी भी विनियमित संस्था के विरुद्ध सभी शिकायतों के लिए आरबी–आईओएस ''एक राष्ट्र एक ओम्बड्समैन'' दृष्टिकोण अपनाता है। अत: शिकायतकर्ता के लिए अब यह जानना आवश्यक नहीं है कि उसे किस ओम्बड्समैन योजना/कार्यालय के तहत ओम्बड्समैन के पास शिकायत दर्ज करानी चाहिए।
- आरबी–आईओएस के अंतर्गत नहीं आने वाली विनियमित संस्थाओं के विरुद्ध शिकायतों का समाधान भारतीय रिज़र्व बैंक के उपभोक्ता शिक्षण और संरक्षण कक्षों (सीईपीसी) द्वारा किया जाता है।
- आरबी–आईओएस और सीईपीसी के दायरे में आने वाली संस्थांओं की सूची https://cms.rbi.org.in पर देखी जा सकती है।

**अगर आपको शिकायत हो तो क्या करें?**

आप विनियमित संस्थाओं के विरूद्ध उसकी शाखा में या शिकायत निवारण पोर्टल पर ऑनलाइन या उसकी वेबसाइट पर बताए गए किसी अन्य तरीके से शिकायत दर्ज करा सकते हैं। शिकायत की पावती प्राप्त करें या संदर्भ संख्या सुरक्षित रखें।

**आरबीआई ओम्बड्समैन से संपर्क कब करें?**

आप निम्नलिखित मामलों में आरबीआई ओम्बड्समैन से संपर्क कर सकते हैं:
- **विनियमित संस्थाओं से 30 दिन के भीतर कोई उत्तर प्राप्त नहीं होने पर –** विनियमित संस्थाओं को की गई आपकी शिकायत की तारीख से एक वर्ष और 30 दिन के भीतर कभी भी।
- **विनियमित संस्थाओं से प्राप्त उत्तर असंतोषजनक है –** संबंधित विनियमित संस्थाओं से उत्तर प्राप्त होने के एक वर्ष के भीतर कभी भी।

**ध्यान दें:**
- आरबी–आईओएस में निर्दिष्ट शिकायत फार्म के अनुसार सभी अपेक्षित विवरण/जानकारी शिकायत में शामिल होनी चाहिए।
- शिकायत किसी अन्य मंच (जैसे न्यायालय) में निपटाई गई/लंबित नहीं होनी चाहिए या आरबीआई ओम्बड्समैन द्वारा पहले निपटाई नहीं गई हो।
- **विनियमित संस्था से संपर्क किए बिना आरबीआई ओम्बड्समैन के पास सीधे शिकायत दर्ज कराने पर उसे अस्वीकार किया जा सकता है।**

**आरबीआई के पास शिकायत कैसे दर्ज करें?**

विनियमित संस्थाओं के विरुद्ध कोई भी शिकायत निम्न किसी भी माध्यम द्वारा दर्ज की जा सकती है:
- आरबीआई के शिकायत प्रबंध प्रणाली (सीएमएस) पोर्टल https://cms.rbi.org.in के माध्यम से ऑनलाइन।
- आरबी–आईओएस के अनुबंध में निर्दिष्ट फॉर्म में भौतिक शिकायत (पत्र/डाक) ''केंद्रीकृत प्राप्ति और प्रसंस्करण केंद्र, चौथी मंजिल, भारतीय रिज़र्व बैंक, सेक्टर –17, सेंट्रल विस्टा, चंडीगढ़ – 160017'' को प्रेषित की जा सकती है।

**आरबीआई के पास शिकायत दर्ज करने के बारे में अधिक जानकारी कैसे प्राप्त करें?**

अधिक जानकारी के लिए आप आरबीआई संपर्क केंद्र के टोल–फ्री नंबर 14448 पर संपर्क कर सकते हैं। इंटरएक्टिव वॉयस रिस्पांस सिस्टम (आईवीआरएस) युक्त संपर्क केंद्र 24x7 उपलब्ध है, जबकि संपर्क केंद्र कर्मियों से अंग्रेजी, हिंदी और दस क्षेत्रीय भाषाओं (असमिया, बंगाली, गुजराती, कन्नड़, मलयालम, मराठी, ओडिया, पंजाबी, तेलुगु और तमिल) में बात करने की सुविधा राष्ट्रीय अवकाशों को छोड़कर सोमवार से शनिवार सुबह 8:00 बजे से रात 10:00 बजे के बीच उपलब्ध है।

**अधिक जानकारी के लिए**

कृपया देखें:
भारतीय रिज़र्व बैंक – एकीकृत ओम्बड्समैन योजना, 2021 पर अक्सर पूछे जाने वाले प्रश्न –
https://www.rbi.org.in/hindi/Scripts/Faqs.aspx?did=56
या
सीएमएस पोर्टल – https://cms.rbi.org.in

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୮।୦୫।୨୦୨୫

| | |
|---|---|
| ୪,୮୦, ୪୩୬ ଟଙ୍କା | |
| ସୁନା | ୭.୬୦୦ ଗ୍ରାମ୍ |
| ରୁପା | ୭୦.୯୦୦ ଗ୍ରାମ୍ |

# ପାଣିଘେରରେ ସୂର୍ଯ୍ୟମନ୍ଦିର

**କୋଣାର୍କ,୨୮।୫(ଜ୍ୟୋତିରାଜ ମହାନ୍ତି)**

କୋଣାର୍କ ସୂର୍ଯ୍ୟମନ୍ଦିର ନିଜର ସୂକ୍ଷ୍ମ କାରୁକାର୍ଯ୍ୟ, କଳାକୃତି, ଐତିହ୍ୟ, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ପାଇଁ ବିଶ୍ୱର କୋଣଅନୁକୋଣରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଗତ ୨ ଦିନ ଧରି ଲଘୁଚାପଜନିତ ବର୍ଷାରେ ସୂର୍ଯ୍ୟମନ୍ଦିର ପରିସରରେ ବର୍ଷାଜଳ ଲହଡ଼ି ମାରୁଛି। ଫଳରେ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି।

ପ୍ରକାଶ ଯେ, ସୂର୍ଯ୍ୟ ମନ୍ଦିର ପରିସରରୁ ବର୍ଷାପାଣି ନିଷ୍କାସନ ପାଇଁ ଏଏସ୍ଆଇ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସ୍ଥାୟୀ ଯୋଜନା କାର୍ଯ୍ୟକାରୀ କରୁ ନ ଥିବା ଯୋଗୁ ମନ୍ଦିର ପରିସରରୁ ବର୍ଷାପାଣି ନିଷ୍କାସିତ ହେବାରେ ପ୍ରତିବନ୍ଧକ ସୃଷ୍ଟି ହେଉଛି। ମନ୍ଦିର ପରିସରରେ ବର୍ଷାପାଣି ନିଷ୍କାସନ ନ ହେବା ଫଳରେ ସୂର୍ଯ୍ୟ ମନ୍ଦିର ଦବିବା ସହ ଐତିହ୍ୟ କୀର୍ତ୍ତିରାଜି ପ୍ରତି ବିପଦ ଆଶଙ୍କା ସୃଷ୍ଟି ହୋଇଛି। ଏହି ସମସ୍ୟା ଦୀର୍ଘ ଦିନ ଧରି ଲାଗି ରହିଥିବା ବେଳେ ସୂର୍ଯ୍ୟ ମନ୍ଦିର ଦାୟିତ୍ୱରେ ଥିବା ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା ମନ୍ଦିର ପରିସରରୁ ବର୍ଷାପାଣି ନିଷ୍କାସନ ନିମନ୍ତେ କୌଣସି ସ୍ଥାୟୀ ପଦକ୍ଷେପ ଗ୍ରହଣ କରୁନାହିଁ ବୋଲି ଐତିହ୍ୟ ବିଶାରଦ ମତବ୍ୟକ୍ତ କରିଛନ୍ତି। ଜମୁଥିବା ବର୍ଷାପାଣି ମନ୍ଦିର ପରିସରରୁ ନିଷ୍କାସିତ ହୋଇ ପାରୁ ନ ଥିବା ବେଳେ ଏହା ଚତୁପାର୍ଶ୍ୱରେ ଜମି ରହୁଥିବା ଦେଖିବାକୁ ମିଳୁଛି। ବୁଧବାର ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ କାଁ ଭାଁ ପର୍ଯ୍ୟଟକ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିଲେ। ହେଲେ ବର୍ଷାଜଳ ଥିବାରୁ ଫେରି ଯାଇଥିବା ଦେଖାଯାଇଛି। ସୂର୍ଯ୍ୟ ମନ୍ଦିର ପରିସରରେ ଜମୁଥିବା ବର୍ଷାପାଣି ନିଷ୍କାସନ ନିମନ୍ତେ ଏଏସ୍ଆଇର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏକ ସ୍ଥାୟୀ ଯୋଜନା ପ୍ରସ୍ତୁତ କରିବା ସହ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଏଏସ୍ଆଇ ମହାନିର୍ଦ୍ଦେଶକ, ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ନଗର ଉନ୍ନୟନ ମନ୍ତ୍ରୀ, ବିଭାଗୀୟ ସଚିବ ଓ ପୁରୀ ଜିଲାପାଳଙ୍କୁ କୋଣାର୍କ ଅଞ୍ଚଳର ସାମାଜିକ କର୍ମୀ, ସଚେତନ ନାଗରିକ, ବୁଦ୍ଧିଜୀବୀ, ଐତିହ୍ୟ ବିଶାରଦ, ଗବେଷକଙ୍କ ପକ୍ଷରୁ ଦାବି କରାଯାଇଛି।

## ପିପିଲିରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ନେଇ ବିଜେଡିର ବିକ୍ଷୋଭ



ବିଜେଡି ନେତା ଓ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

**ପିପିଲି,୨୮।୫(ପ୍ରଭାତ କୁମାର ମହାପାତ୍ର/ ଦୁର୍ଗାମାଧବ ମିଶ୍ର)**

ପିପିଲିରେ ମହିଳା ଆର୍ଆଇଙ୍କୁ ଅତିରିକ୍ତ ତହସିଲଦାରଙ୍କ ଅସଦାଚରଣ ପ୍ରତିବାଦରେ ବିଜେଡି ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅସଦାଚରଣ କରିବାର ସିସିଟିଭି ଫୁଟେଜ ସହ ଅନେକ ପ୍ରମାଣ ଥିବାବେଳେ କାହିଁକି ଗିରଫ କରାଯାଇନାହିଁ, ତାଙ୍କର ଗିରଫ ଦାବିକରି ଏହି ପ୍ରତିବାଦ ସଭା କରାଯାଇଛି। ଏଥିସହ ଅଞ୍ଚଳରେ ଦିନକୁ ଦିନ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ସହ ଶିଶୁ ହତ୍ୟା, ନାବାଳିକାଙ୍କୁ ବଳାତ୍କର ଓ ଗର୍ଭବତୀ ଏବଂ ମହିଳାଙ୍କୁ ଅସମ୍ମାନ, ନିର୍ଯାତନା ଓ ବେଆଇନ ନିଶା କାରବାର, ବାଲି ଚୋରାଚାଲାଣ ପ୍ରତିବାଦରେ ବିଜେଡି ପକ୍ଷରୁ ପ୍ରତିବାଦ ସଭା ସହ ମୁଖ୍ୟମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବୁଧବାର ଅପରାହ୍ନରେ ପିପିଲିର ପୂର୍ବତନ ବିଧାୟକ ରୁଦ୍ରପ୍ରତାପ ମହାରଥୀଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ପିପିଲି ବ୍ଲକ ହାଟ ଛକଠାରେ ଏକତ୍ରିତ ହୋଇ ପ୍ରତିବାଦ ସଭା କରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି ଦେଇଥିଲେ। ପିପିଲିରେ ବାରମ୍ବାର ଲଜ୍ଜାଜନକ ଘଟଣାଗୁଡ଼ିକୁ ନିନ୍ଦା କରିବା ସହ ପିପିଲି ଆର୍ଆଇଙ୍କ ପ୍ରତି ହୋଇଥିବା ଅସଦାଚରଣ ଘଟଣାରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ବିଳମ୍ବକୁ ଘୋର ନିନ୍ଦା କରିଥିଲେ। ଏହା ସଂପୃକ୍ତ ଅତିରିକ୍ତ ତହସିଲଦାରଙ୍କୁ ତୁରନ୍ତ ଗିରଫ ପାଇଁ ଦାବିକରି ଭାଜପା ସରକାରଙ୍କ ବିରୋଧରେ କଟାକ୍ଷ କରିଥିଲେ। କାର୍ଯ୍ୟକ୍ରମରେ ବିଜେଡିର ପିପିଲି ବ୍ଲକ ସଭାପତି ତଥା ଉପାଧ୍ୟକ୍ଷ ପ୍ରଫୁଲ୍ଲ ସ୍ୱାଇଁ, ପିପିଲି ଏନ୍ଏସି ଅଧ୍ୟକ୍ଷ ସେକ୍ ବାବୁ, ଉପାଧ୍ୟକ୍ଷ ଭାଗ୍ୟବତୀ ମହାରଣା, ଜିଲା ପରିଷଦ ସଦସ୍ୟ ଧରଣୀଧର ସାହୁ, ପୂର୍ବତନ ସରପଞ୍ଚ କୁଞ୍ଜମୋହନ ଦାଶ, ସରପଞ୍ଚ ଧ୍ରୁବଚରଣ ପ୍ରଧାନ, ପ୍ରଦୀପ୍ତ ମିଶ୍ର, ବିଜେଡି ନେତା ଦେବାଶିଷ ନନ୍ଦ, ଆର୍ତ୍ତବନ୍ଧୁ ସାମନ୍ତରାୟ, ପ୍ରକାଶ ଧଳ, ଆଶିଷ ବରାଳ, ବରିଷ୍ଠ ବିଜେଡି ନେତା ଶରତ ବେହେରା, ସମିତିସଭ୍ୟ ରଶ୍ମିରଞ୍ଜନ ଭଞ୍ଜ, ବିଶ୍ୱଜିତ୍ ଦାଶ, ସୌମ୍ୟରଞ୍ଜନ ମହାପାତ୍ର, କାଉନ୍ସିଲର ଚନ୍ଦନ ସେଠୀ ପ୍ରମୁଖଙ୍କ ସହ ଶତାଧିକ କର୍ମୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ଡ୍ରେନ୍ ନ ଥିବାରୁ ରାସ୍ତାରେ ଜମୁଛି ବର୍ଷାଜଳ

**ଯୋଗେଶ୍ୱରପୁର,୨୮।୫(ରଶ୍ମିରଞ୍ଜନ ସାହୁ):** ନୟାହାଟ ବଜାରରେ ବର୍ଷାଜଳ ନିଷ୍କାସନ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ଡ୍ରେନ୍ ନିର୍ମାଣ କରାଯାଇ ନ ଥିବାରୁ ସାମାନ୍ୟ ବର୍ଷାହେଲେ ବର୍ଷାଜଳ ଜମି ରହୁଛି। ଫଳରେ ଗାଡ଼ିମୋଟର ଯାତାୟାତ ବେଳେ ଚାଲିକରି ଯାଉଥିବା ଲୋକଙ୍କ ଉପରେ ପାଣି ପଡୁଛି। ନୟାହାଟ କଲେଜ ଛକ ଓ ହାଇସ୍କୁଲ ନିକଟରେ ବର୍ଷାଜଳ ରାସ୍ତା ଉପରେ ଜମିରହିଛି। କାକଟପୁର ପୂର୍ତ୍ତ ବିଭାଗ ଅଧୀନରେ ଏହି ରାସ୍ତା ଯାଉଥିବା ବେଳେ ପ୍ରତିଦିନ ବିଭାଗୀୟ ଯନ୍ତ୍ରୀ ଯାଉଥିଲେ ମଧ୍ୟ ତାଙ୍କର କିପରି ଦୃଷ୍ଟି ପଡୁନାହିଁ, ତାହାକୁ ନେଇ ନୟାହାଟ ବ୍ୟବସାୟୀ ସଂଘ ସଭାପତି ଫକୀର ବାରିକ ଓ ସମ୍ପାଦକ ସୁବାସ ପାତ୍ର ଅଭିଯୋଗ କରିଛନ୍ତି। ବର୍ଷାଋତୁ ଆରମ୍ଭରୁ ରାସ୍ତା ଉପରେ ପାଣି ଜମୁଥିବା ବେଳେ ଲଗାଣ ବର୍ଷା ହେଲେ ଉକ୍ତ ରାସ୍ତାରେ ପାଣି ଲହଡ଼ି ମାରୁଥିବା ସଭାପତି କହିଛନ୍ତି। ରାସ୍ତାପାର୍ଶ୍ୱରେ କୁଣ୍ଢେଇ କେନାଲ ଯାଇଥିବାରୁ ସେଥିମଧ୍ୟକୁ ପାଣି ନିଷ୍କାସନ ପାଇଁ ପୂର୍ତ୍ତ ବିଭାଗକୁ ନୟାହାଟ ବ୍ୟବସାୟୀ ସଂଘ ନିବେଦନ କରିଛି।

### ରାକେଶ ହେଲେ ଏମ୍ପିଙ୍କ ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗ ପ୍ରତିନିଧି

**ଅସ୍ତରଙ୍ଗ/କାକଟପୁର,୨୮।୫ (ମମତା ଜେନା/ ପ୍ରଦୀପ୍ତ କୁମାର ଦୀକ୍ଷିତ/ଶୁଭ ଦର୍ଶନ ମିଶ୍ର):** କାକଟପୁର ନିର୍ବାଚନମଣ୍ଡଳୀର ଭାଜପା ଯୁବ ସଂଗଠକ ରାକେଶ କୁମାର ବିଶ୍ୱାଳଙ୍କୁ ଜଗତ୍ସିଂହପୁର ଏମ୍ପି ବିଭୁ ପ୍ରସାଦ ତରାଇ ପୁରୀ ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧି ଭାବେ ମନୋନୀତ କରିଛନ୍ତି।



ପ୍ରତିନିଧି ଭାବେ ଦାୟିତ୍ୱ ନେବା ପରେ ବିଶ୍ୱାଳ ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସାଧାରଣ ଲୋକେ କିଭଳି ଉନ୍ନତମାନର ଚିକିତ୍ସା ପାଇପାରିବେ ସେ ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ରାକେଶ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏମ୍ପି ବିଭୁ ପ୍ରସାଦ ତରାଇଙ୍କୁ କୃତଜ୍ଞତା ଜଣାଇଛନ୍ତି। ପୁରୀ ଜିଲାରେ ସ୍ୱାସ୍ଥ୍ୟ ବିଭାଗର ଅଗ୍ରଗତି ପାଇଁ କାର୍ଯ୍ୟ କରିବେ ବୋଲି ରାକେଶ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ଏହି ଦାୟିତ୍ୱ ମିଳିବା ପରେ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

### ବର୍ଷୀୟାନ ନେତାଙ୍କ ପରଲୋକ

**ବଳଙ୍ଗା,୨୮।୫(କେଦାରେଶ୍ୱର ନନ୍ଦ):** କୋଠକୁସାଙ୍ଗ ପଞ୍ଚାୟତ ଅନ୍ତର୍ଗତ କେସିଙ୍ଗା ଗ୍ରାମର ବର୍ଷୀୟାନ୍ ନେତା କୃଷ୍ଣଚନ୍ଦ୍ର ଖୁଣ୍ଟିଆ (୭୫)ଙ୍କ ବୁଧବାର ପୂର୍ବାହ୍ନରେ ନିଜ ବାସଭବନରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଦୁଇ ପୁଅ ଅଶୋକ, ପ୍ରଦୀପ୍ତ ଓ ଝିଅ, ବୋହୂ, ନାତି ନାତୁଣୀଙ୍କ ସହ ପରିବାରବର୍ଗ ଉପସ୍ଥିତ ଥିଲେ। ସେ ତାଙ୍କ ଜୀବନ କାଳରେ ନାଏବ ସରପଞ୍ଚ, ସମବାୟ ସମିତି ସଭାପତି, ପାଣି ପଞ୍ଚାୟତର କୋଷାଧ୍ୟକ୍ଷ ଓ ଗ୍ରାମର ମୁରବି ଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ଖବରପାଇ ବିଭିନ୍ନ ରାଜନୈତିକ ଦଳର ନେତାମାନେ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ମରଶରୀରକୁ ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ଅଶୋକ ଓ ସାନପୁଅ ପ୍ରଦୀପ୍ତ ମୁଖାଗ୍ନି ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଙ୍କ ସହ ଯୁବ ସଂସଦ ପ୍ରତିନିଧିମାନେ।

## ଜଳବାୟୁ ପରିବର୍ତ୍ତନରେ ସୃଷ୍ଟ ପ୍ରତିବନ୍ଧକ ଦୂର ପାଇଁ ପ୍ରଚେଷ୍ଟା ଲୋଡ଼ା

**ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସ**

**କୋଣାର୍କ,୨୮।୫(ଜ୍ୟୋତିରାଜ ମହାନ୍ତି)**

କୋଣାର୍କସ୍ଥିତ ଯାତ୍ରୀନିବାସ ବାଙ୍କୁଏଟ୍ ହଲ୍ଠାରେ ଆୟୋଜିତ ହେଉଥିବା ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମର ଆଜି ଥିଲା ଦ୍ୱିତୀୟ ଦିବସ। ବୁଧବାର ପୂର୍ବାହ୍ନରେ ସଂଗଠନ ପ୍ରୋଜେକ୍ଟ ପଏଣ୍ଟ ଓ ୟଙ୍ଗ୍ ଇଣ୍ଡିଆ ମିଳିତ ଆନୁକୂଲ୍ୟରେ ଜାତୀୟ ଯୁବ ସଂସଦ କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଭାରତବର୍ଷର ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଥିବା ୮୧ ଜଣ ଯୁବ ସଂସଦ ପ୍ରତିନିଧିଙ୍କୁ ନେଇ ଭାରତ ବର୍ଷର ଅଖଣ୍ଡତା, ସାର୍ବଭୌମତ୍ୱ ଓ ସର୍ବୋପରି ଅପରେଶନ ସିନ୍ଦୂରରେ ଭାରତୀୟ ସେନା ବାହିନୀର ସଫଳତା ପରିପ୍ରେକ୍ଷୀରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା କୋଣାର୍କ ଯାତ୍ରୀନିବାସ ଠାରୁ ବାହାରି ସୂର୍ଯ୍ୟ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା।

ଦ୍ୱିତୀୟ ଦିବସରେ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ, ଯୁବ ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ, ବସନ୍ତ ମଞ୍ଜରୀ ପାଠାଗାରର ସମ୍ପାଦକ ତଥା ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି, ରେଡିଓ ନମସ୍କାର ଅଧ୍ୟକ୍ଷ ଏନ୍. ଏ. ଶାହା ଆନ୍ସାରୀ, ପରିବେଶବିତ୍ ସତ୍ୟବ୍ରତ ସାମଲ, ପ୍ରୋଜେକ୍ଟ ପଏଣ୍ଟର ଅଧ୍ୟକ୍ଷ ସଂଗ୍ରାମ କେଶରୀ ସାମନ୍ତରାୟ ଓ କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ତଥା ଶିକ୍ଷାବିତ୍ ରବୀନ୍ଦ୍ର ନାଥ ବାହିନୀପତି ପ୍ରମୁଖ ଯୋଗଦେଇ ପ୍ରତିନିଧିମାନଙ୍କୁ ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ସାମ୍ପ୍ରତିକ ସମୟରେ ଜଳବାୟୁ ପରିବର୍ତ୍ତନ ଦିଗରେ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରତିବନ୍ଧକ ଦୂର କରିବା ପାଇଁ ସାମୂହିକ ପ୍ରଚେଷ୍ଟା ଜାରି ରଖିବାକୁ ଯୁବ ପରିବେଶବିତ୍ ସୌମ୍ୟରଞ୍ଜନ ବିଶ୍ୱାଳ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଜାତୀୟ ଯୁବ ସଂସଦର ପ୍ରତିଯୋଗୀମାନେ ଜଳବାୟୁ ପରିବର୍ତ୍ତନ ଦିଗରେ ମିଳିତ ଭାବେ କାର୍ଯ୍ୟ କରିବା ପାଇଁ ସାମୂହିକ ଶପଥ ପାଠ କରିଥିଲେ। କାର୍ଯ୍ୟକ୍ରମକୁ ବିକ୍ରମ ସାମନ୍ତରାୟ, ନିରଞ୍ଜନ ତ୍ରିପାଠୀ, ଭାଗୀରଥି ପାଇକରାୟ, ଆଭାସ ମୁଦୁଲି, ସୁଭଦ୍ରା ସାହୁ, ଅଭିନୀତ ସ୍ୱାଇଁ, ରାକେଶ ମଲ୍ଲିକ, ରାଜଶ୍ରୀ ନାଥ ଓ ପିନାକୀ ପ୍ରସାଦ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

## ବାଦୀପାଲା ମହୋତ୍ସବ ଉଦ୍ଯାପିତ

**ଅସ୍ତରଙ୍ଗ,୨୮।୫(ମମତା ଜେନା)**

ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ବଙ୍କୁରୀ ଗ୍ରାମର ମା' ନାରାୟଣୀ ପାଲା ଅନୁଷ୍ଠାନର ୫ ଦିବସୀୟ ବାଦୀପାଲା ମହୋତ୍ସବ ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ଦାଶ, ଆଇନଜୀବୀ ହରେକୃଷ୍ଣ ସ୍ୱାଇଁ, ମୁଖ୍ୟବକ୍ତା ଡେପୁଟି ମ୍ୟାନେଜର ନାଲ୍କୋ ବିଜୟ କୁମାର ମଲିକ, ଅବସରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମଲିକ, ସାମାଜିକ କର୍ମୀ ସୂର୍ଯ୍ୟକାନ୍ତ ଦଳାଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉତ୍କଳର ପାଲାଗାୟକମାନଙ୍କୁ ସାହିତ୍ୟ ଓ ସଂସ୍କୃତିର ରକ୍ଷକ ବୋଲି ବକ୍ତବ୍ୟରେ କହିଥିଲେ। ଅଖଣ୍ଡ ପୁରୀ ଜିଲାର ସାଂସ୍କୃତିକ ସମ୍ପାଦକ ମଙ୍ଗରାଜ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ଗାୟକବ୍ୟାସ ଲକ୍ଷ୍ମୀଧର ଓ ଗାୟକ ବାଚସ୍ପତି ବନବିହାରୀ ଗ୍ରହାଚାର୍ଯ୍ୟ ଏବଂ ସାଥୀମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗ୍ରାମ୍ୟ କମିଟିର ସମ୍ପାଦକ କୈଳାସ ଚନ୍ଦ୍ର ମଲିକ, ଶରତ ଚନ୍ଦ୍ର ଖଟୋଇ, ଅଲେଖ ସାହୁ, ପ୍ରଭାକର ବାରିକ, ବିଜୟ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଦୁଃଶାସନ ମହାରଣା, ଝାଟୁ ସ୍ୱାଇଁ, ଯୋଗେନ୍ଦ୍ର ସ୍ୱାଇଁ, କୁଳମଣି ବିଶ୍ୱାଳ, ଧୋବେଇ ନାୟକ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଗ୍ରାମ୍ୟ କମିଟି ସଭାପତି ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ ଗ୍ରାମବାସୀ ଓ ଦୁଇ ପାଲାକାର ସହକର୍ମୀଙ୍କୁ ସାଧୁବାଦ ଦେଇଥିଲେ। ସମ୍ପାଦକ ମଲିକ ଧନ୍ୟବାଦ ଦେଇଥିଲେ।

## ସମ୍ବିତ୍ ପାତ୍ରଙ୍କୁ ସାମ୍ବାଦିକ ସଂଘର ଶୁଭେଚ୍ଛା

**ପିପିଲି,୨୮।୫(ଦୁର୍ଗାମାଧବ ମିଶ୍ର)**

ପ୍ରେସ୍ କାଉନ୍ସିଲ ଅଫ୍ ଇଣ୍ଡିଆର ସଦସ୍ୟ ଭାବେ ଓଡ଼ିଶାରୁ ଏକମାତ୍ର ପୁରୀ ଏମ୍ପି ସମ୍ବିତ୍ ପାତ୍ର ମନୋନୀତ ହେବା ଅବସରରେ ଓଡ଼ିଶାର କଳିଙ୍ଗ ୟୁନିୟନ ଅଫ୍ ୱାର୍କିଂ ଜର୍ନାଲିଷ୍ଟ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି। ରାଜ୍ୟ ସଂଘ ସଭାପତି ମନୋଜ ଦାସ ଓ ସାଧାରଣ ସମ୍ପାଦକ ରାଜକିଶୋର ସ୍ୱାଇଁ, ଉପସଭାପତି ବିନାୟକ ମିଶ୍ର, ସୌରଭ ପଟ୍ଟନାୟକ, ଦୁଃଶାସନ ନାୟକ, ବାସୁଦେବ ବରାଡ଼, ସୂର୍ଯ୍ୟନାରାୟଣ ପ୍ରଧାନ, ଗଙ୍ଗାଧର ଦାଶ, ଜୟସେନ ପରିଡ଼ା, ସତ୍ୟଜିତ୍ ଦାଶ, ଜୟକାନ୍ତ ରାଉତ, ନିରାକାର ଦଳେଇ, କମଳ ଦଳେଇଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତା, ଜିଲା ସଂଗଠନ କର୍ମକର୍ତ୍ତା ଏବଂ ସମସ୍ତ ସଦସ୍ୟ ପାତ୍ରଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି।

## ବାଇପାସ୍ ରାସ୍ତା, ନଦୀବନ୍ଧ କାର୍ଯ୍ୟ ବୁଲି ଦେଖିଲେ ଅଧୀକ୍ଷଣ ଯନ୍ତ୍ରୀ

**ଗୋପ,୨୮।୫(ଭାରତୀ ଭୂଷଣ ଉପାଧ୍ୟାୟ)**

ଗୋପ ବ୍ରାଞ୍ଚ କେନାଲ ବନ୍ଧ ଉପରେ ଚାଲିଥିବା ବାଇପାସ୍ ରାସ୍ତା କାର୍ଯ୍ୟ ସହ ମଦରଙ୍ଗ- ଷୋଳପୁର କୁଶଭଦ୍ରା ନଦୀବନ୍ଧର ତିନିମୁହାଣୀଠାରେ ଚାଲିଥିବା କାର୍ଯ୍ୟକୁ ନିମାପଡ଼ା ଜଳ ସମ୍ପଦ ବିଭାଗରେ ନୂତନ ଭାବେ ଯୋଗଦେଇଥିବା ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ କୁମାର ପୋଥାଳ ବୁଧବାର ମଧ୍ୟାହ୍ନରେ ବୁଲି ଦେଖିଛନ୍ତି। ଏହି ବାଇପାସ୍ ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହେବାପରେ ଦୈନନ୍ଦିନ ଏହି ରାସ୍ତା ଉପରେ ଭାରିଯାନଠାରୁ ଆରମ୍ଭକରି କୋଣାର୍କ, ପୁରୀ ବୁଲି ଯାଉଥିବା ପର୍ଯ୍ୟଟକଙ୍କ ଗାଡ଼ି ଯା' ଆସ କରିବା ସହ ଗୋପ ବଜାରରେ ଟ୍ରାଫିକ୍ ସମସ୍ୟା ହ୍ରାସ ପାଇବ। ତତ୍ସହିତ କୁଶଭଦ୍ରା ନଦୀ ବନ୍ଧର ତିନିମୁହାଣୀଠାରେ ଚାଲିଥିବା କାର୍ଯ୍ୟ ବନ୍ୟା ସମୟରେ ସାଧାରଣ ଲୋକଙ୍କ ଆବଶ୍ୟକରେ ଆସିବ ବୋଲି ସୂଚନା ଦେଇଥିଲେ।



ଗୋପ ବ୍ରାଞ୍ଚ କେନାଲ ବନ୍ଧ ଉପରେ ନିର୍ମାଣାଧୀନ ବାଇପାସ ରାସ୍ତା କାର୍ଯ୍ୟକୁ ତଦାରଖ କରୁଛନ୍ତି ଅଧୀକ୍ଷଣ ଯନ୍ତ୍ରୀ ପ୍ରୀତମ କୁମାର ପୋଥାଳଙ୍କ ସହ ଅନ୍ୟାନ୍ୟ ବିଭାଗୀୟ ଯନ୍ତ୍ରୀ।

ପ୍ରକାଶ ଯେ, କିଛିଦିନ ଧରି ନିମାପଡ଼ା-କୋଣାର୍କ ରାସ୍ତାର ଗୋପ ଛକଠାରେ ପୁରୀ, କୋଣାର୍କ ବୁଲିଯାଉଥିବା ଦେଶବିଦେଶର ପର୍ଯ୍ୟଟକମାନେ ଟ୍ରାଫିକ୍ ସମସ୍ୟାରେ ଫସି ରହିବା ସହ ବସ୍ ଓ ପଥଚାରୀମାନେ ନାନାଦି ଅସୁବିଧା ଭୋଗ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଗୋପ ବ୍ରାଞ୍ଚ କେନାଲ ବନ୍ଧ ଉପରେ ବାଇପାସ୍ ରାସ୍ତା କରିବା ଲାଗି ନିର୍ଦ୍ଦେଶ ଦେବା ସହ ଟଙ୍କା ମଞ୍ଜୁର କରିଥିଲେ। ସେହିପରି ବନ୍ୟା ସମୟରେ ତିନିମୁହାଣୀଠାରେ ନଦୀ ବନ୍ଧ ଧସିବା ଓ ଘଳିଆ ପଡ଼ିବା ସହ ନଦୀକୂଳିଆ ଲୋକମାନେ ଭୟଭୀତ ହୋଇପଡ଼ନ୍ତି। ଏହି ସବୁ କାର୍ଯ୍ୟ କିପରି ଚାଲୁଛି ଓ ଠିକ ଭାବରେ କରାଯାଉଛି କି ନାହିଁ, ସେ ନେଇ ଅଧିକ୍ଷଣ ଯନ୍ତ୍ରୀ ପୋଥାଳ ବୁଲି ଦେଖିଥିବା ଜଣାପଡ଼ିଛି। ଗୋପ ବ୍ରାଞ୍ଚ କେନାଲ ବନ୍ଧ ଉପରେ ବାଇପାସ୍ ରାସ୍ତା କାର୍ଯ୍ୟକୁ ଓସିସି (ଓଡ଼ିଶା କନଷ୍ଟ୍ରକ୍ସନ କର୍ପୋରେଶନ) ଦାୟିତ୍ୱ ନେଇଥିବା ବେଳେ ତିନିମୁହାଣୀ ନଦୀବନ୍ଧ କାର୍ଯ୍ୟ ଜଣେ ଠିକାଦାର କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଅଧୀକ୍ଷଣ ଯନ୍ତ୍ରୀ ପୋଥାଳ କହିଛନ୍ତି, ଦୁଇ ଗୋଟି କାର୍ଯ୍ୟ ଠିକ୍ ଭାବେ କରାଯାଉଛି। ଯେଉଁଠି ଅଭିଯୋଗ ଆସିବ, ସେ ଉପରେ ଅଧିକ ମାତ୍ରାରେ ଗୁରୁତ୍ୱ ଦିଆଯିବ ବୋଲି କହିବା ସହ ସେ ସର୍ବଦା କାର୍ଯ୍ୟ ଉପରେ ନଜର ରଖିବେ ବୋଲି କହିଛନ୍ତି। ଅଧୀକ୍ଷଣ ଯନ୍ତ୍ରୀଙ୍କ ଗସ୍ତ ସମୟରେ ଗୋପ ଜଳ ସମ୍ପଦ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ସଂଗ୍ରାମ କେଶରୀ ମହାନ୍ତି, ସହକାରୀ ଯନ୍ତ୍ରୀ ମହେଶ୍ୱର ବେହେରା, ସଞ୍ଜୀବ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ବର୍ଷାରେ ବେହାଲ ଶ୍ରୀକ୍ଷେତ୍ର

**ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)**

ଲଘୁଚାପ ପ୍ରଭାବରେ ମଙ୍ଗଳବାର ଓ ବୁଧବାର ପୁରୀରେ ପ୍ରବଳ ବର୍ଷା ହୋଇଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବୁଧବାର ପୁରୀ ଜିଲାରେ ମୋଟ ୨୩୦ ମିଲିମିଟର ବର୍ଷା ହୋଇଥିବାବେଳେ ହାରାହାରି ୧୯.୧୭ ମିଲିମିଟର ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ସେହିପରି କାକଟପୁର ବ୍ଲକରେ ସର୍ବାଧିକ ୫୭ ମିମି, କଣାସରେ ସବୁଠୁ କମ୍ ୨ ମିମି ବର୍ଷା ହୋଇଛି। ସେହିପରି ପୁରୀରେ ୩୫ ମିମି ବର୍ଷା ହୋଇଛି। ଅସ୍ତରଙ୍ଗରେ ୧୬, ବ୍ରହ୍ମଗିରିରେ ୧୨, ଡେଲାଙ୍ଗରେ ୪, ଗୋପରେ ୩୮, କୃଷ୍ଣପ୍ରସାଦରେ ୭, ନିମାପଡ଼ାରେ ୧୫, ପିପିଲିରେ ୭, ସତ୍ୟବାଦୀରେ ୯ ଏବଂ କୋଣାର୍କ ଏନ୍ଏସିରେ ୨୮ ମିଲିମିଟର ବର୍ଷା ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଅନେକ ଶ୍ରଦ୍ଧାଳୁ ବର୍ଷାରେ ଭିଜି ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିରକୁ ଯାଇଥିଲେ। ସେହିପରି ବହୁ ଶ୍ରଦ୍ଧାଳୁ ବର୍ଷାରେ ଭିଜି ସିଂହଦ୍ୱାର ସମ୍ମୁଖରେ ପତିତପାବନଙ୍କ ଦର୍ଶନ କରିଥିଲେ। ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ କିଛି ସମୟ ପାଇଁ ବନ୍ଦ ରହିଥିଲା। ବର୍ଷା କମିବା ପରେ ରଥ ନିର୍ମାଣ କାର୍ଯ୍ୟ ଆଗେଇଥିଲା। ତଳିଆ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଘରେ ପାଣି ପଶିଛି। ଲୋକେ ସେମାନଙ୍କ ଜିନିଷପତ୍ର ଉପରକୁ ଟେକି ଖଟ ଉପରେ ରହିବା ସହ ଘରୁ ପାଣି କାଢୁଥିବା ଦେଖିବାକୁ ମିଳିଥିଲା। ପୁରୀ ସହରର କିଛି ଅଞ୍ଚଳ ସମେତ ତଳିଆ ଅଞ୍ଚଳରେ ବର୍ଷାଜଳ ଜମିରହିଛି। ଆଗାମୀ ୨-୩ ଦିନ ଧରି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଯଦି ବର୍ଷା ଲାଗି ରହେ ତେବେ ସୁଜାତାନଗର, ମାଟିତୋଟା, ବାଲିଘାଟ, ବଳିଆପଣ୍ଡା ଆଦି ଅଞ୍ଚଳର ଲୋକେ ଜଳବନ୍ଦୀ ହେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ସମୁଦ୍ର ଅଶାନ୍ତ ଥିବାରୁ ଧିବରମାନଙ୍କୁ ମାଛ ଧରିବା ପାଇଁ ଯିବାକୁ ବାରଣ କରାଯାଇଛି।

## ମହାପ୍ରଭୁଙ୍କ ପହଣ୍ଡିବେଳେ ରହିବେ ଅଧିକୃତ ସେବକ

**ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)**

ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରାକୁ ଶୃଙ୍ଖଳିତ କରିବା ନିମନ୍ତେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। ବୁଧବାର ଅପରାହ୍ନରେ ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସ୍ନାନଯାତ୍ରା ଓ ରଥଯାତ୍ରାରେ ପହଣ୍ଡିକୁ ସଂପୃକ୍ତ ନିଯୋଗଗୁଡ଼ିକ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ପହଣ୍ଡିରେ ଯେପରି ସାମାନ୍ୟତମ ବିଶୃଙ୍ଖଳା କିମ୍ବା ଅଘଟଣ ନ ହୁଏ, ସେନେଇ ଗୁରୁତ୍ୱ ଦିଆଯାଉଛି। ପହଣ୍ଡିରେ କେତେଜଣ ନିୟୋଜିତ ହେବେ ସେ ନେଇ ପହଣ୍ଡିରେ ସଂପୃକ୍ତ ଥିବା ବିଭିନ୍ନ ନିଯୋଗର ମୁଖିଆମାନଙ୍କୁ ଡାକି ସ୍ୱାଇଁ ଆଲୋଚନା କରିଛନ୍ତି। ପହଣ୍ଡି ବେଳେ ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଅଧୀକୃତ ସେବକଙ୍କ ବ୍ୟତୀତ ଅନ୍ୟ କେହି ରହିବେ ନାହିଁ। ସ୍ୱତ୍ୱଲିପି ମୁତାବକ ଯେଉଁ ସେବକଙ୍କ ପହଣ୍ଡି ସେବା ରହିଛି, ସେମାନେ କେବଳ ପହଣ୍ଡି କରିବେ। ପହଣ୍ଡିରେ ସୀମିତ ସଂଖ୍ୟକ ସେବକ ନିୟୋଜିତ ରହିବେ। ମହାପ୍ରଭୁଙ୍କ ଆଗରେ ରହି ଦଇତାପତିମାନେ ପହଣ୍ଡି କରାଇବେ। ସିଂହାରୀ ଓ ପୂଜାପଣ୍ଡା ଦଉଡ଼ି ଧରିବେ। ସୁଆର ମହାସୁଆର ଠାକୁରଙ୍କ ପଛପାର୍ଶ୍ୱରେ ରହିବେ। ପ୍ରତିହାରୀ ସେବକମାନେ କଡ଼େକଡ଼େ ରହିବେ। ଗୁରୁ ଗୋସେଇଁ ଦଉଡ଼ିର ଶେଷ ଅଂଶ ଧରିବେ ବୋଲି ଆଲୋଚନା ହୋଇଥିବା ଜଣାପଡିଛି। ସେହିଭଳି ଯେଉଁମାନେ ପହଣ୍ଡି କରିବେ ସେମାନଙ୍କୁ ପରିଚୟପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। କେଉଁ ଶ୍ରୀବିଗ୍ରହମାନଙ୍କୁ ପହଣ୍ଡି କରିବା ପାଇଁ କେଉଁ ଠାକୁରଙ୍କ ପାଖରେ କେତେଜଣ ସେବାୟତ ନିୟୋଜିତ ହେବେ ସେ ସଂଖ୍ୟା ନିର୍ଦ୍ଧାରଣ ହୋଇନାହିଁ। ପରବର୍ତ୍ତୀ ସମୟରେ ଅଭିଜ୍ଞ ଓ ବରିଷ୍ଠ ସେବକମାନଙ୍କ ସହ ଆଲୋଚନା ପରେ ସଂଖ୍ୟା ନିରୂପଣ କରାଯିବ ବୋଲି ସୂଚନା ଦିଆଯାଇଛି।

## ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତମ ସେବା ଯୋଗାଇବାକୁ ଗୁରୁତ୍ୱ

**ରୋଗୀ କଲ୍ୟାଣ ସମିତି ସାଧାରଣ ପରିଷଦ କମିଟି ବୈଠକ**

**କଣାସ,୨୮।୫(ବିଭୂତି ଭୂଷଣ ତ୍ରିପାଠୀ)**

କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ କଲ୍ୟାଣ ସମିତିର ସାଧାରଣ ପରିଷଦର ପ୍ରଥମ ବୈଠକ ବିଧାୟକ ଓମ୍ପ୍ରକାଶ ମିଶ୍ରଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଡାକ୍ତର କ୍ଷମାନିଧି ସେଠୀ ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଗତ ବର୍ଷରେ ଉନ୍ନତି ହୋଇଥିବା ରୋଗୀସେବା ସମ୍ପର୍କରେ କମିଟିକୁ ଅବଗତ କରାଇଥିଲେ।

ରିପୋର୍ଟ ଅନୁସାରେ, ପୂର୍ବବର୍ଷ ତୁଳନାରେ ଗତ ବର୍ଷ ଓପିଡି ରୋଗୀ ସଂଖ୍ୟା, ଅନ୍ତର୍ବିଭାଗ ରୋଗୀ ସଂଖ୍ୟା, ନିଦାନ ପରୀକ୍ଷା, ପରିବାର ନିୟୋଜନ ଅସ୍ତ୍ରୋପଚାର ସଂଖ୍ୟା ଆଦିରେ ଅଭିବୃଦ୍ଧି ଦେଖାଦେଇଛି। ବିଶେଷଜ୍ଞ ଡାକ୍ତର ଓ ନର୍ସିଂ ଷ୍ଟାଫଙ୍କ ପଦବୀଗୁଡ଼ିକ ବହୁତ ଦିନ ଧରି ଖାଲି ପଡୁଥିବାରୁ ଆନୁଷ୍ଠାନିକ ପ୍ରସ୍ତାବ ସଂଖ୍ୟାରେ ହ୍ରାସ ପରିଲକ୍ଷିତ ହୋଇଛି। ସେହିଭଳି ଦୀର୍ଘଦିନ ଧରି ଆୟୁର୍ବେଦିକ ଔଷଧ ଯୋଗାଣ ହେଉ ନ ଥିବାରୁ ଆୟୁଷ ଓପିଡି ସଂଖ୍ୟାରେ ମଧ୍ୟ ହ୍ରାସ ହେଉଛି। କଣାସ ବ୍ଲକ୍ର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକ ଉତ୍ତମ ଗୁଣବତ୍ତା ସେବା ଦେଉଥିବାରୁ ଗତବର୍ଷ ସମସ୍ତ ଉପକେନ୍ଦ୍ର, ୫ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଟିଏ ବ୍ଲକ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ମିଳିଥିବା କଥା କମିଟିକୁ ଅବଗତ କରାଯାଇଥିଲା। ବିଶେଷକରି ୧୫ ଜଣ ଡାକ୍ତରଙ୍କ ସ୍ଥାନରେ ୩ ଜଣ ଓ ୨୨ ଜଣ



ବୈଠକରେ ବିଧାୟକ ଓମ୍ପ୍ରକାଶ ମିଶ୍ର ଏବଂ ଅନ୍ୟମାନେ।

ନର୍ସିଂ ଅଫିସରଙ୍କ ସ୍ଥାନରେ ୪ ଜଣ ପୋଷ୍ଟିଂ ହେବା ସମ୍ପର୍କରେ ଆଲୋଚନା ହୋଇଥିଲା। ରୋଗୀ କଲ୍ୟାଣ ସମିତିର ସଦସ୍ୟମାନେ ନିରାମୟ ସକାଳ ୭ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଖୋଲିବା ପାଇଁ ଦାବି କରିଥିଲେ। ପାନୀୟ ଜଳ ପାଇଁ ସରପଞ୍ଚ ଓ ବିଡିଓଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ୟାଙ୍କ କିମ୍ବା ଅନ୍ୟ ଦାତବ୍ୟ ଅନୁଷ୍ଠାନକୁ ଅନୁରୋଧ କରିବା ପାଇଁ ବିଧାୟକ ପ୍ରସ୍ତାବ ଦେଇଥିଲେ। ରୋଗୀଙ୍କ ଅପେକ୍ଷାସ୍ଥଳରେ ଚେୟାର ଓ ଫ୍ୟାନ୍ର ବ୍ୟବସ୍ଥା କରିବା ପାଇଁ ସଦସ୍ୟମାନେ କହିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରରେ ପାନୀୟ ଜଳ ସମସ୍ୟା, ବୈଦ୍ୟୁତିକ ସମସ୍ୟା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଗୃହ ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ଜାଗା ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା। କୋଠାବାଡ଼ିଗୁଡିକର ବାର୍ଷିକ ମରାମତି, ପାଚେରି ଇତ୍ୟାଦି ନିର୍ମାଣ ପାଇଁ ସଂପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଚିଠି ଲେଖିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ରୋଗୀ କଲ୍ୟାଣ ସମିତିର ଗତ ବର୍ଷର ଅନୁଦାନ ଓ ଖର୍ଚ୍ଚଦାବି ଉପସ୍ଥାପନ ହୋଇଥିଲା। ସେହିଭଳି ଚଳିତ ବର୍ଷ ପାଇଁ ପ୍ରସ୍ତାବିତ ବାର୍ଷିକ ଯୋଜନା ଆଲୋଚନା ହୋଇ ଗୃହିତ ହୋଇଛି। ବୈଠକରେ ଏବିଡିଓ ମଙ୍ଗଳ ସିଂ ହେମ୍ବ୍ରମ, ଅତିରିକ୍ତ ତହସିଲଦାର ଉପେନ୍ଦ୍ର କୁମାର ସେଠୀ, ଥାନାଧିକାରୀ ଯୁଜାରସିଂ, ଶିଶୁ ବିକାଶ ଅଧିକାରିଣୀ ସ୍ମିତା ମହାନ୍ତି, ରୋଗୀ କଲ୍ୟାଣ ସମିତି ମନୋନୀତ ସଭ୍ୟ ସୁଶାନ୍ତ କୁମାର ନରେନ୍ଦ୍ର, ନୀଳାଚଳ ସେବା ପ୍ରତିଷ୍ଠାନର ମୁଖ୍ୟ ସୁବାସ ଚନ୍ଦ୍ର ଗଜେନ୍ଦ୍ର, ଶ୍ରୀକାନ୍ତ ପାଟ୍ଟଯୋଶୀ, ସରପଞ୍ଚ ଭଗବାନ ସୁବୁଦ୍ଧି ଓ ଈଶ୍ୱର ହରିଚନ୍ଦନ ପ୍ରମୁଖ ଯୋଗଦେଇଥିଲେ।

# ରାତିଅଧରେ ଡ୍ରୋନ୍ ଉଡ଼ିବା ଘଟଣା, ପୋଲିସ ତଦନ୍ତ ଆରମ୍ଭ

ବାରଙ୍ଗ/ତ୍ରିଶୂଳିଆ, ୨୮।୫(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ବାରଙ୍ଗର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ମାଳମାଳ ଡ୍ରୋନ୍ ଉଡ଼ିବା ଘଟଣା ଉପରେ ବୁଧବାର ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ବିଭିନ୍ନ ସ୍ଥାନକୁ ଯାଇ ଖୋଜଖବର ନେଇଥିଲେ ମଧ୍ୟ କୌଣସି ତଥ୍ୟ ପାଇପାରି ନ ଥିବା ଜଣାପଡ଼ିଛି। ତେବେ କିଏ ଓ କାହିଁକି ଏତେ ଡ୍ରୋନ ଉଡ଼ାଉଥିଲା, ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରକାଶ ଯେ, ମଙ୍ଗଳବାର ରାତିରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାରଙ୍ଗ ଅଞ୍ଚଳର ବିଭିନ୍ନ ଗ୍ରାମରେ ଡ୍ରୋନ୍ ଉଡୁଥିଲା। ଏହି ଘଟଣା ସାଧାରଣ ଲୋକଙ୍କ ନଜରକୁ ଆସିବା ପରେ ଭୟଭୀତ ହୋଇ ପଡ଼ିଥିଲେ। ଏହି ଡ୍ରୋନ୍ କିଏ ଏବଂ କ'ଣ ପାଇଁ ଉଡ଼ାଉଥିଲେ ତାହା ଜଣାପଡ଼ି ନ ଥିବାବେଳେ ସ୍ଥାନୀୟ ଲୋକଙ୍କଠୁ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୋଲିସ ତଦନ୍ତ ଆରମ୍ଭ କରି ବାରଙ୍ଗରେ ଥିବା ସିଆଇଏସ୍‌ଏଫ୍, ଏନ୍‌ଡିଆର୍‌ଏଫ୍ ପ୍ରଶିକ୍ଷଣ ଶିବିର, ମେଟ୍ରୋ ରେଳପ୍ରକଳ୍ପର ଚାଲିଥିବା ୱର୍କଶପ କାମ ଦାୟିତ୍ୱରେ ଥିବା ଅଧିକାରୀ, କିଛି ସରକାରୀ କାର୍ଯ୍ୟାଳୟର ଅଧିକାରୀଙ୍କ ସହ ମଧ୍ୟ କଥା ହୋଇଥିଲା। କିନ୍ତୁ ଡ୍ରୋନ୍ ଉଡ଼ାଉଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିଷୟରେ କୌଣସି ସୂଚନା ପାଇପାରି ନ ଥିଲା। ଏହି ଡ୍ରୋନ୍ ପ୍ରଥମେ ରତାଗଡ଼ଗାଁ ମୁଣ୍ଡରେ ଦେଖିବାକୁ ମିଳିଥିଲା। ପୋଲିସ ଆସି ରତାଗଡ଼ରେ ପହଞ୍ଚିବା ପରେ ଗୋଡ଼ିସାହି, ଷଣ୍ଢପୁର, ତ୍ରିଶୂଳିଆ, ନରଣପୁର, କୃଷ୍ଣଚନ୍ଦ୍ରପୁର ଓ ଏହାର ଆଖପାଖ ଅଞ୍ଚଳରେ ଲାଇଟ୍ ଲାଗିଥିବା ମାଳମାଳ ଡ୍ରୋନ ଉଡୁଥିବାର ଦେଖିବାକୁ ପାଇଥିଲା। ବୁଧବାର ସକାଳୁ ଜୋନ-୪ ଏସିପି ଅମିତାଭ ମହାପାତ୍ର, ବାରଙ୍ଗ ଥାନା ଅଧିକାରୀ ଦେବେନ୍ଦ୍ର ବିଶ୍ୱାଳ, ଗୋଡ଼ିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ୧ ପ୍ଲାଟୁନ ପୋଲିସ ଫୋର୍ସ ନେଇ ଡ୍ରୋନ୍ ଉଡ଼ିଥିବା ନିକଟସ୍ଥ ଗ୍ରାମ, ଜଙ୍ଗଲ, ରେଳଧାରଣା ଓ ନଦୀପଠାରେ ସଦଳବଳ ଖୋଜାଖୋଜି କରି ଫେରିଛନ୍ତି। ଏହାସହ ବିଭିନ୍ନ ଗ୍ରାମକୁ ଯାଇ ସ୍ଥାନୀୟ ଲୋକଙ୍କୁ ପଚରାଉଚରା ଆରମ୍ଭ କରିଥିବା ଦେଖିବାକୁ ମିଳିଛି।

# କାଠଯୋଡ଼ି ନଦୀପଠା ବିକ୍ରି ଚାଲିଛି

## ଅଭିଯୋଗ ସତ୍ତ୍ୱେ ନୀରବଦ୍ରଷ୍ଟା ସାଜିଛି ଜଳ ସମ୍ପଦ ବିଭାଗ

କଟକ ସଦର,୨୮।୫
(ସୁଶାନ୍ତ କୁମାର ଜେନା)

ମହାନଦୀ ସାଉଥ ଜଳସେଚନ ଡିଭିଜନ ଅଧୀନ କାଠଯୋଡ଼ି ନଦୀର ଡାହାଣ ପାର୍ଶ୍ୱ ବନ୍ଧ ୯୪(ଖ) ପାର୍ଶ୍ୱ ପଠା କିସମ ଜମି ବିକ୍ରି କରାଯାଇ ବଡ଼ବଡ଼ କୋଠା ନିର୍ମାଣ ଚାଲିଥିବା ରାଜ୍ୟ ଜଳ ସମ୍ପଦ ବିଭାଗ ନିକଟରେ ଅଭିଯୋଗ ହୋଇଛି। ନଦୀ ଧାରକୁ ଲାଗିଥିବା ଏହି ପଠାକୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସତ୍ୟପାଠ ମାଧ୍ୟମରେ ଜମିର ମାଲିକାନା ଅନ୍ୟକୁ ହସ୍ତାନ୍ତର କରିବାରେ ଲାଗିଛନ୍ତି। ଏହି ଜମି ଶସ୍ତାରେ ମିଳିଥିବାରୁ କେତେଜଣ ବେଆଇନ ଦାଖଲକାରୀ କୋଠା ନିର୍ମାଣ କରିବା ଆରମ୍ଭ କରି ଦେଇଛନ୍ତି। ଅଭିଯୋଗ ମୁତାବକ କଳପଡ଼ା ରାଜସ୍ୱ ସର୍କଲ ଅନ୍ତର୍ଗତ ୯୪(ଖ) ଗୋବିନ୍ଦପୁର ମୌଜାର ଜଳସେଚନ ବିଭାଗର ଖାତା ନଂ. ୪୬୨ରେ ଥିବା ସମସ୍ତ ୧୬ଟି ପ୍ଲଟ୍ ଜବରଦଖଲ ବୋଲି ୧୯୭୪ ମସିହାରେ ଖତିୟାନର ମନ୍ତବ୍ୟ କଲମରେ ଉଲ୍ଲେଖ ରହିଛି। ଏହି ପଠାରେ କେବଳ ଚାଷ କରାଯାଏ ବୋଲି ଲେଖା ରହିଛି। ମାତ୍ର ପରମହଂସଠାରେ କାଠଯୋଡି ନଦୀ ଉପରେ ସେତୁ ନିର୍ମାଣ ହେବା ପରେ ଏହି ପଠାର ଭାଗ୍ୟ ବଦଳିଗଲା। ଜବରଦଖଲକାରୀମାନେ ସତ୍ୟପାଠ କରି ଏହି ଜବରଦଖଲ ଜମିର ମାଲିକାନା ହସ୍ତାନ୍ତର କରିଥିଲେ। ଏହି ସ୍ଥାନରେ ବର୍ତ୍ତମାନ ଚାଷ ପରିବର୍ତ୍ତେ ଗୃହ ନିର୍ମାଣ ଚାଲିଛି। ମଣିବାଡଠାରୁ ରାଉତ୍ରାପୁର ମଧ୍ୟରେ ନଦୀବନ୍ଧ ପିଚୁ କରାଯାଉଛି। ଠିକାଦାର ବାଲି, ମୋରମ, ବଜୁରି ଭଳି ସାମଗ୍ରୀ ନଦୀ ବନ୍ଧ ପାର୍ଶ୍ୱରେ ଜମା କରିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଜବରଦଖଲକାରୀମାନେ ଟଙ୍କା ମାଗିବାରୁ ଜମିର ମାଲିକାନା ଉପରେ ତଦନ୍ତ ଆରମ୍ଭ ହୋଇଥିଲା। ଏହା ପରେ ଏହି ସବୁ ତଥ୍ୟ ମିଳିଥିଲା। କାଠଯୋଡ଼ି ନଦୀର ଝିଙ୍କିରିଆଠାରୁ ଚାନ୍ଦୁଲି ପର୍ଯ୍ୟନ୍ତ ଜଳଧାରାକୁ ଲାଗିଥିବା ପଠାରେ ନିର୍ମାଣ ଚାଲିଥିଲେ ସୁଦ୍ଧା ଉଭୟ ରାଜସ୍ୱ ଓ ଜଳସେଚନ ବିଭାଗ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଜବରଦଖଲ ଉଚ୍ଛେଦ ପାଇଁ କେତେଜଣ ସାମାଜିକ କର୍ମୀ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେବା ପାଇଁ ପ୍ରସ୍ତୁତ ଆରମ୍ଭ କରିଦେଲେଣି। ମହାନଦୀ ସାଉଥ ଜଳସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖରଙ୍କୁ ପଚାରିବାରୁ ଏ ସମ୍ପର୍କରେ ବିଭାଗୀୟ ପ୍ରମୁଖ ଅଧିକାରୀଙ୍କୁ ଜଣାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

# ଶିକ୍ଷକ, କର୍ମଚାରୀଙ୍କ ସମସ୍ୟା ନେଇ ୨ ମନ୍ତ୍ରୀଙ୍କ ସହ ଆଲୋଚନା



ଦୁଇ ମନ୍ତ୍ରୀଙ୍କ ସହ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ପ୍ରତିନିଧିଙ୍କ ଆଲୋଚନା।

ଭୁବନେଶ୍ୱର,୨୮।୫(ସୁଚିସ୍ମିତା ସାହୁ)

ଶିକ୍ଷକ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟାକୁ ନେଇ ବୁଧବାର ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସହ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ୭ଜଣିଆ ପ୍ରତିନିଧି ଆଲୋଚନା କରିଛନ୍ତି। ଲୋକସେବା ଭବନସ୍ଥିତ ଆଇନମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ପ୍ରତିନିଧି ମଣ୍ଡଳୀ ୧୯୪ ଅଣ ଅନୁଦାନ ବିଦ୍ୟାଳୟକୁ ଅନୁଦାନ ପ୍ରଦାନ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକର ଶିକ୍ଷକ ଓ କର୍ମଚାରୀଙ୍କ ଚାକିରି ସର୍ତ୍ତାବଳୀ ଓ ପେନ୍‌ସନ ପ୍ରଦାନ, ୧୯୯୪ ଅନୁଦାନ ନିୟମ ଆଧାରରେ ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକୁ ପୂର୍ଣ୍ଣ ଅନୁଦାନ ପ୍ରଦାନ, ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶନାମା ପାଳନକରି ସମସ୍ତ ଅନୁଦାନପ୍ରାପ୍ତ ବିଦ୍ୟାଳୟର ସରକାରୀକରଣ, ୧୯୦୦, ୨୨୦୦ ଓ ୨୮୦୦ ଗ୍ରେଡ୍ ପେ'ରେ ଥିବା ଅସଙ୍ଗତି ଦୂରୀକରଣ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ଶିକ୍ଷକ କର୍ମଚାରୀ ନିଯୁକ୍ତି ଆଦି ବିଷୟରେ ଆଲୋଚନା କରିଥିଲେ। ଆଗାମୀ ଦିନରେ ମୁଖ୍ୟମନ୍ତ୍ରୀଙ୍କ ସହ ବୈଠକ କରାଯାଇ ସମସ୍ୟାର ସ୍ଥାୟୀ ସମାଧାନ ନେଇ ଆଲୋଚନା କରିବା ପାଇଁ ମନ୍ତ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନାରେ ଏକାମ୍ର ବିଧାୟକ ବାବୁ ସିଂ, ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଗିରିଶ ଚନ୍ଦ୍ର ସିଂ ଏବଂ ଗଣଶିକ୍ଷା ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତ୍ରିନାଥ ମାଝିଙ୍କ ସହ ଓଷ୍ଟା ସଭାପତି ଅକ୍ଷୟ କୁମାର ମିଶ୍ର, ସମନ୍ୱୟ ସମିତି ସଭାପତି ସୁକାନ୍ତ କୁମାର ବେହେରା, ଆବାହକ ରଞ୍ଜନ କୁମାର ଦାଶ, ଓଷ୍ଟାର ଯୁଗ୍ମ ସାଧାରଣ ସମ୍ପାଦକ ବ୍ରଜକିଶୋର ବିଶ୍ୱାଳ, ମାଣିକେଶ୍ୱର ସ୍ୱାଇଁ, ରଞ୍ଜନ କୁମାର ପଣ୍ଡା, ସୁରେଶ ଦାଶ, ପ୍ରମୋଦ କୁମାର ହୋତା, ସ୍ମୃତିରଞ୍ଜନ ଷଡ଼ଙ୍ଗୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# 'ନୃତ୍ୟବିଳାସ'ରେ ଆକର୍ଷଣ ସାଜିଲା 'ଲୀଳାବତୀ ପ୍ରସଙ୍ଗ'




ଏକାଡେମୀର ଶିଳ୍ପୀମାନେ ଦଳଗତ ଓଡ଼ିଶୀ ନୃତ୍ୟ ପରିବେଷଣ କରୁଛନ୍ତି।

ଭୁବନେଶ୍ୱର, ୨୮।୫ (ସୌମ୍ୟରଞ୍ଜନ ରାଉତ)

ଶ୍ରୀଡ୍ୟାନ୍ସ ଏକାଡେମୀର ବାର୍ଷିକ ଉତ୍ସବ 'ନୃତ୍ୟବିଳାସ' ବୁଧବାର ଭଞ୍ଜକଳା ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏକାଡେମୀ ଶିଳ୍ପୀଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ ମଙ୍ଗଳାଚରଣରେ ଶଙ୍କରାଭରଣ ପଲ୍ଲବୀ ପରିବେଷିତ ହୋଇଥିଲା। ପରେ ଲୀଳାବତୀ ପ୍ରସଙ୍ଗ ଆକର୍ଷଣ ସାଜିଥିଲା। ଏହି ମନୋରମ ଦଳଗତ ନୃତ୍ୟାଭିନୟ ଓଡ଼ିଶାର ଲୋକଗଳ୍ପ ଉପରେ ଆଧାରିତ ଥିଲା। ପରବର୍ତ୍ତୀ ପ୍ରସ୍ତୁତିରେ ଥିଲା ଓଡ଼ିଶୀ ଅଭିନୟ ଛୋଟ ସ୍ଥାୟୀ, ମଙ୍ଗଳାଚରଣ ଓ ଶିବାଷ୍ଟକ। ପରେ ଶ୍ରୀଡ୍ୟାନ୍ସ ଏକାଡେମୀ ପୁରୀର ଶିଳ୍ପୀମାନେ ଓଡ଼ିଶୀ ଅଭିନୟରେ ମାନ ଉଦ୍ଧାରଣ ପ୍ରଦର୍ଶନ କରିଥିଲେ। ପରେ ସମ୍ବଲପୁରୀ, ଝୁମର ଓ ନବରଙ୍ଗପୁରର ଲୋକନୃତ୍ୟ ପର୍ଯ୍ୟାୟକ୍ରମେ ପରିବେଷଣ କରିଥିଲେ। ଅନୁଷ୍ଠାନର ୭୦ଜଣ ଶିଳ୍ପୀ ଉତ୍ସବରେ ଅଂଶଗ୍ରହଣ କରିଥିବାବେଳେ ନୃତ୍ୟ ନିର୍ଦ୍ଦେଶନାରେ ସହଯୋଗ କରିଥିଲେ ମଧୁସ୍ମିତା ମହାନ୍ତି, ଗାୟତ୍ରୀ ବେହେରା ଓ ସମ୍ଭାବୀ ନାୟକ। ଅତିଥି ଭାବେ ସଙ୍ଗୀତ ନାଟକ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା, ଓଡ଼ିଶୀ ନୃତ୍ୟଶିଳ୍ପୀ ଗୁରୁ ହରିହର ମହାନ୍ତି, ନାଲ୍‌କୋର ପୂର୍ବତନ ନିର୍ଦ୍ଦେଶକ (ମାନବ ସମ୍ବଳ) ରାଧାଶ୍ୟାମ ମହାପାତ୍ର, ଶ୍ରୀଡ୍ୟାନ୍ସ ଏକାଡେମୀ ସଭାପତି ପ୍ରଫୁଲ୍ଲ କୁମାର ପଟ୍ଟନାୟକ ଓ ଏକାଡେମୀର ସମ୍ପାଦିକା ନମିତା ରାୟ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ ବିଶ୍ୱଜିତ ବଳିୟାରସିଂହ ଓ ଧନ୍ୟବାଦ ଦେଇଥିଲେ ଏକାଡେମୀର କୋଷାଧ୍ୟକ୍ଷ ରାଜେନ୍ଦ୍ର ନାରାୟଣ ରାୟ।

# ଅଧ୍ୟାୟ ଫାଉଣ୍ଡେଶନର ପ୍ରଥମ ରାମ୍ପ ଶୋ'

ଭୁବନେଶ୍ୱର, ୨୮।୫
(ସୌମ୍ୟରଞ୍ଜନ ରାଉତ)

ୟୁଏସ୍‌ଏଫ୍‌ଏସିଟି ଫାଉଣ୍ଡେଶନ ପକ୍ଷରୁ ସମାବେଶୀ ସମାଜ ଗଠନ ପ୍ରୟାସରେ ଓଡିଶାର ପ୍ରଥମ ରାମ୍ପ ଶୋ 'ଅଧ୍ୟାୟ' ଗୁରୁ କେଳୁଚରଣ ଓଡିଶୀ ଗବେଷଣା କେନ୍ଦ୍ରରେ ବୁଧବାର ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନ ପ୍ରତିଷ୍ଠାତା ଜେଏସ୍ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଅତିଥିଭାବେ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡ଼ ଅଶୋକ କୁମାର ମହାପାତ୍ର, ଆଥଲେଟ୍ ଦୂତି ଚାନ୍ଦ, ଭିନ୍ନକ୍ଷମ ବିଭାଗର ଉପସଚିବ ସନ୍ୟାସୀ ବେହେରା, ସହକାରୀ ପୋଲିସ ଆୟୁକ୍ତ ଅଞ୍ଜନା ଟୁଡୁଙ୍କ ସମେତ ବହୁ ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତ୍ୟେକ ଲୋକଙ୍କୁ ବଞ୍ଚିବା ପାଇଁ ଯେପରି ଅଧିକାର ହାସଲ କରିବାକୁ ପଡୁଛି ଦିବ୍ୟାଙ୍ଗମାନଙ୍କୁ ମଧ୍ୟ ଏହି ଅଧିକାର ମିଳିବା ଆବଶ୍ୟକ। ଦିବ୍ୟାଙ୍ଗମାନେ କୌଣସି ଗୁଣରେ କମ୍ ନୁହଁନ୍ତି। ଏହି ମନୋଭାବ ସେମାନଙ୍କ ଭିତରେ ସୃଷ୍ଟି କରିବା ପାଇଁ ଓଡିଶାର ପ୍ରଥମ ରାମ୍ପ ଶୋ ଆୟୋଜନ କରାଯାଇଥିବା ଅଧ୍ୟାୟ ଫାଉଣ୍ଡେଶନର ପ୍ରତିଷ୍ଠାତା ପଟ୍ଟନାୟକ କହିଛନ୍ତି।

# ଯୁବତୀଙ୍କ ଅଶ୍ଳୀଳ ଫଟୋ, ଭିଡିଓ ଭାଇରାଲ

## ପୁରୁଷ ବନ୍ଧୁ ଗିରଫ

ଭୁବନେଶ୍ୱର,୨୮।୫(ସତ୍ୟଜିତ୍ ରାଉତ)

ସୋସିଆଲ ମିଡିଆରେ ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଓ ଭିଡିଓ ଭାଇରାଲ କରିବା ଅଭିଯୋଗରେ ତାଙ୍କ ପୁରୁଷ ବନ୍ଧୁଙ୍କୁ ନୟାପଲ୍ଲୀ ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ନୟାପଲ୍ଲୀ ବେହେରାସାହିରେ ରହୁଥିବା ପ୍ରଦୀପ୍ତ ସୁନ୍ଦର ଜେନା(୨୫)। ତାଙ୍କଠାରୁ ମୋବାଇଲ ଫୋନ୍ ଜବତ ହୋଇଛି। କୋର୍ଟଚାଲାଣ ପରେ ପ୍ରଦୀପ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମାମଲା ଅନୁଯାୟୀ, ଯୁବତୀ ଜଣକ ଅଭିଯୁକ୍ତଙ୍କ ସହ କିଛିମାସ ହେଲା ସମ୍ପର୍କରେ ଆସିଥିଲେ। ଏହି ସମୟରେ ପ୍ରଦୀପ୍ତ ପୀଡ଼ିତାଙ୍କ ଅଧିକ ନିକଟତର ହୋଇ ଗୁପ୍ତଭାବେ ଅଶ୍ଳୀଳ ଭିଡିଓ ଓ ଫଟୋ ଉଠାଇ ରଖିଥିଲେ। ଏହା ଜଣାପଡ଼ିବା ପରେ ଯୁବତୀ ଜଣକ ସମ୍ପର୍କ କାଟିଦେଇଥିଲେ। ଫଳରେ ପ୍ରଦୀପ୍ତ ରାଗିଯାଇ ଉକ୍ତ ଫଟୋ ଓ ଭିଡିଓକୁ ଇନ୍‌ଷ୍ଟାଗ୍ରାମ ଏବଂ ହ୍ୱାଟ୍‌ସଆପ୍‌ରେ ଛାଡିଦେଇଥିଲେ। ଏନେଇ ପୀଡ଼ିତାଙ୍କ ଏତଲାକ୍ରମେ ପୋଲିସ ଗତ ୨୪ ତାରିଖରେ ମାମଲା(ନଂ.୨୪୮/୨୦୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

# ଓଡ଼ିଶା ଆରମ୍ଭକଲା 'ଅଙ୍କୁର'

ଭୁବନେଶ୍ୱର, ୨୮।୫(ବନ୍ଦନା ସେଠୀ)

- ନାଗରିକ କୈନ୍ଦ୍ରିକ ସହର ନିର୍ମାଣ ଲକ୍ଷ୍ୟ
- ୬ ଅନୁଷ୍ଠାନ ସହ ବୁଝାମଣାପତ୍ର ସ୍ୱାକ୍ଷରିତ

ଓଡ଼ିଶାରେ ସହର ବିକାଶର ଭବିଷ୍ୟତକୁ ପୁନଃପରିଭାଷିତ କରିବା ଦିଗରେ ଗୃହ ଏବଂ ନଗର ଉନ୍ନୟନ ବିଭାଗ ପକ୍ଷରୁ ଐତିହାସିକ ପଦକ୍ଷେପ ନିଆଯାଇଛି। ବୁଧବାର 'ଅଙ୍କୁର-ଅଟଳ ନେଟ୍‌ୱର୍କ ଫର୍ ନଲେଜ, ଅର୍ଗାନାଇଜେଶନ ଆଣ୍ଡ ରିଫର୍ମ' ଆରମ୍ଭ କରାଯାଇଛି। ଏହି କ୍ରମରେ ଖାରବେଳ ଭବନଠାରେ ବିଭାଗ ସହ ସହର ବିକାଶ ଇକୋସିଷ୍ଟମରେ କାର୍ଯ୍ୟ କରୁଥିବା ୬ଟି ପ୍ରମୁଖ ଅନୁଷ୍ଠାନ ଏବଂ ସଂଗଠନ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ଗୃହ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ, ଅଙ୍କୁର ଏକ ସାମୂହିକ ପ୍ରତିଶ୍ରୁତିକୁ ପ୍ରତିନିଧିତ୍ୱ କରେ ବୋଲି କହିଥିଲେ। ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। 'ଅଙ୍କୁର'ର ଉତ୍ପତ୍ତି ପ୍ରତିଫଳନ, ଆଲୋଚନା ଏବଂ ସହଯୋଗର ଏକ ଶୃଙ୍ଖଳା। ଓଡ଼ିଶାରେ ସହରୀକରଣର ଗତି ଏବଂ ଜଟିଳତା ପାଇଁ ନୂତନ ଚିନ୍ତାଧାରା, ନୂତନ ସହଭାଗିତା ଏବଂ ନୂତନ ପ୍ଲାଟ୍‌ଫର୍ମ ଆବଶ୍ୟକ ଥିବା ନେଇ ବିଭାଗ ପକ୍ଷରୁ କରାଯାଇଥିବା ଆକଳନରୁ ଏହି କାର୍ଯ୍ୟକ୍ରମର ଉତ୍ପତ୍ତି ବୋଲି ପ୍ରମୁଖ ସଚିବ ମତ ଦେଇଥିଲେ। ସୂଚନାଯୋଗ୍ୟ, ୨୦୩୬ ସୁଦ୍ଧା ଓଡ଼ିଶାର ସହରାଞ୍ଚଳ ଜନସଂଖ୍ୟା ୩ ଗୁଣ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ତେଣୁ ଅଙ୍କୁରକୁ ସ୍ଥିର, ବାସଯୋଗ୍ୟ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ସହରଗୁଡ଼ିକୁ ସହ-ସୃଷ୍ଟି କରିବା ଲାଗି ଏକ ପରିବର୍ତ୍ତନକାରୀ ପ୍ଲାଟ୍‌ଫର୍ମ ଭାବରେ କଳ୍ପନା କରାଯାଇଛି।

# ଏଆଇ ମାଧ୍ୟମରେ ଥାଇରଏଡ୍ ଶୀଘ୍ର ଚିହ୍ନଟ ହେବ

ଭୁବନେଶ୍ୱର, ୨୮।୫ (ବନ୍ଦନା ସେଠୀ)

## ମହିଳାଙ୍କ କ୍ଷେତ୍ରରେ ହାଇପୋଥାଇରଏଡିଜମ୍ ୩ ଗୁଣ ଅଧିକ ପ୍ରଭାବୀ

ଦିନକୁ ଦିନ ଥାଇରଏଡ୍ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଶୀଘ୍ର ଏହି ରୋଗ ଚିହ୍ନଟକରି ଚିକିତ୍ସା ନ କଲେ ଏହା ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ। ଥାଇରଏଡ୍ ରୋଗର ପ୍ରାରମ୍ଭିକ ନିର୍ଣ୍ଣୟ ଏବଂ ପରିଚାଳନାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ନିମନ୍ତେ ବ୍ୟବସ୍ଥା ହେଉଛି। ଏଆଇ ମାଧ୍ୟମରେ ଏହି ରୋଗର ଶୀଘ୍ର ଚିହ୍ନଟ ସହ ବ୍ୟକ୍ତିକୈନ୍ଦ୍ରିକ ଔଷଧ ଏବଂ ଚିକିତ୍ସା ପ୍ରଦାନ କରାଯାଇପାରିବ। ବିଶେଷକରି ଦେଶର ପ୍ରାୟ ୧୦ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କୁ ପ୍ରଭାବିତ କରୁଥିବା ହାଇପୋଥାଇରଏଡିଜମ୍‌ର ନିରାକରଣ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି। ଏମ୍ସର ଏଣ୍ଡୋକ୍ରାଇନୋଲୋଜି ଏବଂ ନ୍ୟୁକ୍ଲିୟର ମେଡିସିନ ବିଭାଗ ପକ୍ଷରୁ ଥାଇରଏଡ୍‌କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡା. ବିଶ୍ୱାସ ଯୋଗଦେଇ, ଏଆଇ ମାଧ୍ୟମରେ ଥାଇରଏଡ୍‌ର ପ୍ରାରମ୍ଭିକ ନିର୍ଣ୍ଣୟ, ରୋଗର ଅଗ୍ରଗତିକୁ ଅନୁସରଣ ଏବଂ ଫଳାଫଳ ଆଧାରିତ ଔଷଧ ସମ୍ପର୍କରେ ସୂଚନା ଦେବା ଆଦି ବିଭିନ୍ନ ବିଷୟରେ ଆଲୋକପାତ କରିଥିଲେ। ସେ କହିଲେ, ପୁରୁଷଙ୍କ ତୁଳନାରେ ମହିଳାଙ୍କ କ୍ଷେତ୍ରରେ ହାଇପୋଥାଇରଏଡିଜମ୍‌ର ୩ଗୁଣ ଅଧିକ ପ୍ରଭାବୀ ଏବଂ ପ୍ରାୟ ୩୩% ରୋଗୀ ଚିହ୍ନଟ ହୋଇପାରନ୍ତି ନାହିଁ। ଚିକିତ୍ସା କରାଯାଇ ନ ଥିବା ହାଇପୋଥାଇରଏଡିଜମ୍ ହୃଦୟ, ମସ୍ତିଷ୍କ, ବୃକ୍କ, ଯକୃତ, ଅନ୍ତନଳୀ ଏବଂ ପ୍ରଜନନ ପ୍ରଣାଳୀ ସମେତ ପ୍ରମୁଖ ଅଙ୍ଗଗୁଡ଼ିକୁ ଗଭୀର ଭାବରେ ପ୍ରଭାବିତ କରିଥାଏ। ଶିଶୁଙ୍କ ଅଭିବୃଦ୍ଧିରେ ଏହା ବାଧା ସୃଷ୍ଟି କରିବା ସହ ବିଳମ୍ବିତ ବିକାଶ ଏବଂ ଦୁର୍ବଳ ଶିକ୍ଷାଗତ ପ୍ରଦର୍ଶନର କାରଣ ହୋଇପାରେ। ପ୍ରଜନନ ବୟସ ବର୍ଗର ରୋଗୀମାନେ ବନ୍ଧ୍ୟାତ୍ୱ, ରକ୍ତସ୍ରାବ ଅନିୟମିତତା, ଆଳସ୍ୟ, ଦ୍ୱନ୍ଦ୍ୱ, ଉଚ୍ଚ ରକ୍ତଚାପ ଏବଂ ଓଜନ ବୃଦ୍ଧି ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ବୟସ୍କ ରୋଗୀମାନେ ଶୁଷ୍କ ଚର୍ମ, ଥକ୍କାପଣ, କୋଷ୍ଠକାଠିନ୍ୟ, ହୃଦ୍‌ଘାତ ଏବଂ ଉଚ୍ଚ ରକ୍ତଚାପ ଭଳି ସମସ୍ୟାରେ ଜଡ଼ିତ ହୋଇଥାନ୍ତି। ତେବେ ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ମାଇକ୍ସେଡେମା କୋମା, ପେରିକାର୍ଡିଆଲ ଇଫ୍ୟୁଜନ୍, ହୃଦ୍‌ଘାତ ଏବଂ ମୃତ୍ୟୁ ଭଳି ଗମ୍ଭୀର ଜଟିଳତାକୁ ରୋକିପାରିବ ବୋଲି ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଦିଲୀପ କୁମାର ପରିଡା, ଡା. କହ୍ନେୟାଲାଲ ଅଗ୍ରୱାଲ, ଡା. କିଶୋର କୁମାର ବେହେରା ପ୍ରମୁଖ ଯୋଗଦେଇ ପ୍ରାରମ୍ଭିକ ଥାଇରଏଡ୍ ରୋଗ ଚିହ୍ନଟର ଗୁରୁତ୍ୱ ଏବଂ ଏଆଇର ଭୂମିକା ବିଷୟରେ ଲୋକଙ୍କୁ ସଚେତନ କରିଥିଲେ।

# ଶିକ୍ଷକ ବିକାଶ ସହ ଡିଜିଟାଲ ଶିକ୍ଷାକୁ ପ୍ରାଧାନ୍ୟ ଦିଆଯିବ

## ନୂଆଦିଲ୍ଲୀଠାରେ ପିଜିଟି ଶିକ୍ଷକଙ୍କ ଦକ୍ଷତା ନିର୍ମାଣ ପ୍ରଶିକ୍ଷଣ

ଭୁବନେଶ୍ୱର,୨୮।୫(ସୁଚିସ୍ମିତା ସାହୁ)

କେନ୍ଦ୍ରୀୟ ଶିକ୍ଷା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ(ସିଆଇଇଟି) ଏବଂ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ନୂଆଦିଲ୍ଲୀର ଏନ୍‌ସିଇଆର୍‌ଟିଠାରେ ପାଞ୍ଚଦିନିଆ ଶିକ୍ଷକଙ୍କ ଦକ୍ଷତା ନିର୍ମାଣ ପ୍ରଶିକ୍ଷଣ ଆରମ୍ଭ ହୋଇଛି। ୩୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୋଟ ୪୦ଜଣ ସ୍ନାତକୋତ୍ତର ଶିକ୍ଷକ (ପିଜିଟି) ଅଂଶଗ୍ରହଣ କରିଛନ୍ତି। ନିର୍ଦ୍ଦେଶାଳୟ ନିର୍ଦ୍ଦେଶକ ରଘୁରାମ ଆର୍ ଆୟରଙ୍କ ନେତୃତ୍ୱରେ ପିଏମ୍-ଇ ବିଦ୍ୟା ଅଧୀନରେ ବିଷୟବସ୍ତୁ ବିକାଶ କରିବା ନେଇ ପ୍ରଶିକ୍ଷଣ ଦିଆଯାଉଛି। ପିଏମ୍ ଇ-ବିଦ୍ୟା ମିଶନ ଏବଂ ଜାତୀୟ ଶିକ୍ଷାନୀତି(ଏନ୍‌ଇପି) ୨୦୨୦ର ମୁଖ୍ୟ ଲକ୍ଷ୍ୟ ହେଉଛି ଶିକ୍ଷକଙ୍କ ଡିଜିଟାଲ ଦକ୍ଷତା ବୃଦ୍ଧି କରିବା। ଶ୍ରେଣୀଗୃହ ଶିକ୍ଷାଦାନରେ ପ୍ରଯୁକ୍ତିବିଦ୍ୟାର ସମନ୍ୱୟକୁ ପ୍ରୋତ୍ସାହିତ କରିବାକୁ ପ୍ରାଧାନ୍ୟ ଦେବା। ତେଣୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଶିକ୍ଷକଙ୍କୁ ଉଚ୍ଚମାନର ଇ-ବିଷୟବସ୍ତୁ ପ୍ରସ୍ତୁତ କରିବା ସହିତ ବିଷୟଗୁଡ଼ିକ ଉପରେ ସଶକ୍ତ କରିବା ପାଇଁ ପ୍ରସ୍ତୁତ କରାଯାଉଛି। ଏହାଦ୍ୱାରା ସମଗ୍ର ଓଡ଼ିଶାରେ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଭାବଶାଳୀ ଶିକ୍ଷାର ବିକାଶ ହୋଇପାରିବ। କେନ୍ଦ୍ରୀୟ ଶିକ୍ଷା ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ ଏବଂ ଅନ୍ୟାନ୍ୟ ଡିଜିଟାଲ ଶିକ୍ଷାର ବିଶେଷଜ୍ଞଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରଶିକ୍ଷଣରେ ଡିଜିଟାଲ ବିଷୟବସ୍ତୁ ପାଇଁ ଲେଖା, ମଲ୍ଟିମିଡିଆ ଲେଶନ କ୍ରିଏଶନ, ଇଣ୍ଟରାକ୍ଟିଭ ରିସୋର୍ସ ଡିଜାଇନ ଓ ଇ-ଲର୍ନିଂ ପ୍ଲାଟ୍‌ଫର୍ମ ଭଳି ଅନେକ ବ୍ୟବହାରିକ ଦକ୍ଷତା ନିର୍ମାଣ ଉପରେ ତାଲିମ ଦିଆଯାଇଛି। ଏହି ଦକ୍ଷତା ନିର୍ମାଣ କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରୀଛାତ୍ରଙ୍କୁ ଆକର୍ଷଣୀୟ, ସହଜ-ସୁଗମ ଡିଜିଟାଲ ଶିକ୍ଷା ମିଳିପାରିବ ବୋଲି ଆଶା କରାଯାଉଛି।



କଂଗ୍ରେସ ପକ୍ଷରୁ ଗୁରୁବାର ଭୁବନେଶ୍ୱରରେ ହେବାକୁ ଥିବା 'ଜୟହିନ୍ଦ୍' ସଭାରେ ଯୋଗଦେବାକୁ ଆସିଥିବା ବରିଷ୍ଠ କଂଗ୍ରେସ ନେତା ତଥା ଏମ୍‌ପି ଦୀପେନ୍ଦର୍ ସିଂ ହୁଡାଙ୍କୁ ବୁଧବାର ବିମାନ ବନ୍ଦରରେ ଓଡ଼ିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ, ପିସିସି ସଭାପତି ଭକ୍ତ ଚରଣ ଦାସ ଓ ଅନ୍ୟମାନେ ସ୍ୱାଗତ କରୁଛନ୍ତି।

# ସ୍ମାର୍ଟ ହେବେ ଅଙ୍ଗନୱାଡି କର୍ମୀ, ଦିଆଯିବ ସ୍ମାର୍ଟ ତାଲିମ

ଭୁବନେଶ୍ୱର,୨୮।୫(ସୁଚିସ୍ମିତା ସାହୁ)

- ମହିଳା ଓ ଶିଶୁ ବିକାଶ କାର୍ଯ୍ୟର ସମୀକ୍ଷାକଲେ ଉପମୁଖ୍ୟମନ୍ତ୍ରୀ
- ନିର୍ଭୟା ପାଣ୍ଠିକୁ ବ୍ୟବହାର କରି ମହିଳା ହିଂସା ରୋକିବାକୁ ଗୁରୁତ୍ୱ

ସ୍ମାର୍ଟ ହେବେ ଅଙ୍ଗନୱାଡି କର୍ମୀ। ଏଥିପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଅଙ୍ଗନୱାଡି କର୍ମୀ ଓ ସହାୟିକାଙ୍କୁ ସ୍ମାର୍ଟ ତାଲିମ ପ୍ରଦାନ କରାଯିବ। ଡିଜିଟାଲ ଟେକ୍ନୋଲୋଜି ମାଧ୍ୟମରେ ତାଲିମ ଦେଇ ସ୍ମାର୍ଟ ଅଙ୍ଗନୱାଡି କର୍ମୀ ସୃଷ୍ଟି କରାଯିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁତ୍ୱ ଦେଇଛନ୍ତି। ବିଭାଗୀୟ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ବୁଧବାର ଲୋକସେବା ଭବନସ୍ଥିତ ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜ୍ୟ ମହିଳା ଆୟୋଗର ନୂତନ ୱେବ୍‌ସାଇଟର ଢାଞ୍ଚା ପ୍ରସ୍ତୁତିକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମୀକ୍ଷା କରିଥିଲେ। ଗ୍ରାମାଞ୍ଚଳର ଲୋକମାନେ ଯେପରି ସହଜରେ ବ୍ୟବହାର କରିପାରିବେ, ସେପରି ଭାବେ ୱେବ୍‌ସାଇଟକୁ ସରଳ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ଏଥିସହ ମହିଳା ଆୟୋଗର ନ୍ୟୁଜ୍ ଲେଟରରକୁ ଉନ୍ମୋଚନ ଉପମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ସେହିପରି ସୁଭଦ୍ରା ସମବେଦନା ଯୋଜନାର ରୂପରେଖ ପ୍ରସ୍ତୁତିକୁ ମଧ୍ୟ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ। ଏହି ଯୋଜନା ମାଧ୍ୟମରେ ଆତ୍ମରକ୍ଷା କୌଶଳ, ମାନସିକ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ବ୍ୟାପକ ଜନସଚେତନତାକୁ ଗୁରୁତ୍ୱରୋପ କରାଯାଇଛି। ନିର୍ଭୟା ପାଣ୍ଠିକୁ ବ୍ୟବହାରକରି ମହିଳା ହିଂସା ରୋକିବା ଉପରେ ଫୋକସ କରାଯାଇଛି। ସମାଜ କଲ୍ୟାଣ ବୋର୍ଡରେ ଏନ୍‌ଜିଓଙ୍କୁ ତାଲିକାଭୁକ୍ତ କରିବା ପାଇଁ ଆପ୍ଲିକେଶନ ଢାଞ୍ଚା ପ୍ରସ୍ତୁତି କରିବାକୁ ଯୋଜନା କରାଯାଇଛି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଓ ଅନ୍ୟମାନେ।

## ସଂକ୍ଷେପରେ

### ବଜ୍ରପାତରେ କାନ୍ଥ ଫାଟିଲା, ଘର ଭାଙ୍ଗିଲା

ବେଗୁନିଆ,୨୮।୫(ହରପ୍ରସନ୍ନ ପଣ୍ଡା)

ପ୍ରାକ୍ ମୌସୁମୀ ବର୍ଷା ସହିତ ବଜ୍ରପାତ ଘଟି ବେଗୁନିଆ ତହସିଲ ଅଞ୍ଚଳରେ ବୁଧବାର କାନ୍ଥ ଫାଟିବା ସହ ଆଜ୍‌ବେଷ୍ଟସ ଘର ଭାଙ୍ଗି ପଡ଼ିଛି। ଅପରାହ୍ନ ପ୍ରାୟ ୪ଟା ସମୟରେ ହଠାତ୍ ପବନ ବହିବା ସହ ଘଡ଼ଘଡ଼ି ଏବଂ ବର୍ଷା ହୋଇଥିଲା। ଏହାର ପ୍ରଭାବରେ ତହସିଲ ଅଧୀନ ବଡ଼ବେରଣା ନୂଆସାହିର ପ୍ରମୋଦ କୁମାର ବାରିକଙ୍କ ଆଜ୍‌ବେଷ୍ଟସ୍ ଘର ଭାଙ୍ଗି ପଡ଼ିଥିବାବେଳେ ପରିବାର ଲୋକେ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ତେବେ ପ୍ରମୋଦ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ସିମୋର ଗ୍ରାମର ବିଶ୍ୱନାଥ ଖୁଣ୍ଟିଆଙ୍କ ରୋଷେଇ ଘରର କାନ୍ଥ ଫାଟିବା ସହ ଆଜ୍‌ବେଷ୍ଟସ୍ ଭାଙ୍ଗିଯାଇଛି। ତାଙ୍କ ପଡ଼ୋଶୀ ଅଜୟ ମହାପାତ୍ରଙ୍କ ଘର ଆଜ୍‌ବେଷ୍ଟସ୍ ଭାଙ୍ଗିରୁଜି ଯାଇଛି। ବଜ୍ରପାତରେ କ୍ଷୟକ୍ଷତି ନେଇ ତହସିଲଦାର ତାପସ କୁମାର ବିଶି କହିଛନ୍ତି, ରାଜସ୍ୱ ନିରୀକ୍ଷକ ତଦନ୍ତ ପରେ ସରକାରୀ ନିୟମ ଅନୁଯାୟୀ ସହାୟତା ଯୋଗାଇ ଦିଆଯିବ।

### ବଜ୍ରପାତରେ ବିଦ୍ୟୁତ୍ ସରଞ୍ଜାମ ପୋଡ଼ିଗଲା

ବୋଲଗଡ଼,୨୮।୫(ଦେବବ୍ରତ ହୋତା)

ଲଘୁଚାପ କାରଣରୁ ବୋଲଗଡ଼ ବ୍ଲକ ଅଞ୍ଚଳରେ ବୁଧବାର ଦିନତମାମ ତୁହାକୁତୁହା ବର୍ଷା ଲାଗି ରହିଥିବାବେଳେ ବଜ୍ରପାତ ଘଟି ଗୋଟିଏ ଘରର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ଏହାସହ ସେହି ଘରେ ଥିବା ପ୍ରାୟ ସମସ୍ତ ବୈଦ୍ୟୁତିକ ଉପକରଣଗୁଡ଼ିକ ସମେତ ଅଞ୍ଚଳର ଅଧିକାଂଶ ଘରର ଅନେକ ବୈଦ୍ୟୁତିକ ସରଞ୍ଜାମ ପୋଡ଼ି ଯାଇଥିବା ସୂଚନା ମିଳିଛି। ବିଦ୍ୟୁତ୍ ଖୁଣ୍ଟକୁ ମଧ ବଜ୍ରାଘାତ ହେବ ଫଳରେ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇ ୫ ଘଣ୍ଟା ପରେ ରାତି ୧୦ଟା ବେଳକୁ କରେଣ୍ଟ ଆସିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଅପରାହ୍ନରେ ବୋଲଗଡ଼ ଗଡ଼ଭିତର ସାହିର ସମବାୟବିତ୍ ଲଲାଟେନ୍ଦୁ କେଶରୀ ସିଂଙ୍କ ଘର ଉପରେ ବଜ୍ରାଘାତ ହୋଇ ଘର ସିମେଣ୍ଟ ପ୍ଲାଷ୍ଟରଖଣ୍ଡ ଖସି ତଳେ ପଡ଼ିଥିଲା। ଏଥିରେ ତାଙ୍କ ପରିବାର ସୁରକ୍ଷିତ ଥିବାବେଳେ ଘରର ଥିବା ଟିଭି, ଫ୍ରିଜ ଓ ଇନ୍‌ଭରର୍ଟର ସମେତ ଅନେକ ବୈଦ୍ୟୁତିକ ସରଞ୍ଜାମ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି।

### ଘରୁ ଟଙ୍କା, ଅଳଙ୍କାର ଚୋରି

ବାଣପୁର,୨୮।୫(ଦିଲ୍ଲୀପ କୁମାର ସ୍ୱାଇଁ)

ବାଣପୁର ଥାନା ମାଟିଆ ପୋଖରୀ ରୋଡ଼ର ପ୍ରଦୀପ ବାହୁବଳେନ୍ଦ୍ରଙ୍କ ଘରେ କେହି ନ ଥିବାର ସୁଯୋଗ ନେଇ ମଙ୍ଗଳବାର ରାତିରେ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଘରର ଗ୍ରିଲ, କବାଟ ଭାଙ୍ଗି ପ୍ରାୟ ୧୦ ଭରି ସୁନା ଏବଂ ୮୦୦ ଗ୍ରାମ ରୁପା ଅଳଙ୍କାର ସହ ନଗଦ ୬୦ ହଜାର ଟଙ୍କା ଏବଂ ଗୋଟିଏ ଲାପ୍‌ଟପ୍ ଚୋରି କରିନେଇଛନ୍ତି। ଏନେଇ ବାଣପୁର ଥାନାରେ ଅଭିଯୋଗ ପରେ ପୋଲିସ ୧୮୪/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରଦୀପଙ୍କ ପତ୍ନୀଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ସେ ଗତ ୩ ଦିନ ହେବ ଘରେ ତାଲା ପକାଇ ଡାକ୍ତରଖାନାରେ ରହୁଥିଲେ। ତେବେ ରାତ୍ରିକାଳୀନ ପାଟ୍ରୋଲିଂ କଡ଼ାକଡ଼ି କରାଯିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

### ଜୁନ୍ ୧୨ରୁ ସରକାରଙ୍କ ସେବା ପ୍ରସାର କାର୍ଯ୍ୟକ୍ରମ

ଖୋର୍ଦ୍ଧା,୨୮।୫(ପ୍ରଭାତ ପାଣିଗ୍ରାହୀ)

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ବୁଧବାର ସମସ୍ତ ଜିଲାପାଳଙ୍କ ସହ ଆଭାସୀରେ ରାଜ୍ୟ ସରକାରଙ୍କ ସେବା ପ୍ରସାର କାର୍ଯ୍ୟକ୍ରମ ଜୁନ ୧୨ରୁ ୨୦ତାରିଖ ମଧ୍ୟରେ ପାଳନ କରାଯିବା ନିମନ୍ତେ ଆଲୋଚନା କରିଛନ୍ତି। ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା ଏଥିରେ ଆଭାସୀ ମାଧ୍ୟମରେ ଯୋଡ଼ିହୋଇଥିଲେ। ବୈଠକରେ ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଡେପୁଟି କଲେକ୍ଟର ପ୍ରଧାନ ଟୁଲିଆମା, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ଯୋଗଦେଇଥିଲେ। ରାଜ୍ୟ ସ୍ତରରେ ମୁଖ୍ୟ ଶାସନ ସଚିବଙ୍କ ସହ କୋର୍ କମିଟି ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନାର ସୁଫଳ ଜନସାଧାରଣଙ୍କ ନିକଟରେ ପହଞ୍ଚାଇ ବିକଶିତ ଓଡ଼ିଶା ଗଠନ କରିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି ସୂଚନା ମିଳିଛି।

# ଜିଲାରେ ୨୫୦ ଡାକ୍ତର ପଦବୀ ଖାଲି

## ଲୋକଙ୍କ ସମସ୍ୟା ଦ୍ରୁତ ସମାଧାନ କର: ସମବାୟ ମନ୍ତ୍ରୀ

- ଗତ ୨ବର୍ଷ ତୁଳନାରେ କମ୍ ମାମଲା ପଞ୍ଜୀକୃତ
- ଖୋର୍ଦ୍ଧା ବନଖଣ୍ଡରେ ଅଛନ୍ତି ୬୦ରୁ ଊର୍ଦ୍ଧ୍ୱ ହାତୀ



ସମୀକ୍ଷା ବୈଠକରେ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ଏବଂ ଅନ୍ୟମାନେ।

ଖୋର୍ଦ୍ଧା,୨୮।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲାପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ଜିଲାର ବିକାଶ ସଂକ୍ରାନ୍ତ ଜିଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସମବାୟ, ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ତଥା ଖୋର୍ଦ୍ଧା ଜିଲା ପ୍ରଭାରୀ ପ୍ରଦୀପ ବଳସାମନ୍ତ ଯୋଗଦେଇ ଜିଲାରେ ଚାଲିଥିବା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନତିମୂଳକ ଯୋଜନାର ସମୀକ୍ଷା କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସେ ଆଲୋଚନା କରିଛନ୍ତି। ବିକଶିତ ଖୋର୍ଦ୍ଧା ପାଇଁ ସମସ୍ତଙ୍କୁ ମିଳିତ ଭାବେ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଏହି ଅବସରରେ ଜିଲାରେ ୨୫୦ ଡାକ୍ତର ପଦବୀ ଖାଲିପଡ଼ିଥିବା ସୂଚନା ମିଳିଛି। ଲୋକଙ୍କ ସମସ୍ୟା ବୁଝି ଦ୍ରୁତ ସମାଧାନ କରିବାକୁ ଜିଲାପାଳ ଚଞ୍ଚଳ ରାଣା ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ବିଭିନ୍ନ ଯୋଜନା ସମ୍ପର୍କରେ ସେ ଆଲୋକପାତ କରିଥିଲେ।

ଅତିରିକ୍ତ ପୋଲିସ ଉପାୟୁକ୍ତ (ଭୁବନେଶ୍ୱର) ଆଇନଶୃଙ୍ଖଳା, ସାଇବର ଅପରାଧ, ଭିଭିଆଇପି ସୁରକ୍ଷା, ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ପଦକ୍ଷେପ ସମ୍ପର୍କରେ କହିଥିଲେ। ଗତ ଦୁଇବର୍ଷ ତୁଳନାରେ ୨୦୨୫ରେ କମ୍ କେସ୍ ୪୩୭୧ ପଞ୍ଜୀକୃତ ହୋଇଥିବା କହିଥିଲେ। ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ ଦିଗରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଚଳିତବର୍ଷ ମେ ୨୮ ସୁଦ୍ଧା ଜିଲାରେ ୧୬୩୨ କେସ୍ ପଞ୍ଜୀକୃତ ହୋଇଛି ବୋଲି ସେ କହିଥିଲେ। ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ ପୂର୍ଣ୍ଣିମା ପାଣ୍ଡିଆନ୍ କହିଲେ ଯେ, ଏହି ବନଖଣ୍ଡରେ ପ୍ରାୟ ୬୦ରୁ ୭୦ ହାତୀ ଅଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷରେ ୩୮୬୬ କ୍ଷତିଗ୍ରସ୍ତ ରିପୋର୍ଟ ଆସିଥିବାବେଳେ ଏଥିବାବଦକୁ ୨ କୋଟି ୯ ଲକ୍ଷ ୨୨ ହଜାର ୩୯୦ ଟଙ୍କା କ୍ଷତିପୂରଣ ଦିଆଯାଇଛି। ବର୍ତ୍ତମାନ ଡ୍ରୋନ ଦ୍ୱାରା ହାତୀ ଗତିବିଧି ଉପରେ ନଜର ରଖାଯାଉଛି।

ଜିଲା ପରିଷଦ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ କହିଲେ, ଆବାସ ଯୋଜନା (ଗ୍ରାମୀଣ) ପ୍ରକଳ୍ପର ଅଗ୍ରଗତି ୭୦.୯୪ ପ୍ରତିଶତ ରହିଥିବା ବେଳେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୨୦୨୪-୨୫ ବର୍ଷରେ ୧୭୫୮ ଲକ୍ଷ୍ୟଧାର୍ଯ୍ୟ ରହିଛି। ୧୪୬୦ ଜଣଙ୍କୁ ପ୍ରଥମ କିସ୍ତି ଦିଆଯାଇଛି। ଅମୃତ ସରୋବର ଯୋଜନାରେ ଦ୍ୱିତୀୟ ପର୍ଯ୍ୟାୟରେ ୫୭୦ ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ବେଳେ ୫୮୩ ଚିହ୍ନଟ କରାଯାଇଛି। ଲକ୍ଷପତି ଦିଦି ଯୋଜନାରେ ୫୪୭୯୨ ଜଣଙ୍କୁ ସାମିଲ କରାଯାଇ ୯୪.୪୨% ସଫଳତା ମିଳିଛି। ଏସ୍‌ଏସ୍‌ଜି ବ୍ୟାଙ୍କ ସଂଯୋଗରେ ୯୮ ପ୍ରତିଶତ ସଫଳତା, ପ୍ରଧାନମନ୍ତ୍ରୀ (ସହରାଞ୍ଚଳ) ୧.୦ ଯୋଜନାରେ ୧୫୦୬ ଗୃହ ନିର୍ମାଣାଧୀନ ଥିବା ବେଳେ ପ୍ରଧାନମନ୍ତ୍ରୀ ଆବାସ (ସହରାଞ୍ଚଳ) ୨.୦ରେ ୧୬୫ ପ୍ରକଳ୍ପ ରିପୋର୍ଟ ଦାଖଲ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଓ ଜନସ୍ୱାସ୍ଥ୍ୟ ଅଧିକାରୀ ରାଜଶ୍ରୀ ପଟ୍ଟନାୟକ କହିଲେ, ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା, ବୟୋ ବନ୍ଦନା ଯୋଜନାରେ ୭,୮୯,୩୧୧ କାର୍ଡ ମିଳିଥିବାବେଳେ ୫,୩୬,୨୬୫ ହିତାଧିକାରୀଙ୍କୁ କାର୍ଡ ବଣ୍ଟାଯାଇଛି। ୬୮% ସଫଳତା ମିଳିଛି। ଜିଲାରେ ୫୧୬ ଡାକ୍ତର ପଦବୀ ମଞ୍ଜୁରୀ ଥିବାବେଳେ ୨୬୬ ଜଣ ସେବାଯୁକ୍ତ ଅଛନ୍ତି। ୨୫୦ ଡାକ୍ତର ପଦବୀ ଖାଲି ପଡ଼ିଛି। ୭୪ଜଣ ଡାକ୍ତର ସ୍ନାତକୋତ୍ତର ପାଠ ପଢ଼ିବା ପାଇଁ ଯାଇଛନ୍ତି। ସମବାୟ ସମିତି ଉପନିବନ୍ଧକ ଅଲକା ଜେନା କହିଲେ, ଖରିଫ ୨୦୨୪-୨୫ ବର୍ଷରେ ୯୯ ପ୍ରତିଶତ ଏବଂ ୯୭ ପ୍ରତିଶତ ଚାଷୀଙ୍କୁ ରବି ଫସଲ ପାଇଁ ଋଣ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ୫୫୨୩୦ ଚାଷୀଙ୍କୁ ବୀମାଭୁକ୍ତ କରାଯାଇ ଏ ବାବଦକୁ ୧୭୮.୪୬ କୋଟି ସ୍ଥିର ହୋଇଛି। ହସ୍ତତନ୍ତ ଓ ବୟନ ଶିଳ୍ପ ସହକାରୀ ନିର୍ଦ୍ଦେଶକ କହିଲେ, ବଳିଆ ଯୋଜନାରେ ୨୦୨୪-୨୫ ବର୍ଷରେ ୩୦,୯୧୫ ସଭ୍ୟ ରହିଥିବା ବେଳେ ଉତ୍ପାଦ ବିକ୍ରି ୩୦୩.୮୪୭ ଲକ୍ଷ ଟଙ୍କା ରହିଛି। ଜିଲା ବେସାମରିକ ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ ରାଶନ କାର୍ଡ ଇକେୱାଇସି ଜିଲାରେ ୯୩.୭ ପ୍ରତିଶତ ରହିଛି। ୧୨,୯୨,୧୫୬ ଯାଞ୍ଚ କରାଯାଇ ଅବଶିଷ୍ଟ ୩୯,୩୭୪ ଦରଖାସ୍ତ ଯାଞ୍ଚ ଖୁବଶୀଘ୍ର ଶେଷ ହେବ। ଜିଲାରେ ୨୦ ହଜାର ୪୮ ମୃତ ହିତାଧିକାରୀଙ୍କ ନାମ କଟାଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ କହିଲେ ସିକିମ ସ୍ୱତ୍ୱ ୨୦୦୧, ବସୁନ୍ଧରା ୨୨୨, ବନ୍ଦୋବସ୍ତ ୪୪୫, ଖାସ୍‌ମାହାଲ ୧୫୭, ଏଫ୍‌ଆର୍ ଟାଟଲସ ୧୯୭୦ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରାଥମିକ ବିଦ୍ୟାଳୟର ଆର୍‌ଓଆର୍ ସଂଶୋଧନ କରାଯାଇ ୪୨୦ ପଟ୍ଟା, ଉଚ୍ଚବିଦ୍ୟାଳୟକୁ ୧୧୩, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୨୫ ଏବଂ ସ୍ନାତକ ମହାବିଦ୍ୟାଳୟକୁ ୧୫ ପଟ୍ଟା ଦିଆଯାଇଛି। ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା କହିଲେ, ୨୦୨୪ରୁ ଜୁଲାଇ ୧ରୁ ୨୦୨୫ ମେ ୨ ସୁଦ୍ଧା ସିଏମ୍‌ଓ ଅଭିଯୋଗର ୪୪୯୩ ପ୍ରାପ୍ତ ହୋଇଥିବା ବେଳେ ୪୧୮୩ ଅଭିଯୋଗ ସମାଧାନ କରାଯାଇଛି। ୩୧୦ ଅଭିଯୋଗର ଦ୍ରୁତ ସମାଧାନ କରାଯିବ। କୃଷି, ଶିକ୍ଷା, ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ, ଶ୍ରମ, ଇଡ୍‌କୋ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ, ଜିଲା ଗ୍ରାମ୍ୟ ନିର୍ମାଣ, ପୂର୍ତ୍ତ, ଜିଲା ସାମାଜିକ କଲ୍ୟାଣ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଯୋଜନା ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

### ଗଛରେ ପିଟିହେଲା ବାଇକ୍, ଛାତ୍ର ମୃତ

ବାଣପୁର,୨୮।୫(ଦିଲ୍ଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ନାଚୁଣୀ ଥାନା ଅଧୀନ ଗମ୍ଭାରୀମୁଣ୍ଡା ପୋଲିସ ବିଟ୍ ହାଉସ ନିକଟ କଉଡ଼ିଆ ଛକ ପେଟ୍ରୋଲ ପମ୍ପଠାରେ ବୁଧବାର ଦୁର୍ଘଟଣା ଘଟି ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ ବାଣପୁର ଥାନା ନରେନ୍ଦ୍ରପୁର ପଞ୍ଚାୟତ ବେରୁଆଁବାଡ଼ି ଗ୍ରାମର ନିଲୁ ସ୍ୱାଇଁଙ୍କ ଜ୍ୟେଷ୍ଠପୁଅ ଅରୁଣ ସ୍ୱାଇଁ(ଅରୁ) (୨୧)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୫୦/୨୫) ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ, ଅରୁଣ ବୁଧବାର ବାଇକ୍ ଯୋଗେ ଭୋର ୫ଟାରେ ଖୋର୍ଦ୍ଧାର ଏକ ଘରୋଇ କଲେଜରେ ଡିପ୍ଲୋମା ପରୀକ୍ଷା ଦେବାକୁ ଯାଉଥିଲେ। ଏହି ସମୟରେ କଉଡ଼ିଆ ଛକ ପେଟ୍ରୋଲ ପମ୍ପଠାରେ ସେ ଏକ ଗଛରେ ପିଟି ହୋଇଯାଇଥିଲେ। ଖବର ପାଇ ବିଟ୍‌ହାଉସ ଅଧିକାରୀ କେଶବ ଚନ୍ଦ୍ର ବେହେରା ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ତାଙ୍କୁ ବାଣପୁର ହସ୍ପିଟାଲକୁ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ପୋଲିସ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରିଛି।

### ମଦ ଜବତ, ୨ ଗିରଫ

ବେଗୁନିଆ,୨୮।୫(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୩୫ ଲିଟର ଦେଶୀ ମଦ ଜବତ ସହ ୨ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରାଯାଇଛି। ଅଭିଯୁକ୍ତ ଦ୍ୱୟ ହେଲେ ବେଗୁନିଆର ଲଳିତା ସାହୁ ଓ ପିଚୁକୁଳି ଗ୍ରାମର ଅନନ୍ତ କୁମାର ନାୟକ। ଜିଲା ଅବକାରୀ ଅଧକ୍ଷା ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ସଦର ରେଞ୍ଜ ଅଧିକାରୀ ରାଧାକାନ୍ତ ଭୋଇଙ୍କ ତତ୍ତ୍ୱାବଧାନରେ ବେଗୁନିଆ ପୋଲିସ ସହାୟତାରେ ଏହି ଚଢ଼ାଉ କରାଯାଇଥିଲା।

## ପରିବେଶ, ବନ୍ୟପ୍ରାଣୀ ସୁରକ୍ଷା ନେଇ ସଚେତନତା


କାର୍ଯ୍ୟକ୍ରମରେ ଅତିଥିଙ୍କୁ ଚାରା ପ୍ରଦାନ କରାଯାଉଛି।

ଟାଙ୍ଗୀ ଖୋର୍ଦ୍ଧା,୨୮।୫(ରଘୁନାଥ ସାହୁ)

ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ସାଙ୍ଗକୁ ଚିଲିକାରେ ଲାଗୁଥିବା ନିଆଁ ପ୍ରତିରୋଧ ନେଇ ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଜନସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଚିଲିକା ଉପକୂଳବର୍ତ୍ତୀ ଅଞ୍ଚଳରେ ରହୁଥିବା ଓ ଚିଲିକା ସହିତ ଜଡ଼ିତ ଥିବା ମତ୍ସ୍ୟଜୀବୀଙ୍କ ପାଇଁ ଏହି ଜନସଚେତନତା ସୃଷ୍ଟି କରାଯାଇଥିଲା। ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗର ରେଞ୍ଜର ବିରାଜ ଦାସ ଓ ତାଙ୍କ ସହକର୍ମୀଙ୍କୁ ନେଇ ଆୟୋଜିତ ଏହି ଜନସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟାଙ୍ଗୀ ଥାନା ନିରୀକ୍ଷକ ରବୀନ୍ଦ୍ର କୁମାର ଭୁଜବଳ, ମୁଖ୍ୟବକ୍ତା ଭାବେ ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ସହକାରୀ ବନ ସଂରକ୍ଷକ ପ୍ରମୋଦ ସେଠୀ, ପରିବେଶବିତ୍ ଧନେଶ୍ୱର ବିଧାର, ସାମାଜିକ କର୍ମୀ ଚନ୍ଦ୍ରକାନ୍ତ ପଲେଇ, ଶେଷଦେବ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରିବେଶର ସୁରକ୍ଷା, ଜଳବାୟୁ ପରିବର୍ତ୍ତନ, ବନ୍ୟପ୍ରାଣୀ ସୁରକ୍ଷା ସାଙ୍ଗକୁ ଚିଲିକାରେ ଲାଗୁଥିବା ନିଆଁ ପ୍ରତିରୋଧ ଏବଂ ଚିଲିକାର ସୁରକ୍ଷା ଉପରେ ଅତିଥିମାନେ ମନ୍ତବ୍ୟ ପ୍ରଦାନ ସହ ଏଥିରେ ସମସ୍ତଙ୍କ ସହଯୋଗ ଆଶା କରିଥିଲେ। ସ୍ଥାନୀୟ ଅଞ୍ଚଳର ବହୁ ସାମାଜିକ କର୍ମୀ, ବୁଦ୍ଧିଜୀବୀ, ମତ୍ସ୍ୟଜୀବୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଟାଙ୍ଗୀ ବନ୍ୟପ୍ରାଣୀ ବିଭାଗର କର୍ମଚାରୀ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଅତିଥିଙ୍କ ଦ୍ୱାରା ଚାରାରୋପଣ କରାଯାଇଥିଲା ଏବଂ ବରିଷ୍ଠ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ଖବରଦାତାଙ୍କୁ ଆକ୍ରମଣ ଘଟଣା ପ୍ରତିବାଦରେ ଆଭାସୀ ବୈଠକ

ବେଗୁନିଆ,୨୮।୫(ସନ୍ଧ୍ୟାରାଣୀ ମିଶ୍ର)

କାର୍ଯ୍ୟରତ ଖବରଦାତାଙ୍କ ଉପରେ ବୃଦ୍ଧି ପାଉଥିବା ଆକ୍ରମଣ ଏବଂ ବଲାଙ୍ଗୀରରେ କର୍ତ୍ତବ୍ୟରତ ଖବରଦାତା ବିଜୟ ପ୍ରଧାନଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ପ୍ରତିବାଦରେ ବୁଧବାର ବେଗୁନିଆ ମିଡିଆ ହାଉସ୍ ପକ୍ଷରୁ ଆଭାସୀ ମାଧ୍ୟମରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆକ୍ରମଣ ଘଟଣାରେ ହାଉସ୍ ପକ୍ଷରୁ ନିନ୍ଦା ପ୍ରସ୍ତାବ ଆଗତ କରାଯାଇ ତୁରନ୍ତ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ସରକାର ଖବରଦାତା ସୁରକ୍ଷା ଆଇନ ପ୍ରଣୟନ କରିବାକୁ ମତ ପ୍ରକାଶ ପାଇଥିଲା। ଉପଦେଷ୍ଟା ଶିକ୍ଷାବିତ୍ ଗୌରଚରଣ ପ୍ରହରାଜ, ଖବରଦାତା ଭଗବାନ ପଣ୍ଡା, ନଳିନୀକାନ୍ତ ପଣ୍ଡା, ଶରତ ବାରିକ, ସଦସ୍ୟ ଗଣେଶ୍ୱର ମହାପାତ୍ର, ସନ୍ଧ୍ୟାରାଣୀ ମିଶ୍ର, ପୁରୁଷୋତ୍ତମ ପଟ୍ଟନାୟକ, ଯୋଗେଶ୍ୱର ପଣ୍ଡା, ସମୀର ସୁନ୍ଦରାୟ, ଗୋବିନ୍ଦ ଚନ୍ଦ୍ର ଖୁଣ୍ଟିଆ, ସଞ୍ଜୟ କୁମାର ବାହୁବଳେନ୍ଦ୍ର, ସଂଗ୍ରାମ କେଶରୀ ସାମନ୍ତସିଂହାର, ଅନିଲ ନାୟକ ଓ ଅଜୟ ସେଠୀ ପ୍ରମୁଖ ଆଭାସୀ ବୈଠକରେ ଉପସ୍ଥିତ ଥିଲେ। ଖବରଦାତାମାନେ ଖବର ସଂଗ୍ରହ କରୁଥିବାବେଳେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀଙ୍କ ଦ୍ୱାରା ଆକ୍ରମଣର ଶିକାର ହେଉଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ସରକାର ଏ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହୋଇଥିଲା।

### ଖୋର୍ଦ୍ଧାରେ ସାଇବର ଥାନା ଖୋଲିବାକୁ ଦାବି


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଖୋର୍ଦ୍ଧା ବିକାଶ ମଞ୍ଚର କର୍ମକର୍ତ୍ତା।

ଖୋର୍ଦ୍ଧା,୨୮।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ସଦର ମହକୁମାରେ ଏକ ସାଇବର ଥାନା ଓ ମୋବାଇଲ ଡିଟେକ୍ସନ୍ ସେଣ୍ଟର ଖୋଲିବା ପାଇଁ ଦାବି ହୋଇଛି। ବୁଧବାର ଏ ନେଇ ଖୋର୍ଦ୍ଧା ବିକାଶ ମଞ୍ଚ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଖୁବ୍‌ଶୀଘ୍ର ୨୦ଟି ଜିଲାରେ ସାଇବର ଥାନା ଖୋଲାଯିବା ନେଇ କିଛିଦିନ ତଳେ ଘୋଷଣା କରିଥିଲେ। ଭୁବନେଶ୍ୱରରେ ସାଇବର ଥାନା ରହିଛି। ତେବେ ଖୋର୍ଦ୍ଧା ଅଞ୍ଚଳର ତୃଣମୂଳ ସ୍ତରରେ ରହୁଥିବା ଲୋକେ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। ସାଇବର ଠକେଇ ଘଟଣା ଘଟିଲେ ଭୁବନେଶ୍ୱର ଦୌଡୁଛନ୍ତି।

ଦିନକୁ ଦିନ ସାଇବର ଅପରାଧ ସଂଖ୍ୟା ବଢ଼ିଚାଲିଥିବାବେଳେ ଲୋକେ ଲକ୍ଷାଧିକ ଟଙ୍କା ହରାଉଛନ୍ତି। ବିଗତ ଦିନର ଘଟଣାକୁ ଦେଖିଲେ ଖୋର୍ଦ୍ଧା ଗ୍ରାମାଞ୍ଚଳରେ ସାଇବର ଅପରାଧ ଏବଂ ମୋବାଇଲ ଲୁଟ ସଂଖ୍ୟା ବଢ଼ି ଚାଲିଛି। ଜିଲାବାସୀଙ୍କ ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଏଠାରେ ଏକ ସାଇବର ଥାନା ଖୋଲାଯିବାକୁ ଖୋର୍ଦ୍ଧା ବିକାଶ ମଞ୍ଚ ଦାବି କରିଛି। ଦାବିପତ୍ର ପ୍ରଦାନ ବେଳେ ଅନୁଷ୍ଠାନର ସଭାପତି ନରେନ୍ଦ୍ର ପୃଷ୍ଟିଙ୍କ ସମେତ ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ବଦ୍ରିନାରାୟଣ ଦାସ, ସନ୍ତୋଷ କୁମାର ଦାସ, ଆଇନଜୀବୀ କେଦାରନାଥ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ସରକାରୀ ଜମି ମାଡ଼ିବସିଛନ୍ତି ସରକାରୀ ବାବୁ

- ବିରୋଧ କଲେ ବାଉନ୍ସର ଲଗାଇ ଉଡ଼ାଇଦେବାକୁ ଧମକ
- ନିର୍ମାଣ କାର୍ଯ୍ୟ ବନ୍ଦ ସହ ଜବରଦଖଲ ହଟାଇବାକୁ ଦାବି

ଖୋର୍ଦ୍ଧା,୨୮।୫(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ପୌରାଞ୍ଚଳରେ ସରକାରୀ ଜମି ସରକାରୀ ବାବୁଙ୍କ କବ୍‌ଜାରେ ରହିଛି। ସ୍ଥାନୀୟ ଲୋକେ ବିରୋଧ କଲେ ଧମକାଉଛନ୍ତି। ଆମେ ସରକାରୀ ବାବୁ, ଆମର କେହି କିଛି କରିପାରିବେ ନାହିଁ ବୋଲି କହୁଛନ୍ତି। ସରକାରୀ ଜାଗା ମାଡ଼ିବସିଥିବା ସରକାରୀ ଅଧିକାରୀମାନଙ୍କ ବିରୋଧରେ ଏଭଳି ସାଂଘାତିକ ଅଭିଯୋଗ ଆଣିଛନ୍ତି ଖୋର୍ଦ୍ଧା ପୌରାଞ୍ଚଳ ଜେମାଦେଈ ବାସିନ୍ଦା।

ଖୋର୍ଦ୍ଧା ପୌରାଞ୍ଚଳର ଅନେକ ସରକାରୀ ଜମି ଜବରଦଖଲରେ ରହିଛି। ନିଜକୁ ସରକାରୀ ବାବୁ ବୋଲାଉଥିବା କେତେଜଣ ବ୍ୟକ୍ତି ଜେମାଦେଈରେ ସରକାରୀ ଜମିକୁ ମାଡ଼ିବସିଛନ୍ତି। ଏ ନେଇ କେହି ପ୍ରତିବାଦ କଲେ ବାଉନ୍ସର ଲଗାଇ ଉଠାଇନେବାକୁ ଧମକ ଦେଉଛନ୍ତି ବୋଲି କେତେଜଣ ସ୍ଥାନୀୟ ବାସିନ୍ଦା ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁସାରେ, କେତେଜଣ ବ୍ୟକ୍ତି ଜେମାଦେଈ ମୌଜାର ଖାତା ନଂ-୨୮୯, ପ୍ଲଟ ନଂ-୭୯୨, ଏରିଆ ୦.୪୯୫ ଡି, କିସମ - ପୁରାତନ ପତିତ, ପ୍ଲଟ ନଂ ୭୯୪ ଏରିଆ ଏ୦.୧୯୦ ଡି, ଓ ୭୯୭ ଏରିଆ ଏ ୧.୫୩୫ ଡି କିସମ ପୁରାତନ ପତିତ ଜମିକୁ ଜବରଦଖଲ କରି ସେଠାରେ ଗୃହ ନିର୍ମାଣ କାମ କରୁଛନ୍ତି। ଉକ୍ତ ସରକାରୀ ଜମିକୁ ସ୍ଥାନୀୟ ଲୋକେ ଯାତାୟାତ ପାଇଁ ବ୍ୟବହାର କରୁଥିଲେ। ଏବେ ସେଠାରେ ଗୃହ ନିର୍ମାଣ କାର୍ଯ୍ୟ ଚାଲିଥିବାରୁ ଲୋକେ ଯାତାୟାତ କରିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି

ଅଭିଯୋଗରେ ଆହୁରି ଦର୍ଶାଯାଇଛି ଯେ, ପୂର୍ବରୁ ତହସିଲଦାରଙ୍କ ପକ୍ଷରୁ ପି.ଆର୍. ନଂ. ୫୩/୨୦୨୫ ତା ୩୦.୦୧.୨୦୨୫ରେ ଉକ୍ତ ଜମିକୁ ଜବରଦଖଲମୁକ୍ତ କରିବା ପାଇଁ ନୋଟିସ୍ ଦିଆଯାଇଥିଲା। ତେବେ ତହସିଲଦାରଙ୍କ ଆଦେଶକୁ ଅଣଦେଖା କରି ସେଠାରେ ଜବରଦସ୍ତ ଘର ନିର୍ମାଣ କରାଯାଉଥିବା ଦେଖିବାକୁ ମିଳିଛି। ଉକ୍ତ ସରକାରୀ ଜମିରେ ଚାଲିଥିବା ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରାଯିବା ସହ ଜବରଦଖଲମୁକ୍ତ କରାଯିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ରାମଲୀଳା ଉଦ୍‌ଯାପିତ: ଗୁରୁପୂଜା, କଳାକାରଙ୍କୁ ସମ୍ବର୍ଦ୍ଧନା

ବାଣପୁର,୨୮।୫(ଦିଲ୍ଲୀପ କୁମାର ସ୍ୱାଇଁ)

ସ୍ଥାନୀୟ ବଡ଼ପଦର ଗ୍ରାମର ଶତାୟୁ ରାମଲୀଳା ସାଂସ୍କୃତିକ ଅନୁଷ୍ଠାନ ଶ୍ରୀ ରଘୁନାଥ ଦେବ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ଚାଲିଥିବା ରାମଲୀଳା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଶେଷଦେବ ବରାଳଙ୍କ ନିର୍ଦ୍ଦେଶନାରେ ଗତ ଅକ୍ଷୟତୃତୀୟା ତିଥିରୁ ଗ୍ରାମ କଳାକାରଙ୍କ ନାଟ୍ୟାଭିନୟକୁ ନେଇ ଦୈନିକ ରାତିରେ ରାମଲୀଳାରେ ଲଙ୍କେଶ୍ୱରଙ୍କ ବଧ, ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ଆଦି ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ମକରଧ୍ୱଜ ପଲାଇ ଏଥିରେ ଅଧକ୍ଷତା କରିଥିଲେ। ଆୟୋଜିତ ସଭାରେ ଆୟୋଜକ ଅନୁଷ୍ଠାନ ସହିତ ବଡ଼ପଦର ଗ୍ରାମବାସୀଙ୍କ ପକ୍ଷରୁ ଗୁରୁପୂଜନ ସମେତ ତରୁଣ, ଯୁବ ଓ ବର୍ଷିଆନ୍ ନାଟ୍ୟ କଳାକାରଙ୍କୁ ମାନପତ୍ର ଉପଢୌକନ ସହ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରାରମ୍ଭରେ ପ୍ରଦୀପ ପ୍ରଜ୍ୱଳନ, ରାମତାରକ ମନ୍ତ୍ର ପାଠ ସହ ବେଦପାଠ କରାଯାଇ ହରିବୋଲ ହୁଳହୁଳି ଘଣ୍ଟ ନାଦ କରାଯାଇଥିଲା। ଏହି ଅବସରରେ ଶଯ୍ୟାଶାୟୀ ଥିବା ଗ୍ରାମର ପୁରୁଖା କଳାକାର ଓ ନାଟ୍ୟ ଉପଦେଷ୍ଟା ନବକିଶୋର ମହାରଣାଙ୍କୁ ସିଲ୍ ଓ ଉପଢୌକନ ସହ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସେହିପରି ଗ୍ରାମର ବର୍ଷିଆନ୍ ରାମଲୀଳା ଆଖଡ଼ା ମାଷ୍ଟର ଖଲେଶ୍ୱର ମହାରଣାଙ୍କୁ ଅଙ୍ଗବସ୍ତ୍ର ଦେଇ ଗୁରୁପୂଜନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବରିଷ୍ଠ କଳାକାର ଭୀମସେନ ମହାରଣା, ବାଦ୍ୟକାର ରାମଚନ୍ଦ୍ର ମହାରଣା, ରୂପସଜ୍ଜା ଓ ସଙ୍ଗୀତରେ ଅଶୋକ ମହାରଣା, ବିକ୍ରମ ପ୍ରଧାନ, ଅକ୍ଷୟ ବରାଳ, ବରିଷ୍ଠ କଳାକାର ବିଜୟ ବରାଳ, ଦୁର୍ଯ୍ୟୋଧନ ବରାଳ, ଭାଗୀରଥି ବରାଳ, ମୁନା ସେଣ ତଥା ଅନ୍ୟାନ୍ୟ ବିଭାଗରେ ତପନ ମହାରଣା, ସଞ୍ଜୟ ବରାଳ, ରୁଦ୍ର ପଲାଇ, ପିନୁ ନାୟକ, ମଳୟ ପଲାଇ, ପପୁ ବରାଳ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାମଲୀଳା ନାଟ୍ୟ ବିଚାରକ ଭାବେ ଗାୟକ ଦକ୍ଷିଣ କେଶରୀ ରାମଚନ୍ଦ୍ର କର, ନାଚୁଣୀ କଲେଜ ଅଧକ୍ଷ ରାଜକିଶୋର ସାହୁ, ନାଟ୍ୟକାର ଭିକାରୀ ଚରଣ ପ୍ରଧାନ, ଖବରଦାତା ପ୍ରଦୋଷ ଦାସଙ୍କୁ ମାନପତ୍ର, ଉପଢୌକନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ନାଟ୍ୟ ସଂସଦ ପକ୍ଷରୁ ଉପସଭାପତି ମନୋଜ ମୋହନ ବରାଳ, ସମ୍ପାଦକ ବିଜୟ ଗୁରୁ, ପାଣ୍ଡବ ବରାଳ, ସହସମ୍ପାଦକ ବିଭୂତି ଭୂଷଣ ବରାଳ, ସଞ୍ଜୟ ମାଝୀ, ଯୁବକ ସଂଘ ସଭାପତି ପୃଥ୍ୱୀରାଜ ପଲାଇ ଓ ସାଥୀ ପରିଚାଳନା କରିଥିଲେ।


ରାମଲୀଳା ଉଦ୍‌ଯାପନ ଅବସରରେ ଉପସ୍ଥିତ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ବ୍ୟକ୍ତିମାନେ।

# ୨ଜଣଙ୍କୁ ଗିରଫ କଲା କ୍ରାଇମ୍‌ବ୍ରାଞ୍ଚ

କଟକ,୨୮।୫(କାର୍ତ୍ତିକ ସାହୁ)

ଅନଲାଇନ ଗେମ୍‌ରେ କ୍ରିକେଟ ବେଟିଂ ମାଧ୍ୟମରେ ୧ କୋଟି ୮ ଲକ୍ଷ ଟଙ୍କା ଠକେଇ ଅଭିଯୋଗରେ ରାଜ୍ୟ କ୍ରାଇମ୍‌ବ୍ରାଞ୍ଚ ଟିମ୍ ୨ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ହେଲେ ପଶ୍ଚିମବଙ୍ଗର ଏସ୍‌.କେ. ୱାସିଉଲ ଇସଲାମ ଓରଫ ରୋହନ ଏବଂ ଭୁବନେଶ୍ୱର ଖାରବେଳନଗର ଅଞ୍ଚଳର ଜ୍ୟୋତି ପ୍ରକାଶ ପଲାଇ। ତାଙ୍କ ନିକଟରୁ ପାସ୍‌ବୁକ, ଚେକ୍, ମୋବାଇଲ ଫୋନ, ସିମ୍‌କାର୍ଡ, ଜିଏସ୍‌ଟି ସାର୍ଟିଫିକେଟ, ଆଧାର ଏବଂ ପାନ୍ କାର୍ଡ ଜବତ ହୋଇଛି। ଏଥିସହ ଉଭୟଙ୍କ ଅନେକ ବ୍ୟାଙ୍କ ଆକାଉଣ୍ଟକୁ ପୋଲିସ ଅଚଳ କରିଥିବା ଜଣାଯାଇଛି। ୱାସିଉଲଙ୍କୁ ପଶ୍ଚିମବଙ୍ଗ ଏବଂ ଜ୍ୟୋତିଙ୍କୁ ଭୁବନେଶ୍ୱରରୁ ମଙ୍ଗଳବାର ଗିରଫ କରାଯାଇଥିବା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।


ଏସ୍‌.କେ. ୱାସିଉଲ ଇସଲାମ


ଜ୍ୟୋତି ପ୍ରକାଶ ପଲାଇ

ସୂଚନାନୁସାରେ, ଯାଜପୁର ଜିଲା କଳିଙ୍ଗନଗର ଅଞ୍ଚଳର ଜଣେ ବ୍ୟକ୍ତି ଅନ୍‌ଲାଇନ ଗେମ୍‌ରେ କ୍ରିକେଟ ବେଟିଂ ମାଧ୍ୟମରେ ୧ କୋଟି ୮ ଲକ୍ଷ ଟଙ୍କା ଠକାମିର ଶିକାର ହୋଇଥିବା ସାଇବର ଥାନାରେ ଅଭିଯୋଗ ହୋଇଥିଲା। ପ୍ରାରମ୍ଭରେ ସାଇବର ଅପରାଧୀମାନେ ତାଙ୍କୁ ଅନଲାଇନ କ୍ରିକେଟ ବେଟିଂର ୨ଟି ୱେବସାଇଟ ଲିଙ୍କ୍ ଶେୟାର କରିଥିଲେ। www.dream444.

**■ ୧ କୋଟି ୮ ଲକ୍ଷ ଟଙ୍କା ଠକେଇ**

**■ ଅନ୍‌ଲାଇନ କ୍ରିକେଟ ବେଟିଂରେ ଫସିଥିଲେ**

com ଏବଂ www.dream666.com ଆଇଡି ବ୍ୟବହାର କରି କ୍ରିକେଟ ବେଟିଂ ମାଧ୍ୟମରେ ଟଙ୍କା ରୋଜଗାର କରିବାକୁ ୨ ସାଇବର ଅଭିଯୁକ୍ତ ଠକାମିର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ପ୍ରଲୋଭିତ କରିଥିଲେ। ବ୍ୟକ୍ତି ଜଣକ ପ୍ରଥମେ ଅଳ୍ପ ଟଙ୍କା ବିନିଯୋଗ କରିଥିଲେ। ପ୍ରାଥମିକ ଅବସ୍ଥାରେ ସାଇବର ଅପରାଧୀମାନେ ତାଙ୍କୁ କିଛି କିଛି ଟଙ୍କା ଫେରସ୍ତ କରିଥିଲେ। ଯଦ୍ୱାରା ସେ ବିନିଯୋଗ କରିଥିବା ଟଙ୍କା ଫେରସ୍ତ ପାଇବା ନେଇ ତାଙ୍କ ବିଶ୍ୱାସ ସୃଷ୍ଟି ହୋଇଥିଲା। ଅଭିଯୋଗକାରୀ ଜଣକ ତାଙ୍କ ସ୍ତ୍ରୀ, ବନ୍ଧୁ ଏବଂ କର୍ମଚାରୀଙ୍କ ଆକାଉଣ୍ଟ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ୧.୦୮ କୋଟି ଟଙ୍କା ସାଇବର ଅପରାଧୀଙ୍କ ଆକାଉଣ୍ଟକୁ ଟ୍ରାନ୍ସଫର କରିଥିଲେ। ହେଲେ ସାଇବର ଅପରାଧୀମାନେ ତାଙ୍କୁ ଟଙ୍କା ଫେରସ୍ତ କରିବା ପରିବର୍ତ୍ତେ ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ। ଅଗଷ୍ଟ ୨୦୨୨ରୁ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ୱେବ୍‌ସାଇଟ ମାଧ୍ୟମରେ ସେ ଉପରୋକ୍ତ ପରିମାଣର ଟଙ୍କା ଜମା କରିଥିଲେ। ତେବେ ଦିନ ଗଡ଼ାଇବା ସତ୍ତ୍ୱେ ଟଙ୍କା ଫେରସ୍ତ ନ ପାଇବାରୁ ବ୍ୟକ୍ତି ଜଣକ ଥାନାର ଦ୍ୱାରସ୍ଥ ହୋଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ତଦନ୍ତ ନିମନ୍ତେ ଗଠନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯିବା ପରେ ୨ଜଣଙ୍କୁ ଗିରଫ କରାଯାଇଥିବା କ୍ରାଇମବ୍ରାଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।


କଟକ ମହାନଗର ନିଗମ କର୍ପୋରେଟରମାନେ ମଧ୍ୟପ୍ରଦେଶର ଇନ୍ଦୋର ଗସ୍ତ ଅବସରରେ ସେଠିକାର ନଗର ଉନ୍ନୟନ ମନ୍ତ୍ରୀ ଓ ମେୟରଙ୍କ ସହ ଆଲୋଚନା କରୁଛନ୍ତି।

## କଟକ ଜିଲା ମେଡିକାଲ ୪ର୍ଥ ଶ୍ରେଣୀ ସଂଘର କାର୍ଯ୍ୟକାରିଣୀ ବୈଠକ


ସଂଘର ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

କଟକ,୨୮।୫(ଶିଳ୍ପା ପ୍ରିୟଦର୍ଶିନୀ)

କଟକ ଜିଲା ମେଡିକାଲ ୪ର୍ଥ ଶ୍ରେଣୀ ସଂଘର ଜିଲା କାର୍ଯ୍ୟକାରିଣୀ ବୈଠକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ସଭାଗୃହରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ସଭାପତି ପୂର୍ଣ୍ଣଚନ୍ଦ୍ର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଂଘର ମୁଖ୍ୟ ଉପଦେଷ୍ଟା ଡ. ପ୍ରଭାତ ରଞ୍ଜନ ବିଶ୍ୱାଳ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ସାମଲ, ଏସ୍‌ସିବି ମେଡିକାଲ ସଂଘ ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ଉକ୍ତ ବୈଠକରେ କଟକ ଜିଲାର ସିଏଚ୍‌ସି, ପିଏଚ୍‌ସି, ସିଡିଏମଓ କାର୍ଯ୍ୟାଳୟ ଓ ସିଟି ହସ୍ପିଟାଲର ସମସ୍ତ କର୍ମଚାରୀ ଯୋଗଦେଇଥିଲେ। ବୈଠକରେ ସର୍ବସମ୍ମତିକ୍ରମେ ଜିଲା ସଂଘ ସମ୍ପାଦକ ପଦବୀ ନିମନ୍ତେ ନିର୍ବାଚନ ଘୋଷଣା କରାଯାଇଥିଲା। ନିର୍ବାଚନ ଅଧିକାରୀ ଭାବେ ଏସ୍‌ସିବି ମେଡିକାଲ ୪ର୍ଥ ଶ୍ରେଣୀ କର୍ମଚାରୀ ସଂଘ ସମ୍ପାଦକ ରାମଚନ୍ଦ୍ର ପ୍ରଧାନ ନିର୍ବାଚନ ପରିଚାଳନା କରିଥିଲେ। ଜିଲା ସଂଘ ସମ୍ପାଦକ ପଦବୀ ପାଇଁ ମନୋରଞ୍ଜନ ବେହେରା ଓ ଏସ୍‌.କେ ମଞ୍ଜୁର ନାମାଙ୍କନପତ୍ର ଦାଖଲ କରିଥିବାବେଳେ ମନୋରଞ୍ଜନ ବେହେରା ୧୬ ଖଣ୍ଡ ଭୋଟ ପାଇଥିବା ବେଳେ ଏସ୍‌.କେ ମଞ୍ଜୁର ୩୦ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିଲେ। ରାଜ୍ୟ ସଭାପତି ଓ ସମ୍ପାଦକ ବିଜୟୀ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ଯୁଗ୍ମ ସମ୍ପାଦକ ଭାବେ ଅଶୋକ କୁମାର ଦାସ, ଯୁଗ୍ମସମ୍ପାଦିକା ଭାବେ ମମତା ସାହୁ, କୋଷାଧ୍ୟକ୍ଷ ଭାବେ ମାନସ କୁମାର ସାହୁ ମନୋନୀତ ହୋଇଥିଲେ। ରାଜ୍ୟ ସଂଘ ଉପସଭାପତି ନବଘନ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପାର ପରାକ୍ରମ ଶୋଭାଯାତ୍ରା

କଟକ ସଦର,୨୮।୫(ସୁଶାନ୍ତ କୁମାର ଜେନା)

ଅପରେଶନ ସିନ୍ଦୂରରେ ଭାରତୀୟ ସେନାର ବିରତ୍ୱକୁ ମନେ ପକାଇ ବୁଧବାର କଟକ ସଦର କନ୍ଦରପୁର ଭାଜପା ମଣ୍ଡଳ ପକ୍ଷରୁ ପରମହଂସଠାରେ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ଗ୍ରାମ ପରିକ୍ରମା କରି ମନ୍ଦିର ନିକଟରେ ପହଞ୍ଚି ଥିଲେ। ଏହି ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ବକ୍ତାମାନେ ଯବାନଙ୍କ ବିରତ୍ୱରେ ଉପରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଣ୍ଡଳ ସଭାପତି ନିରଞ୍ଜନ ରାଉଳ, ମଣ୍ଡଳ ପ୍ରଭାରୀ ସୁରେଶ ଚନ୍ଦ୍ର ଜେନା, ମାନସ ପଣ୍ଡା, ପ୍ରଦୀପ୍ତ ମାହାଳି, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ରାଧାମୋହନ ମହଲା, ଶେଷଦେବ ପଣ୍ଡା, ଅଜୟ ମଲ୍ଲିକ, ମନୋଜ ସିଂହ, ଲକ୍ଷ୍ମଣ ସେଠୀ, ସଂଘମିତ୍ରା ବେହେରା, ଅମ୍ରି ମହାନ୍ତି, ପ୍ରମୋଦ ଦଳାଇ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।



ପରମହଂସରେ ଆୟୋଜିତ ଭାଜପାର ପରାକ୍ରମ ଶୋଭାଯାତ୍ରା।

## କାଠଯୋଡ଼ି ନଦୀପଠା ବିକ୍ରି ଚାଲିଛି

### ଅଭିଯୋଗ ସତ୍ତ୍ୱେ ନୀରବଦ୍ରଷ୍ଟା ସାଜିଛି ଜଳ ସମ୍ପଦ ବିଭାଗ

କଟକ ସଦର,୨୮।୫(ସୁଶାନ୍ତ କୁମାର ଜେନା)

ମହାନଦୀ ସାଉଥ ଜଳସେଚନ ଡିଭିଜନ ଅଧୀନ କାଠଯୋଡ଼ି ନଦୀର ଡାହାଣ ପାର୍ଶ୍ୱ ବନ୍ଧ ୯୪(ଖ) ପାର୍ଶ୍ୱ ପଠା କିସମ ଜମି ବିକ୍ରି କରାଯାଇ ବଡ଼ବଡ଼ କୋଠା ନିର୍ମାଣ ଚାଲିଥିବା ରାଜ୍ୟ ଜଳ ସମ୍ପଦ ବିଭାଗ ନିକଟରେ ଅଭିଯୋଗ ହୋଇଛି। ନଦୀ ଧାରକୁଲାଗିଥିବା ଏହି ପଠାକୁ କେତେଜଣ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ସତ୍ୟପାଠ ମାଧ୍ୟମରେ ଜମିର ମାଲିକାନା ଅନ୍ୟକୁ ହସ୍ତାନ୍ତର କରିବାରେ ଲାଗିଛନ୍ତି। ଏହି ଜମି ଶସ୍ତାରେ ମିଳିଥିବାରୁ କେତେଜଣ ବେଆଇନ ଦାଖଲକାରୀ କୋଠା ନିର୍ମାଣ କରିବା ଆରମ୍ଭ କରି ଦେଇଛନ୍ତି। ଅଭିଯୋଗ ମୁତାବକ କଳପଡ଼ା ରାଜସ୍ୱ ସର୍କଲ ଅନ୍ତର୍ଗତ ୯୪(ଖ) ଗୋବିନ୍ଦପୁର ମୌଜାର ଜଳସେଚନ ବିଭାଗର ଖାତା ନଂ. ୪୬୨ରେ ଥିବା ସମସ୍ତ ୧୬ଟି ପ୍ଲଟ୍ ଜବରଦଖଲ ବୋଲି ୧୯୭୪ ମସିହାରେ ଖତୀୟାନାର ମନ୍ତବ୍ୟ କଲମରେ ଉଲ୍ଲେଖ ରହିଛି। ଏହି ପଠାରେ କେବଳ ଚାଷ କରାଯାଏ ବୋଲି ଲେଖା ରହିଛି। ମାତ୍ର ପରମହଂସଠାରେ କାଠଯୋଡି ନଦୀ ଉପରେ ସେତୁ ନିର୍ମାଣ ହେବା ପରେ ଏହି ପଠାର ଭାଗ୍ୟ ବଦଳିଗଲା। ଜବରଦଖଲକାରୀମାନେ ସତ୍ୟପାଠ କରି ଏହି ଜବରଦଖଲ ଜମିର ମାଲିକାନା ହସ୍ତାନ୍ତର କରିଥିଲେ। ଏହି ସ୍ଥାନରେ ବର୍ତ୍ତମାନ ଚାଷ ପରିବର୍ତ୍ତେ ଗୃହ ନିର୍ମାଣ ଚାଲିଛି। ମଣିବାଡଠାରୁ ରାଉତ୍ରାପୁର ମଧ୍ୟରେ ନଦୀବନ୍ଧ ପିଚୁ କରାଯାଉଛି। ଠିକାଦାର ବାଲି, ମୋରମ, ବଜୁରି ଭଳି ସାମଗ୍ରୀ ନଦୀ ବନ୍ଧ ପାର୍ଶ୍ୱରେ ଜମା କରିବାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଜବରଦଖଲକାରୀମାନେ ଟଙ୍କା ମାଗିବାରୁ ଜମିର ମାଲିକାନା ଉପରେ ତଦନ୍ତ ଆରମ୍ଭ ହୋଇଥିଲା। ଏହା ପରେ ଏହି ସବୁ ତଥ୍ୟ ମିଳିଥିଲା। କାଠଯୋଡ଼ି ନଦୀର ଝିଙ୍କିରିଆଠାରୁ ଚାନ୍ଦୁଲି ପର୍ଯ୍ୟନ୍ତ ଜଳଧାରାକୁ ଲାଗିଥିବା ପଠାରେ ନିର୍ମାଣ ଚାଲିଥିଲେ ସୁଦ୍ଧା ଉଭୟ ରାଜସ୍ୱ ଓ ଜଳସେଚନ ବିଭାଗ ନୀରବଦ୍ରଷ୍ଟା ସାଜିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଜବରଦଖଲ ଉଚ୍ଛେଦ ପାଇଁ କେତେଜଣ ସାମାଜିକ କର୍ମୀ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହେବା ପାଇଁ ପ୍ରସ୍ତୁତ ଆରମ୍ଭ କରିଦେଲେଣି। ମହାନଦୀ ସାଉଥ ଜଳସେଚନ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ସିଦ୍ଧାର୍ଥ ଶେଖରଙ୍କୁ ପଚାରିବାରୁ ଏ ସମ୍ପର୍କରେ ବିଭାଗୀୟ ପ୍ରମୁଖ ଅଧିକାରୀଙ୍କୁ ଜଣାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଥିଲେ।

## ରାସ୍ତାରେ ଲହଡ଼ି ମାରୁଛି ବର୍ଷାପାଣି

ଚୌଦ୍ୱାର,୨୮।୫(ଆଶୁତୋଷ ଦାସ)

୫୫ ନଂ. ଜାତୀୟ ରାଜପଥର ଚୌଦ୍ୱାର ଥାନା ନିକଟ ରାସ୍ତା ଉପରେ ଜମୁଛି ପାଣି। ଫଳରେ ଯାନବାହନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେବା ସହିତ ଛୋଟବଡ ଦୁର୍ଘଟଣା ଘଟୁଛି। ନୂତନ ଭାବେ ନିର୍ମାଣ ହୋଇଥିବା ଏହି ରାସ୍ତା ଉପରେ ସାମାନ୍ୟ ବର୍ଷା ହେଲେ ଆଣ୍ଠୁଏ ଉଚ୍ଚର ପାଣି ଦୀର୍ଘ ସମୟ ଧରି ଜମି ରହୁଛି। ଫଳରେ ଉକ୍ତ ରାସ୍ତା ଦେଇ ୨ ଚକିଆ ଯାନ ଯିବାଆସିବା ବନ୍ଦ ହୋଇଯାଉଛି। ରାସ୍ତା ଉପରେ ପାଣି ଜମି ରହିବା ଯୋଗୁ ଖାଲଖମା ଜାଣି ନ ପାରି ଭାରୀଯାନଗୁଡ଼ିକ ଖାଲଖମାରେ ପଡି ଜଖମ ହେବା ସହିତ ଉକ୍ତ ରାସ୍ତା ଉପରେ ଅଟକି ରହୁଛି। ଅନ୍ୟପଟେ ଭାରିଯାନ ଦ୍ରୁତ ବେଗରେ ଗଲେ ବର୍ଷାପାଣି ଲୋକମାନଙ୍କ ଉପରେ ପଡୁଛି। ଜାତୀୟ ରାଜପଥ ନିର୍ମାଣ ସମୟରେ ବର୍ଷାଜଳ ନିଷ୍କାସନ ଉପରେ


ରାସ୍ତା ଉପରେ ବର୍ଷାପାଣି ଜମି ରହିଛି।

**ଯାନବାହନ ଚଳାଚଳରେ ବ୍ୟାଘାତ**

ଦୃଷ୍ଟି ଦିଆ ନ ଯିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଲୋକେ ଅଭିଯୋଗ କରିଛନ୍ତି। ସୂଚନା ଥାଉକି ଉକ୍ତ ସ୍ଥାନଠାରୁ କିଛି ଦୂରରେ ରେଲୱେ ଫାଟକ, ପରିବା ମାର୍କେଟ, ଟ୍ୟାକ୍ସି ଷ୍ଟାଣ୍ଡ, ବିଜୁ ମାର୍କେଟ କମ୍ପ୍ଲେକ୍ସ ଆଦି ରହିଥିବା ବେଳେ ବହୁ ସମୟରେ ରାସ୍ତା ବ୍ୟସ୍ତବହୁଳ ରହୁଛି। ବର୍ଷାରୁତୁ ପୂର୍ବରୁ ଜାତୀୟ ରାଜପଥ ବିଭାଗ ବର୍ଷାଜଳ ନିଷ୍କାସନ ଉପରେ ଦୃଷ୍ଟି ଦେବା ପାଇଁ ଚୌଦ୍ୱାର ସହରବାସୀଙ୍କ ପକ୍ଷରୁ ଦାବି ହୋଇଛି।

## ସିଏମ୍‌ସି ଅଫିସ୍ ଆଗରେ ନିଆରା ଢଙ୍ଗରେ ପ୍ରତିବାଦ

କଟକ,୨୮।୫(ଶିଳ୍ପା ପ୍ରିୟଦର୍ଶିନୀ)

**ନଦୀତୁଠରେ ବ୍ୟବସ୍ଥା କରିବା ସୁଭାଷ ସଙ୍ଗଠନର ଦାବି**

ସାମାଜିକ ଅନୁଷ୍ଠାନ ସୁଭାଷ ସଙ୍ଗଠନ ପକ୍ଷରୁ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ନଦୀତୁଠରେ ବ୍ୟବସ୍ଥା କରିବା ନିମନ୍ତେ ନିଆରା ଢଙ୍ଗରେ ବୁଧବାର ପ୍ରତିବାଦ କରାଯାଇଛି। ତେବେ କଟକ ସହରର ୨ ପାର୍ଶ୍ୱରେ ଦୁଇଟି ପ୍ରମୁଖ ନଦୀ ରହିଥିବା ସତ୍ତ୍ୱେ ସାଧାରଣ ଜନତାଙ୍କ ପିତୃପୁରୁଷଙ୍କ ଦଶାହ ଶ୍ରାଦ୍ଧ ଓ ତର୍ପଣ ନିମନ୍ତେ ତୁଠ କାର୍ଯ୍ୟ ପାଇଁ ଗଲେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲୋକଙ୍କ ପାଇଁ କୌଣସି ବ୍ୟବସ୍ଥା କରାଯାଇ ନାହିଁ। ତେବେ ସହରବାସୀଙ୍କ ପାଇଁ ବିଭିନ୍ନ ସ୍ଥାନରେ ତୁଠର ବ୍ୟବସ୍ଥା କରିବା ପାଇଁ ଦାବି କରି ସଙ୍ଗଠନ ଉପସଭାପତି ଜ୍ଞାନରଞ୍ଜନ ଦାସଙ୍କ ନେତୃତ୍ୱରେ ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ସଙ୍ଗଠନ ସଦସ୍ୟମାନେ


ସିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ସୁଭାଷ ସଂଗଠନ ପକ୍ଷରୁ ପ୍ରତିବାଦ କରାଯାଉଛି।

ଖିଅର ହୋଇଥିଲେ। ସଙ୍ଗଠନ ସଭାପତି ସୁରେଶ ମହାନ୍ତି କହିଛନ୍ତି, କଟକ ସହରର ବିଭିନ୍ନ ସମସ୍ୟା ନେଇ ଆମ ସଙ୍ଗଠନ ପ୍ରଶାସନ ପାଖରେ ପହଞ୍ଚି ଆସିଛି। ସହରର ଦୁଇ ପାଖରେ ପ୍ରମୁଖ ନଦୀ ଥାଇ ମଧ୍ୟ ତୁଠ କାର୍ଯ୍ୟ ପାଇଁ କୌଣସି ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇ ନାହିଁ। ଫଳରେ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ବହୁବାର ଏଦିଗରେ ସିଏମ୍‌ସି କମିଶନର ଓ ମେୟରଙ୍କୁ ଅବଗତ କରାଯାଇଛି, ହେଲେ କୌଣସି କାର୍ଯ୍ୟ କରାଯାଇ ନାହିଁ। ସଙ୍ଗଠନ ପକ୍ଷରୁ ତୁଠ କାର୍ଯ୍ୟ କରାଯାଇ ପ୍ରଶାସନର ନିଦ ଭାଙ୍ଗିବାକୁ ଚେଷ୍ଟା କରିଛୁ ଏବଂ ଖୁବଶୀଘ୍ର ଏ ଦିଗରେ ପଦକ୍ଷେପ ନେବା ପାଇଁ ଦାବି କରୁଛି ବୋଲି ମହାନ୍ତି କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବାପୁଜୀ କର, ରାକେଶ ବହିଆ, ମଣ୍ଟୁ ସାହୁ, ହାଡିବନ୍ଧୁ ସାହୁ, ଅନ୍ନଦା ପ୍ରସାଦ ଦାସ, ଏନ୍ ଫଗୁଆ, ଲୋପାମୁଦ୍ରା ଷଡ଼ଙ୍ଗୀ, ରବୀନ୍ଦ୍ର ସାହୁ, ଅଭିଷେକ ସିଂ, ଦୀପକ କୁମାର କାହାଳି ପ୍ରମୁଖ ଉପସ୍ଥିତ ଥିଲେ।

**ଫଟୋରେ ଖବର**


ପୋତି ହେବାକୁ ବସିଲାଣି ପୁରୀଘାଟ ଦେବୀଗଡ଼ା କାଠଯୋଡ଼ି ନଦୀତଟ-ତଟ ନିକଟରେ କୁଢ଼ କୁଢ଼ ଅଳିଆ ଆବର୍ଜନା ଜମା ହୋଇରହିଛି।


**ଅସ୍ୱାସ୍ଥ୍ୟକର ପରିବେଶ:** କେଶରପୁର ମୁଖ୍ୟ ଡ୍ରେନ୍‌ରେ ଜମି ରହିଥିବା ଅଳିଆ ଆବର୍ଜନା କଢ଼ାଯାଇ ବକ୍ସଡ୍ରେନ୍ ରାସ୍ତା ପାର୍ଶ୍ୱରେ ଜମା ହୋଇ ପଡ଼ିରହିଛି।

(ଫଟୋ: ରାଜକିଶୋର ମହାନ୍ତି)

# ସୁରକ୍ଷା କର୍ମୀଙ୍କ ଜୀବନ ନେଲା ଆମ ବସ୍

## ତାତିଲେ ଲୋକେ, ଭାଙ୍ଗିଲେ ବସ୍

ଭୁବନେଶ୍ୱର,୨୮।୫
(ସତ୍ୟଜିତ ରାଉତ)

ରାଜଧାନୀରେ ପୁଣି ଜୀବନ ନେଇଛି ଆମ ବସ୍। ବୁଧବାର ସନ୍ଧ୍ୟାରେ ଖଣ୍ଡଗିରି ଛକ ନିକଟରେ ଆମ ବସ୍ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଭିମଟାଙ୍ଗୀ ଅଞ୍ଚଳର ଶ୍ରୀନାଥ ବାରିକ (୫୦)। ଶ୍ରୀନାଥ ଏକ ଗାଡି ଶୋ'ରୁମ୍‌ରେ ସିକ୍ୟୁରିଟି ଗାର୍ଡ କାମ କରୁଥିଲେ। ସେ ଖଣ୍ଡଗିରି ଫ୍ଲାଏ ଓଭରବ୍ରିଜ୍ ପାର୍ଶ୍ୱ ସର୍ଭିସ୍ ରୋଡ ପାର ହେଉଥିବା ବେଳେ ବସ୍‌ଟି ତାଙ୍କୁ ଧକ୍କା ଦେଇ ଘୋଷାରି ନେଇଥିଲା। ଫଳରେ ସେହିଠାରେ ହିଁ ଶ୍ରୀନାଥଙ୍କ ପ୍ରାଣବାୟୁ ଉଡିଯାଇଥିଲା। ଘଟଣାସ୍ଥଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଥିଲା। ବେପରୁଆ ଗାଡି ଚଳାଇ ବସ୍ ଡ୍ରାଇଭର ଏଭଳି ଦୁର୍ଘଟଣା ଘଟାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରି ହୋହଲ୍ଲା କରିବା ସହ ବସ୍‌କୁ ଭଙ୍ଗାରୁଜା କରିଥିଲେ। ବସ୍‌ର ସମ୍ମୁଖ ଓ ପାର୍ଶ୍ୱରେ ଲାଗିଥିବା କାଚକୁ ଭାଙ୍ଗି ଦେଇଥିଲେ। ଏଥିସହ ମୃତକଙ୍କ ପରିବାର ଲୋକେ, ସମ୍ପର୍କୀୟ ଓ ଅନ୍ୟମାନେ ମୃତଦେହ ରାସ୍ତାରୋକୋ କରିଥିଲେ। ସେମାନେ ଶ୍ରୀନାଥଙ୍କ ଝିଅମାନଙ୍କୁ ବିବାହ ସହ ୫୦ଲକ୍ଷ ଟଙ୍କା ଦାବି କରିଥିଲେ। ଘଟଣାସ୍ଥଳରେ ଡିସିପି ଜଗମୋହନ ମୀନା ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିବାବେଳେ ପୋଲିସ ବସ୍ ଚାଳକଙ୍କୁ ଉଠାଇ ଆଣି ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ୧୯ ନଂ. ରୁଟ୍‌ରେ (ଏମ୍‌ସରୁ ଓମ୍‌ପି ଛକ) ଚଳାଚଳ କରୁଥିବା ଓଡି୩୩ୟୁ୭୧୭୨ ନମ୍ବର ବିଶିଷ୍ଟ ବସ୍‌ଟି ସନ୍ଧ୍ୟାରେ ରସୁଲଗଡ଼ ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା। ଶ୍ରୀନାଥ କାମ ସାରି ଅନ୍ୟମାନଙ୍କ ସହ ରାସ୍ତା ପାର ହେଉଥିବା ବେଳେ ବସ୍‌ଟି ତାଙ୍କୁ ଧକ୍କା ଦେଇ ପ୍ରାୟ ୧୫୦ ମିଟର ଘୋଷାରି ନେବା ପରେ ଅଟକିଥିଲା। ତେବେ ସେଠାରେ ଶ୍ରୀନାଥଙ୍କ ମୃତ୍ୟୁ ଘଟିସାରିଥିବା ଜାଣିବା ପରେ ସ୍ଥାନୀୟ ଲୋକେ ଆନ୍ଦୋଳନକୁ ଓହ୍ଲାଇଥିଲେ। ରାସ୍ତାରୋକ ଫଳରେ ଖୋର୍ଦ୍ଧାରୁ ରସୁଲଗଡ ଅଭିମୁଖେ ଯାଉଥିବା ବହୁ ସଂଖ୍ୟାରେ ଗାଡି ଅଟକି ରହିଥିଲା। ଏପରିକି ୪ରୁ ଊର୍ଦ୍ଧ୍ୱ ଆମ ବସ୍ ମଧ୍ୟ ଭିଡରେ ଫସି ରହିଥିଲା। ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପ୍ରାୟ ଏକ ଘଣ୍ଟା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇଥିଲା। ଅପରପକ୍ଷରେ ବ୍ୟବଚ୍ଛେଦ ପାଇଁ ଶ୍ରୀନାଥଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇଛି। ଏନେଇ ପରିବାର ଲୋକଙ୍କ ପକ୍ଷରୁ ଏତଲାକ୍ରମେ ଖଣ୍ଡଗିରି ଥାନା ପୋଲିସ ଦୁର୍ଘଟଣାଜନିତ ମାମଲା ରୁଜୁ କରି ତଦନ୍ତ କରୁଛି। ଗୁରୁବାର ଅଭିଯୁକ୍ତ ଚାଳକଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯିବ ବୋଲି ସୂଚନା ମିଳିଛି।



ଦୁର୍ଘଟଣା ପରେ ଖଣ୍ଡଗିରି ଛକ ନିକଟରେ ପ୍ରକାଶ ପାଇଥିବା ଉତ୍ତେଜନା ଓ ଲୋକଙ୍କ ଆକ୍ରମଣରେ କ୍ଷତିଗ୍ରସ୍ତ ବସ୍।



ମୃତଦେହ ରଖି ରାସ୍ତାରୋକୋ କରାଯାଇଛି।

## ଆମ ବସ୍ ଧକ୍କାରେ ୩ ଗୁରୁତର

### ରେଲ୍‌ୱେ ଓଭରବ୍ରିଜ୍ ନିର୍ମାଣ ବିଳମ୍ବରୁ ଘଟୁଛି ଦୁର୍ଘଟଣା

ସାକ୍ଷୀଗୋପାଳ,୨୮।୫(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର): ସାକ୍ଷୀଗୋପାଳ ରେଳଫାଟକ ନିକଟରେ ରାଜ୍ୟ ସରକାରଙ୍କ ଅଧୀନରେ ପୁରୀରୁ ସାକ୍ଷୀଗୋପାଳ ଚାଲୁଥିବା ଆମ ବସ୍ ଧକ୍କାରେ ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ସ୍ଥାନୀୟ ନହଳ ଗ୍ରାମର ହାଡ଼ିଆ ବେହେରା (୫୫), ଷୋଳହଳ ଗ୍ରାମର ଶଙ୍କର ବେହେରା(୪୦) ଓ ତାଙ୍କ ସ୍ତ୍ରୀ ପାର୍ବତୀ ବେହେରା (୩୦)। ସ୍ଥାନୀୟ ଲୋକେ ପ୍ରଥମେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି।

ଘଟଣା ଅନୁଯାୟୀ, ବୁଧବାର ଅପରାହ୍ନ ୪ଟା୪୫ରେ କୌଣସି ଏକ ଟ୍ରେନ ଯାତାୟାତ ନିମନ୍ତେ ସାକ୍ଷୀଗୋପାଳ ବଜାର ମଧ୍ୟରେ ଥିବା ରେଳଫାଟକ ପଡ଼ିଥିଲା। ଏହି ସମୟରେ ଫାଟକର ଉଭୟପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଛିଡ଼ା ହୋଇଥିଲା। ଟ୍ରେନ୍ ଯିବା ପରେ ରେଲ୍‌ୱେ ଫାଟକ ଖୋଲିବା ସମୟରେ ସାକ୍ଷୀଗୋପାଳ ବଜାରରୁ ମନ୍ଦିର ପଟକୁ ଆସୁଥିବା ତିନୋଟି ବାଇକ୍‌କୁ ଭାରସାମ୍ୟ ପଛରୁ ଆମ ବସ୍ ଧକ୍କା ଦେଇଥିଲା। ଫଳରେ ୩ ବାଇକ ଭାଙ୍ଗିରୁଜି ଯାଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍ ଓ କ୍ଷତିଗ୍ରସ୍ତ ବାଇକ୍‌କୁ ସତ୍ୟବାଦୀ ପୋଲିସ ଜବତ କରିଥିବା ବେଳେ ବସ୍ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖିଛି। ଦୁର୍ଘଟଣାସ୍ଥଳ ରେଲ୍‌ୱେ ବିଭାଗ ଅଧୀନରେ ଥିବାରୁ ଏହି ଘଟଣାକୁ ରେଲ୍‌ୱେ ପୋଲିସକୁ ହସ୍ତାନ୍ତର କରାଯାଇଥିବା ସତ୍ୟବାଦୀ ଥାନାଧିକାରୀ ବିଜୟକେତନ ବେହେରା ପ୍ରକାଶ କରିଛନ୍ତି।

## ଡାକ୍ତରଙ୍କୁ ମାଡ଼ ମାରି ୨ ଗିରଫ

ବାଲକାଟୀ,୨୮।୫(ମନୋଜ ମଣ୍ଡଳ)

ସାଇଡ୍ ମରାକୁ କେନ୍ଦ୍ର କରି ଜଣେ ଡାକ୍ତରଙ୍କୁ ମାଡ଼ ମାରିବା ଏବଂ ତାଙ୍କ କାର୍‌କୁ ଭଙ୍ଗାରୁଜା କରିବା ଘଟଣାରେ ବାଲିଅନ୍ତା ପୋଲିସ ବୁଧବାର ଅଟକ ଥିବା ୨ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଯୁବକ ହେଲେ କୁନା ମଲିକ (୨୧) ଓ ଚିତ୍ତରଞ୍ଜନ ମଲିକ(୧୯)। ଆକ୍ରମଣର ଶିକାର ହୋଇଥିବା ଡାକ୍ତର ନିଶିଥ ରଞ୍ଜନ ଶତପଥିଙ୍କ ଅଭିଯୋଗ ଅନୁଯାୟୀ, ବାଲିଅନ୍ତା ଥାନାରେ ୨୨୩/୨୫ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ମାତ୍ର ଏହି ମାମଲାରେ ଫେରାରଥିବା ଆଉ ଜଣେ ଯୁବକଙ୍କୁ ପୋଲିସ ପାଇନାହିଁ। ସୂଚନାଯୋଗ୍ୟ, ବାଲିପାଟଣା ଥାନା ଅଠାନ୍ତର ଡାକ୍ତରଖାନାରେ କାର୍ଯ୍ୟରତ ଡାକ୍ତର ଶତପଥୀ ତାଙ୍କ ଡ୍ୟୁଟି ସାରି କାର୍‌ରେ ଭୁବନେଶ୍ୱର ନୂଆଗାଁସ୍ଥିତ ଘରକୁ ଫେରୁଥିଲେ। ଏହି ସମୟରେ ବାଲକାଟୀ ଅଟୋ ଷ୍ଟାଣ୍ଡ ପାଖରେ ୩ ଜଣ ଯୁବକ ବାଇକ୍ ଆସି ତାଙ୍କ କାର୍‌କୁ ସାଇଡ୍ ମାରିଥିଲେ। ଏଥିରେ ଡାକ୍ତର ବିରୋଧ କରିବାରୁ ତାଙ୍କୁ ୩ ଜଣ ଯୁବକ ମାଡ଼ ମାରି ଲହୁଲୁହାଣ କରିଦେଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କୁ କାବୁ କରି ପୋଲିସ ଜିମା ଦେଇଥିବାବେଳେ ଅନ୍ୟ ଜଣେ ଫେରାର ଅଛନ୍ତି।

## ଉତ୍କଳ ଗୌରବଙ୍କ ଉପରେ ତିଆରି ହେବ ଚଳଚ୍ଚିତ୍ର 'ମଧୁ ବାରିଷ୍ଟର'

ଭୁବନେଶ୍ୱର, ୨୮।୫
(ସୌମ୍ୟରଞ୍ଜନ ରାଉତ)

ଓଡ଼ିଆ ସିନେମାକୁ ରମେଶ ବାରିକ ଆଉ ଗୋଟିଏ ଭେଟି ଦେବାକୁ ଯାଉଛନ୍ତି। ଆର୍‌ଆର୍ ଇଭେଣ୍ଟସ୍ ଆଣ୍ଡ୍ ସିନେ ପ୍ରଡକ୍ସନ ପକ୍ଷରୁ ୨୬ଟି ସଫଳ ଚଳଚ୍ଚିତ୍ର ପ୍ରସ୍ତୁତି ପରେ ରମେଶ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଆଧାରିତ ଚଳଚ୍ଚିତ୍ର 'ମଧୁ ବାରିଷ୍ଟର' ପ୍ରସ୍ତୁତ କରିବାକୁ ଘୋଷଣା କରିଛନ୍ତି। ସ୍ୱତନ୍ତ୍ର ଓଡ଼ିଶା ଗଠନ ପାଇଁ ମଧୁବାବୁଙ୍କ ଅବିସ୍ମରଣୀୟ ଅବଦାନକୁ ଓଡ଼ିଶାର ଜନମାନସ କେବେ ଭୁଲିପାରିବ ନାହିଁ। ଏହି ଚଳଚ୍ଚିତ୍ରରେ ମଧୁବାବୁଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଓ ଉତ୍ସର୍ଗ ଅତୁଟ ସ୍ମୃତି ହୋଇ ରହିବ ବୋଲି ନିର୍ମାତା ରମେଶ କହିଛନ୍ତି। 'ମଧୁ ବାରିଷ୍ଟର'ର କାହାଣୀ ପ୍ରିୟବ୍ରତ ପଣ୍ଡା ଲେଖିଥିବା ବେଳେ ନିର୍ଦ୍ଦେଶନା ଦେବେ ମୃତ୍ୟୁଞ୍ଜୟ ସାହୁ। ପୋଷ୍ଟର ପ୍ରସ୍ତୁତ ହୋଇସାରିଥିବାବେଳେ କାହାଣୀର ମୁଖ୍ୟ ଚରିତ୍ର ଖୋଜା ଚାଲିଛି।




## ଭାରସାମ୍ୟ ହରାଇ ଓଲଟିଲା କାର୍

ବାରଙ୍ଗ/ତ୍ରିଶୂଳିଆ,୨୮।୫
(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଗୋଡ଼ିସାହି ଫାଣ୍ଡି ଅଧୀନ ଗୋବିନ୍ଦପୁର ମୁଣ୍ଡଳି ମୁଖ୍ୟରାସ୍ତାରେ ଭାରସାମ୍ୟ ହରାଇ ଏକ କାର୍ ଓଲଟି ପଡ଼ିଥିଲା। ସୌଭାଗ୍ୟବଶତଃ କାର୍‌ରେ ଥିବା ୫ ଜଣଙ୍କର କୌଣସି ବଡ଼ ଧରଣର କ୍ଷତି ହୋଇ ନ ଥିବାବେଳେ ସାମାନ୍ୟ ଆହତ ହୋଇଥିଲେ। ପ୍ରକାଶ ଯେ, ବୁଧବାର ପୂର୍ବାହ୍ନ ୧୧ଟା ୩୦ରେ ଅନୁଗୋଳ ଜିଲା ତାଳଚେର ଗୋପାଳପ୍ରସାଦ ଗ୍ରାମର ଲୁଲୁ ବେହେରା ସପରିବାର କାର୍ (ଓଡି ୧୯ ଆର୍ ୦୬୨୩) ଯୋଗେ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ଦ୍ରୁତ ଗତିରେ ଆସୁଥିବାବେଳେ ମୁଣ୍ଡଳି ଗୋବିନ୍ଦପୁର ମୁଖ୍ୟରାସ୍ତାର ଗୋଡ଼ିପୋଖରୀଠାରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ହଠାତ୍ ଓଲଟି ପଡ଼ିଥିଲା। ଖବର ପାଇ ଗୋଡ଼ିସାହି ଫାଣ୍ଡି ଅଧିକାରୀ ବିଚିତ୍ରାନନ୍ଦ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌ଟିକୁ ଜବତ କରିଥିଲେ।

### ବି.ଟେକ୍ ଛାତ୍ରଙ୍କୁ ହତ୍ୟା ଉଦ୍ୟମ ଘଟଣା

## ଆଉ ୨ ଅଭିଯୁକ୍ତ ଗିରଫ

ଭୁବନେଶ୍ୱର,୨୮।୫(ସତ୍ୟଜିତ୍ ରାଉତ)- ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ରାଜଧାନୀ ଇଞ୍ଜିନିୟରିଂ କଲେଜର ବି.ଟେକ୍ ଦ୍ୱିତୀୟ ବର୍ଷ ଛାତ୍ର ରୁଦ୍ର ନାୟାରଣ ପାତ୍ର ଓରଫ ସିଲୁଙ୍କୁ ହତ୍ୟା ଉଦ୍ୟମ ଘଟଣାରେ ପୋଲିସ ଆଉ ୨ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରିଛି। ସେମାନେ ହେଲେ ଚକେଇସିହାଣୀରେ ରହୁଥିବା ଖୋର୍ଦ୍ଧା ଟାଙ୍ଗୀ ଅଞ୍ଚଳର ହାପି ଓରଫ ନିବାସ ପ୍ରଧାନ(୨୦) ଓ ଜଗତ୍‌ସିଂପୁର ବାଲିକୁଦା ଅଞ୍ଚଳର ରାହୁଲ ଗୁରୁ(୨୦)। କୋର୍ଟଚାଲାଣ ପରେ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ୩ ଜଣ ଗିରଫ ହୋଇଥିବା ବେଳେ ଏବେ ଏହି ସଂଖ୍ୟା ୫ରେ ପହଞ୍ଚିଛି। ସୂଚନା ଅନୁଯାୟୀ, ଗତ ୨୦ ତାରିଖ ରାତି ପ୍ରାୟ ୮ଟା ୩୦ରେ ରୁଦ୍ର ତାଙ୍କ ଦୁଇ ସାଙ୍ଗଙ୍କ ସହ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଅଞ୍ଚଳର ଚକେଇସିହାଣୀ ନିକଟ ଏକ ଖୋଲା ପଡ଼ିଆରେ ବସିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏହି ସମୟରେ ଅଭିଯୁକ୍ତମାନେ ଖଣ୍ଡାରେ ରୁଦ୍ରଙ୍କୁ ଆକ୍ରମଣ କରିଥିଲେ। ଏନେଇ ରୁଦ୍ରଙ୍କ ବାପା କୁମୁଦ ଚନ୍ଦ୍ରଙ୍କ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୨୭୧/୨୦୨୫) ରୁଜୁକରି ତଦନ୍ତ କରୁଛି।


ZILLA SWASTHYA SAMITI, CUTTACK

REQUEST FOR PROPOSAL (RFP) FOR OUTSOURCING OF MECHANISED LAUNDRY SERVICES UNDER NIRMAL

**No.E-114** : Sealed proposals as per the prescribed RFP documents are invited from eligible bidders for providing of Mechanised Laundry Services in different health institutions of Cuttack district. The eligibility criteria and detail requirements are set forth in the RFP document which can be downloaded from the website: **https://cuttack.odisha.gov.in** The interested eligible bidders can submit the proposal with required documents through Speed Post/Registered Post/Courier only to the **CDM & PHO Cuttack, Cantonment Road, Buxi Bazar, Cuttack, PIN- 753001 latest** by **24.06.2025 (5 P.M.)**. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO cum-District Mission Director
District Health Mission, Cuttack
OIPR-10022/11/0004/2526

ZILLA SWASTHYA SAMITI, CUTTACK

REQUEST FOR PROPOSAL (RFP) FOR OUTSOURCING OF SECURITY SERVICES UNDER NIRMAL

**No.E-115** : Sealed proposals as per the prescribed RFP documents are invited from eligible bidders for providing of Security Services in different health institutions of Cuttack district. The eligibility criteria and detail requirements are set forth in the RFP document which can be downloaded from the website: **https://cuttack.odisha.gov.in** The interested eligible bidders can submit the proposal with required documents through Speed Post/Registered Post/Courier only to the **CDM & PHO Cuttack, Cantonment Road, Buxi Bazar, Cuttack, PIN- 753001 latest** by **24.06.2025 (5 P.M.)**. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO cum-District Mission Director
District Health Mission, Cuttack
OIPR-10022/11/0006/2526

कार्यपालक अभियन्ता का कार्यालय,
ग्रामीण कार्य विभाग, कार्य प्रमण्डल, लातेहार

अल्पकालीन ई– पुनर्निविदा आमंत्रण सूचना

ई–निविदा संख्या :– 01/R1/2024-25/EE/RWD/LATEHAR दिनांक : 27.05.2025

| क्र0 | आईडेंटी फिकेशन सं0/पैकेज सं0 | प्रखंड | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि | टेंडर कॉल |
|---|---|---|---|---|---|---|---|
| | | | | अंक में | अक्षर में | | |
| 1 | RWD/LATEHA R11/2024-25 | महुआडांड | जलजाली से जामडीह तक पथ निर्माण। | 1138.066 | ग्यारह करोड़ अड़तीस लाख छः हजार छः सौ रूपये मात्र। | 18 माह | द्वितीय |

1. वेबसाईट में निविदा प्रकाशन की तिथि :– 31.05.2025
2. ई–निविदा प्राप्ति की अंतिम तिथि एवं समय :– 10.06.2025 अपराह्न 5:00 बजे तक।
3. निविदा खोलने की तिथि एवं समय :– 12.06.2025 अपराह्न 03:30 बजे।
4. निविदा आमंत्रित करने वाले पदाधिकारी का नाम एवं पता, कार्यपालक अभियंता, ग्रामीण कार्य विभाग, कार्य प्रमंडल, लातेहार पिन – 829206।
5. ई–निविदा प्रकोष्ठ का दूरभाष सं0 – 06565245038

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियन्ता
ग्रामीण कार्य विभाग, कार्य प्रमण्डल, लातेहार

PR.NO.353746 REO(25-26):D

झारखण्ड सरकार
क्षेत्र सर्वेक्षण प्रमण्डल, अग्रिम योजना
पथ निर्माण विभाग, दुमका

अल्पकालीन ई-प्रोक्योरमेंट सूचना (1st Call)

ई–निविदाप्रसंग सं0 :– RCD/FSD/AP/DUM/01/2025-26
दिनांक :– 27/05/2025

| | | |
|---|---|---|
| 1. | कार्य का नाम | Consultancy Services for Preparation of Detailed Project Report (DPR) for Construction of New High Level Bridge in place of Existing Bridge at Chainage 18+255 Km of Gumro To Ghasimarni (Fatehpur) via Garapathar Road (Total Road Length- 19.92 Km) Under Road Division Dumka in the State of Jharkhand. |
| 2. | अनुमानित लंबाई | 95.00 मी० |
| 3. | कार्य समाप्ति की अवधि | 45 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 29.05.2025, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 12.06.2025, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 13.06.2025, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :– http://jharkhandtenders.gov.in

कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका

PR 353692 Road (25-26)_D

Office of the Executive Engineer
Road Construction Department,
Road Division, Chaibasa
eercdchaibasa-jhr@nic.in

Very Short E-Procurement Notice

E-tender Reference No. : RCD/CHAIBASA/2024-25/17 (8th Call)
Date : 28.05.2025

| | | |
|---|---|---|
| 1. | Name of Work | Selection of Bidder for collection of user fee through fee collecting agency on the basis of the competitive bidding through on E-Tender Basis only at Km. 13+400 at Sanagajata Toll Plaza for the section from Km. 0.00 to Km. 47.86 (Chaibasa-Kandra Section) of State Highways No. 5 in the state of Jharkhand. |
| 2. | Estimated Cost (Rs.) | Rs 12,43,50,000.00 (Twelve Crore Forty Three Lacs Fifty Thousand) Only. Per annum |
| 3. | Time of Completion | 02 (Two) Years |
| 4. | Date of Publication of Tender On Website | 02.06.2025 at 11.30 AM |
| 5. | Last date/Time for receipt of bids. | 16.06.2025 Up to 3.00 P.M. |
| 6. | Date of Opening of Bid | 17.06.2025 at 03:30 P.M. |
| 7. | Name & address of office Inviting tender | Office of the Executive Engineer, RCD, Road Division, Chaibasa |
| 8. | Contact no. of Procurement Officer | 7781899686 |
| 9. | Helpline number of e-Procurement cell | 0651-3510880 |

* Further details can be seen on website http://jharkhandtender.gov.in

Executive Engineer
RCD, Road Division, Chaibasa.

PR 353710 West Singhbhum(25-26)#D

ପୌରପରିଷଦ କାର୍ଯ୍ୟାଳୟ : ଜୟପୁର
OFFICE OF THE MUNICIPAL COUNCIL : JEYPORE
Phone No. : 06854-231098, e-Mail : ulbjeypore@gmail.com

Letter No. : 2060 Date : 27.05.2025

QUOTATION CALL NOTICE FOR SUPPLY OF STATIONERY ARTICLES

**No.C-396** : Sealed Quotation for the year 2025-26 are invited from local suppliers / Dealers for supply of **Printing Materials** to be used in office of the Municipal Council, Jeypore for official purpose. The term and conditions are detailed below.

1. The Quotationer may purchase the quotation paper from office of Jeypore Municipality on Payment of Rs.600/- (Rupees Six Hundred Only) (Non-refundable) from dt: 28.05.2025 to dt: 10.06.2025 only on working hours.
2. The Quotationer may submit his/her quotation in afore said quotation paper only being accompanied with money receipt. GST and other Tax Clearance Certificate, Aadhaar Card, Pan Card and other relevant documents if any.
3. The quotation should be inclusive of all applicable Taxes, Duties and other charges.
4. The supplier should ensure that the quality of the Printing Materials is of a high standard and meets our requirements.
5. Delivery of the Printing Materials should be made within 05 days from the date of issue of purchase order.
6. The supplier should provide a warranty for any defective Printing Materials supplied.
7. The suppliers should provide sample of the Printing Materials for our inspection of required.
8. The successful bidder has to deposit Rs.3,000/- (Rupees Three Thousand) only towards security deposit which is refundable.
9. The quotations should reach to the undersigned through Registered/Speed Post by dt: 10.06.2025 11.00 A.M. which will be opened in presence of the Quotationer or his/her Authorized representative at 12.00 noon on the same day.
10. The quotations received after stipulated date and time shall not be entertained.
11. The undersigned reserves the right to reject any or all the quotations without assigning any reason thereof.

Sd./- Executive Officer
Jeypore Municipality

OIPR-13079/11/0041/2526

केनरा बैंक Canara Bank
सिंडिकेट Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

ଦଖଲ ନୋଟିସ୍
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ୍ ଆକ୍ଟ, ୨୦୦୨ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ନିର୍ଦ୍ଦେଶକମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ, ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ନିର୍ଦ୍ଦେଶକ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ନିର୍ଦ୍ଦେଶକ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶାଖା (୨୮୪୨)** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ନିର୍ଦ୍ଦେଶକମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶାଖା (୨୮୪୨) /** **ଋଣଗ୍ରହୀତା: ମେସର୍ସ ଗିପି କାର୍ବନ ଏଣ୍ଡ୍ କେମିକାଲ୍ସ ପ୍ରା. ଲିଃ. (CIN-U23101OR2022PTC039731,** **ଆରଓସି-ଆରଓସି କଟକ),** ପ୍ଲଟ୍ ନଂ.: ଏଫ୍‌ଏଲ୍ ୨ଏଲ୍‌ବି ବିଏଲ୍ ୭, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ୍, ରଘୁନାଥପୁର, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪ / **ନିର୍ଦ୍ଦେଶକମାନେ: ୧) ଶ୍ରୀ ଗୌରୀ ପ୍ରସାଦ ସାହୁ,** ପିତା: ଗୋକୁଳାନନ୍ଦ ସାହୁ, ଫ୍ଲାଟ-୨୦୯, ବ୍ଲକ-ସି, ଫାଲକନ ରେସିଡେନ୍ସି, ପଟିଆ, ଭୁବନେଶ୍ୱର-୭୫୧୦୨୪, **୨) ଶ୍ରୀ ଅଶୋକ କୁମାର ପାଣିଗ୍ରାହୀ,** ପିତା: ରାମ ଚନ୍ଦ୍ର ପାଣିଗ୍ରାହୀ, ଫ୍ଲାଟ୍: ୨ଏଲ୍‌ବି, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ୍, ରଘୁନାଥପୁର, ଭୁବନେଶ୍ୱର-୭୫୧୦୨୪, **୩) ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଜୀ,** ପିତା: ୪ ଶ୍ରୀଷ ଚନ୍ଦ୍ର ଭଟ୍ଟାଚାର୍ଜୀ, ୯/୨ଏ, ନେପାଳ ଭଟ୍ଟାଚାର୍ଜୀ ଷ୍ଟ୍ରିଟ୍, ୱାର୍ଡ ନଂ.: ୮୩, ପୋ.: କାଳିଘାଟ, ଥାନା: କାଳିଘାଟ, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୨୬, **୪) ଶ୍ରୀମତୀ ଗୁଲସାନା ସେଖ,** ସ୍ୱାମୀ: ଗୁମାୟୁନ ସେଖ, ୭/୪୭, ମୁକୁନ୍ଦପୁର, ପୋ.: ମୁକୁନ୍ଦପୁର, ଥାନା: ପୂର୍ବ ଯାଦବପୁର, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୯୯ **/ ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଗୌରୀ ପ୍ରସାଦ ସାହୁ,** ପିତା: ଗୋକୁଳାନନ୍ଦ ସାହୁ, ଫ୍ଲାଟ-୨୦୯, ବ୍ଲକ-ସି, ଫାଲକନ ରେସିଡେନ୍ସି, ପଟିଆ, ଭୁବନେଶ୍ୱର-୭୫୧୦୨୪, **୨) ଶ୍ରୀ ଅଶୋକ କୁମାର ପାଣିଗ୍ରାହୀ,** ପିତା: ରାମ ଚନ୍ଦ୍ର ପାଣିଗ୍ରାହୀ, ଫ୍ଲାଟ୍: ୨ଏଲ୍‌ବି, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ୍, ରଘୁନାଥପୁର, ଭୁବନେଶ୍ୱର-୭୫୧୦୨୪, **୩) ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଜୀ,** ପିତା: ୪ ଶ୍ରୀଷ ଚନ୍ଦ୍ର ଭଟ୍ଟାଚାର୍ଜୀ, ୯/୨ଏ, ନେପାଳ ଭଟ୍ଟାଚାର୍ଜୀ ଷ୍ଟ୍ରିଟ୍, ୱାର୍ଡ ନଂ.: ୮୩, ପୋ.: କାଳିଘାଟ, ଥାନା: କାଳିଘାଟ, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୨୬, **୪) ଶ୍ରୀମତୀ ଗୁଲସାନା ସେଖ,** ସ୍ୱାମୀ: ଗୁମାୟୁନ ସେଖ, ୭/୪୭, ମୁକୁନ୍ଦପୁର, ପୋ.: ମୁକୁନ୍ଦପୁର, ଥାନା: ପୂର୍ବ ଯାଦବପୁର, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୯୯, **୫) ଶ୍ରୀମତୀ ଦେବଶ୍ରୀ ସାହୁ,** ସ୍ୱାମୀ: ଗୌରୀ ପ୍ରସାଦ ସାହୁ, ଫ୍ଲାଟ-୨୦୯, ବ୍ଲକ-ସି, ଫାଲକନ ରେସିଡେନ୍ସି, ପଟିଆ, ଭୁବନେଶ୍ୱର-୭୫୧୦୨୪ | **କ) ସ୍ଥାବର ସମ୍ପତ୍ତି: ୧) ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଜୀଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ୧କୋଟା ୧୨ ଚିଟକ ୪୧ ବର୍ଗଫୁଟ ସହିତ ତିନିମହଲା ବିଶିଷ୍ଟ ବିଲ୍ଡିଂ ଯାହାର ପରିମିତ କ୍ଷେତ୍ର: ୩୧୧୧ ବର୍ଗଫୁଟ (ପ୍ରତ୍ୟେକ ମହଲା ୧୦୩୭ ବର୍ଗଫୁଟ) ଯାହାକି ୯/୨ଏ, ନେପାଳ ଭଟ୍ଟାଚାର୍ଜୀ ଷ୍ଟ୍ରିଟ୍, ୱାର୍ଡ ନଂ.: ୮୩, କୋଲକାତା-୭୦୦୦୨୬, ଥାନା: ପୂର୍ବର ଭବାନୀପୁର ବର୍ତ୍ତମାନ କାଳିଘାଟ, କୋଲକାତା ମ୍ୟୁନିସ୍‌ପାଲ କର୍ପୋରେସନ ସୀମା ଅଧିନ, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅନ୍ୟମାନଙ୍କ ସମ୍ପତ୍ତି, ଦକ୍ଷିଣ: ଅନ୍ୟମାନଙ୍କ ସମ୍ପତ୍ତି, ପୂର୍ବ: ନେପାଳ ଭଟ୍ଟାଚାର୍ଜୀ ଷ୍ଟ୍ରିଟ୍, ପଶ୍ଚିମ: ଅନ୍ୟମାନଙ୍କ ସମ୍ପତ୍ତି **CERSAI ID- 400067536688, ସ୍ଥାବର ସମ୍ପତ୍ତି: ୨) ଶ୍ରୀମତୀ ଗୁଲସାନା ସେଖଙ୍କ** ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ସମ୍ପୂର୍ଣ୍ଣ ୨ୟ ମହଲାର ସୁପର ବିଲ୍ଟ ଅପ୍ ଏରିଆ: ୭୦୦ ବର୍ଗଫୁଟ ଏବଂ ୩ୟ ମହଲାର ଦକ୍ଷିଣ ପାର୍ଶ୍ୱର ୫୦%ର ପରିମିତ କ୍ଷେତ୍ର: ୩୫୦ ବର୍ଗଫୁଟ ଅର୍ଥାତ୍ ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୧୦୫୦ ବର୍ଗଫୁଟ (ଲିଫ୍ଟ ସୁବିଧା ବିନା) ସହିତ ଆନୁପାତିକ ଅବିଭକ୍ତ ଜମିର କ୍ଷେତ୍ର: ୧କୋଟା ୯ ଚିଟକ ୨୦ ବର୍ଗଫୁଟ ଏବଂ ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ସମ୍ପୂର୍ଣ୍ଣ ୧ମ ମହଲାର ସୁପର ବିଲ୍ଟ ଅପ୍ ଏରିଆ: ୭୦୦ ବର୍ଗଫୁଟ ଏବଂ ୩ୟ ମହଲାର ଉତ୍ତର ପାର୍ଶ୍ୱର ୫୦%ର ପରିମିତ କ୍ଷେତ୍ର: ୩୫୦ ବର୍ଗଫୁଟ ଅର୍ଥାତ୍ ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୧୦୫୦ ବର୍ଗଫୁଟ (ଲିଫ୍ଟ ସୁବିଧା ବିନା) ସହିତ ଆନୁପାତିକ ଅବିଭକ୍ତ ଜମିର କ୍ଷେତ୍ର: ୧କୋଟା ୯ ଚିଟକ ୨୦ ବର୍ଗଫୁଟ, ଉଭୟ ସ୍କିମ୍ ପ୍ଲଟ ନଂ.: ୧୬୩ ଏ ଅନ୍ତର୍ଗତ ନିର୍ମିତ ଏବଂ କେଏମ୍‌ସି ପ୍ରିମାଇସେସ୍ ନଂ.: ୩୦୬, ଅଜୟ ନଗର ନାମରେ ନାମିତ, ଆର.ଏସ୍ ଦାଗ ନଂ.: ୨, ଆର୍.ଏସ୍. ଖତିଆନ ନଂ.: ୨, ସି.ଏସ୍ ଦାଗ ନଂ.: ୨/୪୦, ସି.ଏସ୍ ଖତିଆନ ନଂ.: ୧-୧୪, ରେଭିନ୍ୟୁ ସର୍ଭେ ନଂ.: ୮ ଏବଂ ୧/୨, ତଉଜି ନଂ.: ୧୫୧, ମୌଜା: ଚକଗଣିଆଗାଛି, ଜେ.ଏଲ୍ ନଂ.: ୨୪, କୋଲକାତା ମ୍ୟୁନିସ୍‌ପାଲ କର୍ପୋରେସନ ସୀମା ଅଧିନ, ୱାର୍ଡ ନଂ.: ୧୦୯, ପୂର୍ବର କସବା ଥାନା ବର୍ତ୍ତମାନର ପୂର୍ବ ଯାଦବପୁର, ପୋ.: ସନ୍ତୋଷପୁର ଏବଂ ସବ୍-ରେଜିଷ୍ଟ୍ରି: ସିଆଲଦା, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ଏହାର ଚାରିପାର୍ଶ୍ୱରେ ଉତ୍ତର: ୨୦ଫୁଟିଆ ଚଉଡ଼ା ରାସ୍ତା, ଦକ୍ଷିଣ: ୨୭ ଫୁଟିଆ ଚଉଡ଼ା ରାସ୍ତା, ପୂର୍ବ: ଅନ୍ୟମାନଙ୍କ ସମ୍ପତ୍ତି, ପଶ୍ଚିମ: ୨୫୦ ଫୁଟିଆ ଚଉଡ଼ା ଇ.ଏମ୍ ବାଏ ପାସ୍, **CERSAI ID- 400067111864 / ଖ) ୦୫.୦୩.୨୦୨୫ / ଗ) ୨୬.୦୫.୨୦୨୫ / ଘ) ଟ.୫,୯୫,୩୯,୭୭୫.୭୪ (ପାଞ୍ଚ କୋଟି ପଞ୍ଚାନବେ ଲକ୍ଷ ଅଣଚାଳିଶି ହଜାର ସାତ ସହ ପଞ୍ଚସ୍ତରି ଟଙ୍କା ଏବଂ ଚଉସ୍ତରି ପଇସା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୮.୦୫.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

## ସଂକ୍ଷେପରେ

### ବଜ୍ରପାତରେ ଯୁବକଙ୍କ ମୃତ୍ୟୁ, ୨ ଗୁରୁତର

ବାଙ୍କୀ,୨୮।୫ (ଶୁଭେନ୍ଦୁ ମହାପାତ୍ର): ଲଘୁଚାପ ପ୍ରଭାବରେ ଘଡ଼ଘଡ଼ି ସାଙ୍ଗକୁ ଲଗାଣ ବର୍ଷା ଲାଗି ରହିଛି। କଟକ ଜିଲା ବାଙ୍କୀ ଅଞ୍ଚଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବାଙ୍କୀ ବୈଦେଶ୍ୱର ଥାନା ଅଞ୍ଚଳରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ଥାନା ଅନ୍ତର୍ଗତ କାଳୀପୋଇ ପଞ୍ଚାୟତ କରଡ଼ାପଲ୍ଲୀ ଗାଁରେ ଆକାଶ ନାୟକ, ସାଧୁ ନାଏକ, ଜଗନ ସେଠୀ କଳାପଥର ଅଞ୍ଚଳରୁ କାମ ସାରି ଘରକୁ ଫେରୁଥିଲେ। ଅତ୍ୟଧିକ ବର୍ଷା ହେବାରୁ ରାସ୍ତା କଡ଼ ଏକ ଆମ୍ବଗଛ ମୂଳେ ଛିଡ଼ା ହୋଇଥିଲେ। ବଜ୍ରପାତ ଯୋଗୁ ୩ ଜଣ ଆହତ ହୋଇ ତଳେ ପଡ଼ି ଯାଇଥିଲେ। ସେମାନଙ୍କୁ ସ୍ଥାନୀୟ ଲୋକ ବାଙ୍କୀ ମେଡିକାଲରେ ଚିକିତ୍ସା ଲାଗି ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ଆକାଶଙ୍କ ମୃତ୍ୟୁ ହୋଇଥିବାବେଳେ ଗୁରୁତର ଆହତ ଅବସ୍ଥାରେ ସାଧୁ, ଜଗନ ଚିକିତ୍ସିତ ହେଉଛନ୍ତି। ଆକାଶଙ୍କ ମୃତ୍ୟୁରେ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ତାଙ୍କ ପରିବାର ଗରିବ ହୋଇଥିବାରୁ ସରକାରୀ ସାହାଯ୍ୟ ଯୋଗାଇ ଦେବାକୁ ଅଞ୍ଚଳବାସୀ ଓ ପରିବାର ଲୋକେ ଦାବି କରିଛନ୍ତି।

### ଫେରାର ଗଞ୍ଜେଇ ବ୍ୟବସାୟୀ ଗିରଫ

ତିଗିରିଆ,୨୮।୫(ଜାଫର ଖାଁ) ତିଗିରିଆ ଥାନା ଅନ୍ତର୍ଗତ ବିନ୍ଧାଣିମା ଗ୍ରାମର ଗଞ୍ଜେଇ ବ୍ୟବସାୟୀ ଆଲୋକ ଖଟୁଆ ଓରଫ ଅରୁ (୩୩)ଙ୍କୁ ବୁଧବାର ପୋଲିସ ପୁରୁଣା ୱାରେଣ୍ଟ ବଳରେ ଗିରଫ କରି କୋର୍ଟ ଚାଲାଣ କରିଛି।

ଅଭିଯୁକ୍ତ ଆଲୋକ ନାମରେ ଅନୁଗୋଳ ଜିଲାର ବଅଁରପାଳ ଥାନାରେ ୨୦୨୩ରେ ଏକ ଚୋରା ଗଞ୍ଜେଇ ଚାଲାଣ ମାମଲାରେ ସ୍ପେସାଲ କୋର୍ଟ ବିଚାରପତି ଅନୁଗୋଳ ଓ ୨୦୨୪ ଭୁବନେଶ୍ୱରର ଏକ ଥାନା ଅଞ୍ଚଳରେ ଗଞ୍ଜେଇ ଚାଲାଣ ମାମଲାରେ ଖୋର୍ଦ୍ଧା ସ୍ପେସାଲ କୋର୍ଟ ବିଚାରପତିଙ୍କ ଦ୍ୱାରା ୱାରେଣ୍ଟ ଜାରି କରାଯାଇଥିଲା। ଆଲୋକଙ୍କୁ ଗିରଫ ପାଇଁ ଦୀର୍ଘଦିନ ଧରି ପୋଲିସ ପ୍ରୟାସ କରୁଥିଲା। ବୁଧବାର ସକାଳେ ଆଲୋକ ନୂଆପାଟଣା ଆଡେ ଯାଉଥିବାବେଳେ ବିଶେଷ ସୂତ୍ରରୁ ଖବରପାଇ ଆଇଆଇସି ସମରେନ୍ଦ୍ର ପାଇକରାୟ,ଏସ୍ଆଇ ପ୍ରିୟଦର୍ଶନୀ ଇପ୍‌ସିତା,ଏସ୍ଆଇ ବିଶ୍ୱଜିତ ଜେନା, ଏଏସ୍ଆଇ ବିକାଶ ରଞ୍ଜନ ବିଶ୍ୱାଳ ପ୍ରମୁଖ ସଦଳବଳ ଚଢ଼ାଉ କରି ବିନ୍ଧାଣିମାସ୍ଥିତ ଶିଶୁମନ୍ଦିର ଛକ ନିକଟରୁ ଗିରଫ କରିଥିଲେ। ଅଭିଯୁକ୍ତ ଆଲୋକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସିପାଇକରାୟ କହିଛନ୍ତି।

### ଭାରସାମ୍ୟ ହରାଇ ଓଲଟିଲା କାର୍

ବାରଙ୍ଗ/ତ୍ରିଶୂଳିଆ,୨୮।୫ (ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା): ଗୋଡ଼ିସାହି ଫାଣ୍ଡି ଅଧୀନ ଗୋବିନ୍ଦପୁର ମୁଣ୍ଡଳି ମୁଖ୍ୟ ରାସ୍ତାରେ ଭାରସାମ୍ୟ ହରାଇ ଏକ କାର୍ ଓଲଟି ପଡ଼ିଥିଲା। ସୌଭାଗ୍ୟବଶତଃ କାର୍‌ରେ ଥିବା ୫ ଜଣ ସାମାନ୍ୟ ଆହତ ହୋଇଥିଲେ। ପ୍ରକାଶ ଯେ, ବୁଧବାର ପୂର୍ବାହ୍ନ ୧୧ଟା ୩୦ରେ ଅନୁଗୋଳ ଜିଲା ତାଳଚେର ଗୋପାଳପ୍ରସାଦ ଗ୍ରାମର ଲୁଲୁ ବେହେରା ସପରିବାର କାର୍ (ଓଡି ୧୯ ଆର୍ ୦୬୨୩) ଯୋଗେ ଭୁବନେଶ୍ୱର ଅଭିମୁଖେ ଆସୁଥିଲେ। ଦ୍ରୁତ ଗତିରେ ଆସୁଥିବାବେଳେ ମୁଣ୍ଡଳି ଗୋବିନ୍ଦପୁର ମୁଖ୍ୟରାସ୍ତାର ଗୋଡ଼ିପୋଖରୀଠାରେ କାର୍‌ଟି ଭାରସାମ୍ୟ ହରାଇ ରାସ୍ତାକଡ଼କୁ ହଠାତ୍ ଓଲଟି ପଡ଼ିଥିଲା। ଖବର ପାଇ ଫାଣ୍ଡି ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର୍‌ଟିକୁ ଜବତ କରିଥିଲେ।

# ସ୍ମାର୍ଟ ହେବେ ଅଙ୍ଗନୱାଡ଼ି କର୍ମୀ, ଦିଆଯିବ ତାଲିମ

- ମହିଳା ଓ ଶିଶୁ ବିକାଶ କାର୍ଯ୍ୟର ସମୀକ୍ଷାକଲେ ଉପମୁଖ୍ୟମନ୍ତ୍ରୀ
- ନିର୍ଭୟା ପାଣ୍ଠିକୁ ବ୍ୟବହାର କରି ମହିଳା ହିଂସା ରୋକିବାକୁ ଗୁରୁତ୍ୱ

ଭୁବନେଶ୍ୱର,୨୮।୫(ସୁଚିସ୍ମିତା ସାହୁ): ସ୍ମାର୍ଟ ହେବେ ଅଙ୍ଗନୱାଡ଼ି କର୍ମୀ। ଏଥିପାଇଁ ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧୀନରେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ସ୍ମାର୍ଟ ତାଲିମ ପ୍ରଦାନ କରାଯିବ। ଡିଜିଟାଲ ଟେକ୍ନୋଲୋଜି ମାଧ୍ୟମରେ ତାଲିମ ଦେଇ ସ୍ମାର୍ଟ ଅଙ୍ଗନୱାଡ଼ି କର୍ମୀ ସୃଷ୍ଟି କରାଯିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୁରୁତ୍ୱ ଦେଇଛନ୍ତି। ବିଭାଗୀୟ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ ବୁଧବାର ଲୋକସେବା ଭବନସ୍ଥିତ ଉପମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ରାଜ୍ୟ ମହିଳା ଆୟୋଗର ନୂତନ ୱେବ୍‌ସାଇଟର ଢାଞ୍ଚା ପ୍ରସ୍ତୁତିକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମୀକ୍ଷା କରିଥିଲେ। ଗ୍ରାମାଞ୍ଚଳର ଲୋକମାନେ ଯେପରି ସହଜରେ ବ୍ୟବହାର କରିପାରିବେ, ସେପରି ଭାବେ ୱେବ୍‌ସାଇଟକୁ ସରଳ କରିବାକୁ ସେ ଗୁରୁତ୍ୱ ଦେଇଥିଲେ। ଏଥିସହ ମହିଳା ଆୟୋଗର ନ୍ୟୁଜ୍ ଲେଟରରକୁ ଉନ୍ମୋଚନ ଉପମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। ସେହିପରି ସୁଭଦ୍ରା ସମବେଦନା ଯୋଜନାର ରୂପରେଖ ପ୍ରସ୍ତୁତିକୁ ମଧ୍ୟ ଉପମୁଖ୍ୟମନ୍ତ୍ରୀ ସମୀକ୍ଷା କରିଥିଲେ। ଏହି ଯୋଜନା ମାଧ୍ୟମରେ ଆତ୍ମରକ୍ଷା କୌଶଳ, ମାନସିକ ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ବ୍ୟାପକ ଜନସଚେତନତାକୁ ଗୁରୁତ୍ୱରୋପ କରାଯାଇଛି। ନିର୍ଭୟା ପାଣ୍ଠିକୁ ବ୍ୟବହାରକରି ମହିଳା ହିଂସା ରୋକିବା ଉପରେ ଫୋକସ କରାଯାଇଛି। ସମାଜ କଲ୍ୟାଣ ବୋର୍ଡରେ ଏନ୍‌ଜିଓଙ୍କୁ ତାଲିକାଭୁକ୍ତ କରିବା ପାଇଁ ଆପ୍ଲିକେଶନ ଢାଞ୍ଚା ପ୍ରସ୍ତୁତି କରିବାକୁ ଯୋଜନା କରାଯାଇଛି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଅପରେଶନ ସିନ୍ଦୂରକୁ ନେଇ ପରାକ୍ରମ ଶୋଭାଯାତ୍ରା



ଶୋଭାଯାତ୍ରାରେ ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ ଓ ଅନ୍ୟମାନେ।

ବାଙ୍କୀ,୨୮।୫(ଶୁଭେନ୍ଦୁ ମହାପାତ୍ର) ଭାରତର ଶତ୍ରୁ ଦେଶ ପାକିସ୍ତାନର ଆତଙ୍କବାଦୀ ଆଡ୍ଡା ଉପରେ ଅପରେଶନ ସିନ୍ଦୂର ଜରିଆରେ ଆକ୍ରମଣ କରି ଧ୍ୱଂସ କରିଥିବା ଭାରତୀୟ ସେନାଙ୍କ ପରାକ୍ରମ ଦେଖାଇଥିଲେ। ଏହାକୁ ସମ୍ମାନ ଜଣାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନକ୍ରମେ ବାଙ୍କୀର ପ୍ରତ୍ୟେକ ପଞ୍ଚାୟତରେ ଭାଜପା ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀଙ୍କ ଅଧ୍ୟକ୍ଷତାରେ ତ୍ରିରଙ୍ଗା ଶୋଭାଯାତ୍ରା କାର୍ଯ୍ୟକ୍ରମ ଚାଲିଛି। ଏହିକ୍ରମରେ ବାଙ୍କୀ ନିର୍ବାଚନ କ୍ଷେତ୍ର ସରଣ୍ଡାଗଡ଼ ୩୬ ଜୋନ ପକ୍ଷରୁ ମଣ୍ଡଳ ସଭାପତି ଶ୍ରୀରାମ ରାଉତଙ୍କ ସଂଯୋଜନାରେ ସୁବର୍ଣ୍ଣପୁର ମଣ୍ଡଳରେ ଥିବା ୭ ପଞ୍ଚାୟତରେ ତ୍ରିରଙ୍ଗା ଶୋଭାଯାତ୍ରା ବୁଧବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଭାଜପା ନେତା ଚକ୍ରବର୍ତ୍ତୀ, ବାଙ୍କୀ ବ୍ଲକ ସାଂସଦ ପ୍ରତିନିଧି ଜୟନ୍ତ କୁମାର ବେଉରା, ଡମପଡ଼ା ବ୍ଲକ ସାଂସଦ ପ୍ରତିନିଧି ସରୋଜ କୁମାର ମଉଗଜସିଂ, ଏନ୍ଏସି ସାଂସଦ ପ୍ରତିନିଧି ସରୋଜ ସାମନ୍ତରାୟ, ମଣ୍ଡଳ ପ୍ରତିନିଧି ପ୍ରକାଶ ଦାସ, ସରୋଜ କୁମାର ମିଶ୍ର, ଅନିତା ମିଶ୍ର, ବୁଥ୍ ସମ୍ପାଦକ ରମେଶ ଚନ୍ଦ୍ର ତ୍ରିପାଠୀ, ରୋହିତ ବେହେରା, ପ୍ରମୋଦ ସାହୁ, ଏନ୍ଏସି ସଭାପତି ସଞ୍ଜୟ ରଣା, ଦେବାଶିଷ ମାନସିଂଙ୍କ ସମେତ ବହୁ ସଂଖ୍ୟାରେ କର୍ମୀମାନେ ଯୋଗଦେଇଥିଲେ। ବାଉଁଶପୁଟ ପଞ୍ଚାୟତଠାରେ କର୍ମୀମାନେ ତ୍ରିରଙ୍ଗା ପତାକା ଉଡ଼ାଇ ବିଜୟ ଉତ୍ସବ ପାଳନ କରିବା ସହ ବାଇକ୍ ରାଲି କରି ବନ୍ଦାଳ, ରତାଗଡ଼, ସୁବର୍ଣ୍ଣପୁର, ଓସ୍ତିଆ, କଦଳୀବାଡ଼ି, କନ୍ତ ପହଁରା ପଞ୍ଚାୟତରେ ପରାକ୍ରମ ଶୋଭାଯାତ୍ରା କରାଯାଇଥିଲା। ଭାରତ ମାତା କି ଜୟ, ଜୟ ଯବାନ ଶବ୍ଦ ଉଚ୍ଚାରଣରେ ଅଞ୍ଚଳ କମ୍ପି ଉଠିଥିଲା।

### ରାତିଅଧରେ ଡ୍ରୋନ୍ ଉଡ଼ିବା ଘଟଣା, ପୋଲିସ ତଦନ୍ତ ଆରମ୍ଭ

ବାରଙ୍ଗ/ତ୍ରିଶୂଳିଆ,୨୮।୫(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା) ବାରଙ୍ଗର ବିଭିନ୍ନ ଅଞ୍ଚଳରେ ମଙ୍ଗଳବାର ବିଳମ୍ବିତ ରାତିରେ ମାଳମାଳ ଡ୍ରୋନ୍ ଉଡ଼ିବା ଘଟଣା ଉପରେ ବୁଧବାର ପୋଲିସ ତଦନ୍ତ ଆରମ୍ଭ କରିଛି। ପୋଲିସ ବିଭିନ୍ନ ସ୍ଥାନକୁ ଯାଇ ଖୋଜଖବର ନେଇଥିଲେ ମଧ୍ୟ କୌଣସି ତଥ୍ୟ ପାଇପାରି ନାହିଁ। ତେବେ କିଏ ଓ କାହିଁକି ଏତେ ଡ୍ରୋନ ଉଡ଼ାଉଥିଲା, ତାହାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୋଲିସ ସୂତ୍ରରୁ ପ୍ରକାଶ, ମଙ୍ଗଳବାର ରାତିରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ବାରଙ୍ଗ ଅଞ୍ଚଳର ବିଭିନ୍ନ ଗ୍ରାମରେ ଡ୍ରୋନ୍ ଉଡୁଥିଲା। ଏହାକୁ ନେଇ ଲୋକେ ଭୟଭୀତ ହୋଇ ପୋଲିସକୁ ଜଣାଇଥିଲେ। ବୁଧବାର ପୋଲିସ ତଦନ୍ତ ଆରମ୍ଭ କରି ବାରଙ୍ଗରେ ଥିବା ସିଆଇଏସ୍ଏଫ୍, ଏନ୍‌ଡିଆର୍ଏଫ୍ ପ୍ରଶିକ୍ଷଣ ଶିବିର, ମେଟ୍ରୋ ରେଳ ପ୍ରକଳ୍ପର ଚାଲିଥିବା ୱର୍କଶପ କାମ ଦାୟିତ୍ୱରେ ଥିବା ଅଧିକାରୀ, ସରକାରୀ କାର୍ଯ୍ୟାଳୟର ଅଧିକାରୀଙ୍କ ସହ ମଧ୍ୟ କଥା ହୋଇଥିଲା। କିନ୍ତୁ ଡ୍ରୋନ୍ ଉଡ଼ାଉଥିବା ସଂସ୍ଥା ଓ ବ୍ୟକ୍ତିବିଶେଷଙ୍କ ବିଷୟରେ କୌଣସି ସୂଚନା ପାଇପାରିନାହିଁ।

### ଚାଷୀଙ୍କୁ ସବୁଜ ସାର କିଟ୍ ପ୍ରଦାନ



ଚାଷୀମାନଙ୍କୁ କୃଷି ବିଭାଗ ପକ୍ଷରୁ କିଟ୍ ପ୍ରଦାନ କରାଯାଉଛି।

ତିଗିରିଆ,୨୮।୫ (ଜାଫର ଖାଁ) : ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସହଭାଗିତାରେ କୃଷି କ୍ଷେତ୍ରରେ ସବୁଜ ସାର ପ୍ରୟୋଗ ପାଇଁ ବୁଧବାର ଚାଷୀଙ୍କୁ କିଟ୍ ତିଗିରିଆ କୃଷି କାର୍ଯ୍ୟାଳୟ ପକ୍ଷରୁ ପ୍ରଦାନ କରାଯାଇଛି। ଚାଷଜମିରେ ରାସାୟନିକ ସାର ପ୍ରୟୋଗ ହ୍ରାସ କରିବାକୁ ସବୁଜ ସାର ଧନିଚା କିଟ୍ ପ୍ରଦାନ କାର୍ଯ୍ୟକ୍ରମରେ ତିଗିରିଆ ବ୍ଲକ ଆତ୍ମା ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ସାହୁଙ୍କ ଉପସ୍ଥିତିରେ ଚାଷୀଙ୍କୁ ପ୍ରଦାନ କରାଯାଇଥିଲା। ଚଳିତବର୍ଷ ସବୁଜ ସାର ୧୨୫ଟି ୨୫ କିଗ୍ରା ପ୍ୟାକେଟ ତିଗିରିଆ ବ୍ଲକ କୃଷି କାର୍ଯ୍ୟାଳୟକୁ ଆସିଛି ବୋଲି ବ୍ଲକ କୃଷି ଅଧିକାରୀ ସନାତନ ବେହେରା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗୌରହରି ପରିଡ଼ା, କୃଷି କାର୍ଯ୍ୟାଳୟର କର୍ମଚାରୀ ଉପସ୍ଥିତ ଥିଲେ।

### ସଭାପତି, ସହଯୋଗୀଙ୍କ ନାମରେ ଏତଲା

**ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ**

- ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାଲା ପକାଇବା ଘଟଣା

ବାଙ୍କୀ,୨୮।୫(ଶୁଭେନ୍ଦୁ ମହାପାତ୍ର) କଟକ ଜିଲା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଓ ବୋର୍ଡ ସଦସ୍ୟ ତାଲା ପକାଇଥିଲେ। ଏହି ଘଟଣାରେ ବାଙ୍କୀ ଥାନାରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କରୁଣାକର ସାହୁ ବୁଧବାର ସଭାପତି ଓ ତାଙ୍କ ସହଯୋଗୀଙ୍କ ନାମରେ ଏତଲା ଦେଇଛନ୍ତି।

ସୂଚନାଯୋଗ୍ୟ, ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କରୁଣାକର ସାହୁ ଅସହଯୋଗ କରୁଥିବା ନେଇ ସୋମବାର ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଓ ବୋର୍ଡ ସଦସ୍ୟମାନେ ତାଙ୍କ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିଲେ। ଏହି ଘଟଣାରେ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାହୁ କେନ୍ଦ୍ର ସମବାୟ ବ୍ୟାଙ୍କ ଏମ୍‌ଡି, ଆର୍‌ସିଏସ୍, ବିଆର୍‌ସିଏସ୍ ଏବଂ କଟକ ଜିଲାପାଳଙ୍କୁ ଲିଖିତ ଅଭିଯୋଗ କରିଥିଲେ। ବୁଧବାର ଥାନାରେ ବ୍ୟାଙ୍କ ସଭାପତି ଓ ତାଙ୍କ ସହଯୋଗୀଙ୍କ ନାମରେ ଏତଲା ଦେଇଥିବା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସାହୁ ପ୍ରକାଶ କରିଛନ୍ତି। ଏଭଳି ଘଟଣା ସମ୍ପର୍କରେ ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀଙ୍କୁ ପ୍ରତିକ୍ରିୟା ନେବାକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ପାରି ନ ଥିଲା।

### ୪୨ ମୌଜାର ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା ଆଶା ମଉଳିଲା

କଟକ ସଦର,୨୮।୫(ସୁଶାନ୍ତ କୁମାର ଜେନା): କଟକ ସଦର ବ୍ଲକ ୪୨ ମୌଜା ଅଞ୍ଚଳରେ ଅଗ୍ନିଶମ କେନ୍ଦ୍ର ପ୍ରତିଷ୍ଠା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦୀର୍ଘଦିନରୁ ଦାବି କରି ଆସୁଥିଲେ। ଏହି ଦାବି ପରେ ବେଣ୍ଟକାରଠାରେ ଅଗ୍ନିଶମ କେନ୍ଦ୍ର ସ୍ଥାୟୀ ଗୃହ ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇଥିଲା। ବର୍ତ୍ତମାନ ଏଠାରେ କେନ୍ଦ୍ର ପ୍ରତିଷ୍ଠାର ଯୋଜନା ନ ଥିବା କଟକ ଅଗ୍ନିଶମ ରେଞ୍ଜର ଜନ ସୂଚନା ଅଧିକାରୀ ସନାତନ ମହାପାତ୍ର ପତ୍ର ସଂଖ୍ୟା ୨୪୫୯/୯।୪।୨୦୨୫ରେ ସୂଚନା ଦେଇଛନ୍ତି। ଫଳରେ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନରେ ଆଶା ମଉଳି ଯାଇଛି। ଏଠାରେ କେନ୍ଦ୍ର ପ୍ରତିଷ୍ଠା ହୋଇଥିଲେ ୪୨ ମୌଜାର ୬ଟି ପଞ୍ଚାୟତ ସମେତ ୫ ନଂ. ଜୋନର ୬ଟି ଓ ୪ ନଂ. ଜୋନର ୩ଟି ପଞ୍ଚାୟତ ଏବଂ ବାରଙ୍ଗ ବ୍ଲକର ୭ଟି ପଞ୍ଚାୟତର ଲୋକ ବେଶୀ ଉପକୃତ ହୋଇଥାନ୍ତେ। ଏଠାରେ ବହୁ ଘର ନିର୍ମାଣ ହେଉଥିବାରୁ ଅଗ୍ନିକାଣ୍ଡ ଘଟିଲେ ଏହି କେନ୍ଦ୍ର ବେଶ ସହାୟକ ହୋଇଥାନ୍ତା।


**झारखण्ड सरकार**
**क्षेत्र सर्वेक्षण प्रमण्डल, अग्रिम योजना**
**पथ निर्माण विभाग, दुमका**

**अल्पकालीन ई-प्रोक्योरमेंट सूचना (1st Call)**
ई–निविदाप्रसंग सं0 :– RCD/FSD/AP/DUM/01/2025-26
दिनांक :– 27/05/2025

| | | |
|---|---|---|
| 1. | कार्य का नाम | Consultancy Services for Preparation of Detailed Project Report (DPR) for Construction of New High Level Bridge in place of Existing Bridge at Chainage 18+255 Km of Gumro To Ghasimarni (Fatehpur) via Garapathar Road (Total Road Length- 19.92 Km) Under Road Division Dumka in the State of Jharkhand. |
| 2. | अनुमानित लंबाई | 95.00 मी0 |
| 3. | कार्य समाप्ति की अवधि | 45 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 29.05.2025, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 12.06.2025, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 13.06.2025, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :– http://jharkhandtenders.gov.in
कार्यपालक अभियंता, क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका
PR 353692 Road (25-26)_D



**Office of the Executive Engineer**
**Road Construction Department,**
**Road Division, Chaibasa**
eercdchaibasa-jhr@nic.in

**Very Short E-Procurement Notice**
E-tender Reference No. : RCD/CHAIBASA/2024-25/17 (8th Call)
Date : 28.05.2025

| | | |
|---|---|---|
| 1. | Name of Work | Selection of Bidder for collection of user fee through fee collecting agency on the basis of the competitive bidding through on E-Tender Basis only at Km. 13+400 at Sanagajata Toll Plaza for the section from Km. 0.00 to Km. 47.86 (Chaibasa-Kandra Section) of State Highways No. 5 in the state of Jharkhand. |
| 2. | Estimated Cost (Rs.) | Rs 12,43,50,000.00 (Twelve Crore Forty Three Lacs Fifty Thousand) Only. Per annum |
| 3. | Time of Completion | 02 (Two) Years |
| 4. | Date of Publication of Tender On Website | 02.06.2025 at 11.30 AM |
| 5. | Last date/Time for receipt of bids. | 16.06.2025 Up to 3.00 P.M. |
| 6. | Date of Opening of Bid | 17.06.2025 at 03:30 P.M. |
| 7. | Name & address of office Inviting tender | Office of the Executive Engineer, RCD, Road Division, Chaibasa |
| 8. | Contact no. of Procurement Officer | 7781899686 |
| 9. | Helpline number of e-Procurement cell | 0651-3510880 |

* Further details can be seen on website http://jharkhandtender.gov.in
PR 353710 West Singhbhum(25-26)#D
Executive Engineer
RCD, Road Division, Chaibasa.



**ZILLA SWASTHYA SAMITI, CUTTACK**

**REQUEST FOR PROPOSAL (RFP) FOR OUTSOURCING OF MECHANISED LAUNDRY SERVICES UNDER NIRMAL**

**No.E-114** : Sealed proposals as per the prescribed RFP documents are invited from eligible bidders for providing of Mechanised Laundry Services in different health institutions of Cuttack district. The eligibility criteria and detail requirements are set forth in the RFP document which can be downloaded from the website: **https://cuttack.odisha.gov.in** The interested eligible bidders can submit the proposal with required documents through Speed Post/Registered Post/Courier only to the **CDM & PHO Cuttack, Cantonment Road, Buxi Bazar, Cuttack, PIN- 753001 latest** by **24.06.2025 (5 P.M.)**. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO cum-District Mission Director
District Health Mission, Cuttack
OIPR-10022/11/0004/2526



**ZILLA SWASTHYA SAMITI, CUTTACK**

**REQUEST FOR PROPOSAL (RFP) FOR OUTSOURCING OF SECURITY SERVICES UNDER NIRMAL**

**No.E-115** : Sealed proposals as per the prescribed RFP documents are invited from eligible bidders for providing of Security Services in different health institutions of Cuttack district. The eligibility criteria and detail requirements are set forth in the RFP document which can be downloaded from the website: **https://cuttack.odisha.gov.in** The interested eligible bidders can submit the proposal with required documents through Speed Post/Registered Post/Courier only to the **CDM & PHO Cuttack, Cantonment Road, Buxi Bazar, Cuttack, PIN- 753001 latest** by **24.06.2025 (5 P.M.)**. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO cum-District Mission Director
District Health Mission, Cuttack
OIPR-10022/11/0006/2526



**ପୌରପରିଷଦ କାର୍ଯ୍ୟାଳୟ : ଜୟପୁର**
**OFFICE OF THE MUNICIPAL COUNCIL : JEYPORE**
Phone No. : 06854-231098, e-Mail : ulbjeypore@gmail.com
Letter No. : 2060 Date : 27.05.2025

**QUOTATION CALL NOTICE FOR SUPPLY OF STATIONERY ARTICLES**

**No.C-396** : Sealed Quotation for the year 2025-26 are invited from local suppliers / Dealers for supply of **Printing Materials** to be used in office of the Municipal Council, Jeypore for official purpose. The term and conditions are detailed below.

1. The Quotationer may purchase the quotation paper from office of Jeypore Municipality on Payment of Rs.600/- (Rupees Six Hundred Only) (Non-refundable) from dt: 28.05.2025 to dt: 10.06.2025 only on working hours.
2. The Quotationer may submit his/her quotation in afore said quotation paper only being accompanied with money receipt. GST and other Tax Clearance Certificate, Aadhaar Card, Pan Card and other relevant documents if any.
3. The quotation should be inclusive of all applicable Taxes, Duties and other charges.
4. The supplier should ensure that the quality of the Printing Materials is of a high standard and meets our requirements.
5. Delivery of the Printing Materials should be made within 05 days from the date of issue of purchase order.
6. The supplier should provide a warranty for any defective Printing Materials supplied.
7. The suppliers should provide sample of the Printing Materials for our inspection of required.
8. The successful bidder has to deposit Rs.3,000/- (Rupees Three Thousand) only towards security deposit which is refundable.
9. The quotations should reach to the undersigned through Registered/Speed Post by dt: 10.06.2025 11.00 A.M. which will be opened in presence of the Quotationer or his/her Authorized representative at 12.00 noon on the same day.
10. The quotations received after stipulated date and time shall not be entertained.
11. The undersigned reserves the right to reject any or all the quotations without assigning any reason thereof.

Sd./- Executive Officer
Jeypore Municipality
OIPR-13079/11/0041/2526



**कार्यपालक अभियन्ता का कार्यालय,**
**ग्रामीण कार्य विभाग, कार्य प्रमण्डल, लातेहार**

**अल्पकालीन ई– पुनर्निविदा आमंत्रण सूचना**
ई–निविदा संख्या :– 01/R1/2024-25/EE/RWD/LATEHAR दिनांक : 27.05.2025

| क्र0 | आईडेंटी फिकेशन सं0/पैकेज सं0 | प्रखंड | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि | टेंडर कॉल |
|---|---|---|---|---|---|---|---|
| | | | | अंक में | अक्षर में | | |
| 1 | RWD/LATEHA R11/2024-25 | महुआडांड | जलजाली से जामडीह तक पथ निर्माण। | 1138.066 | ग्यारह करोड़ अड़तीस लाख छः हजार छः सौ रूपये मात्र। | 18 माह | द्वितीय |

1. वेबसाईट में निविदा प्रकाशन की तिथि :– 31.05.2025
2. ई–निविदा प्राप्ति की अंतिम तिथि एवं समय :– 10.06.2025 अपराह्न 5:00 बजे तक।
3. निविदा खोलने की तिथि एवं समय :– 12.06.2025 अपराह्न 03:30 बजे।
4. निविदा आमंत्रित करने वाले पदाधिकारी का नाम एवं पता, कार्यपालक अभियंता, ग्रामीण कार्य विभाग, कार्य प्रमंडल, लातेहार पिन – 829206।
5. ई–निविदा प्रकोष्ठ का दूरभाष सं0 – 06565245038

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियन्ता
ग्रामीण कार्य विभाग, कार्य प्रमण्डल, लातेहार
PR.NO.353746 REO(25-26):D



केनरा बैंक Canara Bank सिंडिकेट Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ନିର୍ଦ୍ଦେଶକମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ, ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ନିର୍ଦ୍ଦେଶକ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍‌ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ **ଦଖଲ** କରିଛନ୍ତି। ଏତଦ୍ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ନିର୍ଦ୍ଦେଶକ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶାଖା (୨୮୪୨)** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ନିର୍ଦ୍ଦେଶକମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡ଼ିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶାଖା (୨୮୪୨) /** **ଋଣଗ୍ରହୀତା: ମେସର୍ସ ଗିପି କାର୍ବନ ଏଣ୍ଡ କେମିକାଲ୍ସ ପ୍ରା. ଲିଃ. (CIN-U23101OR2022PTC039731,** ଆରଓସି-ଆରଓସି କଟକ), ଫ୍ଲଟ୍ ନଂ.: ଏଫ୍ଏଲ୍ ୨ଏଲ୍‌ବି ବିଏଲ୍ ୭, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ୍, ରଘୁନାଥପୁର, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪ / **ନିର୍ଦ୍ଦେଶକମାନେ: ୧) ଶ୍ରୀ ଗୌରୀ ପ୍ରସାଦ ସାହୁ,** ପିତା: ଗୋକୁଳାନନ୍ଦ ସାହୁ, ଫ୍ଲାଟ-୨୦୯, ବ୍ଲକ-ସି, ଫାଲକନ ରେସିଡେନ୍ସି, ପଟିଆ, ଭୁବନେଶ୍ୱର-୭୫୧୦୨୪, **୨) ଶ୍ରୀ ଅଶୋକ କୁମାର ପାଣିଗ୍ରାହୀ,** ପିତା: ରାମ ଚନ୍ଦ୍ର ପାଣିଗ୍ରାହୀ, ଫ୍ଲାଟ୍: ୨ଏଲ୍‌ବି, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ୍, ରଘୁନାଥପୁର, ଭୁବନେଶ୍ୱର-୭୫୧୦୨୪, **୩) ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଯ୍ୟ,** ପିତା: ୰ ଶ୍ରୀଷ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ୯/୨ଏ, ନେପାଳ ଭଟ୍ଟାଚାର୍ଯ୍ୟ ଷ୍ଟ୍ରିଟ୍, ୱାର୍ଡ ନଂ.: ୮୩, ପୋ.: କାଳିଘାଟ, ଥାନା: କାଳିଘାଟ, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୨୬, **୪) ଶ୍ରୀମତୀ ଗୁଲସାନା ସେଖ,** ସ୍ୱାମୀ: ଗୁମାୟୁନ ସେଖ, ୭/୪୭, ମୁକୁନ୍ଦପୁର, ପୋ.: ମୁକୁନ୍ଦପୁର, ଥାନା: ପୂର୍ବ ଯାଦବପୁର, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୯୯ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଗୌରୀ ପ୍ରସାଦ ସାହୁ,** ପିତା: ଗୋକୁଳାନନ୍ଦ ସାହୁ, ଫ୍ଲାଟ-୨୦୯, ବ୍ଲକ-ସି, ଫାଲକନ ରେସିଡେନ୍ସି, ପଟିଆ, ଭୁବନେଶ୍ୱର-୭୫୧୦୨୪, **୨) ଶ୍ରୀ ଅଶୋକ କୁମାର ପାଣିଗ୍ରାହୀ,** ପିତା: ରାମ ଚନ୍ଦ୍ର ପାଣିଗ୍ରାହୀ, ଫ୍ଲାଟ୍: ୨ଏଲ୍‌ବି, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ୍, ରଘୁନାଥପୁର, ଭୁବନେଶ୍ୱର-୭୫୧୦୨୪, **୩) ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଯ୍ୟ,** ପିତା: ୰ ଶ୍ରୀଷ ଚନ୍ଦ୍ର ଭଟ୍ଟାଚାର୍ଯ୍ୟ, ୯/୨ଏ, ନେପାଳ ଭଟ୍ଟାଚାର୍ଯ୍ୟ ଷ୍ଟ୍ରିଟ୍, ୱାର୍ଡ ନଂ.: ୮୩, ପୋ.: କାଳିଘାଟ, ଥାନା: କାଳିଘାଟ, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୨୬, **୪) ଶ୍ରୀମତୀ ଗୁଲସାନା ସେଖ,** ସ୍ୱାମୀ: ଗୁମାୟୁନ ସେଖ, ୭/୪୭, ମୁକୁନ୍ଦପୁର, ପୋ.: ମୁକୁନ୍ଦପୁର, ଥାନା: ପୂର୍ବ ଯାଦବପୁର, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୯୯, **୫) ଶ୍ରୀମତୀ ଦେବଶ୍ରୀ ସାହୁ,** ସ୍ୱାମୀ: ଗୌରୀ ପ୍ରସାଦ ସାହୁ, ଫ୍ଲାଟ-୨୦୯, ବ୍ଲକ-ସି, ଫାଲକନ ରେସିଡେନ୍ସି, ପଟିଆ, ଭୁବନେଶ୍ୱର-୭୫୧୦୨୪ | **କ) ସ୍ଥାବର ସମ୍ପତ୍ତି: ୧) ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଯ୍ୟଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ୧କୋଟା ୧୨ ଚିତକ ୪୧ ବର୍ଗଫୁଟ ସହିତ ତିନିମହଲା ବିଶିଷ୍ଟ ବିଲ୍ଡିଂ ଯାହାର ପରିମିତ କ୍ଷେତ୍ର: ୩୧୧୧ ବର୍ଗଫୁଟ (ପ୍ରତ୍ୟେକ ମହଲା ୧୦୩୭ ବର୍ଗଫୁଟ) ଯାହାକି ୯/୨ଏ, ନେପାଳ ଭଟ୍ଟାଚାର୍ଯ୍ୟ ଷ୍ଟ୍ରିଟ, ୱାର୍ଡ ନଂ.: ୮୩, କୋଲକାତା-୭୦୦୦୨୬, ଥାନା: ପୂର୍ବର ଭବାନୀପୁର ବର୍ତ୍ତମାନ କାଳିଘାଟ, କୋଲକାତା ମ୍ୟୁନିସ୍‌ପାଲ କର୍ପୋରେସନ ସୀମା ଅଧିନ, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅନ୍ୟମାନଙ୍କ ସମ୍ପତ୍ତି, ଦକ୍ଷିଣ: ଅନ୍ୟମାନଙ୍କ ସମ୍ପତ୍ତି, ପୂର୍ବ: ନେପାଳ ଭଟ୍ଟାଚାର୍ଯ୍ୟ ଷ୍ଟ୍ରିଟ୍, ପଶ୍ଚିମ: ଅନ୍ୟମାନଙ୍କ ସମ୍ପତ୍ତି **CERSAI ID- 400067536688, ସ୍ଥାବର ସମ୍ପତ୍ତି: ୨) ଶ୍ରୀମତୀ ଗୁଲସାନା ସେଖଙ୍କ** ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ସମ୍ପୂର୍ଣ୍ଣ ୨ୟ ମହଲାର ସୁପର ବିଲ୍ଟ ଅପ୍ ଏରିଆ: ୭୦୦ ବର୍ଗଫୁଟ ଏବଂ ୩ୟ ମହଲାର ଦକ୍ଷିଣ ପାର୍ଶ୍ୱର ୫୦%ର ପରିମିତ କ୍ଷେତ୍ର: ୩୫୦ ବର୍ଗଫୁଟ ଅର୍ଥାତ୍ ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୧୦୫୦ ବର୍ଗଫୁଟ (ଲିଫ୍ଟ ସୁବିଧା ବିନା) ସହିତ ଆନୁପାତିକ ଅବିଭକ୍ତ ଜମିର କ୍ଷେତ୍ର: ୧କୋଟା ୯ ଚିତକ ୨୦ ବର୍ଗଫୁଟ ଏବଂ ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ସମ୍ପୂର୍ଣ୍ଣ ୧ମ ମହଲାର ସୁପର ବିଲ୍ଟ ଅପ୍ ଏରିଆ: ୭୦୦ ବର୍ଗଫୁଟ ଏବଂ ୩ୟ ମହଲାର ଉତ୍ତର ପାର୍ଶ୍ୱର ୫୦%ର ପରିମିତ କ୍ଷେତ୍ର: ୩୫୦ ବର୍ଗଫୁଟ ଅର୍ଥାତ୍ ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୧୦୫୦ ବର୍ଗଫୁଟ (ଲିଫ୍ଟ ସୁବିଧା ବିନା) ସହିତ ଆନୁପାତିକ ଅବିଭକ୍ତ ଜମିର କ୍ଷେତ୍ର: ୧କୋଟା ୯ ଚିତକ ୨୦ ବର୍ଗଫୁଟ, ଉଭୟ ସ୍କିମ୍ ପ୍ଲଟ ନଂ.: ୧୬୩ ଏ ଅନ୍ତର୍ଗତ ନିର୍ମିତ ଏବଂ କେଏମ୍‌ସି ପ୍ରିମାଇସେସ୍ ନଂ.: ୩୦୬, ଅଜୟ ନଗର ନାମରେ ନାମିତ, ଆର.ଏସ୍ ଦାଗ ନଂ.: ୨, ଆର୍.ଏସ୍. ଖତିଆନ ନଂ.: ୨, ସି.ଏସ୍ ଦାଗ ନଂ.: ୨/୪୦, ସି.ଏସ୍ ଖତିଆନ ନଂ.: ୧-୧୪, ରେଭିନ୍ୟୁ ସର୍ଭେ ନଂ.: ୮ ଏବଂ ୧/୨, ତଉଜି ନଂ.: ୧୫୧, ମୌଜା: ଚକଗଣିଆଗାଛି, ଜେ.ଏଲ୍ ନଂ.: ୨୪, କୋଲକାତା ମ୍ୟୁନିସ୍‌ପାଲ କର୍ପୋରେସନ ସୀମା ଅଧିନ, ୱାର୍ଡ ନଂ.: ୧୦୯, ପୂର୍ବର କସବା ଥାନା ବର୍ତ୍ତମାନର ପୂର୍ବ ଯାଦବପୁର, ପୋ.: ସନ୍ତୋଷପୁର ଏବଂ ସବ୍-ରେଜିଷ୍ଟ୍ରି: ସିଆଲଦା, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ଏହାର ଚାରିପାର୍ଶ୍ୱରେ ଉତ୍ତର: ୨୦ଫୁଟିଆ ଚଉଡ଼ା ରାସ୍ତା, ଦକ୍ଷିଣ: ୨୭ ଫୁଟିଆ ଚଉଡ଼ା ରାସ୍ତା, ପୂର୍ବ: ଅନ୍ୟମାନଙ୍କ ସମ୍ପତ୍ତି, ପଶ୍ଚିମ: ୨୫୦ ଫୁଟିଆ ଚଉଡ଼ା ଇ.ଏମ୍ ବାଏ ପାସ୍, **CERSAI ID- 400067111864 / ଖ) ୦୫.୦୩.୨୦୨୫ / ଗ) ୨୬.୦୫.୨୦୨୫ / ଘ) ଟ.୫,୯୫,୩୯,୭୭୫.୭୪ (ପାଞ୍ଚ କୋଟି ପଞ୍ଚାନବେ ଲକ୍ଷ ଅଣଚାଳିଶି ହଜାର ସାତ ସହ ପଞ୍ଚସ୍ତରି ଟଙ୍କା ଏବଂ ଚଉସ୍ତରି ପଇସା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୮.୦୫.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

# ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ ସମସ୍ୟା ନେଇ ଉଦ୍‌ବେଗ

## ଟାଙ୍ଗୀ ପଞ୍ଚାୟତ ସମିତି ବୈଠକ

ଟାଙ୍ଗୀ-ଖୋର୍ଦ୍ଧା,୨୮ା୫(ରଘୁନାଥ ସାହୁ)

ଟାଙ୍ଗୀ ପଞ୍ଚାୟତ ସମିତିର ୭ମ ବୈଠକ ବୁଧବାର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷା ରିଙ୍କି ମାନ୍ଧାତା ଏଥିରେ ସଭାପତିତ୍ୱ କରିଥିଲେ। ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବିଡିଓ ରୁମାନା ଜାଫ୍ରୀ, ତହସିଲଦାର ନିଷ୍ଠା ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ଚିନ୍ମୟ କୁମାର ପୃଷ୍ଟି, ବ୍ଲକ ଉପାଧ୍ୟକ୍ଷ ଦୁର୍ଗା ପ୍ରସାଦ ନାଥ ଶର୍ମା ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ୨୦୨୫-୨୬ ଆର୍ଥିକ ବର୍ଷର ବିପିଡିପି ଖସଡ଼ା ଓ ବିଜିବିଓ ଖସଡ଼ା ପ୍ରସ୍ତୁତି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଯୋଗାଣ, କୃଷି, ଖାଦ୍ୟ ସୁରକ୍ଷା, ଉଦ୍ୟାନ ଓ ମତ୍ସ୍ୟ ସମ୍ପଦ, ସମନ୍ୱିତ ଶିଶୁ ବିକାଶ ଯୋଜନା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଶେଷ ଭାବେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପ୍ରଧାନ ଶିକ୍ଷକ ପଦବୀ ଖାଲି, ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦେଖାଯାଇଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଟାଙ୍ଗୀ ସରପଞ୍ଚ କିଶୋର କୁମାର ବେହେରା ଦୃଷ୍ଟି ଆକର୍ଷଣ କରିଥିଲେ। ବ୍ଲକ ଅଧୀନ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟ ଆଲୋଚନାରେ ଅଂଶଗ୍ରହଣ କରି ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଉତ୍ଥାପନ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସତ୍ୟରଞ୍ଜନ ନନ୍ଦଙ୍କ ସମେତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଦ୍ୟୁତ୍ ବିଭାଗ ଯନ୍ତ୍ରୀ, ପାନୀୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ, ଜିଲା କୃଷି ଅଧିକାରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ପ୍ରାଣୀ ଚିକିତ୍ସାଧିକାରୀ, ସହକାରୀ ଉଦ୍ୟାନ ଅଧିକାରୀ, ସହକାରୀ ମତ୍ସ୍ୟ ଅଧିକାରୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ, ବନ ବିଭାଗ ଅଧିକାରୀ, ଟାଙ୍ଗୀ ଥାନା ଆଇଆଇସି, ପୂର୍ତ୍ତ ବିଭାଗ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବଙ୍କ ସମେତ ଅନ୍ୟ ଅଧିକାରୀ।

# ମୋ ସେବା କେନ୍ଦ୍ରର ପ୍ରଶିକ୍ଷଣ ଶିବିର

ନିରାକାରପୁର,୨୮ା୫(ମାନସ ଚନ୍ଦ୍ର ପଟ୍ଟନାୟକ)

ଟାଙ୍ଗୀ ବ୍ଲକ୍‌ରେ ଥିବା ୨୬ ପଞ୍ଚାୟତ ମୋ ସେବା କେନ୍ଦ୍ରର ଦିନିକିଆ ପ୍ରଶିକ୍ଷଣ ଶିବିର ବୁଧବାର ନିରାକାରପୁର ପଞ୍ଚାୟତ କାର୍ଯ୍ୟାଳୟ ପରିସରସ୍ଥ ମୋ ସେବା କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିରାକାରପୁର ମୋ ସେବା କେନ୍ଦ୍ରର ପରିଚାଳକ ମାନସ ଚନ୍ଦ୍ର ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଶିବିରରେ ସହଜର ଜିଲା ପରିଚାଳକ ସ୍ମୃତିରଞ୍ଜନ ବିଶ୍ୱାଳ ଉପସ୍ଥିତ ରହି ସମସ୍ତ ଭିଏଲ୍‌ଇଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଆଗାମୀ ଦିନରେ ସହଜ ଓ ମୋ ସେବା କେନ୍ଦ୍ର କିଭଳି ଶକ୍ତିଶାଳୀ ହୋଇ ପ୍ରତ୍ୟେକ ଭିଏଲ୍‌ଇ ମାନଙ୍କୁ ଠିକ୍ ଭାବେ ସ୍ୱରୋଜଗାର ଯୋଗାଇ ଦେଇପାରିବ, ସେନେଇ ବିସ୍ତୃତ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ବର୍ଷିଆନ ଭିଏଲ୍‌ଇ ପଦ୍ମଚରଣ ସାମନ୍ତରାୟ, ସୁଦର୍ଶନ ପାଇକରାୟ, ଅକ୍ଷୟ ରାଉତ, ବିନୋଦ ବଳିଆରସିଂହ, ଗଣେଶ ସାହୁ, ଭାଗୀରଥି ବେହେରା ଓ କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଜିଲା ପରିଚାଳକ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ବିବାହିତା ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

## ସତ୍କାର ପାଇଁ ମୃତଦେହ ନେବାବେଳେ ଜବତ କଲା ପୋଲିସ

ବାଣପୁର,୨୮ା୫(ଦିଲ୍ଲୀପ କୁମାର ସ୍ୱାଇଁ)

ଘରେ ସ୍ୱାମୀ, ଝିଅ ପୁଅ ନ ଥିବାବେଳେ ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ଏହା ଜାଣି ତାଙ୍କ ଶାଶୁଘର ଲୋକେ ଶବ ସତ୍କାର କରିବାକୁ ମଶାଣିକୁ ନେଉଥିବାବେଳେ ଖବର ପାଇ ବାଣପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତା ମହିଳାଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୧/୨୫) ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ସବ୍‌ଇନ୍ସପେକ୍ଟର ପବିତ୍ର ପ୍ରଧାନ କହିଛନ୍ତି।

ସୂଚନାନୁଯାୟୀ, ଖୋର୍ଦ୍ଧା ଜିଲା ବାଣପୁର ଥାନା କୋଟ ବିଦ୍ୟାଧରପୁର ଗ୍ରାମର ମିତା ବାରିକ (୩୧) ପ୍ରାୟ ୧୦ ବର୍ଷ ପୂର୍ବେ ସେହି ଗ୍ରାମର ତ୍ରିଲୋଚନ ପରିଡ଼ାଙ୍କୁ ଭଲ ପାଇ ବିବାହ କରିଥିଲେ। ହେଲେ ଉଭୟ ପରିବାର ଏଥିରେ ସମ୍ମତ ନ ହେବାରୁ ଦୁହେଁ ଗ୍ରାମରେ ଏକ ଭଡ଼ାଘରେ ରହୁଥିଲେ। ପରେ ଉଭୟଙ୍କ ଗୋଟିଏ ଝିଅ ଓ ପୁଅ ଜନ୍ମ ହୋଇଥିଲେ। ତ୍ରିଲୋଚନ ବିଦେଶରେ ଶ୍ରମିକ ଭାବେ କାର୍ଯ୍ୟରତ ଥିବାବେଳେ ମିତା ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦରେ ସ୍ୱଚ୍ଛସାଥୀ ଭାବେ କାର୍ଯ୍ୟରତ ଥିଲେ। ତେବେ ମଙ୍ଗଳବାର ସନ୍ଧ୍ୟାରେ ମିତାଙ୍କ ଝିଅ ଟ୍ୟୁଶନ ଏବଂ ପୁଅ ବାପଘରକୁ ଯାଇଥିଲେ। ଏହି ସମୟରେ ଶାଶୁଘର ଲୋକେ ମିତାଙ୍କୁ ଘର ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ହେଲେ ସେମାନେ କାହାକୁ କିଛି ନ ଜଣାଇ ମୃତଦେହ ତଳକୁ ଓହ୍ଲାଇବା ସହ ଅନ୍ତିମ ସଂସ୍କାର ପାଇଁ କୋକେଇ ପ୍ରସ୍ତୁତ କରୁଥିଲେ। ତେବେ ମିତାଙ୍କୁ ଡାକ୍ତରଖାନା ନ ନେବା, ତାଙ୍କ ବାପଘର ଲୋକଙ୍କୁ ଘଟଣା ସମ୍ପର୍କରେ ନ ଜଣାଇ ତରବରିଆ ଭାବେ ଅନ୍ତିମ ସଂସ୍କାର ପାଇଁ ନେବା ଦେଖି ସାହି ପଡ଼ିଶା ତାଙ୍କ ମା' ଶାନ୍ତିଲତାଙ୍କୁ ଜଣାଇଥିଲେ। ଏନେଇ ଶାନ୍ତିଲତା ଥାନାରେ ଅଭିଯୋଗ କରିବାରୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବୁଧବାର ସକାଳେ ବ୍ୟବଚ୍ଛେଦ ପାଇଁ ପଠାଇଛି। ଘଟଣା ବାବଦରେ ଶାନ୍ତିଲତା ଓ ଗ୍ରାମବାସୀ ତ୍ରିଲୋଚନଙ୍କୁ ଖବର ଦେଇଥିବା ଜଣାପଡ଼ିଛି।

# ଧଳାପଥର ଡାକବଙ୍ଗଳା ଉନ୍ନତୀକରଣ, କର୍ମଚାରୀ ନିଯୁକ୍ତି ପାଇଁ ଦାବି



ଅବହେଳିତ ଅବସ୍ଥାରେ ଧଳାପଥର ଡାକବଙ୍ଗଳା।

କଳାପଥର,୨୮ା୫(ଗଙ୍ଗାଧର ସାହୁ)

ଖୋର୍ଦ୍ଧା ପୂର୍ତ୍ତ ବିଭାଗ ଅଧୀନ ବୋଲଗଡ଼ ବ୍ଲକ ଅନ୍ତର୍ଗତ ଧଳାପଥରଠାରେ ଥିବା ଡାକ ବଙ୍ଗଳାଟି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ପ୍ରତି ଦୁଇ ତିନି ବର୍ଷରେ କିଛି ଠିକାଦାରଙ୍କୁ ନିୟୋଜିତ କରି ମରାମତି କରାଯାଉଥିଲେ ମଧ୍ୟ ଭାଙ୍ଗିରୁଜି ଯାଇଥିବା ଘରଗୁଡ଼ିକର ପୁନରୁଦ୍ଧାର, ନୂତନ ଗୃହ ନିର୍ମାଣ ଓ ଆଧୁନିକୀକରଣ କରାଯାଉ ନାହିଁ। କଣ୍ଟିଲୋର ନୀଳମାଧବ, ଭଟ୍ଟାରିକା, ଫତେଗଡ଼ ରାମ ମନ୍ଦିର ଏବଂ ବୈଦେଶ୍ୱରଠାରେ ଟି-ବ୍ରିଜ୍‌କୁ ସଂଯୋଗ କରୁଥିବା ତ୍ରିକୂଟଧାମକୁ ପରିଦର୍ଶନରେ ଆସୁଥିବା ତୀର୍ଥଯାତ୍ରୀ ଏହି ଡାକ ବଙ୍ଗଳାରେ ରାତ୍ରିଯାପନ କରିବାକୁ ସୁରକ୍ଷିତ ମଣୁନାହାନ୍ତି।

ଖୋର୍ଦ୍ଧାଠାରୁ ଖଣ୍ଡପଡ଼ା, କଣ୍ଟିଲୋ, ଦଶପଲ୍ଲାକୁ ସଂଯୋଗ ହୋଇଥିବା ଏହି ରାଜ୍ୟ ରାଜପଥ ଜାତୀୟ ରାଜପଥର ମାନ୍ୟତା ପାଇସାରିଛି। ଖୋର୍ଦ୍ଧା, ନୟାଗଡ଼, କଟକ ଜିଲାର ସୀମାନ୍ତ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଥିବା ବାଣିଜ୍ୟିକ ପେଣ୍ଠସ୍ଥଳ ଭାବେ ଜଣାଶୁଣା କଳାପଥରରେ ଦଣ୍ଡାୟମାନ ଏହି ଡାକବଙ୍ଗଳାର ଦୁର୍ଦ୍ଦଶା ପାଇଁ ଲୋକେ ପ୍ରଶାସନିକ ଉଦାସୀନତା ଓ ରାଜନୈତିକ ନେତୃବୃନ୍ଦଙ୍କ ଇଚ୍ଛାଶକ୍ତିର ଅଭାବକୁ ଦାୟୀ କରିଛନ୍ତି। ଏହି ଡାକବଙ୍ଗଳାର ପ୍ରାଚୀର ବୃଦ୍ଧି, ତ୍ରିତଳ ବିଶିଷ୍ଟ ଆଧୁନିକ ଗୃହ ଓ ଏକ ମିନିପାର୍କ ନିର୍ମାଣ, ବଙ୍ଗଳା ରକ୍ଷଣାବେକ୍ଷଣ, ଆତିଥେୟତା ପ୍ରଦାନ ପାଇଁ ଜଣେ ସ୍ଥାୟୀ କର୍ମଚାରୀଙ୍କ ଆବଶ୍ୟକତା ରହିଛି। ଏହି ବଙ୍ଗଳାକୁ ଏକ ମଡେଲ ବଙ୍ଗଳାରେ ପରିଣତ କରିବାକୁ ସ୍ଥାନୀୟ ଅଞ୍ଚଳର ବିଜୟ କୁମାର ଦାସ, ରାକେଶ କୁମାର ସାହୁ, ଦିଲ୍ଲୀପ କୁମାର ସାମନ୍ତରା, ସୁରେଶ କୁମାର ରାଉତ ପ୍ରମୁଖ ଦାବି କରିଛନ୍ତି।

# ଟ୍ରାନ୍ସଫର୍ମର ସ୍ଥାନାନ୍ତରଣ ସତ୍ତ୍ୱେ ହଟୁନି ବିଦ୍ୟୁତ୍ ଖୁଣ୍ଟ

ବୋଲଗଡ଼,୨୮ା୫(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ସଂପୁର ଗ୍ରାମ ରଙ୍ଗଣୀସାହି ତ୍ରିନାଥ ମନ୍ଦିର ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ୨ଟି ଖୁଣ୍ଟ ରାସ୍ତାକୁ ମାଡ଼ି ରହିଛି। ଏହି ଖୁଣ୍ଟରୁ ଯାଇଥିବା ତାରରେ ୩୩ କେଭି ବିଦ୍ୟୁତ୍ ସରବରାହ ଚାଲୁ ରହିଛି। ଏହି ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାଟି ବୋଲଗଡ଼ଠାରୁ କଳାଙ୍ଗ ଦେଇ ଖଣ୍ଡପଡ଼ା ଅଞ୍ଚଳକୁ ସଂଯୋଗ କରୁଥିବାବେଳେ ବ୍ଲକ ଅଞ୍ଚଳର ୩ଟି ପଞ୍ଚାୟତର ପ୍ରାୟ ୨୫ଟି ଗ୍ରାମବାସୀଙ୍କ ପାଇଁ ଏହା ପ୍ରମୁଖ ଦୈନନ୍ଦିନ ଚଳାଚଳ ରାସ୍ତା। ଛୋଟ ବଡ଼ ଅନେକ ଗାଡ଼ିମୋଟର ଯାତାୟାତ କରୁଥିବା ଏହି ରାସ୍ତାରେ ଥିବା ବିଦ୍ୟୁତ ଖୁଣ୍ଟ ଦୁର୍ଭାଗ୍ୟ ବଶତଃ ଆଘାତପ୍ରାପ୍ତ ହେଲେ, ଏଥିରେ ପ୍ରବାହିତ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ତାର ଛିଣ୍ଡି ବିପଦ ଘଟି ଧନଜୀବନ ହାନି ହେବାର ଆଶଙ୍କା ସୃଷ୍ଟି କରିଛି। ଏହି ଖୁଣ୍ଟଗୁଡ଼ିକ ଏକ ବୁଲାଣି ସ୍ଥାନରେ ଥିବାବେଳେ ଏହାର ଚତୁଃପାର୍ଶ୍ୱରେ ସୁରକ୍ଷାବାଡ଼ ମଧ୍ୟ ନିର୍ମାଣ ହୋଇନାହିଁ। ଏହି ରାସ୍ତାଟି ପ୍ରାୟ ୨ ବର୍ଷ ପୂର୍ବେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ପୁନଃ ନିର୍ମିତ ହୋଇଥିବାବେଳେ ଖୁଣ୍ଟଗୁଡ଼ିକୁ ସ୍ଥାନାନ୍ତର କରାଯାଇନାହିଁ। ଖୁଣ୍ଟଟି ଗ୍ରାମର ପ୍ରାୟ ମଧ୍ୟ ଭାଗରେ ଥିବାରୁ ଛୋଟ ପିଲାମାନେ ଏଠାରେ ଖେଳାଖେଳି କରୁଥିବାବେଳେ ଗୃହପାଳିତ ପ୍ରାଣୀ ମଧ୍ୟ ଏଠାରେ ଅବାଧ ବିଚରଣ କରୁଛନ୍ତି। ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ପରିବାର ଭୟଭୀତ ଅବସ୍ଥାରେ ଚଳୁଛନ୍ତି। ଏହି ବିଦ୍ୟୁତ୍ ଖୁଣ୍ଟକୁ ତୁରନ୍ତ ଅପସାରଣ କରିବାକୁ ଗ୍ରାମର ଧନେଶ୍ୱର ସ୍ୱାଇଁ, ରବୀନ୍ଦ୍ର ସାଥୁଆ, ବ୍ରଜବନ୍ଧୁ ବେହେରା, ବାଉରୀବନ୍ଧୁ ବେହେରା, ନିରଞ୍ଜନ ନାୟକ, ପ୍ରମୋଦ ଚୌଧୁରୀ, ଅଜୟ ମହାନ୍ତି, କାଳିଆ ଜେନା, ଲୁଲୁ ମିଶ୍ର ପ୍ରମୁଖଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।



ବିପଦ ପୂର୍ଣ୍ଣ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ।

# ସ୍ଥାୟୀ ନିଯୁକ୍ତି ଦାବିରେ ଅନଶନ

ବେଗୁନିଆ,୨୮ା୫(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଚକାପଦା ଗ୍ରାମର ଚକ୍ରଧର ମୁଦୁଲି ସ୍ଥାନୀୟ ନିଯୁକ୍ତି, ବକେୟା ଦରମା ଏବଂ ଗ୍ରୁପ- ସି ଏବଂ ଡି ପଦବୀରେ ନିୟମିତ କରାଇବା ଦାବିରେ ବୁଧବାର ପରିବାର ଲୋକଙ୍କ ସହ ବେଗୁନିଆ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିଥିଲେ। ସନ୍ଧ୍ୟା ସମୟରେ ତହସିଲଦାର ତାପସ ବିଶି ସେଠାରେ ପହଞ୍ଚି ଚକ୍ରଧରଙ୍କ ପରିବାର ଲୋକଙ୍କୁ ବୁଝାଶୁଝା କରି ପ୍ରତିଶ୍ରୁତି ଦେବା ପରେ ଅନଶନ ହଟିଥିଲା।

ସୂଚନା ଥାଉକି, ଚକ୍ରଧର ବେଗୁନିଆ ତହସିଲ କାର୍ଯ୍ୟାଳୟରେ ୨୦୦୬ରୁ ୨୦୨୨ ପର୍ଯ୍ୟନ୍ତ ଜିପ୍ ଚାଳକ ଭାବେ କାର୍ଯ୍ୟରତ ଥିଲେ। ପୂର୍ବତନ ତହସିଲଦାରଙ୍କ ସମୟରେ କାର୍ଯ୍ୟକାଳ ଶେଷ ହୋଇଯାଇଥିବା ଦର୍ଶାଇ ଚକ୍ରଧରଙ୍କୁ ୨୦୨୨ ନଭେମ୍ବରରୁ ଛଟେଇ କରାଯାଇଥିଲା। ଫଳରେ ଚକ୍ରଧରଙ୍କୁ ପରିବାର ବର୍ଗଙ୍କୁ ପୋଷିବା ଚିନ୍ତା ଘାରିଛି। ସ୍ଥାୟୀ ନିଯୁକ୍ତି, ବକେୟା ପାଉଣା ସହିତ ଗ୍ରେଡ୍-ଡିରେ ନିୟମିତ ନିଯୁକ୍ତି ଦାବି ନେଇ ରାଜସ୍ୱ ଓ ପରିଚାଳନା ବିଭାଗ ଅତିରିକ୍ତ ଶାସନ ସଚିବ, ଆରଡିସି, ଜିଲାପାଳ, ଉପଜିଲାପାଳ, ଏସ୍‌ପି, ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ଜିଲା ଓ ବ୍ଲକ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ମିଳିନାହିଁ। ଶେଷରେ ବୁଧବାର ସେ ଦିନତମାମ ବର୍ଷାରେ ପରିବାର ସହ ଅନଶନରେ ବସିଥିଲେ। ସନ୍ଧ୍ୟାରେ ତହସିଲଦାର ବିଶି ପହଞ୍ଚି ଚକ୍ରଧରଙ୍କୁ ଗ୍ରେଡ୍-ଡିରେ ନିଯୁକ୍ତ ପାଇଁ ଦିଆଯାଇଥିବା ପୂର୍ବ ସର୍ତ୍ତାବଳୀ ଅନୁସାରେ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପ୍ରେରିତ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ତହସିଲଦାର କହିଛନ୍ତି।


झारखण्ड सरकार
**क्षेत्र सर्वेक्षण प्रमण्डल, अग्रिम योजना**
पथ निर्माण विभाग, दुमका

**अल्पकालीन ई-प्रोक्योरमेंट सूचना (1st Call)**

ई–निविदाप्रसंग सं0 :– RCD/FSD/AP/DUM/01/2025-26
दिनांक :– 27/05/2025

| | | |
|---|---|---|
| 1. | कार्य का नाम | Consultancy Services for Preparation of Detailed Project Report (DPR) for Construction of New High Level Bridge in place of Existing Bridge at Chainage 18+255 Km of Gumro To Ghasimarni (Fatehpur) via Garapathar Road (Total Road Length- 19.92 Km) Under Road Division Dumka in the State of Jharkhand. |
| 2. | अनुमानित लंबाई | 95.00 मी0 |
| 3. | कार्य समाप्ति की अवधि | 45 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 29.05.2025, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 12.06.2025, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 13.06.2025, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :– http://jharkhandtenders.gov.in

कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका

PR 353692 Road (25-26)_D



**Office of the Executive Engineer**
**Road Construction Department,**
**Road Division, Chaibasa**
eercdchaibasa-jhr@nic.in

**Very Short E-Procurement Notice**

E-tender Reference No. : RCD/CHAIBASA/2024-25/17 (8th Call)
Date : 28.05.2025

| | | |
|---|---|---|
| 1. | Name of Work | Selection of Bidder for collection of user fee through fee collecting agency on the basis of the competitive bidding through on E-Tender Basis only at Km. 13+400 at Sanagajata Toll Plaza for the section from Km. 0.00 to Km. 47.86 (Chaibasa-Kandra Section) of State Highways No. 5 in the state of Jharkhand. |
| 2. | Estimated Cost (Rs.) | Rs 12,43,50,000.00 (Twelve Crore Forty Three Lacs Fifty Thousand) Only. Per annum |
| 3. | Time of Completion | 02 (Two) Years |
| 4. | Date of Publication of Tender On Website | 02.06.2025 at 11.30 AM |
| 5. | Last date/Time for receipt of bids. | 16.06.2025 Up to 3.00 P.M. |
| 6. | Date of Opening of Bid | 17.06.2025 at 03:30 P.M. |
| 7. | Name & address of office Inviting tender | Office of the Executive Engineer, RCD, Road Division, Chaibasa |
| 8. | Contact no. of Procurement Officer | 7781899686 |
| 9. | Helpline number of e-Procurement cell | 0651-3510880 |

* Further details can be seen on website http://jharkhandtender.gov.in

PR 353710 West Singhbhum(25-26)#D

Executive Engineer
RCD, Road Division, Chaibasa.



**ZILLA SWASTHYA SAMITI, CUTTACK**

**REQUEST FOR PROPOSAL (RFP) FOR OUTSOURCING OF MECHANISED LAUNDRY SERVICES UNDER NIRMAL**

**No.E-114** : Sealed proposals as per the prescribed RFP documents are invited from eligible bidders for providing of Mechanised Laundry Services in different health institutions of Cuttack district. The eligibility criteria and detail requirements are set forth in the RFP document which can be downloaded from the website: **https://cuttack.odisha.gov.in** The interested eligible bidders can submit the proposal with required documents through Speed Post/Registered Post/Courier only to the **CDM & PHO Cuttack, Cantonment Road, Buxi Bazar, Cuttack, PIN- 753001 latest** by **24.06.2025 (5 P.M.)**. The undersigned reserves the right to reject any or all the tenders without assigning any reason thereof.

**Sd./- CDM & PHO cum-District Mission Director**
**District Health Mission, Cuttack**
**OIPR-10022/11/0004/2526**



**ZILLA SWASTHYA SAMITI, CUTTACK**

**REQUEST FOR PROPOSAL (RFP) FOR OUTSOURCING OF SECURITY SERVICES UNDER NIRMAL**

**No.E-115** : Sealed proposals as per the prescribed RFP documents are invited from eligible bidders for providing of Security Services in different health institutions of Cuttack district. The eligibility criteria and detail requirements are set forth in the RFP document which can be downloaded from the website: **https://cuttack.odisha.gov.in** The interested eligible bidders can submit the proposal with required documents through Speed Post/Registered Post/Courier only to the **CDM & PHO Cuttack, Cantonment Road, Buxi Bazar, Cuttack, PIN- 753001 latest** by **24.06.2025 (5 P.M.)**. The undersigned reserves the right to reject any or all the tenders without assigning any reason thereof.

**Sd./- CDM & PHO cum-District Mission Director**
**District Health Mission, Cuttack**
**OIPR-10022/11/0006/2526**



**ପୌରପରିଷଦ କାର୍ଯ୍ୟାଳୟ : ଜୟପୁର**
**OFFICE OF THE MUNICIPAL COUNCIL : JEYPORE**
Phone No. : 06854-231098, e-Mail : ulbjeypore@gmail.com
Letter No. : 2060 Date : 27.05.2025

**QUOTATION CALL NOTICE FOR SUPPLY OF STATIONERY ARTICLES**

**No.C-396** : Sealed Quotation for the year 2025-26 are invited from local suppliers / Dealers for supply of **Printing Materials** to be used in office of the Municipal Council, Jeypore for official purpose. The term and conditions are detailed below.

1. The Quotationer may purchase the quotation paper from office of Jeypore Municipality on Payment of Rs.600/- (Rupees Six Hundred Only) (Non-refundable) from dt: 28.05.2025 to dt: 10.06.2025 only on working hours.
2. The Quotationer may submit his/her quotation in afore said quotation paper only being accompanied with money receipt. GST and other Tax Clearance Certificate, Aadhaar Card, Pan Card and other relevant documents if any.
3. The quotation should be inclusive of all applicable Taxes, Duties and other charges.
4. The supplier should ensure that the quality of the Printing Materials is of a high standard and meets our requirements.
5. Delivery of the Printing Materials should be made within 05 days from the date of issue of purchase order.
6. The supplier should provide a warranty for any defective Printing Materials supplied.
7. The suppliers should provide sample of the Printing Materials for our inspection of required.
8. The successful bidder has to deposit Rs.3,000/- (Rupees Three Thousand) only towards security deposit which is refundable.
9. The quotations should reach to the undersigned through Registered/Speed Post by dt: 10.06.2025 11.00 A.M. which will be opened in presence of the Quotationer or his/her Authorized representative at 12.00 noon on the same day.
10. The quotations received after stipulated date and time shall not be entertained.
11. The undersigned reserves the right to reject any or all the quotations without assigning any reason thereof.

**Sd./- Executive Officer**
**Jeypore Municipality**

OIPR-13079/11/0041/2526



**कार्यपालक अभियन्ता का कार्यालय,**
**ग्रामीण कार्य विभाग, कार्य प्रमण्डल, लातेहार**

**अल्पकालीन ई– पुनर्निविदा आमंत्रण सूचना**

ई–निविदा संख्या :– 01/R1/2024-25/EE/RWD/LATEHAR दिनांक : 27.05.2025

| क्र0 | आईडेंटी फिकेशन सं0/पैकेज सं0 | प्रखंड | कार्य का नाम | प्राक्कलित राशि (रूपये में) | | कार्य समाप्ति की तिथि | टेंडर कॉल |
|---|---|---|---|---|---|---|---|
| | | | | अंक में | अक्षर में | | |
| 1 | RWD/LATEHAR11/2024-25 | महुआडांड | जलजाली से जामडीह तक पथ निर्माण। | 1138.066 | ग्यारह करोड़ अड़तीस लाख छः हजार छः सौ रूपये मात्र। | 18 माह | द्वितीय |

1. वेबसाईट में निविदा प्रकाशन की तिथि :– 31.05.2025
2. ई–निविदा प्राप्ति की अंतिम तिथि एवं समय :– 10.06.2025 अपराह्न 5:00 बजे तक।
3. निविदा खोलने की तिथि एवं समय :– 12.06.2025 अपराह्न 03:30 बजे।
4. निविदा आमंत्रित करने वाले पदाधिकारी का नाम एवं पता, कार्यपालक अभियंता, ग्रामीण कार्य विभाग, कार्य प्रमंडल, लातेहार पिन – 829206।
5. ई–निविदा प्रकोष्ठ का दूरभाष सं0 – 06565245038

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियन्ता
ग्रामीण कार्य विभाग, कार्य प्रमण्डल, लातेहार

PR.NO.353746 REO(25-26):D



केनरा बैंक Canara Bank सिंडिकेट Syndicate

 କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡ଼ିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କର** କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୧୨) ଏବଂ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ନିର୍ଦ୍ଦେଶକମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା। ଯେହେତୁ, ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ନିର୍ଦ୍ଦେଶକ ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡ଼ିକୁ **ଦଖଲ** କରିଛନ୍ତି। ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ନିର୍ଦ୍ଦେଶକ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶାଖା (୨୮୪୨)** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ ନିର୍ଦ୍ଦେଶକମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡ଼ିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶାଖା (୨୮୪୨) /** **ଋଣଗ୍ରହୀତା: ମେସର୍ସ ଗିପି କାର୍ବନ ଏଣ୍ଡ୍ କେମିକାଲ୍ସ ପ୍ରା. ଲିଃ. (CIN-U23101OR2022PTC039731, ଆରଓସି-ଆରଓସି କଟକ),** ପ୍ଲଟ୍ ନଂ.: ଏଫ୍‌ଏଲ୍ ୨ଏଲ୍‌ବି ବିଏଲ୍ ୭, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ୍, ରଘୁନାଥପୁର, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪ / **ନିର୍ଦ୍ଦେଶକମାନେ: ୧) ଶ୍ରୀ ଗୌରୀ ପ୍ରସାଦ ସାହୁ,** ପିତା: ଗୋକୁଳାନନ୍ଦ ସାହୁ, ଫ୍ଲାଟ-୨୦୯, ବ୍ଲକ-ସି, ଫାଲକନ ରେସିଡେନ୍ସି, ପଟିଆ, ଭୁବନେଶ୍ୱର-୭୫୧୦୨୪, ୨) **ଶ୍ରୀ ଅଶୋକ କୁମାର ପାଣିଗ୍ରାହୀ,** ପିତା: ରାମ ଚନ୍ଦ୍ର ପାଣିଗ୍ରାହୀ, ଫ୍ଲାଟ୍: ୨ଏଲ୍‌ବି, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ୍, ରଘୁନାଥପୁର, ଭୁବନେଶ୍ୱର-୭୫୧୦୨୪, ୩) **ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଜୀ,** ପିତା: ସ୍ୱ ଶ୍ରୀଷ ଚନ୍ଦ୍ର ଭଟ୍ଟାଚାର୍ଜୀ, ୯/୨ଏ, ନେପାଳ ଭଟ୍ଟାଚାର୍ଜୀ ଷ୍ଟ୍ରିଟ୍, ୱାର୍ଡ ନଂ.: ୮୩, ପୋ.: କାଳିଘାଟ, ଥାନା: କାଳିଘାଟ, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୨୬, ୪) **ଶ୍ରୀମତୀ ଗୁଲସାନା ସେଖ,** ସ୍ୱାମୀ: ଗୁମାୟୁନ ସେଖ, ୭/୪୭, ମୁକୁନ୍ଦପୁର, ପୋ.: ମୁକୁନ୍ଦପୁର, ଥାନା: ପୂର୍ବ ଯାଦବପୁର, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୯୯ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଗୌରୀ ପ୍ରସାଦ ସାହୁ,** ପିତା: ଗୋକୁଳାନନ୍ଦ ସାହୁ, ଫ୍ଲାଟ-୨୦୯, ବ୍ଲକ-ସି, ଫାଲକନ ରେସିଡେନ୍ସି, ପଟିଆ, ଭୁବନେଶ୍ୱର-୭୫୧୦୨୪, ୨) **ଶ୍ରୀ ଅଶୋକ କୁମାର ପାଣିଗ୍ରାହୀ,** ପିତା: ରାମ ଚନ୍ଦ୍ର ପାଣିଗ୍ରାହୀ, ଫ୍ଲାଟ୍: ୨ଏଲ୍‌ବି, ମଣି ତ୍ରିଭୁବନ, ନନ୍ଦନକାନନ ରୋଡ୍, ରଘୁନାଥପୁର, ଭୁବନେଶ୍ୱର-୭୫୧୦୨୪, ୩) **ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଜୀ,** ପିତା: ସ୍ୱ ଶ୍ରୀଷ ଚନ୍ଦ୍ର ଭଟ୍ଟାଚାର୍ଜୀ, ୯/୨ଏ, ନେପାଳ ଭଟ୍ଟାଚାର୍ଜୀ ଷ୍ଟ୍ରିଟ୍, ୱାର୍ଡ ନଂ.: ୮୩, ପୋ.: କାଳିଘାଟ, ଥାନା: କାଳିଘାଟ, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୨୬, ୪) **ଶ୍ରୀମତୀ ଗୁଲସାନା ସେଖ,** ସ୍ୱାମୀ: ଗୁମାୟୁନ ସେଖ, ୭/୪୭, ମୁକୁନ୍ଦପୁର, ପୋ.: ମୁକୁନ୍ଦପୁର, ଥାନା: ପୂର୍ବ ଯାଦବପୁର, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ପଶ୍ଚିମ ବଙ୍ଗ-୭୦୦୦୯୯, ୫) **ଶ୍ରୀମତୀ ଦେବଶ୍ରୀ ସାହୁ,** ସ୍ୱାମୀ: ଗୌରୀ ପ୍ରସାଦ ସାହୁ, ଫ୍ଲାଟ-୨୦୯, ବ୍ଲକ-ସି, ଫାଲକନ ରେସିଡେନ୍ସି, ପଟିଆ, ଭୁବନେଶ୍ୱର-୭୫୧୦୨୪ | **କ) ସ୍ଥାବର ସମ୍ପତ୍ତି: ୧) ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଜୀଙ୍କ** ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ପରିମିତ କ୍ଷେତ୍ର: ୧କୋଟା ୧୨ ଚିଟକ ୪୧ ବର୍ଗଫୁଟ ସହିତ ତିନିମହଲା ବିଶିଷ୍ଟ ବିଲ୍ଡିଂ ଯାହାର ପରିମିତ କ୍ଷେତ୍ର: ୩୧୧୧ ବର୍ଗଫୁଟ (ପ୍ରତ୍ୟେକ ମହଲା ୧୦୩୭ ବର୍ଗଫୁଟ) ଯାହାକି ୯/୨ଏ, ନେପାଳ ଭଟ୍ଟାଚାର୍ଜୀ ଷ୍ଟ୍ରିଟ୍, ୱାର୍ଡ ନଂ.: ୮୩, କୋଲକାତା-୭୦୦୦୨୬, ଥାନା: ପୂର୍ବର ଭବାନୀପୁର ବର୍ତ୍ତମାନ କାଳିଘାଟ, କୋଲକାତା ମ୍ୟୁନିସ୍‌ପାଲ କର୍ପୋରେସନ ସୀମା ଅଧିନ, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ଏହାର ଚାରିପାର୍ଶ୍ୱରେ ଉତ୍ତର: ଅନ୍ୟମାନଙ୍କ ସମ୍ପତ୍ତି, ଦକ୍ଷିଣ: ଅନ୍ୟମାନଙ୍କ ସମ୍ପତ୍ତି, ପୂର୍ବ: ନେପାଳ ଭଟ୍ଟାଚାର୍ଜୀ ଷ୍ଟ୍ରିଟ୍, ପଶ୍ଚିମ: ଅନ୍ୟମାନଙ୍କ ସମ୍ପତ୍ତି **CERSAI ID- 400067536688, ସ୍ଥାବର ସମ୍ପତ୍ତି: ୨) ଶ୍ରୀମତୀ ଗୁଲସାନା ସେଖଙ୍କ** ନାମରେ ଥିବା ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ସମ୍ପୂର୍ଣ୍ଣ ୨ୟ ମହଲାର ସୁପର ବିଲ୍ଟ ଅପ୍ ଏରିଆ: ୭୦୦ ବର୍ଗଫୁଟ ଏବଂ ୩ୟ ମହଲାର ଦକ୍ଷିଣ ପାର୍ଶ୍ୱର ୫୦%ର ପରିମିତ କ୍ଷେତ୍ର: ୩୫୦ ବର୍ଗଫୁଟ ଅର୍ଥାତ୍ ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୧୦୫୦ ବର୍ଗଫୁଟ (ଲିଫ୍ଟ ସୁବିଧା ବିନା) ସହିତ ଆନୁପାତିକ ଅବିଭକ୍ତ ଜମିର କ୍ଷେତ୍ର: ୧କୋଟା ୯ ଚିଟକ ୨୦ ବର୍ଗଫୁଟ ଏବଂ ଫ୍ଲାଟ୍‌ର ସମସ୍ତ ଅଂଶବିଶେଷ ଯାହାର ସମ୍ପୂର୍ଣ୍ଣ ୧ମ ମହଲାର ସୁପର ବିଲ୍ଟ ଅପ୍ ଏରିଆ: ୭୦୦ ବର୍ଗଫୁଟ ଏବଂ ୩ୟ ମହଲାର ଉତ୍ତର ପାର୍ଶ୍ୱର ୫୦%ର ପରିମିତ କ୍ଷେତ୍ର: ୩୫୦ ବର୍ଗଫୁଟ ଅର୍ଥାତ୍ ସମୁଦାୟ ସୁପର ବିଲ୍ଟ ଅପ୍ ଏରିଆ: ୧୦୫୦ ବର୍ଗଫୁଟ (ଲିଫ୍ଟ ସୁବିଧା ବିନା) ସହିତ ଆନୁପାତିକ ଅବିଭକ୍ତ ଜମିର କ୍ଷେତ୍ର: ୧କୋଟା ୯ ଚିଟକ ୨୦ ବର୍ଗଫୁଟ, ଉଭୟ ସ୍କିମ୍ ପ୍ଲଟ ନଂ.: ୧୬୩ ଏ ଅନ୍ତର୍ଗତ ନିର୍ମିତ ଏବଂ କେଏମ୍‌ସି ପ୍ରିମାଇସେସ୍ ନଂ.: ୩୦୬, ଅଜୟ ନଗର ନାମରେ ନାମିତ, ଆର.ଏସ୍ ଦାଗ ନଂ.: ୨, ଆର୍.ଏସ୍. ଖତିଆନ ନଂ.: ୨, ସି.ଏସ୍ ଦାଗ ନଂ.: ୨/୪୦, ସି.ଏସ୍ ଖତିଆନ ନଂ.: ୧-୧୪, ରେଭିନ୍ୟୁ ସର୍ଭେ ନଂ.: ୮ ଏବଂ ୧/୨, ତଉଜି ନଂ.: ୧୫୧, ମୌଜା: ଚକଗଣିଆଗାଛି, ଜେ.ଏଲ୍ ନଂ.: ୨୪, କୋଲକାତା ମ୍ୟୁନିସ୍‌ପାଲ କର୍ପୋରେସନ ସୀମା ଅଧିନ, ୱାର୍ଡ ନଂ.: ୧୦୯, ପୂର୍ବର କସବା ଥାନା ବର୍ତ୍ତମାନର ପୂର୍ବ ଯାଦବପୁର, ପୋ.: ସନ୍ତୋଷପୁର ଏବଂ ସବ୍-ରେଜିଷ୍ଟ୍ରି: ସିଆଲଦା, ଜିଲ୍ଲା: ଦକ୍ଷିଣ ୨୪-ପ୍ରଗଣା, ଏହାର ଚାରିପାର୍ଶ୍ୱରେ ଉତ୍ତର: ୨୦ଫୁଟିଆ ଚଉଡ଼ା ରାସ୍ତା, ଦକ୍ଷିଣ: ୨୭ ଫୁଟିଆ ଚଉଡ଼ା ରାସ୍ତା, ପୂର୍ବ: ଅନ୍ୟମାନଙ୍କ ସମ୍ପତ୍ତି, ପଶ୍ଚିମ: ୨୫୦ ଫୁଟିଆ ଚଉଡ଼ା ଇ.ଏମ୍ ବାଏ ପାସ୍, **CERSAI ID- 400067111864 / ଖ) ୦୫.୦୩.୨୦୨୫ / ଗ) ୨୬.୦୫.୨୦୨୫ / ଘ) ଟ.୫,୯୫,୩୯,୭୭୫.୭୪ (ପାଞ୍ଚ କୋଟି ପଞ୍ଚାନବେ ଲକ୍ଷ ଅଣଚାଳିଶି ହଜାର ସାତ ସହ ପଞ୍ଚସ୍ତରି ଟଙ୍କା ଏବଂ ଚଉସ୍ତରି ପଇସା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୮.୦୫.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

## ସଂକ୍ଷେପରେ

### ଡକାୟତି ଯୋଜନା ପଣ୍ଡ: ୫ ଗିରଫ

ପୁରୀ,୨୮।୫ (ଅଜିତ୍ କୁମାର ମହାନ୍ତି)

ଡକାୟତି ପାଇଁ ଯୋଜନା କରୁଥିବା ଅଭିଯୋଗରେ ବାସେଳି ସାହି ଥାନା ପୋଲିସ ୫ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ କଣ୍ଡପୁର ଗ୍ରାମର ତପନ ପ୍ରଧାନ, ବାସେଳି ସାହି ଥାନା ଅନ୍ତର୍ଗତ ଜଗନ୍ନାଥ ବସ୍ତିର ଦିବାକର ସ୍ୱାଇଁ, ଗୋଖା ସାହିର ବାବୁନା ଭୋଇ, କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ବାଲିଉପର ଅଞ୍ଚଳର ସୋନୁ ନାୟକ ଏବଂ ବଳିଆପଣ୍ଡା ଥାନା ଅନ୍ତର୍ଗତ ଫାଦର ସ୍କୁଲ ନିକଟ ଅଞ୍ଚଳର ପ୍ରଶାନ୍ତ ବଳବନ୍ତରାୟ। ପୋଲିସ ଅଭିଯୁକ୍ତମାନଙ୍କ ନିକଟରୁ ୩ ଖଣ୍ଡା, ଗୋଟିଏ ଲୁହା ରଡ୍, ଗୋଟିଏ ଛୁରି, ଲଙ୍କାଗୁଣ୍ଡ ପ୍ୟାକେଟ୍, ବିୟର ବୋତଲ ସହ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ସୂଚନା ଅନୁଯାୟୀ, ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା ଯେ, କେତେଜଣ ଅସାମାଜିକ ବ୍ୟକ୍ତି ଶାହା କଲେଜ ନିକଟରେ ଏକାଠି ହୋଇ ସହରର ବିଭିନ୍ନ ସ୍ଥାନରେ ଡକାୟତି କରିବା ପାଇଁ ଯୋଜନା କରୁଛନ୍ତି। ପୋଲିସ ଉକ୍ତ ଅଞ୍ଚଳରେ ଚଢାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା।

### ୮୦ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

ନିମାପଡ଼ା,୨୮।୫(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଅବକାରୀ ଥାନା ପକ୍ଷରୁ ନିମାପଡ଼ା ଏନ୍ଏସି ଅଧୀନ ପାଟପୁରସ୍ଥ ଏକ ମଣ୍ଡପ ନିକଟରେ ଚଢ଼ାଉ କରାଯାଇଛି। ଚଢ଼ାଉରେ ଜଣେ ବ୍ରାଉନସୁଗାର ବ୍ୟବସାୟୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ହେଉଛି ବିପ୍ଳବ ନାୟକ(୩୫)। ତାଙ୍କ ପାଖରୁ ୮୦ ଗ୍ରାମ ବ୍ରାଉନସୁଗାର ଜବତ କରାଯାଇଛି, ଯାହାର ମୂଲ୍ୟ ୮ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ଥାନା ପକ୍ଷରୁ ଜଣାପଡ଼ିଛି। ଜାମିନ ନାମଞ୍ଜୁର ହେବାରୁ ବିପ୍ଳବଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏ ସମ୍ପର୍କରେ ନିମାପଡ଼ା ଅବକାରୀ ଥାନା ପକ୍ଷରୁ ୩୮/୨୫-୨୬ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲିଛି। ପୁରୀ ଜିଲ୍ଲା ଅବକାରୀ ଅଧୀକ୍ଷକ ଜଗଦୀଶ ଚନ୍ଦ୍ର ସାମଲଙ୍କ ନିର୍ଦ୍ଦେଶକ୍ରମେ ଏହି ଚଢ଼ାଉ କରାଯାଇଥିଲା। ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ନାରାୟଣ ବେହେରାଙ୍କ ନେତୃତ୍ୱରେ ଏଏସ୍ଆଇ ସନ୍ତୋଷ ମହାରଣା, ତପନ ପ୍ରଧାନ, ଶେଖ ୱାରିସ, ସବିତା ସାହୁ ପ୍ରମୁଖ ସଦଳବଳେ ଏହି ଚଢ଼ାଉରେ ସାମିଲ ଥିଲେ।

### ଦୃଷ୍ଟିବାଧିତ ଦେବେନ୍ଦ୍ରଙ୍କୁ ମିଳୁନି ଭତ୍ତା

ଅସ୍ତରଙ୍ଗ,୨୮।୫(ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅନ୍ଲାଇନ ପ୍ରମାଣପତ୍ର ଯୋଗୁ ଭିନ୍ନକ୍ଷମ ଭତ୍ତା ପାଉନଥିବାରୁ ବଞ୍ଚିତ ହେଉଛନ୍ତି ଦୃଷ୍ଟିବାଧିତ ଦେବେନ୍ଦ୍ର ବେହେରା। ଦୀର୍ଘ ବର୍ଷ ହେବ ଭିନ୍ନକ୍ଷମ ଭତ୍ତା ପାଉଥିବା ଦେବେନ୍ଦ୍ର ପ୍ରାୟ ୩ମାସ ହେବ ଭତ୍ତା ପାଉନାହାନ୍ତି। ଭତ୍ତା ବନ୍ଦ ହେବାରୁ ଦେବେନ୍ଦ୍ର ଭତ୍ତା ଉଠାଇବାକୁ ଗଲା ବେଳେ ତାଙ୍କୁ ପ୍ରଶାସନ ପକ୍ଷରୁ ଭତ୍ତା ଦିଆଯିବା ନିମନ୍ତେ ସେ ଗୁହାରି କରିଛନ୍ତି। ପ୍ରକାଶ ଯେ, ଅସ୍ତରଙ୍ଗ ବ୍ଲକ କୋରଣା ଗ୍ରାମରେ ଦେବେନ୍ଦ୍ର ଓ ତାଙ୍କ ପରିବାର ରହୁଛନ୍ତି। ଦୀର୍ଘ ବର୍ଷ ହେବ ଆଖିକୁ ଠିକ୍ ଭାବେ ଦେଖାଯାଉ ନ ଥିବାରୁ ସେ ଯେକୌଣସି କାର୍ଯ୍ୟ କରିବାକୁ ଅକ୍ଷମ ହେଉଛନ୍ତି। ଫଳରେ ତାଙ୍କୁ ପ୍ରଶାସନ ପକ୍ଷରୁ ଦୃଷ୍ଟିବାଧିତ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇଥିଲା। ସରକାର ଭିନ୍ନକ୍ଷମଙ୍କୁ ଡିଜିଟାଲ ପ୍ରମାଣପତ୍ର ଯୋଗାଇଦେବା ନିମନ୍ତେ କାର୍ଯ୍ୟ କରିବା ପରେ ଭିନ୍ନକ୍ଷମଙ୍କ ସେଠାରେ ପରୀକ୍ଷାନିରୀକ୍ଷା କରାଯାଇଥିଲା। ଏହା ପରେ ଭିନ୍ନକ୍ଷମ ପ୍ରମାଣପତ୍ର ଦିଆଯାଇଥିଲା। ଭିନ୍ନକ୍ଷମ ପ୍ରମାଣ ପତ୍ରରେ ୧୦୦% ରହିଛି। କିନ୍ତୁ ଅନ୍ଲାଇନ ସମସ୍ୟା ଯୋଗୁ ଦୀର୍ଘ ୩ ମାସ ହେବ ଭତ୍ତା ପାଉନାହାନ୍ତି ଦେବେନ୍ଦ୍ର। ଦୃଷ୍ଟିବାଧିତ ହେତୁ ଦେବେନ୍ଦ୍ର ଘରୁ ବୁଲାଉ ଯାଇ ପାରୁନାହାନ୍ତି। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିବାବେଳେ ଭିନ୍ନକ୍ଷମ ହେବା ପରେ ଅନେକ ଦୁଃଖକଷ୍ଟରେ କାଳାତିପାତ କରୁଛନ୍ତି। ଅସ୍ତରଙ୍ଗ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ଅଧିକାରୀ କହିଛନ୍ତି, ତଦନ୍ତ କରାଯାଇ ସମସ୍ୟା ସମାଧାନ କରି ତୁରନ୍ତ ଭତ୍ତା ଦିଆଯିବ।

# ଆମ ବସ୍ ଧକ୍କାରେ ୩ ଗୁରୁତର

ସାକ୍ଷୀଗୋପାଳ,୨୮।୫
(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)



ଦୁର୍ଘଟଣାଗ୍ରସ୍ତ ଆମ ବସ୍।

ସାକ୍ଷୀଗୋପାଳ ରେଳଫାଟକ ନିକଟରେ ରାଜ୍ୟ ସରକାରଙ୍କ ଅଧୀନରେ ପୁରୀରୁ ସାକ୍ଷୀଗୋପାଳ ଚାଲୁଥିବା ଆମ ବସ୍ ଧକ୍କାରେ ୩ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ସ୍ଥାନୀୟ ନହଳ ଗ୍ରାମର ହାଡ଼ିଆ ବେହେରା (୫୫), ଷୋଳହଳ ଗ୍ରାମର ଶଙ୍କର ବେହେରା(୪୦) ଓ ତାଙ୍କ ସ୍ତ୍ରୀ ପାର୍ବତୀ ବେହେରା (୩୦)। ସ୍ଥାନୀୟ ଲୋକେ ପ୍ରଥମେ ସାକ୍ଷୀଗୋପାଳ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି।

ଘଟଣା ଅନୁଯାୟୀ, ବୁଧବାର ଅପରାହ୍ନ ୪ଟା୪୫ରେ କୌଣସି ଏକ ଟ୍ରେନ ଯାତାୟାତ ନିମନ୍ତେ ସାକ୍ଷୀଗୋପାଳ ବଜାର ମଧ୍ୟରେ ଥିବା ରେଳଫାଟକ ପଡ଼ିଥିଲା। ଏହି ସମୟରେ ଫାଟକର ଉଭୟପାର୍ଶ୍ୱରେ ଶତାଧିକ ଗାଡ଼ିମୋଟର ଛିଡ଼ା ହୋଇଥିଲା। ଟ୍ରେନ୍ ଯିବା ପରେ ରେଲୱେ ଫାଟକ ଖୋଲିବା ସମୟରେ ସାକ୍ଷୀଗୋପାଳ ବଜାରରୁ ମନ୍ଦିର ପଟକୁ ଆସୁଥିବା ତିନୋଟି ବାଇକ୍କୁ ଭାରସାମ୍ୟ ପଛରୁ ଆମ ବସ୍ ଧକ୍କା ଦେଇଥିଲା। ଫଳରେ ୩ ବାଇକ ଭାଙ୍ଗିରୁଜି ଯାଇଥିବା ବେଳେ ୩ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍ ଓ କ୍ଷତିଗ୍ରସ୍ତ ବାଇକ୍କୁ ସତ୍ୟବାଦୀ ପୋଲିସ ଜବତ କରିଥିବା ବେଳେ ବସ୍ ଡ୍ରାଇଭରଙ୍କୁ ଥାନାରେ ଅଟକ ରଖିଛି। ଦୁର୍ଘଟଣାସ୍ଥଳ ରେଲୱେ ବିଭାଗ ଅଧୀନରେ ଥିବାରୁ ଏହି ଘଟଣାକୁ ରେଲୱେ ପୋଲିସକୁ ହସ୍ତାନ୍ତର କରାଯାଇଥିବା ସତ୍ୟବାଦୀ ଥାନାଧିକାରୀ ବିଜୟକେତନ ବେହେରା ପ୍ରକାଶ କରିଛନ୍ତି। ସେହିପରି ପୁରୀ ରେଲୱେ ପୋଲିସ ଅଧିକାରୀ ସନ୍ତୋଷ କୁମାର ବାହିନୀପତି କହିଛନ୍ତି, ଦୁର୍ଘଟଣା ସମ୍ପର୍କରେ ସେ ସତ୍ୟବାଦୀ ଥାନାଧିକାରୀଙ୍କ ସହ ଯୋଗାଯୋଗ କରିଛନ୍ତି। ଏ ପର୍ଯ୍ୟନ୍ତ କୌଣସି ଅଭିଯୋଗ ଆସି ନ ଥିଲେ ମଧ୍ୟ ଘଟଣାସ୍ଥଳ ଅନୁଧାନକରି ଦୁର୍ଘଟଣାର ତଦନ୍ତ କରୁଛୁ। ସେପଟେ ସାକ୍ଷୀଗୋପାଳ ବଜାର ରେଲୱେ ଫାଟକଠାରେ ଓଭରବ୍ରିଜ୍ ନିର୍ମାଣ ବିଳମ୍ବ ହେଉଥିବାରୁ ଦୈନିକ ଟ୍ରାଫିକ ସମସ୍ୟା ସହ ଅନେକ ଛୋଟବଡ଼ ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ଲୋକେ ଦେବେନ୍ଦ୍ର ସାମନ୍ତରାୟ କହିଛନ୍ତି। ରାଜ୍ୟ ସରକାରଙ୍କ ଅଧୀନରେ ଚାଲୁଥିବା ଅଧିକାଂଶ ବସ୍ରେ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ଠିକ୍ ନ ଥିବା ସହ ଅନଭିଜ୍ଞ ଚାଳକଙ୍କୁ କମ୍ ପାରିଶ୍ରମିକ ଦେଇ ଏଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ଲଗାଯାଉଥିବାରୁ ଦୁର୍ଘଟଣା ଘଟୁଛି ବୋଲି ସ୍ଥାନୀୟ ବସ କର୍ମଚାରୀ ଆଶୁତୋଷ ସାମନ୍ତରାୟ କହିଛନ୍ତି।

# ଭାଜପାରେ ସାମିଲ ହେଲେ ୬୦ ପରିବାର

ଅସ୍ତରଙ୍ଗ,୨୮।୫ (ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)


କୋରଣା ପଞ୍ଚାୟତରେ ଆୟୋଜିତ ଭାଜପାର ମିଶ୍ରଣ ପର୍ବ।

ଅସ୍ତରଙ୍ଗ ବ୍ଲକ୍ କୋରଣା ପଞ୍ଚାୟତର ୬୦ ପରିବାର ଭାଜପାରେ ସାମିଲ ହୋଇଛନ୍ତି। ଉପସ୍ଥିତ ଅତିଥିମାନେ ଦଳୀୟ ଉତ୍ତରୀୟ ପକାଇ ସେମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଯୁବନେତା ତଥା ଏମ୍ପିଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇ ଓ ଅସ୍ତରଙ୍ଗ ମଣ୍ଡଳ-୧ର ସଭାପତି ଇନ୍ଦ୍ରମଣି ଜେନାଙ୍କ ଅଧ୍ୟକ୍ଷତାରେ ରାମଚଣ୍ଡୀ ନିକଟରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଏମ୍ପିଙ୍କ ଅସ୍ତରଙ୍ଗ ପ୍ରତିନିଧି ଦିବାକର ଛାଟୋଇଙ୍କୁ ଉପସ୍ଥିତ କର୍ମୀମାନେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଅସ୍ତରଙ୍ଗ ବ୍ଲକ ଅଧ୍ୟକ୍ଷା ଆରତୀ ନାୟକ, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ଅଧିକାରୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଅସ୍ତରଙ୍ଗ ମଣ୍ଡଳ ନୂତନ ସଭାପତି ଇନ୍ଦ୍ରମଣି ଜେନାଙ୍କ ପରିଚାଳନାରେ ଅସ୍ତରଙ୍ଗରେ ଭାଜପା ଆଗାମୀ ଦିନରେ ରଣନୀତି ପ୍ରସ୍ତୁତ କରିବା ପାଇଁ ସଙ୍କେତ ଦେଇଛନ୍ତି।

### ଗଛରେ ପିଟିହେଲା ବାଇକ୍, ଛାତ୍ର ମୃତ

ବାଣପୁର,୨୮।୫(ଦିଲ୍ଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲ୍ଲା ନାରୁଣୀ ଥାନା ଅଧୀନ ଗମ୍ଭାରିମୁଣ୍ଡା ପୋଲିସ ବିଟ୍ ହାଉସ ନିକଟ କଉଡ଼ିଆ ଛକ ପେଟ୍ରୋଲ ପମ୍ପଠାରେ ବୁଧବାର ଦୁର୍ଘଟଣା ଘଟି ଜଣେ କଲେଜ ଛାତ୍ରଙ୍କ ମୃତ୍ୟୁ ହୋଇଛି। ମୃତ ଛାତ୍ର ହେଲେ ବାଣପୁର ଥାନା ନରେନ୍ଦ୍ରପୁର ପଞ୍ଚାୟତ ଅଧୀନ ବେରୁଆଁ ବାଡ଼ି ଗ୍ରାମର ନିଳୁ ସ୍ୱାଇଁଙ୍କ କୋଷ୍ଠପୁଅ ଅରୁଣ ସ୍ୱାଇଁ (୨୧)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୧୫୦/୨୫) ରୁଜୁ କରି ତଦନ୍ତ ଚଳାଇଛି। ଅରୁଣ ବୁଧବାର ବାଇକ ଯୋଗେ ଏକ ଘରୋଇ କଲେଜକୁ ପରୀକ୍ଷା ଦେବାକୁ ଯାଉଥିବାବେଳେ ରାସ୍ତା ପାର୍ଶ୍ୱ ଗଛରେ ପିଟିହୋଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ରଥଖଳାରୁ...

### ପୋଲ ଗୟଳ ଚଉପଟ ପାଇଁ ଚିରଟ ଆରମ୍ଭ



ପୁରୀ,୨୮।୫ (ଅଜିତ୍ କୁମାର ମହାନ୍ତି): ମହାପ୍ରଭୁଙ୍କ ସ୍ନାନ ପୂର୍ଣ୍ଣିମାକୁ ଆଉ କିଛିଦିନ ବାକିଥିବା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ ରଥ କାମ ଶେଷ କରିବା ପାଇଁ ଶ୍ରୀନହରଗୁଡ଼ ଅସ୍ଥାୟୀ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆଗେଇ ଚାଲିଛି। ବୁଧବାର ମହାରଣା ସେବକମାନେ ତିନିରଥର ବିଭିନ୍ନ ଅଂଶ ଯଥା ଗଗରଣା, ଚାରି ନାହାକାର ନିର୍ମାଣ ଜାରି ରଖିଛନ୍ତି। ଗୁରୁବାର ତିନିରଥର ପାଞ୍ଚଦଣ୍ଡା ନିର୍ମାଣ ଅନୁକୂଳ ପରେ ଚଉପଟ କାର୍ଯ୍ୟ ଆରମ୍ଭ ହେବ। ସେଥିପାଇଁ ଆଜି ପୂର୍ବାହ୍ନରେ ରଥ ଅମିନ, ପୁଷ୍ପ ମହାରଣାମାନେ ଦଣ୍ଡା ନିର୍ମାଣ ପାଇଁ ଉପଯୋଗୀ କାଠ ଚିହ୍ନଟ ପରେ ଭୋଇ ସର୍ଦ୍ଦାରଙ୍କ ନେତୃତ୍ୱରେ ଭୋଇ ସେବକମାନେ ୪୦ ଫୁଟିଆ ଧଉରା ଦଣ୍ଡା କାଠକୁ ତିନି ରଥଖଳା ଠାରେ ସାଉଁଟା କାର୍ଯ୍ୟ ଶେଷ କରିଛନ୍ତି। ନିର୍ମାଣ କାର୍ଯ୍ୟ ଶେଷହେବାକୁ ତିନି ରଥର ଚାରି ନାହାକା ଚଉପଟ କାର୍ଯ୍ୟ ଜାରି ରହିଥିବା ବେଳେ, ତାଳଧ୍ୱଜ ରଥ ଏବଂ ଦର୍ପଦଳନ ରଥର ଦୁଇଟି ଲେଖାଏଁ ଗଗରଣାର ଚଉପଟ କାର୍ଯ୍ୟ ଶେଷପର୍ଯ୍ୟାୟରେ ପହଞ୍ଚିଛି। ନନ୍ଦିଘୋଷ ରଥର ଦୁଇଟି ଗଗରଣାର ଚଉପଟ କାର୍ଯ୍ୟ ଶେଷ ହୋଇଛି। ରଥଖଳା ପାର୍ଶ୍ୱରେ ନିର୍ମିତ ଏକ ସ୍ୱତନ୍ତ୍ର ଚାଳିରେ କରତୀ ସେବକମାନେ ତାଳଧ୍ୱଜ ରଥର ପୋଲ ଗୟଳ ଚଉପଟ ପାଇଁ ଚିରଟ କାର୍ଯ୍ୟ ଆରମ୍ଭ କରିଛନ୍ତି।

### ରଥଯାତ୍ରା ପୂର୍ବରୁ ସରିବ ଗୁଣ୍ଡିଚା ମନ୍ଦିର କାମ

ପୁରୀ,୨୮।୫ (ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରାକୁ ଆଉ ୩୦ ଦିନ ବାକିଥିବା ବେଳେ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଛି। ଅପରପକ୍ଷରେ ଶ୍ରୀଗୁଣ୍ଡିଚା ମନ୍ଦିର ପରିସର ଏବଂ ମନ୍ଦିର ବାହାର ଉନ୍ନତୀକରଣ କାର୍ଯ୍ୟ ଜାରି ରହିଛି। ଏନେଇ ଶ୍ରୀମନ୍ଦିର ଉପପ୍ରମୁଖ ପ୍ରଶାସକ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇ କହିଛନ୍ତି ଯେ, ଗୁଣ୍ଡିଚା ମନ୍ଦିର ପ୍ରବେଶ ପଥରେ କାର୍ଯ୍ୟ ଚାଲିଛି। ତାହା ଆଉ କିଛିଦିନ ମଧ୍ୟରେ ଶେଷ ହୋଇଯିବ। ବର୍ତ୍ତମାନ ବର୍ଷା କାରଣରୁ କାର୍ଯ୍ୟ ଟିକେ ବିଳମ୍ବ ହେଉଛି। ବର୍ଷା ଛାଡ଼ିଗଲେ ପୁଣି ଠିକ୍ ଭାବେ କାର୍ଯ୍ୟ ହେବ। ସପ୍ତାହକ ମଧ୍ୟରେ କାର୍ଯ୍ୟ ସରିବ। ସେହିପରି ଗୁଣ୍ଡିଚା ମନ୍ଦିର ଭିତରେ ରୋଷଶାଳ କାର୍ଯ୍ୟ ନେଇ ସ୍ଥପତି ମହାସୁଆର ନିଯୋଗ ସହ ଆଲୋଚନା କରାଯାଇଛି। ଓଡ଼ିସିର ଚେଷ୍ଟା କରିଛି ଚଳିତ ବର୍ଷ ନାଳାଡ଼ିଦ୍ଦିକେ ପରଦିନଠାରୁ କାର୍ଯ୍ୟ ଆରମ୍ଭ ହେବ। ଯେହେତୁ ଦୀର୍ଘକାଳୀନ କାର୍ଯ୍ୟ, ତେଣୁ ଘୋଷଯାତ୍ରା ପରେ ଅର୍ଥାତ ନାଳାଡ଼ିଦ୍ଦିକେ ପରଦିନଠାରୁ କାର୍ଯ୍ୟ ଆରମ୍ଭ ହେବ। ଆସନ୍ତା ରଥଯାତ୍ରା ବେଳକୁ ସମସ୍ତ କାର୍ଯ୍ୟ ଶେଷ ହୋଇଯାଇଥିବ ବୋଲି ସ୍ୱାଇଁ କହିଛନ୍ତି।


ନିରାମୟ କେନ୍ଦ୍ରରେ ଔଷଧ ମିଳୁ ନ ଥିବା ଏବଂ କର୍ମଚାରୀମାନେ ଉତ୍ତମ ବ୍ୟବହାର ପ୍ରଦର୍ଶନ କରୁ ନ ଥିବା ନେଇ ଆମ୍ ଆଦ୍ମୀ ପାର୍ଟି ପକ୍ଷରୁ ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅଭିଯୋଗପତ୍ର ଦିଆଯାଇଛି।


**ZILLA SWASTHYA SAMITI, CUTTACK**

**REQUEST FOR PROPOSAL (RFP) FOR OUTSOURCING OF MECHANISED LAUNDRY SERVICES UNDER NIRMAL**

**No.E-114** : Sealed proposals as per the prescribed RFP documents are invited from eligible bidders for providing of Mechanised Laundry Services in different health institutions of Cuttack district. The eligibility criteria and detail requirements are set forth in the RFP document which can be downloaded from the website: **https://cuttack.odisha.gov.in** The interested eligible bidders can submit the proposal with required documents through Speed Post/Registered Post/Courier only to the **CDM & PHO Cuttack, Cantonment Road, Buxi Bazar, Cuttack, PIN- 753001 latest by 24.06.2025 (5 P.M.)**. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO cum-District Mission Director
District Health Mission, Cuttack
OIPR-10022/11/0004/2526

**कार्यपालक अभियन्ता का कार्यालय, ग्रामीण कार्य विभाग, कार्य प्रमण्डल, लातेहार**

**अल्पकालीन ई- पुनर्निविदा आमंत्रण सूचना**

ई–निविदा संख्या :– 01/R1/2024-25/EE/RWD/LATEHAR दिनांक : 27.05.2025

| क्र0 | आईडेंटी फिकेशन सं0/पैकेज सं0 | प्रखंड | कार्य का नाम | प्राक्कलित राशि (रुपये में) अंक में | अक्षर में | कार्य समाप्ति की तिथि | टेंडर कॉल |
|---|---|---|---|---|---|---|---|
| 1 | RWD/LATEHA R11/2024-25 | महुआडांड | जलजाली से जामडीह तक पथ निर्माण। | 1138.066 | ग्यारह करोड़ अड़तीस लाख छः हजार छः सौ रुपये मात्र। | 18 माह | द्वितीय |

1. वेबसाईट में निविदा प्रकाशन की तिथि :– 31.05.2025
2. ई–निविदा प्राप्ति की अंतिम तिथि एवं समय :– 10.06.2025 अपराह्न 5:00 बजे तक।
3. निविदा खोलने की तिथि एवं समय :– 12.06.2025 अपराह्न 03:30 बजे।
4. निविदा आमंत्रित करने वाले पदाधिकारी का नाम एवं पता, कार्यपालक अभियंता, ग्रामीण कार्य विभाग, कार्य प्रमंडल, लातेहार पिन – 829206।
5. ई–निविदा प्रकोष्ठ का दूरभाष सं0 – 06565245038

विस्तृत जानकारी के लिए वेबसाईट www.jharkhandtenders.gov.in में देखा जा सकता है।

कार्यपालक अभियन्ता
ग्रामीण कार्य विभाग, कार्य प्रमण्डल, लातेहार
PR.NO.353746 REO(25-26):D

**झारखण्ड सरकार**
**क्षेत्र सर्वेक्षण प्रमण्डल, अग्रिम योजना**
**पथ निर्माण विभाग, दुमका**

**अल्पकालीन ई-प्रोक्योरमेंट सूचना (1st Call)**

ई–निविदासंख्या सं0 :– RCD/FSD/AP/DUM/01/2025-26
दिनांक :– 27/05/2025

| | | |
|---|---|---|
| 1. | कार्य का नाम | Consultancy Services for Preparation of Detailed Project Report (DPR) for Construction of New High Level Bridge in place of Existing Bridge at Chainage 18+255 Km of Gumro To Ghasimarni (Fatehpur) via Garapathar Road (Total Road Length- 19.92 Km) Under Road Division Dumka in the State of Jharkhand. |
| 2. | अनुमानित लंबाई | 95.00 मी० |
| 3. | कार्य समाप्ति की अवधि | 45 दिन |
| 4. | वेबसाईट पर निविदा प्रकाशित होने की तिथि एवं समय | 29.05.2025, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 12.06.2025, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 13.06.2025, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :– http://jharkhandtenders.gov.in

कार्यपालक अभियंता, क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका
PR 353692 Road (25-26)_D

**ZILLA SWASTHYA SAMITI, CUTTACK**

**REQUEST FOR PROPOSAL (RFP) FOR OUTSOURCING OF SECURITY SERVICES UNDER NIRMAL**

**No.E-115** : Sealed proposals as per the prescribed RFP documents are invited from eligible bidders for providing of Security Services in different health institutions of Cuttack district. The eligibility criteria and detail requirements are set forth in the RFP document which can be downloaded from the website: **https://cuttack.odisha.gov.in** The interested eligible bidders can submit the proposal with required documents through Speed Post/Registered Post/Courier only to the **CDM & PHO Cuttack, Cantonment Road, Buxi Bazar, Cuttack, PIN- 753001 latest by 24.06.2025 (5 P.M.)**. The undersigned reserves the right to reject any or all the tenders without assigning any reason thereof.

Sd./- CDM & PHO cum-District Mission Director
District Health Mission, Cuttack
OIPR-10022/11/0006/2526

**Office of the Executive Engineer**
**Road Construction Department, Road Division, Chaibasa**
eercdchaibasa-jhr@nic.in

**Very Short E-Procurement Notice**

E-tender Reference No. : RCD/CHAIBASA/2024-25/17 (8th Call)
Date : 28.05.2025

| | | |
|---|---|---|
| 1. | Name of Work | Selection of Bidder for collection of user fee through fee collecting agency on the basis of the competitive bidding through on E-Tender Basis only at Km. 13+400 at Sanagajata Toll Plaza for the section from Km. 0.00 to Km. 47.86 (Chaibasa-Kandra Section) of State Highways No. 5 in the state of Jharkhand. |
| 2. | Estimated Cost (Rs.) | Rs 12,43,50,000.00 (Twelve Crore Forty Three Lacs Fifty Thousand) Only. Per annum |
| 3. | Time of Completion | 02 (Two) Years |
| 4. | Date of Publication of Tender On Website | 02.06.2025 at 11.30 AM |
| 5. | Last date/Time for receipt of bids. | 16.06.2025 Up to 3.00 P.M. |
| 6. | Date of Opening of Bid | 17.06.2025 at 03:30 P.M. |
| 7. | Name & address of office Inviting tender | Office of the Executive Engineer, RCD, Road Division, Chaibasa |
| 8. | Contact no. of Procurement Officer | 7781899666 |
| 9. | Helpline number of e-Procurement cell | 0651-3510880 |

* Further details can be seen on website http://jharkhandtender.gov.in

PR 353710 West Singhbhum(25-26)#D
Executive Engineer
RCD, Road Division, Chaibasa.

**ପୌରପରିଷଦ କାର୍ଯ୍ୟାଳୟ : ଜୟପୁର**
**OFFICE OF THE MUNICIPAL COUNCIL : JEYPORE**

Phone No. : 06854-231098, e-Mail : ulbjeypore@gmail.com
Letter No. : 2060 Date : 27.05.2025

**QUOTATION CALL NOTICE FOR SUPPLY OF STATIONERY ARTICLES**

No.C-396 : Sealed Quotation for the year 2025-26 are invited from local suppliers / Dealers for supply of **Printing Materials** to be used in office of the Municipal Council, Jeypore for official purpose. The term and conditions are detailed below.

1. The Quotationer may purchase the quotation paper from office of Jeypore Municipality on Payment of Rs.600/- (Rupees Six Hundred Only) (Non-refundable) from dt: 28.05.2025 to dt: 10.06.2025 only on working hours.
2. The Quotationer may submit his/her quotation in afore said quotation paper only being accompanied with money receipt, GST and other Tax Clearance Certificate, Aadhaar Card, Pan Card and other relevant documents if any.
3. The quotation should be inclusive of all applicable Taxes, Duties and other charges.
4. The supplier should ensure that the quality of the Printing Materials is of a high standard and meets our requirements.
5. Delivery of the Printing Materials should be made within 05 days from the date of issue of purchase order.
6. The supplier should provide a warranty for any defective Printing Materials supplied.
7. The suppliers should provide sample of the Printing Materials for our inspection of required.
8. The successful bidder has to deposit Rs.3,000/- (Rupees Three Thousand) only towards security deposit which is refundable.
9. The quotations should reach to the undersigned through Registered/Speed Post by dt: 10.06.2025 11.00 A.M. which will be opened in presence of the Quotationer or his/her Authorized representative at 12.00 noon on the same day.
10. The quotations received after stipulated date and time shall not be entertained.
11. The undersigned reserves the right to reject any or all the quotations without assigning any reason thereof.

OIPR-13079/11/0041/2526
Sd./- Executive Officer
Jeypore Municipality

**କେନରା ବ୍ୟାଙ୍କ Canara Bank** (A Government of India Undertaking) ସିଣ୍ଡିକେଟ Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ କାନାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଧାରା ୧୩(୧୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୩ ରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଋଣଗ୍ରହୀତା/ଗ୍ୟାରେଣ୍ଟରମାନଙ୍କୁ ଡିମାଣ୍ଡ ନୋଟିସ ଜାରି କରି ନୋଟିସ ପ୍ରାପ୍ତିର ୬୦ ଦିନ ମଧ୍ୟରେ ଋଣ ପରିଶୋଧ କରିବାକୁ କହିଥିଲେ। ଯେହେତୁ, ଋଣଗ୍ରହୀତା ଋଣ ପରିଶୋଧ କରିବାରେ ବିଫଳ ହୋଇଛନ୍ତି, ଏତଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ସମ୍ପତ୍ତିଗୁଡ଼ିକର ଦଖଲ ନେଇଛନ୍ତି। ଋଣଗ୍ରହୀତାମାନଙ୍କୁ ସତର୍କ କରାଯାଉଛି ଯେ ଉକ୍ତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରନ୍ତୁ ନାହିଁ ଏବଂ ଯଦି କରନ୍ତି ତାହା କେନରା ବ୍ୟାଙ୍କର ଋଣ ରାଶି ଏବଂ ସୁଧ ସହିତ ଅଧୀନ ରହିବ। ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ସମ୍ପତ୍ତିକୁ ମୁକ୍ତ କରିବା ପାଇଁ ଉପଲବ୍ଧ ସମୟ ପ୍ରତି ଋଣଗ୍ରହୀତାଙ୍କ ଧ୍ୟାନ ଆକର୍ଷଣ କରାଯାଉଛି।

| ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟର/ନିର୍ଦ୍ଦେଶକମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ / (ଖ) ଧାରା ୧୩(୨) ନୋଟିସ ତାରିଖ / (ଗ) ଧାରା ୧୩(୪) ନୋଟିସ ତାରିଖ / (ଘ) ବକେୟା ପରିମାଣ |
|---|---|
| ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଶାଖା (୮୪୨୨) / ଋଣଗ୍ରହୀତା: ମେସର୍ସ ସିପି କାର୍ବନ ଏଣ୍ଡ କେମିକାଲସ୍ ପ୍ରା. ଲି. (CIN-U23101OR2022PTC039731), ଆରଓସି-ଆରଓସି କଟକ), ପ୍ଲଟ ନଂ: ଏଫ୍-୧, ୨ୟ ବିଏଲ୍ ୨, ମଣି ଟ୍ରିବ୍ୟୁନ, ନନ୍ଦନକାନନ ରୋଡ଼, ରଘୁନାଥପୁର, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪ / ନିର୍ଦ୍ଦେଶକମାନେ: ୧) ଶ୍ରୀ ଗୌରୀ ପ୍ରସାଦ ସାହୁ, ପିତା: ଗୋକୁଳାନନ୍ଦ ସାହୁ, ପ୍ଲଟ-୨୦୯, ବ୍ଲକ-ସି, ଫାଲକନ ରେସିଡେନ୍ସି, ପଟିଆ, ଭୁବନେଶ୍ୱର-୭୫୧୦୨୪, ୨) ଶ୍ରୀ ଅଶୋକ କୁମାର ପାଣିଗ୍ରାହୀ, ପିତା: ରାମ ଚନ୍ଦ୍ର ପାଣିଗ୍ରାହୀ, ପ୍ଲଟ: ୨ ଏଲ୍ବି, ମଣି ଟ୍ରିବ୍ୟୁନ, ନନ୍ଦନକାନନ ରୋଡ଼, ରଘୁନାଥପୁର, ଭୁବନେଶ୍ୱର-୭୫୧୦୨୪, ୩) ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଯ୍ୟ, ପିତା: ... ଭଟ୍ଟାଚାର୍ଯ୍ୟ, ୯/୨୯, ନେପାଳ ଭଟ୍ଟାଚାର୍ଯ୍ୟ ଷ୍ଟ୍ରିଟ, ... / ଜାମିନଦାରମାନେ: ୧) ଶ୍ରୀ ଗୌରୀ ପ୍ରସାଦ ସାହୁ, ... ୨) ଶ୍ରୀ ଅଶୋକ କୁମାର ପାଣିଗ୍ରାହୀ, ... ୩) ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଯ୍ୟ, ... ୪) ଶ୍ରୀମତୀ ଗୁଲସାନା ବେଗମ, ... ୫) ଶ୍ରୀମତୀ ଦେବଶ୍ରୀ ସାହୁ, ସ୍ୱାମୀ: ଗୌରୀ ପ୍ରସାଦ ସାହୁ, ପ୍ଲଟ-୨୦୯, ବ୍ଲକ-ସି, ଫାଲକନ ରେସିଡେନ୍ସି, ପଟିଆ, ଭୁବନେଶ୍ୱର-୭୫୧୦୨୪ | (କ) ସ୍ଥାବର ସମ୍ପତ୍ତି ୧) ଶ୍ରୀ ସନ୍ଦୀପ ଭଟ୍ଟାଚାର୍ଯ୍ୟଙ୍କ ନାମରେ ... CERSAI ID- 400067536688, ... ୨) ଶ୍ରୀମତୀ ଗୁଲସାନା ବେଗମଙ୍କ ନାମରେ ... CERSAI ID- 400067111864 / (ଖ) ୦୫.୦୩.୨୦୨୫ / (ଗ) ୨୭.୦୫.୨୦୨୫ / (ଘ) ଟ.୫,୯୫,୩୯,୨୭୫.୨୫ (ଅନ୍ୟାନ୍ୟ ସୁଧ, ଖର୍ଚ୍ଚ ସହ) |

ସ୍ଥାନ: ଭୁବନେଶ୍ୱର
ତାରିଖ: ୨୮.୦୫.୨୦୨୫
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
କାନାରା ବ୍ୟାଙ୍କ

# ମହାପ୍ରଭୁଙ୍କ ପାଇଁ କସ୍ତୁରୀ ଅଭାବ

ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)

## ଲଗାଯାଉଛି କମ୍ କସ୍ତୁରୀ, ବାସ୍ନା ନାହିଁ



ବନକଲାଗି ତଥା ଶ୍ରୀମୁଖ ଶୃଙ୍ଗାର ନୀତିରେ ମହାପ୍ରଭୁଙ୍କୁ ବାସ୍ନାବିହୀନ ଓ କମ୍ ପରିମାଣର କସ୍ତୁରୀ ଲଗାଯାଉଥିବା ନେଇ ଅଭିଯୋଗ ଉଠିଛି। ବ୍ୟବହୃତ କସ୍ତୁରୀ ଅନୁପଯୁକ୍ତ ବୋଲି ଦଇତାପତି ଦଉମହାପାତ୍ର ସେବକ ସଞ୍ଜୟ ଦଉ ମହାପାତ୍ର ଅଭିଯୋଗ ଆଣିଛନ୍ତି। ପ୍ରଶାସନ ଯାହା କସ୍ତୁରୀ ଦେଉଛି, ତାହାର ବାସ୍ନା ନାହିଁ। ସେହିପରି ବନକଲାଗି ନିମନ୍ତେ ୨ଗ୍ରାମ୍ କସ୍ତୁରୀ ଆବଶ୍ୟକ ହୋଇଥାଏ, ମାତ୍ର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କମ୍ ପରିମାଣର କସ୍ତୁରୀ ଯୋଗାଇ ଦିଆଯାଉଛି। ଅଧିକ ଦେଲେ ଆମେ ଲଗାଇବୁ। ସାଧାରଣତଃ ନେପାଳରୁ କସ୍ତୁରୀ ଆସିଥାଏ। ତେବେ ନେପାଳ ସରକାର ଆବଶ୍ୟକ ପରିମାଣର କସ୍ତୁରୀ ଆଉ ପଠାଉ ନ ଥିବାରୁ ଶ୍ରୀମନ୍ଦିରରେ ଏଭଳି ସମସ୍ୟା ଉପୁଜୁଛି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ଏ ନେଇ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସେ ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, କସ୍ତୁରୀ ମୃଗ ନାମକ ପୁରୁଷ ହରିଣର ନାଭିସ୍ଥଳରେ ଏହି ଦୁର୍ଲ୍ଲଭ ଓ ସୁଗନ୍ଧିତ ଜିନିଷଟି ରହିଥାଏ। ଏହାର ବାସ୍ନା ବହୁଦୂର ପର୍ଯ୍ୟନ୍ତ ମହକିଥାଏ। ଏହି ସାମଗ୍ରୀ ଠାକୁରଙ୍କ ପୂଜା ସମେତ ଅତର ଓ ଔଷଧ ପ୍ରସ୍ତୁତି ଆଦି ବିଭିନ୍ନ କାର୍ଯ୍ୟରେ ଲାଗିଥାଏ। ଏ ନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି ଯେ, କସ୍ତୁରୀ ଏକ ଦୁର୍ଲ୍ଲଭ ତଥା ବନ୍ୟପ୍ରାଣୀ ଆଇନ ଅନୁଯାୟୀ ତାଲିକାଭୁକ୍ତ ସାମଗ୍ରୀ ହୋଇଥିବାରୁ ଏବେ ନେପାଳର କେତେଜଣ ଦାତାଙ୍କ ଜରିଆରେ ପ୍ରାପ୍ତ ହେଉଛି। କସ୍ତୁରୀ ଯୋଗାଇବା ପାଇଁ କେନ୍ଦ୍ର ସରକାରଙ୍କ ଜରିଆରେ ନେପାଳ ସରକାରଙ୍କୁ ପତ୍ର ଲେଖିବୁ ବୋଲି ପାଢ଼ୀ ପ୍ରକାଶ କରିଛନ୍ତି।

ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପ୍ରତିପ୍ରଦା ତିଥି ଅବସରରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ବା ବନକଲାଗି ନୀତି ସମ୍ପନ୍ନ ହୋଇଛି। ଚଳିତବର୍ଷର ରଥଯାତ୍ରା ପୂର୍ବରୁ ଏହା ଶେଷ ବନକଲାଗି ଥିଲା। ମହାପ୍ରଭୁଙ୍କ ବିଭିନ୍ନ ଗୁପ୍ତ ନୀତି ମଧ୍ୟରୁ ବନକଲାଗି ଅନ୍ୟତମ। ଦଉମହାପାତ୍ର ସେବକମାନେ ଏହି ନୀତି ସମ୍ପାଦନ କରିଥିଲେ। ତେବେ ବୁଧବାର ଦ୍ୱିତୀୟ ଭୋଗମଣ୍ଡପ ସମ୍ପନ୍ନ ହୋଇ ପାଣି ପଡ଼ିମଇଲମ, ତଡ଼ପ ଲାଗି ଓ ପହୁଡ଼ ଆଳତି ସମ୍ପନ୍ନ ହେବା ପରେ ଶ୍ରୀମନ୍ଦିର ଭିତରେ ଥିବା ଜୟବିଜୟ ଦ୍ୱାର ବନ୍ଦ କରାଯାଇଥିଲା। ବନକଲାଗି ନୀତି ସମ୍ପାଦନ କରିବାକୁ ଦଉମହାପାତ୍ର ସେବକମାନେ ଶ୍ରୀମନ୍ଦିର ଗର୍ଭଗୃହକୁ ପ୍ରବେଶ କରିଥିଲେ। ସେମାନେ ରତ୍ନସିଂହାସନ ଉପରକୁ ଉଠି ଠାକୁରଙ୍କ ଶ୍ରୀମୁଖ ଶୃଙ୍ଗାର କରିଥିଲେ। ବନକଲାଗିରେ କସ୍ତୁରୀ, ହରିତାଳ, ଶଙ୍ଖତାଳ, ହେଙ୍ଗୁଳ, କେଶର ଓ ବାହାଡ଼ା ପରି ଅନେକ ପ୍ରାକୃତିକ ରଙ୍ଗର ବ୍ୟବହାର କରାଯାଇଥିଲା।

ଏହି ଗୁପ୍ତନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ଦଉମହାପାତ୍ର ସେବକମାନେ ନୀତି ଶେଷ କରି ଶ୍ରୀମନ୍ଦିରରୁ ବାହାରିବା ପରେ ଶ୍ରୀବିଗ୍ରହମାନଙ୍କର ମହାସ୍ନାନ ନୀତି ସମ୍ପନ୍ନ ହେବା ସହ ଦର୍ଶନ ପୁନର୍ବାର ଆରମ୍ଭ ହୋଇଥିଲା।

# ପାକିସ୍ତାନ ଜିନ୍ଦାବାଦ ଭିଡିଓ କରି ଅଡୁଆରେ ଆଇନଜୀବୀ

କଟକ,୨୮।୫(କାର୍ତ୍ତିକ ସାହୁ)

## ରାଜ୍ୟ ଆଇନଜୀବୀ ପରିଷଦର କାରଣ ଦର୍ଶାଅ ନୋଟିସ

ପାକିସ୍ତାନ ଜିନ୍ଦାବାଦ ଭିଡିଓ କ୍ଲିପ୍ ପ୍ରସ୍ତୁତ କରିଥିବା ଦେଶଦ୍ରୋହ ଅପରାଧରେ ଆଇନଜୀବୀ ଗୌତମ ଲେଙ୍କାଙ୍କୁ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ବୁଧବାର କାରଣ ଦର୍ଶାଅ ନୋଟିସ ଜାରି କରିଛି। ଘଟଣାର ଗମ୍ଭୀରତାକୁ ବିଚାର କରି ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପୂର୍ବକ ସମ୍ପୃକ୍ତ ଆଇନଜୀବୀ ଗୌତମଙ୍କ ବିରୋଧରେ ଆଇନଜୀବୀ ଅଧିନିୟମ ଧାରା ୩୫ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନିମନ୍ତେ ନିଷ୍ପତ୍ତି ନେଇଛି। ସମ୍ପୃକ୍ତ ଆଇନଜୀବୀଙ୍କୁ କାହିଁକି ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ ସେଥିପାଇଁ ଏକ ୨୧ ଦିନିଆ ନୋଟିସ ଜାରି କରାଯାଇଛି। ୨୧ ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ମିଳିଲେ ଆଇନଜୀବୀ ଅଧିନିୟମ ଅନୁସାରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ପାଇଁ ନୋଟିସରେ ଉଲ୍ଲେଖ କରାଯାଇଛି।

ସୂଚନାନୁସାରେ, ଗତ ୧୫ ତାରିଖ ରାତି ୯ଟା ୩୦ ମିନିଟ୍‌ରେ ଆଇନଜୀବୀ ଲେଙ୍କା ପାକିସ୍ତାନ ଜିନ୍ଦାବାଦର ମନ୍ଦ ଉଦ୍ଦେଶ୍ୟ ତଥା ଦୁରଭିସନ୍ଧି ରଖି ଦୁଇ ବୃହତ ଧାର୍ମିକ୍ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିବାକୁ ଏବଂ ସାମାଜିକ ସ୍ଥିରତା, ଶାନ୍ତି ତଥା ସହାବସ୍ଥାନକୁ ବିପନ୍ନ କରିବା ଲାଗି ଏକ ଭିଡିଓ କ୍ଲିପ ପ୍ରସ୍ତୁତ କରି ତାହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ପୋଲିସ ସୂଚନା ମୁତାବକ ଉକ୍ତ ଭିଡିଓ କ୍ଲିପ୍‌ରେ ସେ ପାକିସ୍ତାନ ଜିନ୍ଦାବାଦ ଧ୍ୱନି ଦେଇଥିଲେ। ତାହାକୁ ଆଇନଜୀବୀ ଗୌତମ ତାଙ୍କ ମୋବାଇଲ ଫୋନରେ ରେକର୍ଡିଂ କରିବା ପୂର୍ବକ ତାହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଉକ୍ତ ଘଟଣାରେ ଚାଉଳିଆଗଞ୍ଜ ଥାନା ଅଧିକାରୀ ନୀଳାଚଳ ଜେନାଙ୍କ ଏତଲାକ୍ରମେ ୨ଅଭିଯୁକ୍ତଙ୍କ ବିରୋଧରେ ଚାଉଳିଆଗଞ୍ଜ ଥାନାରେ ଭାରତୀୟ ନ୍ୟାୟ ସଂହିତା ୨୦୨୩ର ବିଭିନ୍ନ ଦଫାରେ କେସ୍ ନମ୍ବର ୨୪୦ ମାମଲା ରୁଜୁ କରାଯାଇଛି।

# ନାବାଳିକା ଝିଅଙ୍କୁ ବିକ୍ରି ଉଦ୍ୟମ

ଜଟଣୀ,୨୮।୫(ରବୀନ୍ଦ୍ରନାଥ ମହାକୁଡ଼)

ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ତାଙ୍କ ମା’ ଓ ମା’ଙ୍କ ପୁରୁଷ ବନ୍ଧୁ ଦଲାଲ ହାତରେ ବିକ୍ରି କରିବାକୁ ଚେଷ୍ଟା ଚଳାଇଥିବାବେଳେ ବିଫଳ ହୋଇଛନ୍ତି। ନାବାଳିକାଙ୍କ ଜଣଙ୍କ ସେଠାରୁ ଖସି ଆସି ଜଟଣୀ ଥାନାରେ ସମସ୍ତ ବିଷୟ କହିବା ପରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ଏଥିସହ ନାବାଳିକାଙ୍କ ଡାକ୍ତରୀ ମାଇନା କରାଇ ସୁଧାର ଗୃହକୁ ପଠାଇ ଦେଇଥିବା ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ସୂଚନା ଦେଇଛନ୍ତି।

ସୂଚନା ମୁତାବକ, ଜଟଣୀ ଥାନା ଅଧୀନ ବିଶିଆପଡ଼ା ଗ୍ରାମରେ ଜଣେ ମହିଳାଙ୍କ ଘର ଲୋକ ଶୋଇ ପଡ଼ିବା ପରେ ସେ ତାଙ୍କ ପୁରୁଷ ବନ୍ଧୁଙ୍କୁ ଘରକୁ ଡକାଉଥିଲେ। ଯୁବକଙ୍କ ସହ ମହିଳା ଜଣଙ୍କ ଖରାପ ସମ୍ପର୍କ ରଖୁଥିବାବେଳେ ତାଙ୍କ ଝିଅ ଏହା ଦେଖି ବାରମ୍ବାର ବିରୋଧ କରିଥିଲେ। ଏଥିରେ ତାଙ୍କ ମା’ ଓ ମା’ଙ୍କ ବନ୍ଧୁ ମିଶି ନାବାଳିକାଙ୍କୁ ମାଡ଼ ମାରିବା ସହିତ ଏକ ମାସ ପର୍ଯ୍ୟନ୍ତ ଘରେ ବାନ୍ଧି କରି ରଖିଥିଲେ। ପରେ ନାବାଳିକାଙ୍କୁ ଖରାପ କାମରେ ନିୟୋଜିତ କରିବା ଉଦ୍ଦେଶ୍ୟରେ କିଛି ପଇସା ନେଇ ଜଣେ ଦଲାଲଙ୍କୁ ଠିକ୍ କରିଥିଲେ। ସେମାନଙ୍କ ଉଦ୍ଦେଶ୍ୟ ଜାଣିପାରି ନାବାଳିକା ବୁଧବାର ସେଠାରୁ କୌଶଳ କ୍ରମେ ଖସି ଆସି ସମସ୍ତ ଘଟଣା ପୋଲିସକୁ ଜଣାଇଥିଲେ।



ପୁରୀ: ଗତ ୨ ଦିନ ଧରି ମୌସୁମୀ ବର୍ଷା ଜାରି ରହିଥିବାରୁ ଶ୍ରୀମନ୍ଦିର ସମ୍ମୁଖ ଅଞ୍ଚଳ ଜଳମଗ୍ନ ହୋଇପଡ଼ିଛି। (ଫଟୋ-ଯଜ୍ଞେଶ୍ୱର ମହାନ୍ତି)

# ୫ ଶିକ୍ଷକ ନିଲମ୍ବିତ, ୩୩ ଜଣଙ୍କୁ କାରଣ ଦର୍ଶାଅ ନୋଟିସ

ଭୁବନେଶ୍ୱର,୨୮।୫(ସୁଚିସ୍ମିତା ସାହୁ)

## ୬ ସ୍କୁଲର ସିବିଏସ୍‌ଇ ପରୀକ୍ଷା ଫଳ ପ୍ରକାଶ ନ ହେବା ଘଟଣା

ବରଗଡ ଜିଲା ପଦ୍ମପୁର ଉପଖଣ୍ଡର ୬ଟି ବିଦ୍ୟାଳୟରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(ସିବିଏସ୍‌ଇ) ପରୀକ୍ଷା ପରିଚାଳନାରେ ଅନିୟମିତତା ହୋଇଥିଲା। ପରୀକ୍ଷା ଫଳ ପ୍ରକାଶ ନ ହେବା ଘଟଣାରେ ସିବିଏସ୍‌ଇ ପକ୍ଷରୁ ଚିହ୍ନଟ ହୋଇଥିବା ଦାୟୀ ଶିକ୍ଷକ ଏବଂ କର୍ମଚାରୀଙ୍କ ଉପରେ ବୁଧବାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଦୁଇଜଣ ପ୍ରଧାନ ଶିକ୍ଷକଙ୍କ ସମେତ ୫ଜଣ ଶିକ୍ଷକଙ୍କୁ ନିଲମ୍ବନ କରିଛି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଏଥିସହ ୩୩ଜଣ ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ସୂଚନା ଅନୁସାରେ, ସିବିଏସ୍‌ଇ ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଗତ ୧୩ ତାରିଖରେ ସାରା ଦେଶରେ ପ୍ରକାଶ ପାଇଥିଲା। ହେଲେ ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡର ୬ଟି ବିଦ୍ୟାଳୟରେ ପରୀକ୍ଷାଫଳ ବାହାରି ନ ଥିଲା। ଭୁବନେଶ୍ୱରସ୍ଥିତ ସିବିଏସ୍‌ଇ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଘଟଣାର ତଦନ୍ତ କରାଯାଇ ରିପୋର୍ଟ ଦାଖଲ ହୋଇଥିଲା। ଏହାପରେ ଗତ ମଙ୍ଗଳବାର ଛାତ୍ରୀଛାତ୍ରଙ୍କ ରେଜଲ୍ଟ ବାହାରିଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏହାକୁ ଗମ୍ଭୀରତା ସହ ନେଇଥିଲା। ଏହାପରେ ସମ୍ପୃକ୍ତ ଶିକ୍ଷକ ଓ କର୍ମଚାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

# ଓଡ଼ିଶା ସରକାରୀ ଆଇଟିଆଇ ପ୍ରଶିକ୍ଷକ ସେବାରେ ନୂଆ ନିୟମ

ଭୁବନେଶ୍ୱର,୨୮।୫(ସୁଚିସ୍ମିତା ସାହୁ)

ଓଡ଼ିଶା ସରକାରୀ ଆଇଟିଆଇ ପ୍ରଶିକ୍ଷକ ସେବା ନିୟମରେ ସରକାର ସଂଶୋଧନ କରିଛନ୍ତି। ଏ ନେଇ ରାଜ୍ୟ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ଏକ ବିଜ୍ଞପ୍ତି ଜାରି କରାଯାଇଛି। ଉପ-ପ୍ରଶିକ୍ଷକ ପଦ ପୂରଣ ସମୟରେ ସର୍ବନିମ୍ନ ୫୦ ପ୍ରତିଶତ ଆସନ ଏନ୍‌ଟିସି/ଏନ୍‌ଏସି/ଆଇଟିଆଇ ବର୍ଗର ଯୋଗ୍ୟ ପ୍ରାର୍ଥୀଙ୍କ ପାଇଁ ରହିବ। ସେହିପରି ସର୍ବାଧିକ ୫୦ ପ୍ରତିଶତ ଆସନ ଡିପ୍ଲୋମା, ଡିଗ୍ରୀ ବର୍ଗରୁ ପଦୋନ୍ନତି ଜରିଆରେ ପୂରଣ କରାଯିବ। ପ୍ରଶିକ୍ଷଣ ଅଧିକାରୀ ପଦ ପାଇଁ ସର୍ବନିମ୍ନ ୫୦ ପ୍ରତିଶତଙ୍କୁ ଉପ-ପ୍ରଶିକ୍ଷଣ ଅଧିକାରୀ ବର୍ଗର ପ୍ରାର୍ଥୀଙ୍କୁ ନେଇ ପୂରଣ କରାଯାଇପାରିବ। ଏପରିକି ଓଡ଼ିଶା ପବ୍ଲିକ୍ ସର୍ଭିସ୍ କମିଶନ(ଓପିଏସ୍‌ସି) ଜରିଆରେ ସର୍ବନିମ୍ନ ୫୦ ପ୍ରତିଶତ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ପଦ ସିଧାସଳଖ ନିଯୁକ୍ତି ଜରିଆରେ ପୂରଣ କରାଯିବ। ଅବଶିଷ୍ଟ ୫୦ ପ୍ରତିଶତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ପଦରେ ପ୍ରଶିକ୍ଷଣ ଅଧିକାରୀଙ୍କୁ ପଦୋନ୍ନତି ଦିଆଯାଇ ଅବସ୍ଥାପିତ କରାଯିବ। ଯୁଗ୍ମ ନିର୍ଦ୍ଦେଶକଙ୍କ ପଦ ମଧ୍ୟ ପଦୋନ୍ନତି ଜରିଆରେ ପୂରଣ ହେବ ଓ ପଦୋନ୍ନତି ସମୟରେ ବରିଷ୍ଠତାକୁ ଅଗ୍ରାଧିକାର ଦିଆଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ମୋଟ ୧୨ ପୃଷ୍ଠାରେ ସଂଶୋଧିତ ନିୟମ ସମ୍ପର୍କରେ ସମସ୍ତ ସୂଚନା ଦିଆଯାଇଥିବାବେଳେ ବିଭାଗର ୱେବ୍‌ସାଇଟ୍‌ରେ ଅଧିକ ତଥ୍ୟ ଉପଲବ୍ଧ ରହିଛି।

# ରଥଖଳାରେ ପହଞ୍ଚିଲା ଆଉ ୨୫ ଖଣ୍ଡ କାଠ

ପୁରୀ,୨୮।୫(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଶ୍ରୀନହରସ୍ଥିତ ଅସ୍ଥାୟୀ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତେବେ କିଛି ଦିନ ପୂର୍ବରୁ ୪୦ ଫୁଟିଆ ଧଉରା କାଠ ରଥ ଖଳରେ ପହଞ୍ଚି ନଥିବା ହେତୁ ବିଶ୍ୱକର୍ମା ମହାରଣାମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ବୁଧବାର ଦୁଇ ଟ୍ରିପରେ ୨୫ଟି ଧଉରା କାଠ ଆସିଛି। ଇତି ମଧ୍ୟରେ ମୋଟ ୭୦ ଖଣ୍ଡ ଧଉରା ଓ ୩୦ ଖଣ୍ଡ ଅସନ କାଠ ଆସିଛି। ଏନେଇ ବରିଷ୍ଠ ରଥ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ କହିଛନ୍ତି, ପୂର୍ବରୁ ରଥକାଠ ନେଇ କିଛି ସମସ୍ୟା ଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ହସ୍ତକ୍ଷେପ ପରେ ସମସ୍ୟା ଦୂର ହୋଇଛି। ବନ ବିଭାଗ ସମସ୍ତ କାଠ ଯୋଗାଇ ଦେଲାଣି।

# ଆଜିଠାରୁ ଏନ୍‌ସିଇଆର୍‌ଟି ବି.ଏଡ୍ ପାଇଁ ଆବେଦନ

ଭୁବନେଶ୍ୱର,୨୮।୫(ସୁଚିସ୍ମିତା ସାହୁ)

ରାଷ୍ଟ୍ରୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ(ଏନ୍‌ସିଇଆର୍‌ଟି) ପକ୍ଷରୁ ବିଭିନ୍ନ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ବା ବି.ଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ୪ବର୍ଷିଆ ବିଏ-ବି.ଏଡ୍ ଓ ବିଏସ୍‌ସି-ବି.ଏଡ୍, ୬ ବର୍ଷିଆ ଏମ୍‌ଏସ୍‌ସି-ବି.ଏଡ୍, ୨ବର୍ଷିଆ ବି.ଏଡ୍, ୩ବର୍ଷିଆ ବି.ଏଡ୍-ଏମ୍.ଏଡ୍, ୨ବର୍ଷିଆ ଏମଏ ଓ ଏମ୍.ଏଡ୍ ପାଠ୍ୟକ୍ରମ ପାଇଁ ଗୁରୁବାରଠାରୁ ଆବେଦନ ଆରମ୍ଭ ହେଉଛି। ଛାତ୍ରୀଛାତ୍ର ଜୁନ୍ ୧୭ ମଧ୍ୟରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍‌ଆଇଇ)ର ୱେବ୍‌ସାଇଟ୍‌କୁ ଯାଇ ଆବେଦନ କରିପାରିବେ। ଜୁନ ୨୯ରେ ପ୍ରବେଶିକା ପରୀକ୍ଷା ସିବିଟି ମାଧ୍ୟମରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କୁ ଚାକିରିରୁ ବରଖାସ୍ତ କଲେ ଜିଲାପାଳ

କଟକ,୨୮।୫(କାର୍ତ୍ତିକ ସାହୁ)

## ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ

ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ବାରଙ୍ଗ ତହସିଲ ଅଧୀନ ରାମଦାସପୁର ରାଜସ୍ୱ ଅଞ୍ଚଳର ପୂର୍ବତନ ସହକାରୀ ରାଜସ୍ୱ ନିରୀକ୍ଷକ ତଥା ନିଲମ୍ବନ ହୋଇଥିବା ବର୍ତ୍ତମାନର ଡମପଡ଼ା ତହସିଲର ସହକାରୀ ରାଜସ୍ୱ ନିରୀକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ କଟକ ଜିଲାପାଳ ସରକାରୀ ଚାକିରିରୁ ବରଖାସ୍ତ କରିଛନ୍ତି।

ସୂଚନାନୁସାରେ, ୨୦୧୬ରେ ଜଣେ ବ୍ୟକ୍ତିଙ୍କଠାରୁ ୨୦୦୦ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ପ୍ରଧାନଙ୍କୁ ଘଟଣାସ୍ଥଳରୁ ଗିରଫ କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ୨୦୧୬ ମାର୍ଚ୍ଚ ୨୧ରେ ଜେଲରେ ରହିଥିଲେ। ୨୦୧୬ ଏପ୍ରିଲ ୭ରେ ତତ୍କାଳୀନ ଜିଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ ନିଲମ୍ବନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଭିଜିଲାନ୍ସ ବିଭାଗ କଟକ ଆରକ୍ଷୀ ଅଧୀକ୍ଷକଙ୍କ ରିପୋର୍ଟ ଅନୁସାରେ ଓ ପ୍ରଶାସନିକ ସେବା (କ୍ଲାସିଫିକେଶନ, କଣ୍ଟ୍ରୋଲ ଆଣ୍ଡ ଅପିଲ) ନିୟମ ୧୯୬୨ ଅଧୀନରେ ୨୦୧୬ ଅକ୍ଟୋବର ୪ରେ ପ୍ରଧାନଙ୍କ ବିପକ୍ଷରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିଲା। ପରେ ପ୍ରଧାନଙ୍କ ବିପକ୍ଷରେ ଅଣାଯାଇଥିବା ଦଫାର ତଦନ୍ତ କରିବା ନିମନ୍ତେ କଟକ ସଦର ଉପଜିଲାପାଳଙ୍କୁ ତଦନ୍ତକାରୀ ଅଧିକାରୀ ଏବଂ ବାରଙ୍ଗ ତହସିଲଦାରଙ୍କୁ ମାର୍ଶାଲ ଅଫିସର ଭାବେ ନିଯୁକ୍ତ କରାଯାଇଥିଲା। ୨୦୨୨ ମେ’ ୪ରେ ତଦନ୍ତକାରୀ ଅଧିକାରୀ ତଦନ୍ତ ରିପୋର୍ଟ ଦାଖଲ କରିଥିଲେ, ଯେଉଁଥିରେ ଅଭିଯୁକ୍ତ ପ୍ରଧାନଙ୍କ ଉପରେ ଦଣ୍ଡବିଧାନ କରିବାକୁ ସୁପାରିସ କରିଥିଲେ। ୨୦୨୫ ଏପ୍ରିଲ ୨୧ରେ ଭିଜିଲାନ୍ସ ବିଭାଗ ଉପସଚିବ କଟକ ଜିଲାପାଳଙ୍କୁ ଅବଗତ କରାଇଥିଲେ ଯେ, ପ୍ରଧାନ ଦୋଷୀ ସାବ୍ୟସ୍ତ ହୋଇଥିବା ସହ ତାଙ୍କୁ ୪ବର୍ଷ କାରାଦଣ୍ଡ ଓ ୧୦୦୦ ଟଙ୍କାର ଜରିମାନା ଦଣ୍ଡବିଧାନ କରାଯାଇଛି। ଜରିମାନା ଅନାଦାୟେ ଆଉ ୩ ମାସର ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଭିଜିଲାନ୍ସ କୋର୍ଟରେ ଦୋଷୀ ସାବ୍ୟସ୍ତ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ପ୍ରଧାନଙ୍କୁ ସରକାରୀ ଚାକିରୀରୁ କାହିଁକି ବରଖାସ୍ତ କରାଯିବ ନାହିଁ ସେ ସମ୍ପର୍କରେ କାରଣ ଦର୍ଶାଅ ନୋଟିସ ୨୦୨୫ ଏପ୍ରିଲ ୨୫ରେ ଜାରି କରାଯାଇଥିଲା। ତେବେ ୨୦୨୫ ମେ’୧୪ ସୁଦ୍ଧା ସେ ଜିଲାପାଳଙ୍କ କୋର୍ଟରେ ହାଜର ହୋଇ ନ ଥିଲେ କିମ୍ବା କୌଣସି ଲିଖିତ କାରଣ ଦର୍ଶାଅ ଉତ୍ତର ଦାଖଲ କରି ନ ଥିଲେ। ଶାରୀରିକ ଅସୁସ୍ଥତା କାରଣରୁ ଲିଖିତ ଭାବେ କାରଣ ଦର୍ଶାଅ ଉତ୍ତର ଦାଖଲ କରିବାକୁ ଅସମର୍ଥ ବୋଲି ଜିଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରଧାନ ଏକ ପତ୍ର ଲେଖିଥିଲେ। ଏହା ଆଇନ ଅନୁମୋଦିତ ହୋଇ ନ ଥିବାରୁ ଜିଲାପାଳ ଭାରତୀୟ ସମ୍ବିଧାନର ଧାରା ୩୧୧ ଅନୁଯାୟୀ ତାଙ୍କୁ ସରକାରୀ ଚାକିରିରୁ ବରଖାସ୍ତ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଗାର୍ଗୀ



@ ସୁଧାଂଶୁ



@ ଲକ୍ଷ୍ମୀଧର



@ ଅଜିତ୍

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓଡ଼ିଶା ଗସ୍ତରେ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହାନ

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

## ଆଜି ପୁରୀଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ କରିବେ

କେନ୍ଦ୍ର କୃଷି ଓ କୃଷକ ସଶକ୍ତୀକରଣ ଏବଂ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ ୨ ଦିନିଆ ଓଡ଼ିଶା ଗସ୍ତରେ ଆସି ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଛନ୍ତି। ସେଠାରୁ ସେ ପୁରୀ ଅଭିମୁଖେ ଗସ୍ତ କରିଛନ୍ତି। ଏହି ୨ ଦିନିଆ କାର୍ଯ୍ୟକ୍ରମରେ ସେ ପୁରୀ ଏବଂ ଭୁବନେଶ୍ୱର ଠାରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ବୁଧବାର ସେ ପୁରୀଠାରେ ରାତ୍ରିଯାପନ କରିବା କାର୍ଯ୍ୟକ୍ରମ ରହିଛି। ଗୁରୁବାର ପୁରୀ ଜିଲା ସାକ୍ଷୀଗୋପାଳ ସ୍ଥିତ ବୀରଗୋବିନ୍ଦପୁରଠାରେ ବିକଶିତ କୃଷି ସଂକଳ୍ପ ଅଭିଯାନର ଶୁଭାରମ୍ଭ କରିବେ। ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କେ.ଭି. ସିଂଦେଓ ଏବଂ ପ୍ରଭାତୀ ପରିଡ଼ା ଯୋଗଦେବେ। ଏହାପରେ ସେ ଭୁବନେଶ୍ୱର ଓୟୁଏଟିଠାରେ ଆୟୋଜିତ ଏକ ପ୍ରଦର୍ଶନୀରେ ଯୋଗଦେବେ ବୋଲି ସୂଚନା ମିଳିଛି।



କେନ୍ଦ୍ର ମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଓ ଅନ୍ୟ ନେତୃବୃନ୍ଦ ସ୍ୱାଗତ କରିବା ସହ ପାଛୋଟି ନେଉଛନ୍ତି।

# ହମାସ୍‌ର ଗାଜା ମୁଖ୍ୟ ନିହତ


ମହମ୍ମଦ ସିନୱାର



**ତେଲ୍ ଆଭିଭ୍, ୨୮।୫**

ଆକ୍ରମଣରେ ହମାସ୍‌ର ଗାଜା ମୁଖ୍ୟ ମହମ୍ମଦ ସିନୱାର ନିହତ ହୋଇଥିବା ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ବୁଧବାର ଘୋଷଣା କରିଛନ୍ତି। ଗତ ୧୪ ତାରିଖର ଏୟାରଷ୍ଟ୍ରାଇକ୍‌ରେ ସିନ୍‌ୱାର ଗୁରୁତର ଆହତ ହୋଇଥିଲେ। ତେବେ ଏହି ଶୀର୍ଷ ଆତଙ୍କବାଦୀ ନିହତ ହୋଇଛନ୍ତି କି ନାହିଁ, ଇସ୍ରାଏଲ୍ ସେନା ତାହା ସ୍ପଷ୍ଟ କରିପାରି ନ ଥିଲା। ସିନ୍‌ୱାର ହେଉଛନ୍ତି ଇସ୍ରାଏଲ୍ ଉପରେ ୨୦୨୩ ଅକ୍ଟୋବର ୭ରେ ହୋଇଥିବା ଆକ୍ରମଣର ମାଷ୍ଟରମାଇଣ୍ଡ ହମାସ୍‌ର ପୂର୍ବତନ ମୁଖ୍ୟ ୟାହ୍ୟା ସିନ୍‌ୱାରଙ୍କ ଭାଇ। ୨୦୨୪ ଅକ୍ଟୋବରରେ ଇସ୍ରାଏଲୀ ସେନା ଆକ୍ରମଣରେ ୟାହ୍ୟା ନିହତ ହୋଇଥିଲେ। ତାଙ୍କ ମୃତ୍ୟୁ ପରେ ସାନଭାଇ ମହମ୍ମଦ ସିନ୍‌ୱାରଙ୍କୁ ହମାସ୍‌ର ଗାଜା ମୁଖ୍ୟ କରାଯାଇଥିଲା।

## ମାମଲା ଉପରେ ଅନ୍‌ଲାଇନ ପୋଷ୍ଟ କରିପାରିବେନି ଅଶୋକା ୟୁନିଭର୍ସିଟି ପ୍ରଫେସର: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ, ୨୮।୫(ପି.ଟି.)**

ଅପରେଶନ ସିନ୍ଦୂରକୁ ନେଇ ସୋସିଆଲ ମିଡିଆରେ ବିବାଦୀୟ ପୋଷ୍ଟ କରିଥିବା ଅଶୋକା ୟୁନିଭର୍ସିଟି ପ୍ରଫେସର ଅଲି ଖାନ୍ ମହମୁଦାବାଦଙ୍କ ମତବ୍ୟକ୍ତ ଏବଂ ଅଭିବ୍ୟକ୍ତି ଅଧିକାରକୁ ଅବରୋଧ କରାଯାଇ ନାହିଁ। ତେବେ ତାଙ୍କ ବିରୋଧରେ ଦାଏର ମାମଲା ଉପରେ ସେ ଅନ୍‌ଲାଇନରେ କୌଣସି ପୋଷ୍ଟ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ ବୁଧବାର କହିଛନ୍ତି। ଅଦାଲତ ତାଙ୍କ ଅନ୍ତରୀଣ ଜାମିନ ଅବଧିକୁ ଜୁଲାଇ ପର୍ଯ୍ୟନ୍ତ ବଢ଼ାଇବା ସହ ପରବର୍ତ୍ତୀ ଶୁଣାଣି ବେଳେ ତଦନ୍ତ ରିପୋର୍ଟ ଦାଖଲ ପାଇଁ ଏସ୍‌ଆଇଟିକୁ ନିର୍ଦ୍ଦେଶ ଦେଇଛନ୍ତି।

## ପୋଲିସ ଏନ୍‌କାଉଣ୍ଟର ମାମଲାର ତଦନ୍ତ କରିବ ଆସାମ ମାନବାଧିକାର କମିଶନ

**ନୂଆଦିଲ୍ଲୀ, ୨୮।୫(ପି.ଟି.)**

ପୋଲିସ୍ ଏନ୍‌କାଉଣ୍ଟର ମାମଲାର ନିରପେକ୍ଷ ତଦନ୍ତ ପାଇଁ ସୁପ୍ରିମକୋର୍ଟ ବୁଧବାର ଆସାମ ମାନବାଧିକାର କମିଶନକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୧ ମେ'ରୁ ୨୦୨୨ ଅଗଷ୍ଟ ମଧ୍ୟରେ ରାଜ୍ୟରେ ୧୭୧ ପୋଲିସ ଏନ୍‌କାଉଣ୍ଟରରେ ଉପଯୁକ୍ତ ପ୍ରକ୍ରିୟାର ଅନୁପାଳନ ହୋଇ ନ ଥିବା ଅଭିଯୋଗ ଆସିଥିଲା। ମିଛ ଏନ୍‌କାଉଣ୍ଟର ଅଭିଯୋଗ କରି ଅରିଫ୍ ମହମ୍ମଦ ୟାସିନ ଜ୍ୱାଦ୍ଦେର ନିରପେକ୍ଷ ତଦନ୍ତ ଦାବି କରିଥିଲେ। ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଏବଂ ଏନ୍. କୋଟିଶ୍ୱର ସିଂଙ୍କ ଖଣ୍ଡପୀଠ ଉପରୋକ୍ତ ନିର୍ଦ୍ଦେଶ ଦେଇଛନ୍ତି।

## ମାଧବୀ ପୁରୀଙ୍କୁ ଲୋକପାଳଙ୍କ କ୍ଲିନ୍‌ଚିଟ୍

**ନୂଆଦିଲ୍ଲୀ, ୨୮।୫**



ପୁଞ୍ଜି ବଜାର ଜାଲିଆତି ମାମଲାରେ ସେବିର ପୂର୍ବତନ ଅଧ୍ୟକ୍ଷା ମାଧବୀ ପୁରୀ ବୁଚ୍‌ଙ୍କୁ ଲୋକପାଳ ବୁଧବାର କ୍ଲିନ୍‌ଚିଟ୍ ଦେଇଛନ୍ତି। ମାଧବୀଙ୍କ ବିରୋଧରେ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ଅଭିଯୋଗ ହୋଇଥିଲା। ଅଭିଯୋଗ ପଛରେ କୌଣସି ପ୍ରମାଣ ନ ଥିବାରୁ ଏହା କେବଳ ଏକ ଅନୁମାନ ଓ ଧାରଣା ବୋଲି ଦୁର୍ନୀତି ନିରୋଧୀ ଓମ୍ବୁଡ୍‌ସମ୍ୟାନ ଲୋକପାଳ ବୁଧବାର କହିଛନ୍ତି। ଗତବର୍ଷ ତୃଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ର ଆଣିଥିବା ଅଭିଯୋଗ ସର୍ଟ ଶେଲର କମ୍ପାନୀ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ଉପରେ ଆଧାରିତ। ଆଦାନି ଗ୍ରୁପ୍ ଅଫ୍ କମ୍ପାନିଜ୍‌କୁ ଦୋଷାରୋପ କରିବା ପାଇଁ ଉକ୍ତ କମ୍ପାନୀ ଲକ୍ଷ୍ୟ ରଖିଥିଲା ବୋଲି ଲୋକପାଳ କହିଛନ୍ତି। ମାଧବୀ ଓ ତାଙ୍କ ସ୍ୱାମୀଙ୍କର ବିଦେଶୀ ସେଲ୍ କମ୍ପାନୀରେ ଅଂଶଧନ ରହିଥିବା ଅଭିଯୋଗ ହୋଇଥିଲା। ଅର୍ଥ ହେରଫେର ପାଇଁ ଆଦାନୀ ଗ୍ରୁପ୍ ଉକ୍ତ କମ୍ପାନୀକୁ ବ୍ୟବହାର କରୁଥିବା ହିଣ୍ଡେନ୍‌ବର୍ଗ ରିପୋର୍ଟରେ ଦର୍ଶାଯାଇଥିଲା।

# ସଶସ୍ତ୍ର ବଳ ଆନ୍ତଃସେବା ସଙ୍ଗଠନ ଆଇନ ରୁଲ୍ସ କାର୍ଯ୍ୟକାରୀ ହେଲା

**ନୂଆଦିଲ୍ଲୀ, ୨୮।୫**

ଆନ୍ତଃସେବା ସଂଗଠନ (ନିର୍ଦ୍ଦେଶ, ନିୟନ୍ତ୍ରଣ ଓ ଶୃଙ୍ଖଳା) ଆଇନ, ୨୦୨୩ ଅଧୀନରେ ପ୍ରଣୀତ ନିୟମାବଳୀ ମେ' ୨୭ରୁ କାର୍ଯ୍ୟକାରୀ ହୋଇଛି। ଦେଶ ସ୍ୱାଧୀନ ହେବା ପରେ ଭାରତୀୟ ସଶସ୍ତ୍ର ବଳରେ ଏହା ସର୍ବବୃହତ୍ ପରିବର୍ତ୍ତନକାରୀ ପ୍ରକ୍ରିୟା। ସଶସ୍ତ୍ର ବଳର ମିଳିତ କମାଣ୍ଡିଂ ସାମର୍ଥ୍ୟ ବୃଦ୍ଧି ଲାଗି ଅଣାଯାଇଥିବା ଏହି ନିୟମାବଳୀ ଉପରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଆନ୍ତଃସେବା ସଂଗଠନ (ଆଇଏସ୍‌ଓ)ଗୁଡ଼ିକର ପ୍ରଭାବୀ କମାଣ୍ଡ, ନିୟନ୍ତ୍ରଣ ଏବଂ କାର୍ଯ୍ୟଦକ୍ଷତା ବଢ଼ାଇବା ଲକ୍ଷ୍ୟରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ବୋଲି ବୁଧବାର ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି। ଉକ୍ତ ଆଇନ ଆଇଏସ୍‌ଓଗୁଡ଼ିକର କମାଣ୍ଡର-ଇନ୍-ଚିଫ୍ ଏବଂ ଅଫିସର-ଇନ୍-କମାଣ୍ଡମାନଙ୍କର ଅଧସ୍ତନଙ୍କ ଉପରେ ଥିବା କମାଣ୍ଡିଂ ଏବଂ ନିୟନ୍ତ୍ରଣ କ୍ଷମତା ବୃଦ୍ଧି କରିବ। ଏଥିସହିତ ସଂଗଠନଗୁଡ଼ିକ ମଧ୍ୟରେ ଶୃଙ୍ଖଳା ଓ ପ୍ରଶାସନର ପ୍ରଭାବଶାଳୀ ପରିଚାଳନାକୁ ସୁନିଶ୍ଚିତ କରିବ ବୋଲି ମନ୍ତ୍ରଣାଳୟ କହିଛି। ସୂଚନାଯୋଗ୍ୟ, ୨୦୨୩ ମୌସୁମୀ ଅଧିବେଶନରେ ଉକ୍ତ ଆଇନ ପାର୍ଲାମେଣ୍ଟରେ ଗୃହୀତ ହେବା ପରେ ସେହିବର୍ଷ ଅଗଷ୍ଟ ୧୫ରେ ରାଷ୍ଟ୍ରପତି ମଞ୍ଜୁରୀ ପ୍ରଦାନ କରିଥିଲେ। ୨୦୨୪ ମେ' ୧୦ରେ ଆଇନ କାର୍ଯ୍ୟକାରୀ ହୋଇଥିଲା।

## ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଖଦେବ ସିଂ ଧିଣ୍ଡସାଙ୍କ ପରଲୋକ



**ନୂଆଦିଲ୍ଲୀ, ୨୮।୫**

ବର୍ଷୀୟାନ ଅକାଳୀ ଦଳ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ସୁଖଦେବ ସିଂ ଧିଣ୍ଡସାଙ୍କର ବୁଧବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ତାଙ୍କୁ ୮୯ ବର୍ଷ ହୋଇଥିଲା। ସେ ଦୀର୍ଘଦିନରୁ ଅସୁସ୍ଥ ଥିଲେ। ତାଙ୍କ ପରଲୋକରେ ପଞ୍ଜାବର ରାଜନୈତିକ ଦୃଶ୍ୟପଟରେ ଏକ ଯୁଗର ଅବସାନ ଘଟିଲା ବୋଲି ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରି କହିଛନ୍ତି। ଧିଣ୍ଡସା ୪ ଥର ବିଧାୟକ ଓ ୨ ଥର ସାଂସଦ ହେବା ସହ ପଞ୍ଜାବ ସରକାରରେ ବିଭିନ୍ନ ବିଭାଗର ମନ୍ତ୍ରୀ ଥିଲେ। ସେ ବାଜପେୟୀ ସରକାରରେ କ୍ରୀଡ଼ା ଓ ରସାୟନ ମନ୍ତ୍ରୀ ରହିଥିଲେ।


**OFFICE OF THE COLLECTOR-CUM-CHAIRMAN DISTRICT LEVEL ABS NODAL COMMITTEE, DEOGARH**

**TENDER NOTICE**

Letter No:166 Date: 20.05.25

**Selection of Agency for providing Facility Management Services (FMS) at Various location of Atal Bus Stand(s), Deogarh District, Odisha**

**No.F-20:** Request for Proposal is invited from eligible Firm/Agency interested to provide different Manpower Services/Facility Management Services (FMS) at various location of Atal Bus Stand (s), Deogarh District, Odisha on outsourcing basis. Details regarding the eligibility criteria, terms & conditions and formats of submission of tender may be downloaded from the website https://deogarh.odisha.gov.in/ and the tender should reach the office of the undersigned by 16.06.2025 (3.00 P.M.). The RFP (Technical Bid) will be opened on Dt.17.06.2025 at 11.00 AM. The undersigned reserves the right to reject any or all the tenders without assigning any reason thereof.

Sd./- Collector-Cum-Chairman District Level ABS Nodal Committee, Deogarh

OIPR-24422/11/0001/2526

GOVERNMENT OF ODISHA No.O-200:
RURAL WATER SUPPLY & SANITATION ORGANISATION
**OFFICE OF THE SUPERINTENDING ENGINEER RWS&S DIVISION, ANGUL, AT: TALCHER**
At-Baghuabole, Po-Hatatota, Talcher, Dist-Angul, Pin-759100
(Ph.No./Fax-06760-240762, E-mail: eerwssang@gmail.com)

**INVITATIONS FOR BIDS (IFB) [e-Procurement]**
**Bid Identification No.07/SE/RWSS/2025-26, Dt.23.05.2025**

1. The Superintending Engineer, RWS&S Division, Angul on behalf of Governor of Odisha invites lump sum bid in SINGLE cover system in ONLINE MODE from eligible contractors for construction of office building and Residential building of Division office in Angul District.
2. Name of the Work : Building Work
3. No. of Work : 01 (One) No.
4. Value of the Work : Rs.43.09 Lakhs
5. Concerned tender inviting authority : Superintending Engineer RWS&S Division, Angul,At:Talcher
6. Security Amount (Rs.) (Online) : Nil
7. Cost of Bid documents (Rs.) (Online) : Rs.6,000/-
8. Class of Bidder : "B" Class
9. Period of Completion : 180 Days
10. Availability of bid documents in the website : From date 02.06.2025 at 11.00 AM to date 12.06.2025 till 5.30 PM
11. Last date & time of seeking tender clarification : Upto 09.06.2025 till 5.30 P.M.
12. Date of Opening of Bid : On date 13.06.2025 at 12.00 Noon

The Bidders have to participate in the tender through ONLINE bidding only. Further details can be had from the website i.e. http://tendersorissa.gov.in. Subsequent corrigendum/addendum if required shall only be appeared in the above website.

Sd./- Superintending Engineer RWS&S Division, Angul at Talcher

OIPR-25195/11/0007/2526

**ODISHA UNIVERSITY OF TECHNOLOGY AND RESEARCH**
GHATIKIA, P.O.:MAHALAXMI VIHAR, BHUBANESWAR - 751 029

Notice No. OUTR/EM-AMC-LIFT/2025-26/06 Date:27-05-2025
**No.KK-62** : **E-Tenders are invited** under two bid systems from reputed Authorised Service Centre/Reputed Service Provider/ Registered Firms/ Agencies/ Electrical Contractor with valid license for **"Annual Maintenance Contract of Elevatorsat OUTR, Bhubaneswar"**
Date of available inTenders Odisha Portal : 28-05-2025 at 06.00 p.m.
Last date and time of submission of Bid : 19-06-2025 upto 6.00 p.m.
For details : Please visit : http://tendersodisha.gov.in & http://www.outr.ac.in
For Technical query please contact:Prof. Kamlesh Chandra Rout Phone No- 8249989296, Email:- kcrout@outr.ac.in

OIPR-16005/11/0089/2526 Sd./- REGISTRAR

GOVERNMENT OF ODISHA No.O-204
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, CUTTACK**
e-mail : serw_ctc@yahoo.com

No. Tender Online RWC-08/25 Letter No. 1821 Date : 21.05.2025

**e-Procurement NOTICE**

1. **Name of the work** : Construction of **Building works**
2. **Class of contractor**
   c) Estimated cost more than Rs.6.00 Crore & upto Rs.50.00 Crore : Special Class (of Odisha PWD) & relevant class of other licensing authorities.
   d) Estimated cost more than Rs.1.00 Crore & upto Rs.20.00 Crore : A Class (of Odisha PWD) & relevant class of other licensing authorities.
   c) Estimated cost more than Rs.20.00 Lakh & upto Rs.3.00 Crore : B Class (of Odisha PWD) & relevant class of other licensing authorities.
3. **Time for Completion** : As specified in the **Column-7 of the Annexure**.
4. **Detail Projects** : **As per Annexure attached**
5. **Other Details** :

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 1 | 2 |
| Chief Construction Engineer, Rural Works Circle, Cuttack | Tender Online RWC-08/25 | 30.05.2025 at 11.30 A.M. | 19.06.2025 up to 05.00 P.M. | 18.06.2025 up to 02.00 P.M. | 20.06.2025 at 11.30 A.M. | Will be intimated later |

Further details can be seen from the website **www.tendersodisha.gov.in**

Sd./- Chief Construction Engineer Rural Works Circle, Cuttack

OIPR-25097/11/0020/2526

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
Lifeline of Odisha
No.CAD-565
Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**NOTICE INVITING TENDER**

| Sl. No. | Tender Notice No: | Tender Description: |
|---|---|---|
| 1 | 02/2025-26 | Engagement of private vehicle of diesel version ( Non AC Bolero/ Camper/ Non AC Pick up van-05 seated or equivalent) on monthly basis for use of T/L & S/S S/D, Sonepur & Birmaharajpur under EHT O&M Division, Bolangir. |
| 2 | ETCN/CTC/CLE/ 01/2025-26 | Construction of retaining wall at location no.276 of 132kV Paradeep-Kendrapara DC line near river Luna under EHT O&M Division, Paradeep under EHT O&M Circle, Cuttack. |
| 3 | LPNGA/04/2025-26 | Tower base cleaning and shrub uprooting at different tower locations under 400kV T/L S/D, Lapanga under EHT O&M Division, Lapanga. |
| 4 | LPNGA/05/2025-26 | PCC (Plain Cement Concrete) for the barren land in the peripheral area of the 220 kV, 132kV and 33kV switchyard of 400/220/132/33 kV Grid S/S, Lapanga under EHT O&M Division, Lapanga. |
| 5 | RKL/03/2025-26 | Procurement, Supply and Installation of 100 watt LED street lights in existing poles at various GSS under EHT O&M Division, Rourkela. |
| 6 | 03/2025-26 | Replacement of old cover slab and construction of new RCC cover slab for Grid S/S Bolangir New under EHT O&M Division, Bolangir. |
| 7 | 01/2025-26 | Engagement of one number Diesel run light vehicle 09 seated AC Bolero Neo or its equivalent for SDO (El.), E&MR S/D, Bhadrak on monthly basis under E&MR Division, Jajpur Road. |

For more details please visit OPTCL's website: **www.optcl.co.in.** FIPR-15/2025-26

OIPR-04011/11/0167/2526 /optcl.odisha /optcl_odisha

**ODISHA PUBLIC SERVICE COMMISSION**
19, DR. P. K. PARIJA ROAD, CUTTACK-753001

**NOTICE**
No. 3618/P.S.C., Dt. 28.05.2025
(DR-IV)(2PH-03-2025-26)

**Recruitment to the post of Medical Officer**
(Advt. No. 09 of 2024-25)

**No.D-89** : It is for information of all concerned that, the Written Examination for recruitment to the post of **Medical Officer** in Group-A (Junior Branch), pursuant to Advertisement No. **09 of 2024-25** will be conducted on **08.06.2025 (Sunday)** as per the programme detailed below.

| Date | Time | Subject code to be filled up in the OMR Answer Sheet |
|---|---|---|
| 08.06.2025 (Sunday) | 10.00 A.M. to 01.00 P.M. (10.00 A.M. to 02.00 P.M. for PWD candidates) | 01 |

The written Examination of Medical Officer shall be conducted in the following Examination Centres :

| Sl. No. | Name of the Examination Centres |
|---|---|
| 1 | Saraswati Sishu Vidya Mandira, College Square, Cuttack-3 |
| 2 | KMBB Science Higher Secondary School, Campur-II, Naranpur, Trisulia, Cuttack-754005 |
| 3 | Saraswati Shishu Vidya Mandir, Tulasipur, Chahata Nagar (Mahanadi Ring Road), Cuttack-753008 |
| 4 | Saraswati Shishu Vidya Mandir, Sector-9, Markat Nagar, Cuttack-14, Pin No.-753014. |
| 5 | Ajay Binaya Institute of Technology (Main Block), Sector-1, CDA, Cuttack-753014 |
| 6 | Institute of Professional Studies & Research (IPSAR), Campus-I, C.D.A., Sector-6, Cuttack-753014 |
| 7 | Saraswati Sishu Vidya Mandir, Mahanadi Vihar, Po-Nayabazar, Cuttack-753004 |

The admitted candidates are required to download their **"Admission Certificates" and "Instructions to candidates"** from the Website of the Commission i.e. **www.opsc.gov.in** with effect from **03.06.2025**.

OIPR-12002/11/0230/2526 Sd./- Secretary

**OFFICE OF THE SUPERINTENDING ENGINEER MINOR IRRIGATION DIVISION, JASHIPUR**
GOVERNMENT OF ODISHA
No.A-231 **"e"-PROCUREMENT NOTICE**
**BID IDENTIFICATION No:02 MID JSP/2025-26**

1. Name of the Inviting Officer :- Superintending Engineer, Minor Irrigation Division, Jashipur
2. Name of the Work :- Improvement to Dalkijorda MIP in Kusumi Block of Mayurbhanj District under Improvement to Tank & MIPs Scheme for the year 2025-26.
3. No. of Works :- 1 (One) No.
4. Tender Amount :- 96.95 Lakh
5. Date and Time of Availability of BID document in the Portal for online Bidding from :- 10.00 hrs. Dt.02.06.2025 to 17.00 hrs. Dt.16.06.2025
6. Last Date and Time of receipt of Bids in the Portal :- 17.00 hrs. Dt.16.06.2025
7. Last Date and Time for Clarification upto :- 17.00 hrs. Dt.15.06.2025
8. Date of Opening of Bid :- 11.00 hrs. onwards Dt.17.06.2025

**The detail tender call notice can also be seen in the DOWR website: http://dowrorissa.gov.in.**

Name & Address of the OIT : Superintending Engineer, M.I. Division Jashipur, At/Po-Khairi/Dist: Mayurbhanj PIN-757091, E-Mail:-eemijashipur@yahoo.com
Further details can be seen from the e-Procurement market place : **http://tenderorissa.gov.in**

- Subsequent corrigendum/addendum if required shall be available in the above portal.
- The tender inviting authority reserves the right to reject/ cancel any or all tenders without assigning any reason thereof.

Sd./- Superintending Engineer M.I.Division, Jashipur

OIPR-32282/11/0012/2526

**ODISHA PUBLIC SERVICE COMMISSION CUTTACK**

**NOTICE**
No. 3595 / P.S.C., Dt. 28.05.2025
PF-1E-26-2025/26 (DR-III)

**Post Graduate Teacher in Discipline Logic/Philosophy**
**(Advertisement No. 25 of 2023-24)**

**No.D-83** : In Continuation to this Office Notice No. 3362/PSC, dtd. 19.05.2025, it is for information of all qualified candidates that the **Document Verification and Interview/ Personality Test** for recruitment to the post of **Post Graduate Teacher in Logic/ Philosophy Discipline**, pursuant to Advertisement No. 25 of 2023-24 will be held from **17.06.2025 to 20.06.2025** at the office of OPSC, 19, Dr. P.K. Parija Road, Cuttack- 753001 as per programme detailed below.

**PROGRAMME OF DOCUMENT VERIFICATION & INTERVIEW**

| Date | Time of verification | Time of Interview | ROLL NO. of candidates |
|---|---|---|---|
| 17.06.2025 | 08.30 A.M. | 10.30 A.M. | 100589, 100623, 100654, 100662, 100680, 100698, 201668, 201673, 201675, 201677, 201679, 201680, 201681, 201692, 201700, 201702, 201710, 201715, 305664 & 305665 = 20 Candidates |
| | 12.30 P.M. | 02.30 P.M. | 305666, 305674, 305687, 305689, 305695, 305699, 305705, 305716, 305717, 305720, 305723, 305725, 305727 & 305730 = 14 Candidates |
| 18.06.2025 | 08.30 A.M. | 10.30 A.M. | 305732, 305740, 305753, 305760, 305764, 305770, 305777, 305778, 305786, 305787, 305794, 305796, 305798, 305801, 305809, 305810, 305811, 305813, 305816 & 305820 = 20 Candidates |
| | 12.30 P.M. | 02.30 P.M. | 305828, 305829, 305832, 305843, 305844, 305847, 305848, 305853, 305864, 305871, 305876, 305877, 305887 & 305889 = 14 Candidates |
| 19.06.2025 | 08.30 A.M. | 10.30 A.M. | 305896, 305903, 305904, 305909, 305921, 305925, 305929, 305941, 305947, 305949, 305951, 305955, 305960, 402480, 402482, 402484, 402489, 402491, 402493 & 402495 = 20 Candidates |
| | 12.30 P.M. | 02.30 P.M. | 402497, 402504, 402507, 402519, 402524, 402528, 402532, 402538, 402540, 402546,- 402553, 402557, 402560 & 402563 = 14 Candidates |
| 20.06.2025 | 08.30 A.M. | 10.30 A.M. | 402572, 402573, 402575, 402576, 402580, 402594, 402598, 402599, 402601, 402614, 402640, 402645, 402653, 402657, 402661, 402665, 503645, 503653, 503656 & 503660 = 20 Candidates |
| | 12.30 P.M. | 02.30 P.M. | 503667, 503671, 503675, 503677, 503684, 503705, 503711, 503718 & 503721 = 09 Candidates |

**N.B. -** The candidates are advised to report at the office of the Commission **30 minutes** before the commencement of Document Verification in each time slot allotted in the scheduled programme.

**NOTE :- THE CANDIDATES ARE INFORMED THAT THE PEDAGOGY SKILL IS PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.**

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/ documents and is subject to fulfillment of terms & conditions laid down in the Advertisement.

**The Candidates are required to submit the following original certificates along with a set of self-attested photocopy of the following documents at the time of verification (All the Certificates/ Documents should be issued within the last date of submission of Online Application i.e. 18.03.2024).**

1. Hard Copy of Online Application form mentioning **Roll No** at the **Top Right-hand Corner**. *(Online Applications are available in the website of the Commission. The candidates are required to download the same using their respective e-mail ID/Phone Number and Password OTP etc through OPSC e-Chayan Portal via www.opscechayan.in)*
2. Four **(04)** passport size photographs (Unsigned & Unattested) which has been uploaded with application form.
3. **Matriculation Certificate** in support of declaration of age.
4. Bachelors Degree Certificate.
5. Post-Graduation Certificate/ Master's Degree Certificate in the subject concerned in respect of Educational Qualification prescribed.
6. B.Ed. Certificate.
7. Mark Sheets in support of all the Examinations (H.S.C, Graduation/+3, Post Graduation & B.Ed.) including fail marks, if any, issued by the concerned Board/Council/University.
8. Degree or Diploma Certificate in Computer Application in respect of Educational Qualification prescribed.
9. Caste Certificate **by birth** in support of claim as **SEBC/ST/SC** whichever applicable. (which has been uploaded with online Application Form)
10. Required Odia Test Pass Certificate from the competent authority.
11. Permanent Disability Certificate (indicating percentage of permanent disability i.e. **40% and more**);
12. **Ex-Servicemen** claiming reservation are required to submit/upload Release Certificate issued as per Orissa Ex-Servicemen (recruitment to State Civil Services and Posts) Rules, 1985 vide G.A. Deptt. Notification No. 22586-Gen., dt.16.10.1985. Further, Ex-Servicemen candidates must submit an affidavit undertaking that he/she has not been appointed against any civil post after retirement from military service.
13. Identity Card of Sports persons issued by the Director of Sports Odisha.
14. Any proof of identity.
15. Any other documents as per Para-9 of the Advertisement.
16. Attestation form duly filled in by the candidate and signed by the Gazetted Officer (downloaded from the website of the OPSC)
17. Candidate Information Form (CIF)/ Bio-data form duly filled in affixed with passport size photograph (downloaded from the website of the OPSC)

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date** on the same.

OIPR-12002/11/0231/2526 Sd./- Secretary

## ପ୍ରେସ୍ କାଉନ୍‌ସିଲ ନାମ ବ୍ୟବହାର ଉପରେ ନିଷେଧାଦେଶ

କଟକ,୨୮।୫(କାର୍ତ୍ତିକ ସାହୁ)

'ପ୍ରେସ୍ କାଉନସିଲ ଅଫ୍ ଇଣ୍ଡିଆ' ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଏକ ବୈଧାନିକ ସଂସ୍ଥା ହୋଇଥିବାରୁ କୌଣସି ଗଣମାଧ୍ୟମ ସଂସ୍ଥା 'ପ୍ରେସ୍ କାଉନସିଲ' ନାମ ବ୍ୟବହାର କରିବା ଉପରେ ନିଷେଧାଦେଶ ରହିଛି। ଜିଲାରେ କୌଣସି ଗଣମାଧ୍ୟମ ସଂସ୍ଥା କିମ୍ବା ସରକାରୀ ସଂଘ ନିଜ ସଂସ୍ଥାର ନାମ ପଞ୍ଜୀକରଣ ସମୟରେ ପ୍ରେସ୍ କାଉନସିଲ ଶବ୍ଦ ବ୍ୟବହାର ନ କରିବାକୁ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କେନ୍ଦ୍ର ସରକାରଙ୍କ ଅନୁମତି ବିନା କୌଣସି ସଂସ୍ଥା ପ୍ରେସ୍ କାଉନସିଲ ନାମ ବ୍ୟବହାର କଲେ ଏହା ଆଇନ ଅନୁଯାୟୀ ଗ୍ରହଣୀୟ ନୁହେଁ। ତେଣୁ ଜିଲାର କୌଣସି ସରକାରୀ ସଂଘ ବା ଗଣମାଧ୍ୟମ ସଂସ୍ଥା ନିଜ ନାମରେ ପ୍ରେସ୍ କାଉନସିଲ ବ୍ୟବହାର ନ କରିବାକୁ ଅନୁରୋଧ କରାଯାଉଛି ବୋଲି କଟକ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି।

## ୧୭ ଫସଲର ଏମ୍ଏସ୍‌ପି ବୃଦ୍ଧି ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ମନମୋହନ

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

ବୁଧବାର କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଚାଷୀଙ୍କ ପାଇଁ ସୁଧ ରିହାତି ବଜାୟ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଦେଶରେ ୭.୭୫ କୋଟିରୁ ଅଧିକ ଚାଷୀ କିଷାନ କ୍ରେଡିଟ୍ କାର୍ଡ ଉପରେ ନିର୍ଭରଶୀଳ ଥିବାବେଳେ ସେମାନଙ୍କୁ ବିନା କୌଣସି ଗ୍ୟାରେଣ୍ଟିରେ ମାତ୍ର ୪% ସୁଧରେ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ପ୍ରଦାନ କରିବାର ବ୍ୟବସ୍ଥା କରାଯାଇଛି। ଏହା କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଏକ ବଡ଼ ଲାଭ ହେବ ବୋଲି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି । କେନ୍ଦ୍ର କ୍ୟାବିନେଟ୍ ନିଷ୍ପତ୍ତି ଅନୁଯାୟୀ ଧାନ ସମେତ ଅନ୍ୟାନ୍ୟ ୧୭ଟି ଖରିଫ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି କରାଯାଇଛି। ଏହି ନିଷ୍ପତ୍ତିକୁ ସ୍ୱାଗତ ଜଣାଇ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କୁ ରାଜ୍ୟବାସୀଙ୍କ ପକ୍ଷରୁ ମନମୋହନ ଧନ୍ୟବାଦ ଜ୍ଞାପନ କରିଛନ୍ତି। ମନମୋହନ କହିଛନ୍ତି,କୃଷକ ହେଉଛନ୍ତି ଭାରତୀୟ ଅର୍ଥନୀତିର ମେରୁଦଣ୍ଡ। କୃଷକଙ୍କ ଆୟ ବୃଦ୍ଧି ପାଇଁ ଭାଜପା ବଦ୍ଧପରିକର। ଏହାକୁ ହୃଦୟଙ୍ଗମକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୧୪ରେ ଦେଶ ଶାସନର ଦାୟିତ୍ୱ ନେବା ପରେ କୃଷକର ଆୟକୁ ଦ୍ୱିଗୁଣିତ କରିବା ପାଇଁ ନିରନ୍ତର ଉଦ୍ୟମ କରିଆସୁଛନ୍ତି।

# ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରୁ ପିଲା ଚୋରି ଉଦ୍ୟମ

## ଉତ୍ତେଜନା, ୨ ମହିଳା ଥାନାରେ ଅଟକ

ବାଲେଶ୍ୱର, ୨୮।୫
(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ପିଲା ଚୋରି ଉଦ୍ୟମ ହୋଇଛି। ମଙ୍ଗଳବାର ରାତି ପ୍ରାୟ ୨ଟା ୩୦ ବେଳେ ସ୍ତ୍ରୀ ଓ ପ୍ରସୂତି ବିଭାଗର ୪ ତାଲା ଉପରୁ ଜଣେ ମହିଳାଙ୍କ ୯ ଦିନର ଶିଶୁକନ୍ୟାକୁ ଦୁଇଜଣ ମହିଳା ଉଠାଇ ନେଇ ପଳାଇଯାଉଥିବା ଅଭିଯୋଗ ହୋଇଛି। ଲୋକେ ସମ୍ପୃକ୍ତ ୨ ମହିଳାଙ୍କୁ କାବୁ କରି ପୋଲିସ ଜିମା ଦେଇଥିବା ବେଳେ ପିଲା ଚୋରିକୁ ନେଇ ଉତ୍ତେଜନା ଦେଖାଦେଇଛି। ଅପରପକ୍ଷେ ଦୁଇ ମହିଳା କହିଛନ୍ତି, ସେମାନଙ୍କ ସମ୍ପର୍କୀୟଙ୍କର ଦୁଇ ମହଲାରେ ପିଲା ହୋଇଥିଲା। ଭୁଲ୍‌ବଶତଃ ସେମାନେ ୪ ମହଲାକୁ ଚାଲି ଆସିଥିଲେ। ଟାଉନ ଥାନା ଆଇଆଇସି ବିଜୟ କୁମାର ଦାସ ସଦଳବଳ ପହଞ୍ଚି ସମ୍ପୃକ୍ତ ଦୁଇ ମହିଳାଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରିଥିଲେ। ଅଟକ ଦୁଇ ମହିଳାଙ୍କ ମଧ୍ୟରୁ ଜଣେ ପଶ୍ଚିମବଙ୍ଗ ଖଡ଼ଗପୁର ଅଞ୍ଚଳର ହୋଇଥିବା ବେଳେ ଅନ୍ୟ ଜଣେ ସ୍ଥାନୀୟ ବାଲେଶ୍ୱର ଅଞ୍ଚଳର ବୋଲି ଜଣାପଡ଼ିଛି। ପରେ ଉଭୟ ମହିଳା ଥାନାରେ ଅଣ୍ଡରଟେକିଂ ଲେଖିବା ପରେ ସେମାନଙ୍କୁ ଛଡାଯାଇଥିବା ଆଇଆଇସି ଦାସ କହିଛନ୍ତି।

ସୂଚନା ଅନୁଯାୟୀ, ଭୋଗରାଇ ବ୍ଲକ ଆରୁହାବୃତ୍ତି ଅଞ୍ଚଳର ସତ୍ୟବ୍ରତ ଦାସ ତାଙ୍କ ସ୍ତ୍ରୀଙ୍କ ପ୍ରସବ ପାଇଁ ଗତ ୧୮ ତାରିଖରେ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ୧୯ ତାରିଖରେ ତାଙ୍କର ଶିଶୁକନ୍ୟା ଜନ୍ମ ହୋଇଥିଲା। ଶିଶୁର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ୨ ମହିଳା ଶିଶୁକନ୍ୟାକୁ ଉଠାଇ ନେଇଯାଉଥିବା ବେଳେ ନବଜାତକଙ୍କ ମା' ବାପା ନିଦରୁ ଉଠି ଚିତ୍କାର କରିଥିଲେ। ପରେ ପଚାରିବା ବେଳେ ଉଭୟ ଶିଶୁକନ୍ୟାକୁ ଥୋଇ ଦେଇ ଖସି ଦୌଡ଼ି ପଳାଇଯାଉଥିଲେ। ଜଣେ ଦୌଡ଼ି ପଳାଉଥିବା ବେଳେ ପଡ଼ିଯାଇ ତାଙ୍କ ମୁହଁ ଫାଟିଯାଇଥିଲା। ଅନ୍ୟ ଜଣେ ଲୁଚିଯାଇଥିଲେ। ଚିତ୍କାର ଶୁଣି ଅନ୍ୟ ରୋଗୀଙ୍କ ସମ୍ପର୍କୀୟମାନେ ଦୌଡ଼ି ଆସି ଦୁଇ ମହିଳାଙ୍କୁ କାବୁ କରି ମେଡିକାଲ ଫାଣ୍ଡିରେ ଜିମା ଦେଇଥିଲେ। ଘଟଣାକୁ ନେଇ ମେଡିକାଲ ଫାଣ୍ଡି ନିକଟରେ ଉତ୍ତେଜନା ଦେଖାଦେଇଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି। ତେବେ କୌଣସି ମାମଲା ରୁଜୁ ହୋଇନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟରେ ବାରମ୍ବାର ପିଲା ଚୋରି ଘଟଣା ଘଟୁଥିବା ବେଳେ ସ୍ଥାନୀୟ କିଛି ତଳସ୍ତରର କର୍ମଚାରୀଙ୍କ ସମ୍ପୃକ୍ତି ନେଇ ସନ୍ଦେହ ପ୍ରକାଶ ପାଇଛି। ପୂର୍ବରୁ ଦୁଇ ଦୁଇଥର ପିଲା ଚୋରି ଘଟଣା ଦେଖିବାକୁ ମିଳିଥିଲେ ହେଁ ମେଡିକାଲ କର୍ତ୍ତୃପକ୍ଷ ଏହାକୁ ରୋକିବା ଦିଗରେ ପଦକ୍ଷେପ ଗ୍ରହଣ କରୁ ନ ଥିବା ଅଭିଯୋଗ ହେଉଛି।


ଥାନାରେ ଅଟକ ଥିବା ଦୁଇ ମହିଳା।

## ଆଜିଠୁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋଶିପ୍ ପାଇଁ ଆବେଦନ

ଭୁବନେଶ୍ୱର,୨୮।୫
(ଅନୁରାଧା ମହାରଣା)

ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଆଣ୍ଡ୍ ଇନୋଭେଶନ୍ ଫେଲୋଶିପ୍ ପ୍ରୋଗ୍ରାମ୍ ଅଧୀନରେ ଗୁରୁବାରଠାରୁ ମୁଖ୍ୟମନ୍ତ୍ରୀ ରିସର୍ଚ୍ଚ ଫେଲୋଶିପ୍ ପାଇଁ ଆବେଦନ ଆରମ୍ଭ ହେବ। ପିଏଚ୍‌ଡି ଆଶାୟୀମାନେ ସାମ୍ସ ମାଧ୍ୟମରେ ଆବେଦନ କରିପାରିବେ। ଜୁନ୍ ୨୪ ଆବେଦନର ଶେଷ ତାରିଖ ରହିଛି। ଆବେଦନରେ କୌଣସି ପରିବର୍ତ୍ତନ କିମ୍ବା ତ୍ରୁଟି ଥିଲେ ଆବେଦନକାରୀ ୨୫ ତାରିଖରେ ସଂଶୋଧନ କରିପାରିବେ। ତେବେ ଏହିଦିନ ନୂଆ ଆବେଦନ କରିହେବ ନାହିଁ। ଜୁଲାଇ ୩ରେ ଓକାକ୍ ପକ୍ଷରୁ ଆବେଦନକାରୀଙ୍କ ତଥ୍ୟ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ (ଓଏସ୍‌ଏଚ୍‌ଇସି)ରେ ଦାଖଲ କରାଯିବ। ପରବର୍ତ୍ତୀ ସମୟରେ ଓଏସ୍‌ଏଚ୍‌ଇସି ପକ୍ଷରୁ ଆବେଦନକାରୀଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଯାଞ୍ଚ କରାଯିବ। ସୂଚନା ଥାଉକି, ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନସ୍ଥ ୧୫ଟି ବିଶ୍ୱବିଦ୍ୟାଳୟରେ ଗବେଷଣା ପାଇଁ ଛାତ୍ରୀଛାତ୍ର ସୁଯୋଗ ପାଇବେ।

## ବିସ୍ଫୋରକ ଲୁଟ୍ ଘଟଣାରେ ଡିଜିପିଙ୍କ ତନାଘନା

ସୁନ୍ଦରଗଡ,ବଣାଇଁ,୨୮।୫( ଜୟ ନାରାୟଣ ମେଣ୍ଡୁଲି/ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ବାଙ୍କୋ ପଥର କ୍ୱାରିକୁ ବ୍ଲାଷ୍ଟିଂ ପାଇଁ ଆସିଥିବା ଏକ ବିସ୍ଫୋରକ ବୋଝେଇ ଗାଡ଼ିକୁ ମଙ୍ଗଳବାର ମଧ୍ୟାହ୍ନରେ ମାଓବାଦୀମାନେ ଲୁଟ୍ କରିବା ଘଟଣାରେ ପୋଲିସ ତନାଘନା ଚଳାଇଛି। ବୁଧବାର ପୋଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ କେ. ବଲାଙ୍ଗ ଥାନାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ ଅପରେଶନ ଆଇଜି ଡ. ଦୀପକ କୁମାରଙ୍କ ନେତୃତ୍ୱରେ ଡିଆଇଜି ବ୍ରିଜେଶ କୁମାର ରାୟ, ଗୁଇନ୍ଦା ସଂସ୍ଥା ଡିଏସ୍‌ପି ପ୍ରଦୀପ ବାର୍ଲାଙ୍କ ସମେତ ଡିଭିଏଫ, ଆଇଆର୍‌ବିର ଯବାନମାନେ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଝାଡ଼ଖଣ୍ଡର ଜାଗୁଆର ଟିମ୍ ସର୍ଚ୍ଚ ଅପରେଶନ ଜୋରଦାର କରିବା ସହ ପୋଲିସ ଟିମ୍ ମଧ୍ୟ କୋମ୍ବିଂ ଅପରେଶନ ଚଳାଇଛି। ବଣାଇଁ ଏସ୍‌ଡିପିଓ ରାମଚନ୍ଦ୍ର ବିଶ୍ୱାଳ ପଥର ଖଣି ମାଲିକ ନିରଜ ପାଣ୍ଡେ ଓ ଚାଳକ ଦେଓନାଥ ଟପ୍ପୋଙ୍କୁ ପଚରାଉଚରା ଜାରି ରଖିଛନ୍ତି। ଏଥିସହ ଇତମା ଗାଁ ନିକଟ ଜଙ୍ଗଲରେ ଥିବା ବିସ୍ଫୋରକ ସାମଗ୍ରୀ ଗୋଦାମକୁ ସିଲ କରିଛନ୍ତି।

## ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏସ୍‌ଓପି

ଭୁବନେଶ୍ୱର,୨୮।୫
(ରବିନାରାୟଣ ଜେନା)

- ଆପରାଧିକ ମାମଲାର ତ୍ୱରିତ ଶୁଣାଣିକୁ ସରକାରଙ୍କ ଗୁରୁତ୍ୱ
- ପ୍ରତିପକ୍ଷ ଓକିଲଙ୍କୁ ୨ଥରରୁ ଅଧିକ ସୁଯୋଗ ଦିଆନାହିଁ

ଜନସାଧାରଣଙ୍କୁ କିଭଳି ତ୍ୱରିତ ନ୍ୟାୟ ମିଳିବ, ବିଶେଷକରି ଆପରାଧିକ ମାମଲାର ତ୍ୱରିତ ଶୁଣାଣି ହୋଇପାରିବ ସେଥିନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି। ପୀଡ଼ିତାଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ କରିବା ଲକ୍ଷରେ ରାଜ୍ୟ ସରକାରଙ୍କ ପକ୍ଷରୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା-୨୦୨୩ର ସେକ୍ସନ ୩୪୬ର ସବ୍‌ସେକ୍ସନ-୨ ଅନୁଯାୟୀ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର(ଏସ୍‌ଓପି) ଜାରି କରାଯାଇଛି, ଯେଉଁଥିରେ ସରକାରୀ ଓକିଲ କିଭଳି ମାମଲାର ସୁପରିଚାଳନା କରିବେ ଏବଂ ପ୍ରତିପକ୍ଷ ଓକିଲଙ୍କୁ ବାରମ୍ବାର ତାରିଖ ଗଡ଼ାଇବାର ସୁଯୋଗ ନ ଦେବେ ତାହାକୁ ଦୃଷ୍ଟିରେ ରଖି ଏସ୍‌ଓପି ପ୍ରସ୍ତୁତ କରାଯାଇଛି।

ଗତ ୨୭ ତାରିଖରେ ଗୃହ ବିଭାଗ ପକ୍ଷରୁ ଜାରି ଏସ୍‌ଓପିରେ ବିଭାଗୀୟ ସ୍ୱତନ୍ତ୍ର ସଚିବ ଦର୍ଶାଇଛନ୍ତି ଯେ, ସାମ୍ବିଧାନିକ ନିୟମ ଅନୁଯାୟୀ ଆପରାଧିକ ମାମଲାର ଶୁଣାଣି ବେଳେ ଯେଭଳି ଅନାବଶ୍ୟକ ଭାବେ ପ୍ରତିପକ୍ଷ ଓକିଲ ବିଳମ୍ବ ନ କରିବେ ସେଥିପ୍ରତି ସରକାରୀ ଓକିଲ(ପବ୍ଲିକ୍ ପ୍ରସିକ୍ୟୁଟର) ଗୁରୁତ୍ୱ ଦେବେ। ଏହା ରାଜ୍ୟର ସମସ୍ତ ପବ୍ଲିକ୍ ପ୍ରସିକ୍ୟୁଟର, ଆସିଷ୍ଟାଣ୍ଟ ପବ୍ଲିକ୍ ପ୍ରସିକ୍ୟୁଟର ଏବଂ ଅନ୍ୟାନ୍ୟ ଅଧିକାରୀ(ଆପରାଧିକ ମାମଲା ପରିଚାଳନା)ଙ୍କ ପାଇଁ ପ୍ରଯୁଜ୍ୟ। ଯଦି ସେଭଳି କିଛି ସ୍ୱତନ୍ତ୍ର କାରଣ ନ ଥିବ, ତେବେ ପ୍ରତିପକ୍ଷ ଓକିଲଙ୍କୁ ଯେପରି ଆଡଜର୍ନମେଣ୍ଟ ଅନୁମତି ନ ମିଳିବ ସେଥିପ୍ରତି ତୀକ୍ଷ୍ଣ ଦୃଷ୍ଟିଦେବେ। ମାମଲା ପରିଚାଳନା ବେଳେ ଅତିବେଶିରେ ୨ଥର ଆଡ୍‌ଜର୍ନମେଣ୍ଟ ଅନୁମତି ଦେଇହେବ। ସେପରି ବୈଧ କାରଣ ନ ଥିଲେ ଓକିଲଙ୍କୁ ଅନ୍ୟ ଅଦାଲତରେ ନିଯୁକ୍ତି ଦିଆଯାଇପାରିବ ନାହିଁ। ସାକ୍ଷ୍ୟ ଅଦାଲତରେ ଉପସ୍ଥିତ ଥିବାବେଳେ ପ୍ରତିପକ୍ଷ ଓକିଲ ସେମାନଙ୍କୁ ଯେପରି ପ୍ରଭାବିତ କରିବାର ସୁଯୋଗ ନ ପାଇବେ ତାକୁ ନଜରରେ ରଖି ସରକାରୀ ଓକିଲମାନେ ବିଭିନ୍ନ ଦିଗରୁ କ୍ରସ୍ ପ୍ରଶ୍ନ କରିବାକୁ ଏସ୍‌ଓପିରେ କୁହାଯାଇଛି। ଏହାବାଦ୍ କଜ୍ ଲିଷ୍ଟ ନିଶ୍ଚିତ କରିବା, ସାକ୍ଷ୍ୟଙ୍କୁ ପ୍ରସ୍ତୁତ ରଖିବା, ଆଟେଣ୍ଡାଣ୍ଟ ରେଜିଷ୍ଟର ନିୟମିତ ପରିଚାଳନା କରିବା ସହ ଜିଲାସ୍ତରରେ ପ୍ରସିକ୍ୟୁଟରମାନେ ଏସ୍‌ଓପି ସମ୍ପର୍କରେ ଯେପରି ତାଲିମ୍‌ପ୍ରାପ୍ତ ହେବେ ସେଥିପ୍ରତି ଗୁରୁତ୍ୱ ଦେବାକୁ କୁହାଯାଇଛି। ଏହାବାଦ୍ ପ୍ରତିମାସରେ ମାମଲା ତାଲିକା ଓ ତା'ର ବିବରଣୀ ସହିତ କେତେ ଆଡ୍‌ଜର୍ନମେଣ୍ଟ ଅନୁମତି ପ୍ରତିପକ୍ଷ ଓକିଲଙ୍କୁ ପ୍ରଦାନ କରାଗଲାଣି ତାହା ସମ୍ପର୍କରେ ଲିଖିତ ତଥ୍ୟ ରଖିବାକୁ ସରକାରଙ୍କ ପକ୍ଷରୁ ଏସ୍‌ଓପିରେ କୁହାଯାଇଛି।

## ଆଇନଜୀବୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦାବି

ଭୁବନେଶ୍ୱର, ୨୮।୫(ସୁନିତ୍ ମିଶ୍ର)

ଗଣମାଧ୍ୟମରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ବିରୋଧରେ ଆଇନଜୀବୀ ସିତାଂଶୁ ମୋହନ ଦ୍ୱିବେଦୀ ମିଥ୍ୟା ଅଭିଯୋଗ ଆଣିଛନ୍ତି। ତେଣୁ ଆଇନଜୀବୀ ଦ୍ୱିବେଦୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ବାର୍ କାଉନ୍‌ସିଲ୍‌ରେ ମନମୋହନ ଅନୁରୋଧ କରିଥିବା ନେଇ ଭାଜପା ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦିଆଯାଇଛି।

## ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

# ଅଧ୍ୟାପକରୁ କଏଦୀ ନଂ. ୫୮୮୨



ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଭଇଁସା କଲେଜର ପୂର୍ବତନ ଇଂରାଜୀ ଅଧ୍ୟାପକ ତଥା ପାର୍ସଲ ବୋମା ବିସ୍ଫୋରଣ ଘଟଣାର ଏକମାତ୍ର ଅଭିଯୁକ୍ତ ପୁଞ୍ଜିଲାଲ ମେହେରଙ୍କୁ ଏଡିଜେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦୋଷୀ ସାବ୍ୟସ୍ତ ହେବା ପରେ ପୁଞ୍ଜିଲାଲଙ୍କୁ ବଲାଙ୍ଗୀର ଜିଲା କାରାଗାରକୁ ପଠାଇ ଦିଆଯାଇଛି। ସେଠାରେ ସେ ଏବେ କଏଦୀ ନଂ ୫୮୮୨ ହୋଇଛନ୍ତି। ଅଧ୍ୟାପକରୁ ଏବେ କଏଦୀ ସାଜି ମୃତ୍ୟୁ ପର୍ଯ୍ୟନ୍ତ ଜେଲ ହାଜତରେ ରହିବେ। ପରପକ୍ଷରେ କୋର୍ଟ ପୀଡ଼ିତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାକୁ ଜିଲା ଆଇନ ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।

## କୋର୍ଟକୁ ଆସି ନ ଥିଲେ ରିମାରାଣୀ



ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ଶୁଣାଣି ବେଳେ ମୃତ ସୌମ୍ୟଶେଖରଙ୍କ ମା ସଞ୍ଜୁକ୍ତା ସାହୁ ଓ ବାପା ରବୀନ୍ଦ୍ର ସାହୁ ଆସିଥିଲେ। ପୁଅକୁ ହରାଇବାର ଦୁଃଖ ସମ୍ପର୍କରେ ଗଣମାଧ୍ୟମକୁ କହିବା ସହ ପୁଞ୍ଜିଲାଲଙ୍କୁ ଆଜୀବନ ଜେଲ ସଜା ଘଟଣାରେ ସନ୍ତୋଷ ବ୍ୟକ୍ତ ବି କରିଥିଲେ। ହେଲେ ମୃତ ସୌମ୍ୟଶେଖରଙ୍କ ସ୍ତ୍ରୀ ରିମାରାଣୀ ଆଜି କୋର୍ଟକୁ ଆସି ନଥିବା ଦେଖାଯାଇଥିଲା।

## କ୍ରାଇମବ୍ରାଞ୍ଚର ସବୁ ପ୍ରମାଣକୁ କୋର୍ଟ ଗ୍ରହଣ କରିଛନ୍ତି: ସରକାରୀ ଓକିଲ

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ କ୍ରାଇମବ୍ରାଞ୍ଚ ଚାର୍ଜଶିଟ୍‌ରେ ଯାହା ସବୁ ପ୍ରମାଣ ଦାଖଲ କରିଥିଲେ ସବୁକୁ କୋର୍ଟ ଗ୍ରହଣ କରିଛନ୍ତି। ପାର୍ସଲ ବୋମା ଅପରାଧକୁ ଘୃଣ୍ୟ ଅପରାଧ ବୋଲି କୋର୍ଟ କହିଛନ୍ତି। ତେବେ ସବୁ ଘୃଣ୍ୟ ଅପରାଧ ବିରଳରୁ ବିରଳତମ ନୁହେଁ ବୋଲି କୋର୍ଟ କହିଥିଲେ। ବିରଳରୁ ବିରଳତମ ଅପରାଧର ଅର୍ଥ ଲୋମଟାଙ୍କୁରା। ତେବେ ଏହା ସେ ଧରଣର ନୁହେଁ ବୋଲି କହିଥିଲେ ମଧ୍ୟ କୋର୍ଟ ଅଭିଯୁକ୍ତଙ୍କୁ ଦୁଇଟି ମାମଲାରେ ଆଜୀବନ ଜେଲ, ଦୁଇଟିରେ ୧୦ ବର୍ଷର ଜେଲଦଣ୍ଡ ହୋଇଛି ଓ ଗୋଟିଏରେ ୭ ବର୍ଷର ଜେଲ ଦଣ୍ଡାଦେଶ ହୋଇଛି। ଏହା ସାଙ୍ଗକୁ ୧ ଲକ୍ଷ ୪୦ ହଜାର ଟଙ୍କାର ଜରିମାନା ସହ ଜରିମାନା ଅନାଦାୟେ ସର୍ବାଧିକ ୧ ବର୍ଷ ଏବଂ ସର୍ବନିମ୍ନ ୬ ମାସ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏକା ସାଙ୍ଗରେ ଦୋଷୀ ଏହି ଦଣ୍ଡ ଭୋଗିବେ। କୋର୍ଟ ରାୟରେ ଆମେ ସନ୍ତୁଷ୍ଟ ବୋଲି ସରକାରୀ ଓକିଲ ଚିତ୍ତରଞ୍ଜନ କାନୁନ୍‌ଗୋ କହିଛନ୍ତି। ଅନ୍ୟତମ ସରକାରୀ ଓକିଲ ଆଶିଷ ଚନ୍ଦନ ଅପରାହ୍ଣରେ ଖବରଦାତା ସମ୍ମିଳନୀକରି କୋର୍ଟ ରାୟ ଉପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇଥିଲେ।

## ପୁଞ୍ଜିଲାଲ ମଣିଷ, ପଶୁ, ରାକ୍ଷସ କି ସଇତାନ କହିପାରିବିନି

ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ପ୍ରକାଶ ପାଇବା ପରେ ମୃତ ସୌମ୍ୟଶେଖରଙ୍କ ମା' ସଞ୍ଜୁକ୍ତା ସାହୁ ଗଣମାଧ୍ୟମ ସମ୍ମୁଖରେ କୋହଭରା କଣ୍ଠରେ କହିଥିଲେ, ପୁଞ୍ଜିଲାଲ ମଣିଷ, ପଶୁ, ରାକ୍ଷସ କି ସଇତାନ ସେ କହିପାରିବେ ନାହିଁ। ଗୋଟିଏ କଲେଜର ଇନ୍‌ଚାର୍ଜ ଅଧ୍ୟକ୍ଷ ଚୌକି ପାଇଁ ଗୋଟେ ଲୋକ ଏଇ ସ୍ତରକୁ ଯାଇପାରେ ଭାବି ହେଉନାହିଁ। ମୃତ ସୌମ୍ୟଙ୍କ ପିତା ଅଧ୍ୟାପକ ରବୀନ୍ଦ୍ର କହିଥିଲେ, ପୁଞ୍ଜିଲାଲକୁ ଫାଶୀ ହେଲେ ମଧ୍ୟ କମ୍ ସଜା ହେବ ବୋଲି ପୂର୍ବରୁ ସେ କହୁଥିଲେ। ତେବେ କୋର୍ଟ ଯେଉଁ ରାୟ ଦେଇଛନ୍ତି ସେଥିରେ ସେ ସନ୍ତୁଷ୍ଟ ବୋଲି କହିଛନ୍ତି। ଏହି ସଜା ପରେ ମୃତ ପୁଅର ଆତ୍ମା କିଞ୍ଚିତ ଶାନ୍ତି ଲାଭ କରିଥିବ ବୋଲି ସେ କହିଛନ୍ତି। ଯଦି ଦୋଷୀ ପୁଞ୍ଜିଲାଲ ଉପର କୋର୍ଟକୁ ଯିବେ ତେବେ ସେ ମଧ୍ୟ ଉପର କୋର୍ଟକୁ ଯିବେ ବୋଲି କହିଥିଲେ।


ସୌମ୍ୟଶେଖରଙ୍କ ମା' ବାପା।

## କୋର୍ଟଙ୍କ ରାୟକୁ ସମ୍ମାନ ଦେବାକୁ ପଡ଼ିବ: ପ୍ରତିପକ୍ଷ ଓକିଲ

ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାରେ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତକରି ଆଜୀବନ ଜେଲ ଓ ୫୦ ହଜାର ଟଙ୍କାର ଜରିମାନା କରିଛନ୍ତି। କୋର୍ଟଙ୍କ ଏହି ରାୟକୁ ଆମେ ସମ୍ମାନ ଦେଉଛୁ। ତଳକୋର୍ଟରେ ଏଭଳି ସଜା ଶୁଣାଣି ପରେ ଦୋଷୀ ସାବ୍ୟସ୍ତ ପୁଞ୍ଜିଲାଲ ଉପର କୋର୍ଟକୁ ଯିବେ କି ନାହିଁ ସେନେଇ କିଛି ଆଲୋଚନା ହୋଇନାହିଁ। ପରେ ସେ ଏନେଇ ନିଷ୍ପତ୍ତି ନେବେ ବୋଲି ଅଭିଯୁକ୍ତଙ୍କ ଓକିଲ ଶିବପ୍ରସାଦ ମିଶ୍ର ଗଣମାଧ୍ୟମଙ୍କ ପ୍ରଶ୍ନରେ କହିଛନ୍ତି।

## କୋର୍ଟଙ୍କ ରାୟ ପୂରା ଟିମ୍‌କୁ ଖୁସି କରିଛି: ଅରୁଣ ବୋଥ୍ରା

ଭୁବନେଶ୍ୱର,୨୮।୫(ସତ୍ୟଜିତ ରାଉତ)

### ଧରାଇଥିଲା ଚିଠି, ଫୋରେନସିକ୍ ପ୍ରମାଣ

ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲାର ରାୟ ପ୍ରକାଶକୁ ନେଇ ତଦନ୍ତ କରିଥିବା ତତ୍କାଳୀନ କ୍ରାଇମବ୍ରାଞ୍ଚ ଏଡିଜି ତଥା ବର୍ତ୍ତମାନର ରେଲୱେ ଓ ତଟସୁରକ୍ଷା ଏଡିଜି ଅରୁଣ ବୋଥ୍ରା ପ୍ରତିକ୍ରିୟା ରଖିଛନ୍ତି। ପୁଞ୍ଜିଲାଲଙ୍କୁ ଚିଠି ଧରାଇଥିଲା ଏବଂ କୋର୍ଟଙ୍କ ରାୟ ପୂରା ଟିମକୁ ଖୁସି କରିଛି ବୋଲି ବୋଥ୍ରା କହିଛନ୍ତି। ବୋଥ୍ରାଙ୍କ କହିବା କଥା, ଏହି ମାମଲାରେ କିଛି ପ୍ରମାଣ ନ ଥିଲା। ତଦନ୍ତର ମାସେ ପରେ ପୁଞ୍ଜିଲାଲଙ୍କୁ କେହି ସନ୍ଦେହ କରି ନ ଥିଲେ। ମାମଲାରେ କେହି ପ୍ରତ୍ୟକ୍ଷ ସାକ୍ଷୀ ନ ଥିବାରୁ ବଡ଼ ଚ୍ୟାଲେଞ୍ଜ ଥିଲା। ଯେଉଁ ମାମଲାରେ ପ୍ରତ୍ୟକ୍ଷ ସାକ୍ଷୀ ନ ଥାନ୍ତି, ସେଠାରେ ଫୋରେନସିକ୍ ପ୍ରମାଣ ଗୁରୁତ୍ୱ ବହନ କରିଥାଏ। ପୁଞ୍ଜିଲାଲଙ୍କ ମାମଲାରେ ଫୋରେନସିକ୍ ପ୍ରମାଣ ତଥ୍ୟ ଦେଇଥିଲା। ଏସ୍‌ପିଙ୍କୁ ପୁଞ୍ଜିଲାଲ ଚିଠି ପଠାଇ ଭୁତାଇଥିଲେ। ଏହି ଚିଠିରେ ହିଁ ସେ ବହୁ ପ୍ରମାଣ ଛାଡିଦେଇଥିଲେ। ପୁଞ୍ଜିଲାଲ ବ୍ୟବହାର କରିଥିବା ଏନ୍‌ଭଲପ୍ ଓ ଅଠା ପ୍ରମାଣ ଦେଇଥିଲା। ଚିଠିରେ ବ୍ୟବହୃତ ପ୍ରିଣ୍ଟର, ଲାପଟପ୍ ଆଦି ମିଳିଯାଇଥିଲା। ସେହିପରି ବିସ୍ଫୋରକ ବାହାର କରି ଫିଙ୍ଗିଥିବା ଖୋଳ ବି ପ୍ରମାଣ ଦେଇଥିଲା। ଡଷ୍ଟବିନ୍ ମଧ୍ୟ ଲ୍ୟାବ୍‌ରେ ମେଳ ଖାଇଥିଲା। ଚିଠିରେ ଇଂଲିଶ ଭାଷା ଓ ଲେଖିବା ଶୈଳୀ ବହୁ ଉଚ୍ଚକୋଟୀର ଥିଲା। ଜଣେ ଦକ୍ଷ ବ୍ୟକ୍ତି ହିଁ ଏଭଳି ଲେଖିପାରିବେ ବୋଲି ଆମେ ଜାଣିଥିଲୁ। ପୁଞ୍ଜିଲାଲ ଇଂଲିଶ ଅଧ୍ୟାପକ ଥିବାରୁ ତାଙ୍କ ଉପରେ ସନ୍ଦେହ ଦୃଢ଼ୀଭୂତ ହୋଇଥିଲା। ପୁଞ୍ଜିଲାଲ ବୋମା ପ୍ରସ୍ତୁତିର ଡେମୋ ଦେଖାଇବା ସହ ଜେରାବେଳେ ମଧ୍ୟ ବହୁତ କିଛି କହିଥିଲେ ବୋଲି ବୋଥ୍ରା କହିଛନ୍ତି।

# ପର୍ବତାରୋହୀଙ୍କ ପଥ ପ୍ରଦର୍ଶକ ଏଡ୍‌ମଣ୍ଡ, ନୋର୍ଗେ

## ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ



ପୃଥିବୀର ସର୍ବୋଚ୍ଚ ଶୃଙ୍ଗ ମାଉଣ୍ଟ ଏଭରେଷ୍ଟ। ୮,୮୪୮ ମିଟର (୨୯,୦୨୯ ଫୁଟ) ଉଚ୍ଚତାର ଏହି ପର୍ବତ ଶିଖରରେ ପହଞ୍ଚିବା ଲାଗି ଅନେକେ ଚେଷ୍ଟା କରିଥିଲେ। ୧୯୫୩ ମସିହା ମେ' ୨୯ରେ ନ୍ୟୁଜିଲ୍ୟାଣ୍ଡର ସାର୍ ଏଡମଣ୍ଡ ହିଲାରୀ ଏବଂ ନେପାଳର ତେନଜିଂ ନୋର୍ଗ ଶେର୍ପା ପ୍ରଥମେ ଏଭରେଷ୍ଟ ଆରୋହଣ କରିବାରେ ସଫଳ ହୋଇଥିଲେ। ଅଧିକାଂଶ ଚୀନ ପାର୍ଶ୍ୱରୁ ଏଭରେଷ୍ଟ ଆରୋହଣ ପାଇଁ ଚେଷ୍ଟା କରିଥିବାବେଳେ ଏଡମଣ୍ଡ ଏବଂ ତେନଜିଂ ଦକ୍ଷିଣ ନେପାଳ ପାର୍ଶ୍ୱରୁ ଏଭରେଷ୍ଟ ପର୍ବତ ଚଢ଼ିବାରେ ସଫଳ ହୋଇଥିଲେ। ତେବେ ଏଡମଣ୍ଡ ହିଲାରୀଙ୍କ ମୃତ୍ୟୁ ପରେ ୨୦୦୮ ମସିହାରେ ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ଘୋଷଣା କରାଯାଇଥିଲା। ନେପାଳ ସରକାର ମେ ୨୯କୁ ହିଲାରୀ ଏବଂ ନୋର୍ଗଙ୍କ ଐତିହାସିକ ସଫଳତାକୁ ସମ୍ମାନ ଜଣାଇବା ପାଇଁ ଉକ୍ତ ଦିବସ ପାଳନ ଲାଗି ଘୋଷଣା କରିଥିଲେ। ସେବେଠାରୁ ପ୍ରତିବର୍ଷ ମେ'୨୯ରେ ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ପାଳିତ ହୋଇଆସୁଛି। ଏହିଁଙ୍କ ଏଭରେଷ୍ଟ ଶିଖର ଛୁଇଁବା ସଫଳତା ଅଗଣିତ ପର୍ବତାରୋହୀଙ୍କୁ ଅନୁପ୍ରାଣିତ କରିଛି।

ଅନ୍ତର୍ଜାତୀୟ ଏଭରେଷ୍ଟ ଦିବସ ନେପାଳ ଏବଂ ନ୍ୟୁଜିଲ୍ୟାଣ୍ଡ ମଧ୍ୟରେ ଘନିଷ୍ଠ ସମ୍ପର୍କକୁ ସ୍ମରଣ କରାଇଥାଏ। ତେବେ ପର୍ବତାରୋହଣ କୃତିତ୍ୱ ବ୍ୟତୀତ, ହିଲାରୀ ନେପାଳରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ସେ ଶେର୍ପାମାନଙ୍କ ଆବଶ୍ୟକତାକୁ ପୂରଣ କରିବା ପାଇଁ ୧୯୬୦ ମସିହାରେ ହିମାଳୟନ ଟ୍ରଷ୍ଟ ପ୍ରତିଷ୍ଠା କରିଥିଲେ। ଏହିସଂଗଠନ ମାଧ୍ୟମରେ ସେ ଦୁର୍ଗମ ସୋଲୁଖୁମ୍ବୁ ଅଞ୍ଚଳରେ ସ୍କୁଲ, ହସ୍ପିଟାଲ ଏବଂ ଭିତ୍ତିଭୂମି ନିର୍ମାଣର ନେତୃତ୍ୱ ନେଇଥିଲେ। ତାଙ୍କ ପ୍ରୟାସ ଯୋଗୁଁ ଶେର୍ପାମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା ଏବଂ ଜୀବନଧାରଣ ମାନରେ ଉନ୍ନତି ଆସିଥିଲା, ଯାହା ତାଙ୍କୁ ନେପାଳରେ ଅନେକ ସମ୍ମାନ ଏବଂ କୃତଜ୍ଞତା ପ୍ରଦାନ କରିଥିଲା। ଅପରପକ୍ଷେ ତେନଜିଂ ନୋର୍ଗେ ଏଭରେଷ୍ଟ ଶିଖରରେ ପହଞ୍ଚି ସାର୍ ଏଡମଣ୍ଡ ହିଲାରୀଙ୍କ ସହ ଇତିହାସ ରଚିଥିଲେ। ନୋର୍ଗେଙ୍କ ସଫଳତା ଉଚ୍ଚ-ଉଚ୍ଚ ପର୍ବତାରୋହଣରେ ଶେର୍ପା ପର୍ବତାରୋହୀଙ୍କ ଆବଶ୍ୟକ ଭୂମିକାକୁ ଆଲୋକିତ କରିଥିଲା।

# ଅନାସ୍ଥାରେ ହାରିଲେ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା

ମହାକାଳପଡ଼ା,୨୮।୫
(ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ୪୯ ପଞ୍ଚାୟତ ସଭ୍ୟଙ୍କ ସମର୍ଥନ
- ୨୫ ବର୍ଷର ବିଜେଡି ଗଡ଼ ଭାଙ୍ଗିଲା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକ୍ ଅଧ୍ୟକ୍ଷା କଳ୍ପନା ରାଉତଙ୍କୁ ହଟାଇବା ପାଇଁ ୪୯ ଜଣ ସଭ୍ୟାସଭ୍ୟ ଉପସ୍ଥିତ ରହି ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିଥିଲେ। ଏଥିଯୋଗୁ ଗତ ୨୫ବର୍ଷର ବିଜେଡି ଗଡ଼ ଭାଙ୍ଗିଛି। ବ୍ଲକର ୩୧ ପଞ୍ଚାୟତରେ ମୋଟ ୬୨ ସରପଞ୍ଚ ଓ ସମିତି ସଭ୍ୟ ରହିଛନ୍ତି। ଅନାସ୍ଥା ପ୍ରସ୍ତାବ ବୈଠକରେ ଦୁଇ ତୃତୀୟାଂଶ ଅର୍ଥାତ୍ ୪୪ ଜଣଙ୍କ ସମର୍ଥନ ଆବଶ୍ୟକ ଥିଲା। ବୁଧବାର ବୈଠକରେ ୪୯ ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ। ଫଳରେ ବ୍ଲକ ଅଧ୍ୟକ୍ଷା ପଦ ବିରୋଧରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହୋଇଛି। ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତ ସମର୍ଥନ ଅଭାବରୁ ନିଜ ପଦବୀ ହରାଇଛନ୍ତି। ତହସିଲଦାର ମଲିକଙ୍କ ଅନାସ୍ଥା ପ୍ରସ୍ତାବ ବୈଠକ ତଥ୍ୟକୁ ଭିତ୍ତି କରି ଜିଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ବ୍ଲକ ଅଧ୍ୟକ୍ଷା ରାଉତଙ୍କୁ ଗାଦିଚ୍ୟୁତ୍ କରାଗଲା ବୋଲି ତାଙ୍କ ଚିଠି (ନଂ.୯୦୬/ ତା ୨୮।୫।୨୦୨୫)ରେ ଉଲ୍ଲେଖ କରିଛନ୍ତି। ଏହାର ନକଲ ବିଭାଗୀୟ ଅଧିକାରୀମାନଙ୍କ ପାଖକୁ ପଠାଯାଇଛି।

ବୁଧବାର ପୂର୍ବାହ୍ନ ୧୧ଟାରେ ୪୯ ଜଣ ସଭ୍ୟାସଭ୍ୟ ବ୍ଲକ ମୁଖ୍ୟ ଫାଟକ ଦେଇ ସଭାଗୃହରେ ପହଞ୍ଚିଥିଲେ। ସଭାଗୃହରେ ତହସିଲଦାର ତଥା ନିର୍ବାଚନ ଅଧିକାରୀ ଶିବ ମଲିକ ଓ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ପରେ ଅନାସ୍ଥା ପ୍ରସ୍ତାବ ବୈଠକ ଉପରେ ଭୋଟ ଗ୍ରହଣ କରାଯାଇଥିଲା। ସୂଚନାଯୋଗ୍ୟ, ବ୍ଲକ ଅଧ୍ୟକ୍ଷାଙ୍କ ପକ୍ଷରୁ ଉକ୍ତ ବୈଠକ ବାତିଲ ପାଇଁ ହାଇକୋର୍ଟରେ ସ୍ୱତନ୍ତ୍ର ଲିଭ ପିଟିଶନ ଦାଖଲ କରାଯାଇଥିଲା। ଏହାର ଶୁଣାଣି ଆସନ୍ତା ଜୁନ୍ ୩୦ ତାରିଖରେ ଅଛି। ଏହି ଅନାସ୍ଥା ପ୍ରସ୍ତାବ ପାଇଁ ବୁଧବାର ବ୍ଲକ ସମ୍ମୁଖରେ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।


ଅନାସ୍ଥା ପ୍ରସ୍ତାବ ବୈଠକ ପାଇଁ ବ୍ଲକ୍ ସମ୍ମୁଖରେ ପୋଲିସ ମୁତୟନ କରାଯାଇଛି।

# ସ୍ତ୍ରୀଙ୍କ ନିର୍ଯାତନା, ପୋଲିସ ଚୁପ୍: ଜୀବନ ହାରିଲେ ଯୁବକ

- କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକୋ
- ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା ଅଭିଯୋଗରେ ସ୍ତ୍ରୀ ଗିରଫ

ଭୁବନେଶ୍ୱର,୨୮।୫(ସତ୍ୟଜିତ୍ ରାଉତ)

ସ୍ତ୍ରୀ ଆକ୍ରମଣ କରିବା ସହ ନିର୍ଯାତନା ଦେଉଥିଲେ। ଏନେଇ ଅଭିଯୋଗ ସତ୍ତ୍ୱେ ପୋଲିସ କାର୍ଯ୍ୟାନୁଷ୍ଠାନ ନ ନେବାରୁ ଭୁବନେଶ୍ୱରରେ ଜଣେ ଯୁବକ ଜୀବନ ହାରିଦେଇଛନ୍ତି। ଭରତପୁର ଥାନା ଅଞ୍ଚଳରେ ଏହି ଘଟଣା ଘଟିଛି। ମୃତ ଯୁବକ ହେଲେ ସ୍ଥାନୀୟ ଥାନା ଅଧୀନ ମହାବୀର ବସ୍ତିର ଉମାକାନ୍ତ ସେଠୀ(୩୯)। ମଙ୍ଗଳବାର ବିଳମ୍ବିତ ରାତିରେ ଉମାକାନ୍ତ ନିଜ ଘରେ ଫ୍ୟାନ୍‌ରେ ଦଉଡ଼ି ଦ୍ୱାରା ଝୁଲି ଆତ୍ମହତ୍ୟା କରିଛନ୍ତି। କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ତେବେ ପୋଲିସର ନିଷ୍କ୍ରିୟତା ପାଇଁ ଉମାକାନ୍ତ ଏଭଳି ଚରମ ନିଷ୍ପତ୍ତି ନେଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ପରିବାର ଲୋକଙ୍କ ସହ ସମ୍ପର୍କୀୟ ଓ ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇଉଠିଥିଲେ। ସେମାନେ ବୁଧବାର ପୂର୍ବାହ୍ନରେ ଖଣ୍ଡଗିରି-ଚନ୍ଦକା ରାସ୍ତାରେ ଆନ୍ଦୋଳନ କରିବା ସହ ପୋଲିସ ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାସ୍ତାରୋକୋ ବେଳେ କିନ୍ନରମାନେ ମଧ୍ୟ ସାମିଲ ହୋଇ ପୋଲିସ ବିରୋଧରେ ପ୍ରତିବାଦ କରିଥିଲେ। ଫଳରେ ଦେଢ଼ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ରାସ୍ତାରେ ଶତାଧିକ ଗାଡି ଅଟକି ରହିଥିଲା। ଜୋନ୍-୩ ଏସିପି ତାପସ ପ୍ରଧାନ, ଥାନାଧିକାରୀ ଦୀପକ ଖଣ୍ଡାୟତରାୟ ପ୍ରମୁଖ ପହଞ୍ଚି ଲୋକଙ୍କୁ ବୁଝାଶୁଝାକରି କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଫଳରେ ରାସ୍ତାରୋକୋ ପ୍ରତ୍ୟାହାର ହୋଇଥିଲା। ଅପରପକ୍ଷରେ ପୋଲିସ ଚାପରେ ପଡି ସ୍ତ୍ରୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି। ପରିବାର ଲୋକଙ୍କ ଏତଲାକ୍ରମେ ବିଏନ୍‌ଏସ୍ ଦଫା ୧୦୮ (ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇବା)ରେ ମାମଲା (ନଂ.୨୯୧/୨୦୨୫) ରୁଜୁକରି ସ୍ତ୍ରୀ ଭାରତୀ ସେଠୀଙ୍କୁ ଗିରଫ କରିଛି। ତାଙ୍କୁ କୋର୍ଟ ଚାଲାଣ ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନା ଅନୁଯାୟୀ, ଉମାକାନ୍ତ କିଛିବର୍ଷ ତଳେ ଢୁମୁଢୁମା ଅଞ୍ଚଳର ଭାରତୀଙ୍କୁ ବିବାହ କରିଥିଲେ। ସେମାନଙ୍କ ଗୋଟିଏ ପୁତ୍ରସନ୍ତାନ ହୋଇଥିଲା। ଉମାକାନ୍ତଙ୍କ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ, କିଛିମାସ ତଳେ ଭାରତୀ ତାଙ୍କ ପୁଅକୁ ନେଇ ଅନ୍ୟ ଜଣେ ଯୁବକଙ୍କ ସହ ଚାଲିଯାଇଥିଲେ। ଏଥିରେ ଉମାକାନ୍ତଙ୍କ ଶ୍ୱଶୁର ଘର ଲୋକେ ସହଯୋଗ କରିଥିଲେ। ଫଳରେ ଉମାକାନ୍ତ ଭାଙ୍ଗିପଡ଼ିଥିଲେ। ଗତ ସପ୍ତାହରେ ଭରତପୁର ଲେନ୍-୪ରେ ଏକ ଉତ୍ସବ ଅବସରରେ ଭୋଜି ହେଉଥିଲା। ଉକ୍ତ ଭୋଜିରେ ଉମାକାନ୍ତ ଓ ଭାରତୀ ଭେଟ ହେବା ପରେ କଥା କଟାକଟି ହୋଇଥିଲା। ଭାରତୀ ତାଙ୍କ ପରିବାର ଲୋକ ଓ ସହଯୋଗୀଙ୍କ ସହ ମିଶି ଉମାକାନ୍ତଙ୍କୁ ମାଡ଼ ମାରିଥିଲେ। ଏଥିରେ ଉମାକାନ୍ତଙ୍କ ଗୋଡ଼ ଭାଙ୍ଗିଯାଇଥିଲା। ରବିବାର ଏନେଇ ଉମାକାନ୍ତ ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁକରି ଚୁପ୍ ବସିଯାଇଥିଲା। ଉମାକାନ୍ତ ଏକାଧିକଥର ଥାନାକୁ ଯାଇଥିଲେ ମଧ୍ୟ ପୋଲିସ ତାଙ୍କ କଥା ଶୁଣି ନ ଥିଲା। ଏଥିପାଇଁ ଉମାକାନ୍ତ ମାନସିକ ଚାପରେ ଦିନ କାଟୁଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଘରେ କେହି ନ ଥିବା ବେଳେ ଉମାକାନ୍ତ ଆତ୍ମହତ୍ୟା ବାଟ ବାଛି ନେଇଥିଲେ। ବୁଧବାର ସକାଳୁ ଘଟଣା ଜଣାପଡିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଜୋନ୍-୩ ଏସିପି ତାପସଙ୍କ କହିବା କଥା, ପୋଲିସ ତଦନ୍ତରେ ଅବହେଳା କରିନାହିଁ। ଅଭିଯୋଗ ପାଇ ତୁରନ୍ତ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା ବୋଲି ସେ କହିଛନ୍ତି।



ଏସିପି ତାପସ ପ୍ରଧାନ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରୁଛନ୍ତି।

## ସ୍ୱାମୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

କବିସୂର୍ଯ୍ୟନଗର, ୨୮।୫(କୃପାସିନ୍ଧୁ ସ୍ୱାଇଁ)

ବେଗୁନିଆପଡା ଥାନା ଅନ୍ତର୍ଗତ ଗୋପାଳପୁର ଗ୍ରାମରେ ଘଟିଛି ଏକ ହତ୍ୟାକାଣ୍ଡ। ସ୍ୱାମୀଙ୍କୁ ଟାଙ୍ଗିଆରେ ହାଣିବା ପରେ ଇଟାରେ ମୁଣ୍ଡକୁ ଛେଚି ମାରିଛନ୍ତି ସ୍ତ୍ରୀ। ଧରା ନ ପଡ଼ିବାକୁ ସେ ମଙ୍ଗଳବାରରୁ ସ୍ୱାମୀଙ୍କ ମୃତଦେହ ଘର ଭିତରେ ଲୁଚାଇ ରଖିଥିଲେ। ମୃତକ ହେଲେ ନାରାୟଣ ଭୂୟାଁ । ଖବରରୁ ଜଣାପଡିଛି, ଗୋପାଳପୁର ଗ୍ରାମର ନାରାୟଣ ଓ ସ୍ତ୍ରୀ ରୀନାଙ୍କ ମଧ୍ୟରେ ଦୀର୍ଘ ବର୍ଷ ହେଲା ପାରିବାରିକ କଳହ ଲାଗିରହିଥିଲା। ଦୁହେଁ ଅଲଗା ଅଲଗା ଘରେ ରହି ଆସୁଥିଲେ। ତେବେ ମଙ୍ଗଳବାର କିଛି କଥାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତେଜିତ ହୋଇ ରୀନା ନାରାୟଣଙ୍କୁ ଟାଙ୍ଗିଆ ଆଉ ଇଟାରେ ଆକ୍ରମଣ କରିଥିଲେ। କାଳେ ନାରାୟଣ ବଞ୍ଚିଥିବେ ମନେ କରି ସେ ମୁଣ୍ଡକୁ ପଥରରେ ଛେଚିଥିଲେ। ଫଳରେ ନାରାୟଣଙ୍କ ମୃତ୍ୟୁ ଘଟିଥିଲା। ମାତ୍ର ଧରା ନ ପଡିବାକୁ ସେ ସ୍ୱାମୀଙ୍କ ମୃତଦେହ ଲୁଚାଇ ରଖିଥିଲେ। ଏ ସମ୍ପର୍କରେ ବେଗୁନିଆପଡ଼ା ପୋଲିସ ସୂଚନା ପାଇ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଅଭିଯୁକ୍ତ ସ୍ତ୍ରୀ ରୀନାଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି। ବ୍ୟବଚ୍ଛେଦ ପରେ ଘଟଣା ସ୍ପଷ୍ଟ ହେବ ବୋଲି ଆଇଆଇସି ଭଗବାନ ପୂଜାରୀ କହିଛନ୍ତି।

## ଭିଜିଲାନ୍ସ ଜାଲରେ ରାଜସ୍ୱ ନିରୀକ୍ଷକ

**ନାମଜାରି କରିବାକୁ ୬୦ ହଜାର ଲାଞ୍ଚ ନେଉଥିଲେ**

ଢେଙ୍କାନାଳ, ୨୮।୫(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ତହସିଲ ଅନ୍ତର୍ଗତ ଗଣ୍ଡାନାଳୀ ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷକ ଶଶିଭୂଷଣ ବେହେରା ବୁଧବାର ସକାଳେ ନିଜ କାର୍ଯ୍ୟାଳୟରେ ୪ଟି ନାମଜାରି କରିବା ପାଇଁ ୬୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ତାଙ୍କ ସହଯୋଗୀ ତଥା ବେସରକାରୀ ଭାବେ ତାଙ୍କ ପାଖରେ କାମ କରୁଥିବା ବିଷ୍ଣୁବଲ୍ଲଭ ଖଟୁଆଙ୍କୁ ମଧ୍ୟ ଭିଜିଲାନ୍ସ ବିଭାଗ ଧରିଛି। ସେ ନୂଆବଗ ଗ୍ରାମର ଅଷ୍ଟମୀ ସାହୁଙ୍କ ଠାରୁ ଲାଞ୍ଚ ନେଉଥିଲେ। ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କ ଗଣ୍ଡାନାଳୀ ସ୍ଥିତ ସରକାରୀ କାର୍ଯ୍ୟାଳୟ, ଢେଙ୍କାନାଳ ସହରସ୍ଥିତ ସତ୍‌ସଙ୍ଗ ବିହାର ଓ ଗଁନ୍ଦିଆ ଥାନା ଯୋରନ୍ଦା ଫାଣ୍ଡି ଖଙ୍କର ଗ୍ରାମରେ ଥିବା ତାଙ୍କର ପୈତୃକ ଗ୍ରାମରେ ଚଢ଼ାଉ ଜାରି ରଖିଥିବା ଜଣାପଡ଼ିଛି। ଗୋଟିଏ ନାମଜାରି କରିବାକୁ ସେ ୧୫ ହଜାର ଦାବି କରି ଅଭିଯୋଗକାରୀଙ୍କଠାରୁ ୬୦ ହଜାର ମାଗିଥିଲେ। ତଦନୁଯାୟୀ ରାଜସ୍ୱ ନିରୀକ୍ଷକ ସକାଳେ ନିଜର ସହଯୋଗୀ ବିଷ୍ଣୁବଲ୍ଲଭଙ୍କ ଜରିଆରେ ୬୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ।



ରାଜସ୍ୱ ନିରୀକ୍ଷକ ଶଶିଭୂଷଣ ବେହେରା।

## ହାଇଦ୍ରାବାଦରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

ପାରଳାଖେମୁଣ୍ଡି,୨୮।୫(ଗିରିଧାରୀ ପରିଛା)

ଗଜପତି ଜିଲାର ଆଉ ଜଣେ ଦାଦନ ଶ୍ରମିକଙ୍କ ହାଇଦ୍ରାବାଦରେ ମୃତ୍ୟୁ ଘଟିଛି। ୨ ଦିନ ତଳେ ତାମିଲନାଡୁରେ ଜିଲାର ଆର. ଉଦୟଗିରି ବ୍ଲକର ଜଣେ ମହିଳା ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ଏବେ ହାଇଦ୍ରାବାଦରେ ଜଣକର ମୃତ୍ୟୁ ହୋଇଛି। ମୃତକ ହେଲେ ସୁମେଶ ଚନ୍ଦ୍ର ଲିମ୍ମା (୪୦)। ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗ ଗ୍ରାମର ଖ୍ରୀଷ୍ଟିଆନ ସାହିରେ ତାଙ୍କ ଘର। ପରିବାର ଚଳାଇବାକୁ ନିଜ ଅଞ୍ଚଳରେ କିଛି କାମଧନ୍ଦା ନ ପାଇ ସୁମେଶ ହାଇଦ୍ରାବାଦ ଯାଇଥିଲେ। ସେଠାରେ ଏକ ଘରୋଇ କମ୍ପାନୀରେ ମିସ୍ତ୍ରି ଭାବେ କାମ କରୁଥିଲେ। ସୁମେଶ ବୁଧବାର ସକାଳ ସାଢ଼େ ୬ଟାରେ ନିତ୍ୟକର୍ମ ସାରି ଓଦା ଗାମୁଛା ଶୁଖାଇବା ବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣା ସମ୍ପର୍କରେ ଜାଣିବା ପରେ ପଡ଼ୋଶୀ ଲୋକେ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। ପରେ ସେଠାରେ ରହୁଥିବା ଶ୍ରମିକମାନେ ତାଙ୍କ ଗ୍ରାମର ରହୁଥିବା ପରିବାର ଲୋକଙ୍କୁ ଖବର ଦେଇଥିଲେ। ସୁମେଶଙ୍କ ସ୍ତ୍ରୀ ପେରିତା ଲିମ୍ମାଙ୍କୁ ଧରି ହାଇଦ୍ରାବାଦରେ ରହୁଥିଲେ। ତାଙ୍କର କୌଣସି ସନ୍ତାନସନ୍ତତି ନାହାନ୍ତି। ତାଙ୍କ ପରିବାର ଲୋକଙ୍କୁ ସରକାର ଆର୍ଥିକ ସହାୟତା ଯୋଗାଇ ଦେବାକୁ ସେରଙ୍ଗ ଗ୍ରାମବାସୀ ନିବେଦନ କରିଛନ୍ତି।

## ପିଉସୀ ପୁଅ ଆକ୍ରମଣରେ ମାମୁଁ ପୁଅ ଗୁରୁତର

ପାଟଣା,୨୮।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ ଟାଙ୍ଗରପଡ଼ା ପଞ୍ଚାୟତ ଗୁଡ଼ାସାହିରେ ବୁଧବାର ରାତି ୯ଟାରେ ପିଉସୀ ପୁଅ ଭାଇଙ୍କ ଆକ୍ରମଣରେ ମାମୁଁ ପୁଅ ଗୁରୁତର ହୋଇଛନ୍ତି। ପାଟଣା ଥାନା ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି। ଗୁରୁତର ଜଣକ ହେଲେ ଟାଙ୍ଗରପଡ଼ା ଧଉଳି ସାହିର ରାଜେନ୍ଦ୍ର ମୁଣ୍ଡାଙ୍କ ପୁଅ ରବୀନ୍ଦ୍ର। ଗିରଫ ଭୟରେ ଅଭିଯୁକ୍ତ ଜୟନ ମୁଣ୍ଡା ଫେରାର ଥିବା ପୋଲିସ କହିଛି।

ସୂଚନା ଅନୁଯାୟୀ, ଗୁଡ଼ାସାହିଗ୍ରାମସ୍ଥିତ ଜୟନଙ୍କ ଘରକୁ ରବୀନ୍ଦ୍ର ଆସିଥିବା ବେଳେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଜୟନ ଉତ୍କ୍ଷିପ୍ତ ହୋଇ ଏକ ଧାରୁଆ ଅସ୍ତ୍ରରେ ରବୀନ୍ଦ୍ରଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣରେ ରବୀନ୍ଦ୍ରଙ୍କ ବାମ ହାତରେ ଗଭୀର କ୍ଷତ ହୋଇଥିବା ଜଣାପଡ଼ିଛି। ଚିକିତ୍ସା ପାଇଁ ସେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## ମୁଣ୍ଡବିହୀନ ମୃତଦେହ ଜବତ

**୧୦ଦିନ ହେଲା ନିଖୋଜ ଥିଲେ**

କଳମପୁର, ୨୮।୫(ଗଣେଶରାମ ବାଗ)

କଳାହାଣ୍ଡି ଜିଲା କଳମପୁର ଥାନା ଦେପୁର ଗ୍ରାମର ରୂପସିଂ ମାଝି ୧୦ଦିନ ପୂର୍ବେ ନିଖୋଜ ଥିବାବେଳେ ବୁଧବାର ପୋଲିସ ତାଙ୍କ ମୁଣ୍ଡ ବିହୀନ ମୃତଦେହ ଜବତ କରିଛି। ସୂଚନା ଅନୁସାରେ ଦେପୁର ଗ୍ରାମର ୬୫ ବର୍ଷୀୟ ରୂପସିଂ ଗତ ୧୮ ତାରିଖ ସନ୍ଧ୍ୟାରୁ ନିଖୋଜ ଥିବା ନେଇ ପରିବାର ଲୋକେ କଳମପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରବର୍ତ୍ତୀ ସମୟରେ ଗାଁ ନିକଟ ବୈଁଖାଲି ସାଗର ପାଖରେ ରକ୍ତଛିଟା ଓ ତାଙ୍କ ବସ୍ତ୍ର ପଡ଼ିଥିବା ଦେଖି ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ଥାନାରେ ପୁନର୍ବାର ଏତଲା ଦେଇଥିଲେ। ତଦନୁସାରେ ପୋଲିସ ଓ ଅଗ୍ନିଶମ ବାହିନୀ ବୈଁଖାଲି ସାଗରରେ ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସୁରାକ ପାଇ ନ ଥିଲେ। ଘଟଣାକୁ ଗୁରୁତର ସହ ନେଇ କଳାହାଣ୍ଡି ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଜୟପାଟଣା, ଜୁନାଗଡ଼ ଓ କଳମପୁର ପୋଲିସକୁ ନେଇ ଗଠିତ ଟିମ ଗାଁରୁ ଫେରାର ମାରିଥିବା ଯୁବକ ଲିଙ୍ଗରାଜ ମାଝି ଘଟଣାରେ ସମ୍ପୃକ୍ତ ଥିବା ଜାଣିବାକୁ ପାଇଥିଲା। ଲିଙ୍ଗରାଜ ଗୋଆରେ ଥିବା ଜାଣିବା ପରେ ପୋଲିସ ସେଠାକାର ପୋଲିସ ସହଯୋଗରେ ଅଭିଯୁକ୍ତ ଲିଙ୍ଗରାଜଙ୍କୁ ଧରିବାରେ ସକ୍ଷମ ହୋଇଥିଲା। ବୁଧବାର ଲିଙ୍ଗରାଜଙ୍କୁ ଗାଁକୁ ଆଣି ପୋଲିସ ତଦନ୍ତ ଜାରି ରଖିଥିଲା। ଲିଙ୍ଗରାଜ ରୂପସିଂଙ୍କୁ ମାରି ଗାଁର ବଡ଼ବନ୍ଧ ପୋଖରୀରେ ଫିଙ୍ଗି ଦେଇଥିବା ସ୍ୱୀକାର କରିଥିଲେ। ଉକ୍ତ ପୋଖରୀରେ ଅଗ୍ନିଶମ କର୍ମଚାରୀ ଓ ବଲାଙ୍ଗୀର ଓଡ୍ରାଫ ଟିମ ଖୋଜାଖୋଜି କରି ରୂପସିଂଙ୍କ ମୁଣ୍ଡବିହୀନ ମୃତଦେହ ଉଦ୍ଧାର କରିଥିଲେ। ତଦନ୍ତ ଜାରି ରହିଥିଲେ ମଧ୍ୟ ଖବର ଲେଖାହେବା ସୁଦ୍ଧା ମୁଣ୍ଡ ମିଳିନାହିଁ। ଘଟଣାସ୍ଥଳରେ କଳାହାଣ୍ଡି ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ ସିଂ ଓ ଶୁଭ୍ରାଂଶୁ ମିଶ୍ର, ଭବାନୀପାଟଣା ଏସ୍‌ଡିପିଓ ମୁକ୍ତି କୁମାର କୁଲୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅଶ୍ଳୀଳ ଭିଡିଓ ରଖି ବ୍ଲାକମେଲିଂ: ଯୁବକ ଗିରଫ

ଗୋଲାମୁଣ୍ଡା,୨୮।୫(ବଟକୃଷ୍ଣ ପଣ୍ଡା)

ନିଜର ଜଣେ ନିକଟ ସମ୍ପର୍କୀୟ ମହିଳାଙ୍କ ଅଶ୍ଳୀଳ ଭିଡିଓ ରଖି ବ୍ଲାକମେଲିଂ କରିବା ଅଭିଯୋଗରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ପୋଲିସ ବୁଧବାର ସମ୍ପୃକ୍ତ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଲିମସେର ଗାଁର ପ୍ରେମାନନ୍ଦ ମେହେର (୩୭)। ସୂଚନା ଅନୁସାରେ ସମ୍ପର୍କୀୟ ହୋଇଥିବାରୁ ବିବାହିତ ଯୁବକ ପ୍ରେମାନନ୍ଦ ଅଧିକାଂଶ ସମୟ ମହିଳାଙ୍କ ଘରକୁ ଯିବାଆସିବା କରନ୍ତି। ଏହାରି ଭିତରେ ସେ ଟଙ୍କା ଓ ସୁନା ପାଇବା ଆଶାରେ ଏକ ଯୋଜନା କରିଥିଲେ। ଯୋଜନା ଅନୁସାରେ ମହିଳା ଜଣକ ଗାଧୋଉଥିବାବେଳେ ପ୍ରେମାନନ୍ଦ ମୋବାଇଲରେ ଅଶ୍ଳୀଳ ଭିଡିଓ ରେକର୍ଡିଂ କରିଥିଲେ। ପରେ ସେ ଏହି ଭିଡିଓକୁ ମହିଳାଙ୍କ ପରିବାର ସଦସ୍ୟଙ୍କ ହ୍ୱାଟ୍ସଆପ ନମ୍ବରରେ ପଠାଇଥିଲେ। ଟଙ୍କା ଓ ସୁନା ନ ଦେଲେ ସେ ଏହାକୁ ଭାଇରାଲ କରିଦେବେ କହି ବ୍ଲାକମେଲିଂ କରୁଥିଲେ। ଶେଷରେ ବାଧହୋଇ ମହିଳାଙ୍କ ଘର ଲୋକେ ଏ ନେଇ ଗୋଲାମୁଣ୍ଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୮୨/୨୫) ରୁଜୁକରି ତଦନ୍ତ ଚଳାଇଥିଲା। ଗିରଫ ପରେ ପ୍ରେମାନନ୍ଦଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି ପ୍ରକାଶ କରିଛନ୍ତି।

## ଖେଳ ଖବର

## ଅନୁପମାଙ୍କୁ ଭବ୍ୟ ସ୍ୱାଗତ

ଭୁବନେଶ୍ୱର, ୨୮।୫ (ତପନ ସ୍ୱାଇଁ)

ଜୋର୍ଡାନଠାରେ ଅନୁଷ୍ଠିତ ୯ମ ଏସୀୟ ସିନିୟର ଜୁ ଜିତ୍‌ସୁ ପ୍ରତିଯୋଗିତାରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଥିବା ଓଡ଼ିଶାର ଅନୁପମା ସ୍ୱାଇଁ ବୁଧବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିଛନ୍ତି। ତାଙ୍କ ସହ ଓଡ଼ିଶା ଜୁ ଜିତ୍‌ସୁ ସଂଘ ତରଫରୁ ଭାରତକୁ ପ୍ରତିନିଧିତ୍ୱ କରିଥିବା ୪ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ କରାଯାଇଛି। କଣ୍ଟାକ୍ଟ ଜୁ-ଜିତ୍‌ସୁରେ ଅନୁପମା ରୌପ୍ୟ ଓ ଫାଇଟିଂରେ ବ୍ରୋଞ୍ଜ ପଦକ ଜିତିଥିଲେ। ଓଡ଼ିଶା ପୋଲିସରେ କାର୍ଯ୍ୟରତ ଅନୁପମା ୫୨ କେଜି ବର୍ଗରେ ଭାରତରୁ ଭାଗ ନେଇଥିଲେ। ଏହା ତାଙ୍କର ପଞ୍ଚମ ଏସୀୟ ପଦକ। ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟ କ୍ରୀଡ଼ା ବିଭାଗ ତରଫରୁ ସ୍ୱତନ୍ତ୍ର କାର୍ଯ୍ୟରତ ଅଧିକାରୀ ବିଜୟ କୁମାର ରାଉତ ଏବଂ ଓଡ଼ିଶା ପୋଲିସର କିଛି ଅଧିକାରୀଙ୍କ ସହ ଓଡ଼ିଶା ରାଜ୍ୟ ଜୁ-ଜିତ୍‌ସୁ ସଂଘ ଓ ଉତ୍କଳ କରାଟେ ସ୍କୁଲର ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳିମାନେ ଉପସ୍ଥିତ ରହି ଅନୁପମା ଓ ଅନ୍ୟମାନଙ୍କୁ ସ୍ୱାଗତ କରିଥିଲେ।



ଅନୁପମା ସ୍ୱାଇଁ ଓ ଅନ୍ୟ ଜୁ ଜିତସୁ ପ୍ରତିଯୋଗୀଙ୍କୁ ସ୍ୱାଗତ କରାଯାଉଛି।

# ସିଏମ୍ ଟ୍ରଫି ଫୁଟ୍‌ବଲ ଉଦ୍‌ଘାଟିତ



ଭୁବନେଶ୍ୱର ଜୋନ୍‌ରେ ବୁଧବାର ସିଏମ୍ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଦୁଇ ଦଳର ଖେଳାଳିଙ୍କ ସହ ଅତିଥିବୃନ୍ଦ।

ଭୁବନେଶ୍ୱର, ୨୮।୫(ତପନ ସ୍ୱାଇଁ)

ଚିଫ୍ ମିନିଷ୍ଟର୍ସ (ସିଏମ୍) ଟ୍ରଫି ୧୫ ବର୍ଷରୁ କମ୍ ଆନ୍ତଃଜିଲା ଫୁଟ୍‌ବଲ ଚାମ୍ପିୟନଶିପ୍ ବୁଧବାର ରାଜ୍ୟର ୪ଟି ଜୋନ୍‌ରେ ଆରମ୍ଭ ହୋଇଛି। ଏହି ଜୋନ୍‌ଗୁଡ଼ିକ ହେଲା କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର ଓ ଭୁବନେଶ୍ୱର। ପ୍ରତ୍ୟେକ ଜୋନାଲ ଭେନ୍ୟୁରେ ଉଦ୍‌ଘାଟନୀ ସମାରୋହ ଅପରାହ୍ନ ୪ଟାରେ ଅନୁଷ୍ଠିତ ହୋଇଛି। ଏଥିସହ ସିଏମ୍ ଟ୍ରଫିର ଅନ୍ତିମ ଚରଣ ଆରମ୍ଭ ହୋଇଛି। ଫୁଟ୍‌ବଲ ଆସୋସିଏଶନ ଅଫ୍ ଓଡ଼ିଶା(ଫାଓ) ଓ ସମ୍ପୃକ୍ତ ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ସହଯୋଗରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ପକ୍ଷରୁ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ଭୁବନେଶ୍ୱର ଜୋନ୍‌ରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଡେପୁଟି ସଚିବ ଅମିତ କୁମାର ନାୟକ, ପଦ୍ମଚରଣ ସାହୁ, ସୌମ୍ୟ ସାର୍ଥକ ମିଶ୍ର, ଶାଶ୍ୱତ ରାଉତ, ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ଫାଓ ଉପସଭାପତି ବୀରେନ୍ଦ୍ର କୁମାର ବେହେରା, ସହଦେବ ରାଉତ, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଫୁଟ୍‌ବଲ ସମ୍ପାଦକ ଦିଲୀପ କୁମାର ଦାସ, ସଦସ୍ୟ ଅଶୋକ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ମ୍ୟାଚ୍ ଶେଷରେ ଭାରତୀୟ ମହିଳା ଫୁଟ୍‌ବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଭାରତର ବିଜୟଧାରା ଜାରି

ରୋସାରିଓ, ୨୮।୫ (ପି.ଟି.)

ଚତୁଃରାଷ୍ଟ୍ରୀୟ ଜୁନିୟର ମହିଳା ହକି ଟୁର୍ନାମେଣ୍ଟରେ ଭାରତର ବିଜୟଧାରା ଜାରି ରହିଛି। ଗୋଲ୍‌କିପର ତଥା ଅଧିନାୟିକା ନିଧିଙ୍କ ଜବରଦସ୍ତ ପ୍ରଦର୍ଶନ ବଳରେ ଭାରତ ଆୟୋଜକ ଆର୍ଜେଣ୍ଟିନାକୁ ପେନାଲ୍ଟି ଶୁଟ୍‌ଆଉଟ୍‌ରେ ୨-୦ ବ୍ୟବଧାନରେ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟ ସୁଦ୍ଧା ମ୍ୟାଚ୍ ୧-୧ ଗୋଲରେ ବରାବର ରହିଥିଲା। ମ୍ୟାଚ୍ ଆରମ୍ଭରୁ ଆଟାକିଂ ରଣନୀତି ଆପଣାଇଥିବା ଆର୍ଜେଣ୍ଟିନା ମିଲାଗ୍ରସ୍ ଡେ ଭାଲେ(ଦଶମ ମିନିଟ୍)ଙ୍କ ଗୋଲ ବଳରେ ପ୍ରଥମ କ୍ୱାର୍ଟରରେ ୧-୦ରେ ଆଗରେ ରହିଥିଲା। ତୃତୀୟ କ୍ୱାର୍ଟରରେ ଭାରତ ପାଇଁ ୪୪ତମ ମିନିଟରେ କନିକା ଏକମାତ୍ର ଗୋଲ କରିଥିଲେ। ଚତୁର୍ଥ କ୍ୱାର୍ଟରରେ ଉଭୟ ଦଳ ପକ୍ଷରୁ ଗୋଲସ୍କୋର ଲାଗି ଭରପୂର ଉଦ୍ୟମ ହୋଇଥିଲା। ଏପରିକି ମ୍ୟାଚ୍ ଶେଷ ଆଡ଼କୁ ଅଧିନାୟିକା ନିଧି ଲଗାତର ୪ଟି ସେଭ୍ କରି ମ୍ୟାଚ୍‌କୁ ଡ୍ର' ରଖିଥିଲେ। ଫଳରେ ମ୍ୟାଚ୍ ଶୁଟ୍‌ଆଉଟ୍ ପର୍ଯ୍ୟାୟରେ ପ୍ରବେଶ କରିଥିଲା। ଏଥିରେ ଭାରତ ପାଇଁ ଲାଲରିନ୍‌ପୁଇ ଓ ଲାଲଥାଣ୍ଟଲୁଆଙ୍ଗି ସ୍କୋର କରିଥିଲେ।

## ଖୋର୍ଦ୍ଧା ଜିଲା ଚେସ୍ ଆରମ୍ଭ

ଭୁବନେଶ୍ୱର, ୨୮।୫ (ତପନ ସ୍ୱାଇଁ)

୧୫ ବର୍ଷରୁ କମ୍ ଖୋର୍ଦ୍ଧା ଜିଲା ଚେସ୍ ଚାମ୍ପିୟନଶିପ୍ (ବାଳିକା ଓ ବାଳକ) ବୁଧବାର କିଟ୍ ବିଶ୍ୱବିଦ୍ୟାଳୟର ବିଶ୍ୱନାଥନ୍ ଆନନ୍ଦ ଚେସ୍ ହଲ୍‌ରେ ଆରମ୍ଭ ହୋଇଛି। ୮ ବର୍ଷରୁ କମ୍ ବିଶ୍ୱ ଚେସ୍ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ବିଜେତା ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁଙ୍କ ସହ ଗୋଟି ଚାଳନା କରି ରୁଷିଆ ଅନ୍ତର୍ଜାତୀୟ ମାଷ୍ଟର ଡେଭିଡ ଗୋଚାଲେସଭିଲି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ୨ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ମୋଟ ୮୨ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରଥମ ଦିବସରେ ଅନୁଷ୍ଠିତ ୫ ରାଉଣ୍ଡ ଖେଳ ଶେଷରେ ୩ ପଏଣ୍ଟ ଲେଖାଏ ପାଇ ବାଳକ ବିଭାଗରେ ୫ ଖେଳାଳି ମିଳିତ ଅଗ୍ରଣୀଲାଭ କରିଛନ୍ତି। ସେହିପରି ବାଳିକା ବିଭାଗରେ ୨.୫ ପଏଣ୍ଟ ଲେଖାଏ ହାସଲ କରି ୫ ଖେଳାଳି ଆଗୁଆ ରହିଛନ୍ତି। ଗୁରୁବାର ଆଉ ୩ ରାଉଣ୍ଡ ଖେଳ ହେବ। ଓଡ଼ିଶାର ପ୍ରଥମ ଅନ୍ତର୍ଜାତୀୟ ମାଷ୍ଟର ଶେଖର ଚନ୍ଦ୍ର ସାହୁ, ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ଶୁଭାଶିଷ ପଟ୍ଟନାୟକ ଓ ସଦସ୍ୟ ସୁଶାନ୍ତ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।



ଡେଭିଡ ଗୋଚାଲେସଭିଲି ଗୋଟିଚାଳନା କରି ପ୍ରତିଯୋଗିତାକୁ ଉଦ୍‌ଘାଟନ କରୁଛନ୍ତି।

## ଓଡ଼ିଶାରୁ ଭାଗନେବେ ୩୪ ଖେଳାଳି

**ଜାତୀୟ ୭ ବର୍ଷରୁ କମ୍ ଚେସ୍ ୧ରୁ**

ଭୁବନେଶ୍ୱର, ୨୮।୫(ତପନ ସ୍ୱାଇଁ)

ଜାତୀୟ ୭ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ର ୩୮ତମ ସଂସ୍କରଣ ଜୁନ୍ ୧ରୁ ଆରମ୍ଭ ହେବ। ଖୋର୍ଦ୍ଧା ବରୁଣେଇସ୍ଥିତ କେଟି ଗ୍ଲୋବାଲ ସ୍କୁଲ ପରିସରରେ ଏହି ପ୍ରତିଯୋଗିତା ଉଭୟ ବାଳିକା ଓ ବାଳକ ବର୍ଗରେ ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଅଲ୍ ଇଣ୍ଡିଆ ଚେସ୍ ଫେଡେରେଶନ ସହଯୋଗରେ ଅଲ୍ ଓଡ଼ିଶା ଚେସ୍ ଆସୋସିଏଶନ (ଏଓସିଏ), କେଟି ଗ୍ଲୋବାଲ ସ୍କୁଲ ଓ ଆଇଆଇଜି ସ୍ପୋର୍ଟ୍ସ ଏକାଡେମୀର ମିଳିତ ଆନୁକୂଲ୍ୟରେ ଏହି ସମ୍ମାନଜନକ ପ୍ରତିଯୋଗିତା ହେବାକୁ ଯାଉଛି। ପ୍ରଦର୍ଶନ ଭିତ୍ତିରେ ଶ୍ରେଷ୍ଠ ୨୦ ଖେଳାଳିଙ୍କୁ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଉଭୟ ବର୍ଗର ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ସହ ୫୦,୦୦୦ ଟଙ୍କା ଲେଖାଏ ଦିଆଯିବ। ଏଥର ଓଡ଼ିଶାରୁ ରେକର୍ଡ ସଂଖ୍ୟକ ୩୪ ଖେଳାଳି ଏଥିରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି। ପ୍ରତିଯୋଗିତା ପୂର୍ବରୁ ସମସ୍ତ ଖେଳାଳି, ଅଭିଭାବକ ଓ କୋଚ୍‌ମାନେ ଚଳିତ ମାସ ୩୧ ସୁଦ୍ଧା ପହଞ୍ଚିବେ। ଏଓସିଏ ସମ୍ପାଦକ ଦେବବ୍ରତ ଭଞ୍ଜ ପ୍ରତିଯୋଗିତାର ନିର୍ଦ୍ଦେଶକ ରହିବେ। ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଅନ୍ତର୍ଜାତୀୟ ମାଷ୍ଟର ରାକେଶ ଜେନା ଓ ବିବେକ ତିବରୱାଲ ପ୍ରମୁଖ ପରାମର୍ଶଦାତା ବୋର୍ଡରେ ରହିଛନ୍ତି। ପ୍ରତିଯୋଗିତାର ସୁପରିଚାଳନା ପାଇଁ କମିଟିରେ ରିତେଶ ରଥ, ଅଭିଷେକ ଆଚାର୍ଯ୍ୟ, ପଦ୍ମିନୀ ସିଂ, ସୁରେଶ ଚନ୍ଦ୍ର ସାହୁ, ତାପସ କୁମାର ମହାନ୍ତି, ଜ୍ୟୋତିଶଙ୍କର ନନ୍ଦ, ବିରଞ୍ଚି ନାରାୟଣ ସାହୁ ଓ ସମିତ୍ ସ୍ୱାଇଁ ପ୍ରମୁଖ ରହିଛନ୍ତି। ଓଡ଼ିଶାର ଅନନ୍ୟା ଅନ୍ୱେଷା ମିଶ୍ର ବାଳିକା ବିଭାଗରେ ଟପ୍ ସିଡ୍‌ର ମାନ୍ୟତା ପାଇଛନ୍ତି।

## ତୃତୀୟ ସ୍ଥାନ ସହ ଓଡ଼ିଶା ଜାତୀୟସ୍ତରକୁ ମନୋନୀତ

**ଉତ୍ତର ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟ୍‌ବଲ**

ଭୁବନେଶ୍ୱର, ୨୮।୫(ତପନ ସ୍ୱାଇଁ)

ଆସାମର ଗୁଆହାଟୀଠାରେ ଅନୁଷ୍ଠିତ ୩ଦିନିଆ ଉତ୍ତର ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟ୍‌ବଲରେ ଓଡ଼ିଶାର ସାମାଜିକ ଅନୁଷ୍ଠାନ ବୁଲ୍ସଆଇ ପକ୍ଷରୁ ଅଂଶଗ୍ରହଣ କରିଥିବା ପୁରୁଷ ଦଳ ୩ୟ ସ୍ଥାନ ଅଧିକାର କରିଛି। ଏଥିସହ ଏହି ଦଳ ଜାତୀୟସ୍ତର ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛି। ତେବେ ମହିଳା ଦଳ ଜାତୀୟସ୍ତରକୁ ଉନ୍ନୀତ ହୋଇପାରି ନ ଥିବା କୋଚ୍ ତ୍ରିଲୋଚନ ବେଉରା ସୂଚନା ଦେଇଛନ୍ତି।

ପ୍ରତିଯୋଗିତାରେ ଉତ୍ତର ପୂର୍ବାଞ୍ଚଳରୁ ମିଜୋରାମ, ନାଗାଲାଣ୍ଡ, ଆସାମ, ମେଘାଳୟ, ଅରୁଣାଚଳ ପ୍ରଦେଶ ଓ ଓଡ଼ିଶା ଦଳ ଭାଗ ନେଇଥିଲେ। ଏହି ୬ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଥିଲା। ଗ୍ରୁପ୍ ଏ'ରେ ଓଡ଼ିଶା, ମେଘାଳୟ ଓ ଆସାମ ଏବଂ ଗ୍ରୁପ୍ ବି'ରେ ମିଜୋରାମ, ନାଗାଲାଣ୍ଡ ଓ ଅରୁଣାଞ୍ଚଳ ପ୍ରଦେଶ ରହିଥିଲେ। ଗ୍ରୁପ୍ 'ଏ'ରୁ ମେଘାଳୟ ଓ ଗ୍ରୁପ୍ 'ବି'ରୁ ଅରୁଣାଞ୍ଚଳ ପ୍ରଦେଶ ଶୀର୍ଷସ୍ଥାନ ହାସଲ କରି ଫାଇନାଲ ଖେଳିଥିଲେ। ଏଥିରେ ମେଘାଳୟ ୯-୧ରେ ଅରୁଣାଞ୍ଚଳ ପ୍ରଦେଶକୁ ହରାଇ ଚାମ୍ପିୟନ ହୋଇଥିଲା। ଗ୍ରୁପ୍ 'ଏ'ର ଦ୍ୱିତୀୟ ସ୍ଥାନରେ ଥିବା ଓଡ଼ିଶା ଗ୍ରୁପ୍ 'ବି'ର ଦ୍ୱିତୀୟ ଦଳ ନାଗାଲାଣ୍ଡକୁ ୧-୦ରେ ପରାସ୍ତ କରିଥିଲା।



ପଦକ ବିଜୟୀ ପୁରୁଷ ଦଳର ଖେଳାଳିମାନେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................



ମନିସ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭାରତରେ ଅନ୍‌ଲାଇନ ଗେମିଂ ଶିଳ୍ପର ଅଭିବୃଦ୍ଧି

ଭୁବନେଶ୍ୱର,୨୮।୫

ବର୍ତ୍ତମାନ ସମୟରେ ସମୟ ଅତିବାହିତ ଓ ମନୋରଞ୍ଜନ ପାଇଁ ସବୁ ବର୍ଗର ଲୋକ (ଉପଭୋକ୍ତା) ଅନ୍‌ଲାଇନ ଗେମିଂକୁ ଆଗ୍ରହର ସହ ଖେଳୁଛନ୍ତି। ଏପରିକି ୧୮ରୁ ଉର୍ଦ୍ଧ୍ୱ ବୟସରୁ ପିଲା ଏହି ଖେଳରେ ବେଶି ସମୟ ଅତିବାହିତ କରୁଛନ୍ତି। ଫଳରେ ଅନ୍‌ଲାଇନ ଗେମିଂ ଶିଳ୍ପ କ୍ରମାଗତ ଭାବେ ବୃଦ୍ଧି ପାଇଚାଲିଛି। ବାର୍ଷିକ ଆଧାରରେ ଦେଶର ଉପଭୋକ୍ତା ପଞ୍ଜୀକରଣ ଉଲ୍ଲେଖନୀୟ ଭାବେ ବୃଦ୍ଧି ଘଟିଛି। ସେହିଭଳି ଓଡ଼ିଶା ବଜାରରେ ମଧ୍ୟ ଗେମିଂ କ୍ଷେତ୍ର ପ୍ରଭାବଶାଳୀ ଭାବେ ବିସ୍ତାର କରୁଛି। ୨୦୨୩ ଏବଂ ୨୦୨୪ ବର୍ଷ ମଧ୍ୟରେ ଉଭୟ ଓଡ଼ିଶା ଓ ଭୁବନେଶ୍ୱର ବଜାରର ବାର୍ଷିକ ଆଧାରରେ ଉପଭୋକ୍ତା ପଞ୍ଜୀକରଣ ୧୮% ବୃଦ୍ଧି ପାଇଥିବାବେଳେ ପରବର୍ତ୍ତୀ ବର୍ଷ ୨୦୨୪ ଏପ୍ରିଲ ଓ ୨୦୨୫ ଏପ୍ରିଲ ମଧ୍ୟରେ

### ବାର୍ଷିକ ଆଧାରରେ ଉପଭୋକ୍ତା ପଞ୍ଜୀକରଣ ୧୮% ବୃଦ୍ଧି

୧୦୦%ରୁ ଅଧିକ ହାରରେ ବୃଦ୍ଧି ଦେଖିବାକୁ ମିଳିଛି। ସେହିପରି ବର୍ତ୍ତମାନ ଭାରତରେ ୩.୨ କୋଟି ଉପଭୋକ୍ତା ଅନ୍‌ଲାଇନ ଗେମିଂ ପ୍ଲାଟ୍‌ଫର୍ମ ସହ ଜଡିତ ଥିବା ରମି କଲ୍‌ଚର ପକ୍ଷରୁ କୁହାଯାଇଛି। ଏପରିକି ଓଡ଼ିଶା ବଜାରରେ ବର୍ତ୍ତମାନ ୨,୪୭,୨୯୮ ଉପଭୋକ୍ତା ରମି କଲ୍‌ଚର ପ୍ଲାଟ୍‌ଫର୍ମ ସହ ଯୋଗଦାନ କରିଛନ୍ତି। ଭାରତର ଅନ୍‌ଲାଇନ ଗେମିଂ ଶିଳ୍ପ ବିକଶିତ ହେଉଥିଲାବେଳେ ଏବଂ ଭୁବନେଶ୍ୱର ଭଳି ସହରଗୁଡିକ ଅଭିବୃଦ୍ଧି ଓ ଉଦ୍ଭାବନର ପ୍ରମୁଖ ପରିଚାଳକ ଭାବେ ଉଭା ହେଉଛି। ଉଲ୍ଲେଖଯୋଗ୍ୟ, ଗେମ୍‌ସକ୍ରାଫ୍ଟର ଏକ ଫ୍ଲାଗ୍‌ଶିପ ପ୍ଲାଟ୍‌ଫର୍ମ ଏବଂ ଭାରତର ସବୁଠାରୁ ବିଶ୍ୱସନୀୟ ଓ ସୁରକ୍ଷିତ ଦକ୍ଷତାଭିତ୍ତିକ ଗେମ୍ ରମିକଲ୍ଚର



ଓଡିଶାରୁ ଉପଭୋକ୍ତା ଯୋଗଦାନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧି ପରିଲକ୍ଷିତ କରିଛି, ଯାହା ଦକ୍ଷତା ଆଧାରିତ ଗେମିଂ ପାଇଁ ଏକ ରଣନୈତିକ କେନ୍ଦ୍ର ଭାବେ ରାଜ୍ୟକୁ ଦୃଢତାର ସହ ଅବସ୍ଥାପିତ କରୁଛି। ୨୦୧୭ରେ ସ୍ଥାପିତ ରମିକଲ୍ଚର ଅନ୍‌ଲାଇନ ଗେମିଂ ପାଇଁ ଅନ୍ୟତମ ସର୍ବାଧିକ ବିଶ୍ୱସନୀୟ ଓ ବ୍ୟାପକ ରୂପେ ସ୍ୱୀକୃତିପ୍ରାପ୍ତ ପ୍ଲାଟ୍‌ଫର୍ମରେ ପରିଣତ ହୋଇଛି, ଯାହା ଉଭୟ ଉଦ୍ଭାବନ ଓ ଖେଳାଳିଙ୍କ କଲ୍ୟାଣ କ୍ଷେତ୍ରରେ ନେତୃତ୍ୱ ନେଉଛି। ଏହି ପ୍ଲାଟ୍‌ଫର୍ମ ଏହାର ଅତ୍ୟାଧୁନିକ ବୈଷୟିକ ଭିତ୍ତିଭୂମି ପାଇଁ ସୁପରିଚିତ ରହିଛି, ଯାହା ସୁରକ୍ଷିତ ଗେମ୍‌ପ୍ଲେ, ନିରପେକ୍ଷ ଅଭ୍ୟାସ ଓ ଖେଳାଳିଙ୍କ ଆବଶ୍ୟକତା ପ୍ରତି ନିରନ୍ତର ଧ୍ୟାନକୁ ସୁନିଶ୍ଚିତ କରୁଛି। ଆର୍‌ଏନ୍‌ଜି (ରାଣ୍ଡମ ନମ୍ବର ଜେନେରେଶନ), ନୋ-ବଟ ସାର୍ଟିଫିକେଶନ ଓ ଏସ୍‌ଏସ୍‌ଏଲ୍-ସିକ୍ୟୋର୍ଡ ପେମେଣ୍ଟ ମାଧ୍ୟମ ଭଳି ଶିଳ୍ପ ଅଗ୍ରଣୀ ସୁରକ୍ଷା ଫିଚରଗୁଡିକ ସହିତ ରମିକଲ୍ଚରକୁ ୟୁନୋମର ଓ ସାଇବରମିଡିଆ ରିସର୍ଚ୍ଚ ଦ୍ୱାରା କରାଯାଇଥିବା ଅଧ୍ୟୟନ ଅନୁଯାୟୀ ଭାରତର ଏକ ନମ୍ବର ରମି ଆପ୍ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ରମିକଲ୍ଚର ଏକ ସୁରକ୍ଷିତ ଓ ବିଶ୍ୱସନୀୟ ଗେମିଂ ପରିବେଶ ପ୍ରଦାନ କରିବା ପ୍ରତି ପ୍ରତିଶ୍ରୁତିବଦ୍ଧ ରହିଛି। ଏହା ଟାଇମ-ଆଉଟ, ଗେମ୍ ଭାଲ୍ୟୁ ଲିମିଟ୍ ଓ ମାନସିକ ସହଯୋଗକୁ ସୁଗମକରି ଦାୟିତ୍ୱପୂର୍ଣ୍ଣ ଗେମିଂକୁ ପ୍ରାଥମିକତା ଦେଉଛି।

ଏ ନେଇ ଗେମ୍‌ସକ୍ରାଫ୍ଟରେ ଷ୍ଟ୍ରାଟେଜିକ ଇନିସିଏଟିଭ ବିଭାଗର ମୁଖ୍ୟ ସୁମନ୍ତ ସେନ୍‌ଗୁପ୍ତା କହିଛନ୍ତି, ଉଭୟ ଉପଭୋକ୍ତା ଆଧାର ଏବଂ ଏହି ଅଞ୍ଚଳରୁ ଆମେ ଦେଖୁଥିବା ଯୋଗଦାନର ଗୁଣବତ୍ତା ଦୃଷ୍ଟିରୁ ଭୁବନେଶ୍ୱର ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର । ଏହି ଅଞ୍ଚଳର ତଥ୍ୟ ପ୍ରତିଫଳନ କରୁଛି ଯେ ଏଠାକାର ଖେଳାଳିମାନେ ଗେମ୍‌କୁ ଗମ୍ଭୀରତା, ରଣନୀତି ଓ ଦକ୍ଷତା ସହ ଖେଳିବାକୁ ପସନ୍ଦ କରିଥାନ୍ତି। ଏହା ଆମର ବିଶ୍ୱାସକୁ ସୁଦୃଢ କରିଛି ଯେ ଯେତେବେଳେ ଏକ ସୁରକ୍ଷିତ, ସ୍ୱଚ୍ଛ ଓ ସୁନିୟନ୍ତ୍ରିତ ପ୍ଲାଟ୍‌ଫର୍ମ ଦିଆଯାଏ, ସେତେବେଳେ ଉପଭୋକ୍ତାମାନେ ସୂଚିତ, ଦାୟିତ୍ୱପୂର୍ଣ୍ଣ ଗେମ୍‌ପ୍ଲେ ସହ ପ୍ରତିକ୍ରିୟା ଦେଇଥାନ୍ତି। ଏକ କମ୍ପାନୀ ଭାବେ ଆମେ ଏଭଳି ଏକ ଇକୋସିଷ୍ଟମ ଗଠନ କରିବା ପାଇଁ ପ୍ରତିବଦ୍ଧ ରହିଛୁ, ଯେଉଁଠାରେ ଦକ୍ଷତା ଆଧାରିତ ଗେମିଂ ସଫଳ ହୋଇପାରିବ, ଭୁଲ୍‌ଧାରଣା ଦୂରହୋଇପାରିବ ଏବଂ ଖେଳାଳିମାନେ ଆତ୍ମବିଶ୍ୱାସ ଓ ସ୍ୱଷ୍ଟତା ସହିତ ସାର୍ଥକ ଭାବେ ନିୟୋଜିତ ହୋଇପାରିବେ।

# ବଢ଼ିପାରେ ସାମଗ୍ରୀ, ସେବା ରପ୍ତାନି

ଭୁବନେଶ୍ୱର,୨୮।୫ (ଅନୁରାଧା ମହାରଣା)

ଆର୍ଥିକ ବର୍ଷ ୨୦୨୪-୨୫ରେ ଭାରତର ମୋଟ ସେବା ଓ ରପ୍ତାନି ୮୨୪.୯ ବିଲିୟନ ଡଲାର ଥିବାବେଳେ ୨୦୨୫-୨୬ରେ ଏହା ୧,୦୦୦ ବିଲିୟନ ଡଲାରରେ ପହଞ୍ଚିପାରେ। ଭାରତୀୟ ରପ୍ତାନି ସଙ୍ଗଠନ ଫେଡେରେଶନ (ଏଫ୍‌ଆଇଇଓ) ପକ୍ଷରୁ ଏପରି ଆକଳନ କରାଯାଇଛି। ଏଫ୍‌ଆଇଇଓର ସଭାପତି ଏସ୍.ସି. ରାଲହାନ କହିଛନ୍ତି, ବିଶ୍ୱ ଆର୍ଥିକ ଅନିଶ୍ଚିତତାକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ କ୍ରେତାମାନେ ସେମାନଙ୍କର କ୍ରୟ ଉତ୍ସଗୁଡ଼ିକରେ ପରିବର୍ତ୍ତନ ଆଣିବା ଉପରେ ଧ୍ୟାନ ଦେଉଛନ୍ତି। ଏହା ରପ୍ତାନିରେ ଭଲ ଅଭିବୃଦ୍ଧି ଆଣିବ ବୋଲି ଆଶା କରାଯାଉଛି। ଏହା ସହ ଭାରତ ଓ ବିଭିନ୍ନ ଦେଶ ସହ କରାଯାଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା ମଧ୍ୟ ଦେଶର ରପ୍ତାନି ବୃଦ୍ଧି କରିବାରେ ସାହାଯ୍ୟ କରିବ। ୨୦୨୫-୨୬ରେ ସାମଗ୍ରୀ ରପ୍ତାନି ୧୨% ବୃଦ୍ଧି ପାଇ ୫୨୫ରୁ ୫୩୫ ବିଲିୟନ ଡଲାର ହେବ। ୨୦୨୪-୨୫ରେ ଏହା ୪୩୭ ବିଲିୟନ ଡଲାର ଥିଲା। ପୂର୍ବ ଆର୍ଥିକ ବର୍ଷ ସେବା ରପ୍ତାନି ୩୮୭ ବିଲିୟନ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ୪୬୫ ରୁ ୪୭୫ ବିଲିୟନ ହୋଇପାରେ। ଆଗାମୀ ବର୍ଷରେ ପେଟ୍ରୋଲିୟମ ଏବଂ ରତ୍ନ ଏବଂ ଅଳଙ୍କାର ରପ୍ତାନି ମଧ୍ୟ ସକାରାତ୍ମକ ପରିସର ମଧ୍ୟରେ ରହିବ। ରପ୍ତାନି ବୃଦ୍ଧି କରିବାରେ ସାହାଯ୍ୟ କରୁଥିବା ମୁଖ୍ୟ କ୍ଷେତ୍ରଗୁଡ଼ିକ ମଧ୍ୟରେ ବୈଦ୍ୟୁତିକ ଏବଂ ଇଲେକ୍ଟ୍ରୋନିକ୍ସ ୬୦ ବିଲିୟନ, ଯନ୍ତ୍ରପାତି ୪୦ ବିଲିୟନ, ରାସାୟନିକ ପଦାର୍ଥ ୪୦ ବିଲିୟନ, ଔଷଧ ୩୦ ବିଲିୟନ, ପେଟ୍ରୋଲିୟମ ୭୦ ବିଲିୟନ, ପୋଷାକ ଏବଂ ନାପ୍‌କିନ, ଆପ୍ରନ ୨୩ରୁ ୨୫ ବିଲିୟନ, ରତ୍ନ ଏବଂ ଅଳଙ୍କାର ୩୦ରୁ ୩୫ ବିଲିୟନ ଏବଂ କୃଷି ୫୫ ବିଲିୟନ ଅନ୍ତର୍ଭୁକ୍ତ ବୋଲି ସୂଚନା ରହିଛି।

**SAI TUTORIALS**
100% RESULT ORIENTED COACHING
* +2 Arts, Science, Commerce (All Subject/Individual)
* +3 Arts, Science, Commerce (All Hons-All Subject) NEP
Practical Classes also available
COMPUTER, SPOKEN ENGLISH, BANKING, RAILWAYS, SSC, IAS, OAS, DIPLOMA (SEMISTER)
CBSE & ICSE ( VII to XII )
SD-03, SHAKTINAGAR, ROURKELA-14
MOB. : 8480831772(O), 9861193662, 7008163273

# ମାଲାବାରରେ ବିଶ୍ୱ କ୍ଷୁଧା ଦିବସ ପାଳିତ

ଭୁବନେଶ୍ୱର,୨୮।୫(ଅଭୟ ଦାଶ)

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମାଲାବାର ସମୂହରେ ବିଶ୍ୱ କ୍ଷୁଧା ଦିବସ (ୱାର୍ଲଡ ହଙ୍ଗର ଫ୍ରି ଡେ) ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମାଲାବାର ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ଶହୀଦନଗର ଷ୍ଟୋର ପକ୍ଷରୁ ବୁଧବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ଅବସରରେ ସାମାଜିକ କର୍ମୀ ଡ. ଜୟଶ୍ରୀ ମହାପାତ୍ର ଏବଂ ବିଜୟଲକ୍ଷ୍ମୀ କର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମାଲାବାର ଗ୍ରୁପ୍‌ର ସିଏସ୍‌ଆର୍ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଲାବାର ଗ୍ରୁପ୍‌ର ବରିଷ୍ଠ ଅଧିକାରୀ ଓ ଷ୍ଟୋର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମ୍‌ପି ଅହମ୍ମଦ କହିଥିଲେ, ସିଏସ୍‌ଆର୍ ଆମ ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଂଶ ଏବଂ ଆମେ ସମାଜକୁ ଫେରାଇଦେବାରେ ବିଶ୍ୱାସ କରୁ। ଆମେ ମେ ୨୮କୁ ଆମର ବାର୍ଷିକ ସିଏସ୍‌ଆର୍ ଦିବସ ଭାବରେ ଉତ୍ସର୍ଗ କରୁଛୁ। ଆମେ ସ୍ଥାୟୀ ଏବଂ ପ୍ରଭାବଶାଳୀ କାର୍ଯ୍ୟ ମାଧ୍ୟମରେ ଅବହେଳିତ ଲୋକଙ୍କ ସହ ଠିଆହେବାର ଆମର ପ୍ରତିଜ୍ଞାକୁ ପୁନଃ ସ୍ଥାପନ କରୁଛୁ। ଆମର ସିଏସ୍‌ଆର୍ ପଦକ୍ଷେପଗୁଡ଼ିକ ସେହି ସ୍ଥାୟୀ ପ୍ରତିବଦ୍ଧତାର ପ୍ରତିଫଳନ। ଆମେ ଆମର ସର୍ବୋତ୍ତମ ପ୍ରୟାସ କରୁଥିବାବେଳେ ଯଦି ଅଧିକ ସଂଗଠନ ଏହି ମିଶନରେ ଯୋଗ ଦିଅନ୍ତି ତେବେ ଏକ ବୃହତ୍ ପ୍ରଭାବ ହାସଲ କରାଯାଇପାରିବ।




ବିଶ୍ୱ କ୍ଷୁଧା ଦିବସ ଅବସରରେ ମାଲାବାରର ଖାଦ୍ୟ ପୁଡ଼ିଆ ଗାଡ଼ିକୁ ଅତିଥିମାନେ ପତାକା ଦେଖାଇ ଉଦ୍‌ଘାଟନ କରୁଛନ୍ତି। ଏହି ଅବସରରେ ମାଲାବାର ଗ୍ରୁପ୍‌ର ବରିଷ୍ଠ ଅଧିକାରୀ, ଷ୍ଟୋର କର୍ମଚାରୀ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

# ଉତ୍କଳ ହସ୍ପିଟାଲର ନୂତନ ଅଭିଯାନ

ଭୁବନେଶ୍ୱର,୨୮।୫

ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଉତ୍କଳ ହସ୍ପିଟାଲ ଭୁବନେଶ୍ୱରରେ ବିଶ୍ୱ ତମ୍ବାଖୁ ନିଷେଧ ଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉତ୍କଳ ହସ୍ପିଟାଲର ନୂତନ ଅଭିଯାନ 'ଟୁ-ମିନିଟ୍ ଆକ୍ସନ ଫର୍ ଓରାଲ କ୍ୟାନ୍‌ସର ପ୍ରୋଟେକ୍ସନ' ର ଶୁଭାରମ୍ଭ କରାଯାଇଛି। ଅପରପକ୍ଷରେ ମର୍କ ସ୍ପେଶିଆଲିଟିଜ୍ ପ୍ରାଇଭେଟ୍ ଲିମିଟେଡ୍ ସହ ସହଭାଗିତାରେ ହାସ୍‌ଟ୍ୟାଗ୍ ଆକ୍ଟ ଏଗେନ୍‌ଷ୍ଟ ଓରାଲ କ୍ୟାନ୍‌ସର ସହ ଟୁ-ମିନିଟ୍ ଆକ୍ସନ ଫର୍ ଓରାଲ କ୍ୟାନ୍‌ସର ପ୍ରୋଟେକ୍ସନ କ୍ୟାମ୍ପେନ ଆରମ୍ଭ ହୋଇଛି। ସେହିଭଳି ଏହି ଜାତୀୟସ୍ତରୀୟ ପ୍ରୟାସ ଲୋକମାନଙ୍କୁ ଦର୍ପଣର ବ୍ୟବହାରକରି ନିଜ ପାଟିର ଏକ ସ୍ୱ-ପରୀକ୍ଷଣ କରିବା ପାଇଁ ପ୍ରୋତ୍ସାହିତକରି ବୃଦ୍ଧି ପାଉଥିବା ମୁଖ କର୍କଟ ମାମଲାର ମୁକାବିଲା କରିବାକୁ ଲକ୍ଷ୍ୟ ରଖିଛି। ଏହି କ୍ୟାମ୍ପେନ ମାଧ୍ୟମରେ ବିଶେଷଜ୍ଞମାନେ ଲୋକମାନଙ୍କୁ ପାଟିରେ ଧଳା କିମ୍ବା ଲାଲ ଦାଗ, ଶୁଖୁ ନ ଥିବା ଘାଆ କିମ୍ବା ଅସ୍ୱଷ୍ଟ ରକ୍ତସ୍ରାବ, ଲଗାତର ଫୁଲା କିମ୍ବା ସ୍ୱର ପରିବର୍ତ୍ତନ ଭଳି ଚେତାବନୀପୂର୍ଣ୍ଣ ସଙ୍କେତଗୁଡିକୁ ଯାଞ୍ଚ କରିବାକୁ ଅନୁରୋଧ କରିଛନ୍ତି। ଏହି ପଦକ୍ଷେପ ମାଧ୍ୟମରେ ହସ୍ପିଟାଲ ଯାଉଥିବା ରୋଗୀମାନେ ଏହି ସ୍ୱ-ପରୀକ୍ଷଣ କରିପାରିବେ, ଯେଉଁଠାରେ ଦର୍ପଣଗୁଡିକୁ ହସ୍ପିଟାଲର ଅପେକ୍ଷା ସ୍ଥାନରେ ଚିନ୍ତାଶୀଳ ଭାବେ ସ୍ଥାପନ କରାଯାଇଛି। ଏହି କ୍ୟାମ୍ପେନର ଶୁଭାରମ୍ଭ ଅବସରରେ ରେଡିଏଶନ ଅଙ୍କୋଲୋଜି ବିଭାଗର ଡାଇରେକ୍ଟର ଓ ସିନିୟର କନ୍‌ସଲ୍‌ଟାଣ୍ଟ ଡା. ସଞ୍ଜୀବ କୁମାର ମିଶ୍ର, ମେଡିକାଲ ଅଙ୍କୋଲୋଜି ଆଣ୍ଡ ବିଏମ୍‌ଟିର କନ୍‌ସଲ୍‌ଟାଣ୍ଟ ଡା. ଚିନ୍ମୟ କୁମାର ପାଣି, ରେଡିଏଶନ ଅଙ୍କୋଲୋଜି-ଡାଇରେକ୍ଟର ଓ ସିନିୟର କନ୍‌ସଲଟାଣ୍ଟ ଡା. ସଞ୍ଜୟ କୁମାର ମିଶ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବଜାରରେ ରାମରାଜ୍ କଟନ୍‌ର ନୂତନ ଉତ୍ପାଦ

ଭୁବନେଶ୍ୱର,୨୮।୫

ରାମରାଜ୍ କଟନ୍‌ର ନୂତନ ଉତ୍ପାଦ ତଥା ପଞ୍ଚକଚାମ ଧୋତି (ଆଚାର୍ଯ୍ୟ ପଞ୍ଚକଚାମ୍ ଭେଶ୍‌ଟି)ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରସିଦ୍ଧ ଧାର୍ମିକ ତଥା ସାଂସ୍କୃତିକ ପ୍ରବଞ୍ଚକ ଦୁଶ୍ୟନ୍ତ ଶ୍ରୀଧରଙ୍କୁ ବ୍ରାଣ୍ଡ୍‌ର ଆମ୍ବାସାଡର ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ପଞ୍ଚକଚାମ୍ ଧୋତିର ଗୁଣବତ୍ତା ଓ ଧାର୍ମିକ ଭାବନା ସବୁ ବର୍ଗର ହିନ୍ଦୁ ଓ ଧାର୍ମିକ ବ୍ୟକ୍ତିବିଶେଷଙ୍କୁ ବେଶ୍ ଆକୃଷ୍ଟ କରିବ ବୋଲି ରାମରାଜ୍ କଟନ୍ ପକ୍ଷରୁ ଆକଳନ କରାଯାଇଛି। ଏ ସମ୍ପର୍କରେ ରାମରାଜ୍ କଟନ୍‌ର ପ୍ରତିଷ୍ଠାତା କେ.ଆର୍. ନାଗରାଜନ କହିଥିଲେ, ଆମେ ଆମର ନୂତନ ଉତ୍ପାଦ (ଆଚାର୍ଯ୍ୟ ପଞ୍ଚକଚାମ ଭେଶ୍‌ଟି)ର ଶୁଭାରମ୍ଭ ସହ ବଜାର ପ୍ରବେଶ କରାଇ ବେଶ୍ ଉତ୍ସାହିତ ଅଛୁ। ଏପରିକି ସାରା ଦେଶରେ ଏହି ଭେଶ୍‌ଟି ୪୦୦୦ ପ୍ରକାରରେ ଉପଲବ୍ଧ ହେଉଛି। ବିଶେଷ କରି ଏହାକୁ ଗୁରୁ ଓ ଆଚାର୍ଯ୍ୟମାନଙ୍କ ପାଇଁ ପ୍ରସ୍ତୁତି କରାଯାଇଥିଲାବେଳେ ଧାର୍ମିକ ବ୍ୟକ୍ତି ବିଶେଷଙ୍କ ଲାଗି ମଧ୍ୟ ଏହା ବେଶ୍ ପସନ୍ଦର ଧୋତି ପାଲଟିବ ବୋଲି କୁହାଯାଉଛି। ସେହିପରି ଦୁଶ୍ୟନ୍ତ ଶ୍ରୀଧରଙ୍କ ଭଳି ଧାର୍ମିକ ତଥା ସାଂସ୍କୃତିକ ପ୍ରବଞ୍ଚକଙ୍କୁ ଆମେ ଆମର ବ୍ରାଣ୍ଡ୍‌ର ବ୍ରାଣ୍ଡ ଆମ୍ବାସାଡର କରି ଆନନ୍ଦିତ ରହିଛୁ।




ଆଚାର୍ଯ୍ୟ ପଞ୍ଚକଚାମ ଭେଶ୍‌ଟିର ଶୁଭାରମ୍ଭ ଅବସରରେ ଦୁଶ୍ୟନ୍ତ ଶ୍ରୀଧର ଏବଂ କେ.ଆର୍. ନାଗରାଜନ ଉପସ୍ଥିତ ଅଛନ୍ତି।

# Classified Everyday

**0674-2580101, 9692975378**



**REAL ESTATE**

**SALE**

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266

ନଖରାଛକରୁ **6K.M.** ବ୍ରାହ୍ମଣଝରିଲୋରେ ଘେରବାରି **boundary plot sale, 1500sqft. 30,00,000/-. 7978947520.** D-76272




Positively health benefits spa expert female therapist homely atmosphere. 9114559860. D-542

**Relax, Refresh your body, Mind at Saikrupa Spa with best therapies. 7848011468.** D-568

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

Newly open health benefits SPA by expert therapist. Contact- 8280961126. D-76915

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-730

**AFFIDAVIT**

I, Ganga Durua @ Sodi, Son of Kosa Durua of Vill. Nuaguda, P.O.- Chalanguda, P.S./Dist.- Malkangiri do hereby solemnly affirm and state as follows. That my minor daughter's old name is Surati Dhurava and her new name is Shruti Durua. That my daughter's name is wrongly mentioned as all Documents as Surati Dhurava. That I authorize and request all persons to designate and Address her and her future wife and children, by such assumed name of Shruti Durua accordingly. D-726

I, Gopinath Sahu, Badbrahmani, Bijepur, Bargarh, do hereby declare that I have changed the name of my minor son Swatik Swarup Sahu, born on 04.09.2016 to Swastik Swarup Sahu. This change is made in accordance with an affidavit C.A. No. 170 dt.22.05.25 before E.M. Bijepur. D-728

I, Sri Nalla Lokanath Das declared that as per affidavit No.- 40, dtd 27.5.2025 before the Executive Magistrate, Nandapur, my daughter's old name N Suhani Das has been changed to Nalla Suhani Das. Henceforth, she will be known as Nalla Suhani Das, daughter of Nalla Lokanath Das, At/P.O.- Nandapur, Dist.- Koraput for all purposes. D-727

By virtue of an affidavit sworn before the Notary Public, Khariar, dated 27.05.2025, I, Shaswati Shubhadarshini, D/o- Bhawani Shankar Padhi, R/o- Khariar, Dist.- Nuapada declare that I have changed my name from Saswati Subhadarshini Padhi to Shaswati Shubhadarshini. Henceforth, I shall be known as Shaswati Shubhadarshini for all purposes.
Shaswati Shubhadarshini D-732

By virtue of an affidavit sworn before the Executive Magistrate, Khariar, dated 01.11.2024, I, Gobinda Hati, Address: At- Godtala, P.O.- Nehena, P.S.- Khariar, Dist.- Nuapada (Odisha) declare that I have changed my daughter's name from Pankajini Hati to Punam Hati. Henceforth, she shall be known as Punam Hati for all purposes.
Gobinda Hati D-731

I, Prajna Paramita Panda, W/o- Srimanta Kumar Panda, resident of ward No.- 4, Plot No.- 3C/471, Sector- 8, P.O.- Avinab Bidanasi, Marakatnagar, CDA, Dr. Tonpe Road, P.S.- Marakatnagar, Dist.- Cuttack, PIN- 753014, Odisha declare by this affidavit No. 7404 dtd.-28.05.2025 that now onwards I shall be known as Prajna Paramita Panda for all future purposes. D-731

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**LEGAL NOTICE**

ପୁରୀ ମୁକାମ ପ୍ରଥମ ସିଭିଲ୍ ଜଜ୍, ସିନିୟର ଡିଭିଜନଙ୍କ ଅଦାଲତ, ପୁରୀ
ସି.ଏସ୍ ନଂ.- ୫୩୭/୨୦୨୨
ମନୋରମା ବଟୁ ....ବାଦୀ।
ବନାମ
ତପନ ଉପାଧ୍ୟାୟ ଓ ଓଗେର ....ପ୍ରତିବାଦୀମାନେ।
ଦେଓ୍ୱାନୀ କାର୍ଯ୍ୟବିଧି ଆଇନର ଅର୍ଡର ୫, ରୁଲ୍- ୨୦ ମତେ ନୋଟିସ୍।

ସେବା ଉପାଧ୍ୟାୟ, ସ୍ୱାମୀ- ଶୁଭାଶିଷ ଆଚାରୀ, ସାକିନି/ପୋଷ୍ଟ- ଗୋରୁଆଳ, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ । ନଂ୪ନ୍ଦର ପ୍ରତିବାଦିନୀଙ୍କ ଗୋଚରାର୍ଥେ ଜଣାଉଅଛୁ କି, ମୋକଦ୍ଦମାରେ ବର୍ଣ୍ଣିତ ସମ୍ପତ୍ତି :- ମୌଜା- ଗୋରୁଆଳ, ଖାତା ନ୭୬୬ନ୍ଦର, ପ୍ଲଟ୍ ନ୨୫୯୯ନ୍ଦର, ରକବା ଏ୦.୧୮ ଡିସିମିଲ, ଖାତା ନ୧୧୮୫/୯୩୬ନ୍ଦର, ପ୍ଲଟ୍ ନ୨୩୮୯ନ୍ଦର, ରକବା ଏ୦.୩୮ ଡିସିମିଲ। ମୌଜା- ତୋରଣ, ଖାତା ନ୬୩୭/୨୦୭ନ୍ଦର, ପ୍ଲଟ୍ ନ୧୭୦ନ୍ଦର, ରକବା ଏ୧.୨୨ ଡିସିମିଲ ଏବଂ ଖାତା ନ୬୩୭/୩୦୯ନ୍ଦର, ପ୍ଲଟ୍ ନ୧୧୩୨ନ୍ଦର, ରକବା ଏ୦.୪୪ଡିସିମିଲ ବିଚାର ପାଇଁ ୧୦.୦୭.୨୫ତାରିଖକୁ ଧାର୍ଯ୍ୟ ରହିଅଛି। ଆପଣ ଉକ୍ତ ଦିନ ସ୍ୱୟଂ ନିଜେ କିମ୍ବା ଅଧିବକ୍ତାଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ମୋକଦ୍ଦମାରେ ପକ୍ଷ ରଖିବେ । ନଚେତ୍ ଆଇନ ଅନୁଯାୟୀ କୋର୍ଟ ଚୂଡାନ୍ତ ନିଷ୍ପତ୍ତି ନେବ ।

ପ୍ରଥମ ସିଭିଲ ଜଜ୍, ସିନିୟର ଡିଭିଜନ ଅଦାଲତ, ପୁରୀ
ଧ-୭୨୫

**ମନେ ପଡ଼ନ୍ତି**

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଅଶୋକ କୁମାର ମହାପାତ୍ର
ଧରାବତରଣ : ୦୧/୧୦/୧୯୫୨
ସ୍ୱର୍ଗାରୋହଣ : ୧୯/୦୫/୨୦୨୫

ଆଜି ବି ତୁମେ ଓ ତୁମ ସହିତ ବିତେଇଥିବା ମୁହୂର୍ତ୍ତସବୁ ଆମ ମାନସ ପଟ୍ଟରେ ସଜଳ ଓ ଜୀବନ୍ତ । ତୁମେ ଯେଉଁଠି ଥାଅ ଭଲରେ ଥାଅ, ତୁମ ଅମର ଆତ୍ମାର ସଦଗତି ନିମନ୍ତେ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମ ରେ ଆମର ବିନମ୍ର ବିନତି ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ସହ:
ପରିବାରବର୍ଗ
ଧ-୭୬୮୨୮

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୨୮।୫

କ୍ରମାଗତ ଦ୍ୱିତୀୟ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ହ୍ରାସ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୧୫୦.୦୫ ପଏଣ୍ଟ ହ୍ରାସ ଘଟି ୮୧,୫୫୧.୬୩ ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୫୨.୮୦ ପଏଣ୍ଟ କମି ୨୪,୭୯୦.୫୫ ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।


ହୁମା

ନୂଆ ସିନେମା

## ମଧୁ ବାରିଷ୍ଟର

ଓଲିଉଡ୍‌ର ଆଗଧାଡ଼ିର ଅନ୍ୟତମ ପ୍ରଯୋଜକ ରମେଶ ବାରିକ ନିକଟରେ ଏକ ନୂଆ ସିନେମାର ଟାଇଟଲ ଘୋଷଣା କରିଛନ୍ତି । ଆମ ରାଜ୍ୟର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଚିର ବନ୍ଦନୀୟ ମଧୁ ସୂଦନ ଦାସ, ଯିଏ କି ମଧୁବାବୁ ନାମରେ ପରିଚିତ, ତାଙ୍କ ଜୀବନୀ ଉପରେ ଏକ ଓଡ଼ିଆ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଯାଉଛନ୍ତି । ଆର୍.ଆର୍. ଇଭେଣ୍ଟସ ଆଣ୍ଡ୍ ସିନେ ପ୍ରା.ଲି. ବ୍ୟାନରରେ ଏହାର ପ୍ରାରମ୍ଭିକ କାମ ଆରମ୍ଭ ହୋଇଯାଇଛି । ଏହି ସିନେମାର ଟାଇଟଲ ରହିଛି 'ମଧୁ ବାରିଷ୍ଟର' । ଓଡ଼ିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନକୁ ନେଇ ବାୟୋପିକ୍ ତାଲିକାରେ ଏହା ହେଉଛି ଆଉ ଏକ ସିନେମା । ଏହାପୂର୍ବରୁ 'ଶହୀଦ ରଘୁ ସର୍ଦ୍ଦାର' ଏବଂ 'ଜୟୀ ରାଜଗୁରୁ'ଙ୍କ ଜୀବନୀକୁ ନେଇ ଓଡ଼ିଆ ଚିତ୍ର ପ୍ରସ୍ତୁତ ହୋଇସାରିଛି । ଏହି ସିନେମା ସମ୍ପର୍କରେ ରମେଶ କହନ୍ତି, ''ମୁଁ ସବୁବେଳେ ଭିନ୍ନ ଭିନ୍ନ କାହାଣୀକୁ ଆଧାର କରି ସିନେମା ନିର୍ମାଣ କରିବାକୁ ପସନ୍ଦ କରିଥାଏ । ଏ ପର୍ଯ୍ୟନ୍ତ ଯେଉଁ ୨୬ଟି ଚଳଚ୍ଚିତ୍ର ପ୍ରସ୍ତୁତ କରାଯାଇଛି ତାହା ଦର୍ଶକଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଛି । ମଧୁବାବୁ ଆମ ରାଜ୍ୟର ଗୌରବ । ତାଙ୍କ ପରି ମହାନ୍ ପୁରୁଷଙ୍କ ଜୀବନୀକୁ ନେଇ ସିନେମାଟିଏ ନିର୍ମାଣ କରିବା ନିଶ୍ଚିତ ଏକ ଚ୍ୟାଲେଞ୍ଜ । ଏହି ସିନେମା ଦର୍ଶକଙ୍କୁ ଡିଫରେଣ୍ଟ ଏଣ୍ଟରଟେନମେଣ୍ଟ ଦେବ ବୋଲି ମୋର ଦୃଢ଼ ବିଶ୍ୱାସ ରହିଛି ।'' ଏହି ଫିଲ୍ମର କାହାଣୀ ଏବଂ ସଂଳାପ ରଚନା କରୁଛନ୍ତି ଅଗାଧାଡ଼ିର ସଂଳାପକାର ପ୍ରିୟବ୍ରତ ପଣ୍ଡା । ଏହାର ନିର୍ଦ୍ଦେଶନା ଦେବେ ମୃତ୍ୟୁଞ୍ଜୟ ସାହୁ (ବାପି) । ଚିତ୍ରଟିର କଳାକାର ଚୟନ ଖୁବ୍ ଶୀଘ୍ର ଶେଷ ହେବ ବୋଲି ସୂଚନା ଦେଇଛନ୍ତି ରମେଶ ।




ରିଲିଜ ଅପେକ୍ଷାରେ

## ଦର୍ପଣ

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ନୂଆ ଓଡ଼ିଆ ସିନେମା 'ଦର୍ପଣ' । ଦର୍ପଣସାୟନ ପ୍ରଡକ୍ସନ ହାଉସ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚିତ୍ରର କାହାଣୀରେ ସସ୍‌ପେନ ଥ୍ରୀଲର ଭରି ରହିଛି । ଚିତ୍ରଟି ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି । ଫିଲ୍ମଟିର କାହାଣୀ ରଚନା କରିବା ସହ ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ଦିଲ୍ଲୀପ କୁମାର ସାହୁ । କେବଳ ସେତିକି ନୁହେଁ, ନିର୍ଦ୍ଦେଶନା ଦେବା ସହ ଏହି ସିନେମାରୁ ନାୟକ ଭାବରେ ନିଜର କ୍ୟାରିୟର ଆରମ୍ଭ କରୁଛନ୍ତି ଭାରତ ପୁଷ୍ପରାଗ । ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ହିରନମୟୀ ଦାସ । ଅନ୍ୟପକ୍ଷରେ ଅଙ୍କିତ କୁମାର ଏବଂ ତୃପ୍ତି ମିରାମ୍ବିକ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖିବାକୁ ମିଳିବେ । ଏହାର କାଷ୍ଟିଂରେ ପ୍ରଦ୍ୟୁମ୍ନ ଲେଙ୍କା, ରାନୁ ପାଢ଼ୀ, କାଳୀ ଚରଣ, ଲଲାଟ, ପ୍ରଜ୍ଞା ମଧ ଅଛନ୍ତି । ଫିଲ୍ମରେ ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବୈଦ୍ୟନାଥ ଦାଶ ଏବଂ ଟୁନୁ ପଟ୍ଟନାୟକ । ଏହି ସିନେମା ଦର୍ଶକଙ୍କୁ ନିଶ୍ଚୟ ମନୋରଞ୍ଜନ ଦେବ ବୋଲି ଦୃଢ଼ ଆଶା ରଖିଛନ୍ତି ନିର୍ଦ୍ଦେଶକ ।


ଭାରତ-ହୀରନ୍ମୟୀ

## ସାଙ୍ଗ କଥା ମାନି ନ ଥିଲେ...

ହୁମା କୁ୍ୟରେସିଙ୍କ ଅଭିନୀତ ପ୍ରଥମ ସିନେମା ଥିଲା 'ଗ୍ୟାଙ୍ଗ୍‌ସ ଅଫ୍ ୱାସେପୁର' । କିନ୍ତୁ ଏହାପୂର୍ବରୁ ସେ ଅଭିନୟ ସହ ଜଡ଼ିତ ଥିଲେ । ବଲିଉଡ୍‌ରେ ଏଣ୍ଟ୍ରି କରିବା ପୂର୍ବରୁ ସେ କେତୋଟି ଥିଏଟର ନାଟକରେ ଆକ୍ଟିଂ କରିସାରିଥିଲେ । ବିଶେଷଭାବରେ 'ଲୈଲା' ଏବଂ 'ମହାରାନୀ' ଥିଏଟର ନାଟକ ତାଙ୍କୁ ବେଶ୍ ମାଇଲେଜ୍ ଦେଇଥିଲା । କିନ୍ତୁ ବଡ଼ ପରଦାରେ ଅଭିନୟ କରିବା ପଛରେ ଥିବା ଏକ କଥାକୁ ସେ ନିକଟରେ ପ୍ରକାଶ କରିଛନ୍ତି । ଏ ବିଷୟରେ ହୁମା କହନ୍ତି, ''ଏକଦା ମୋର ଜଣେ ସାଙ୍ଗ ମୋତେ କହିଲା, 'ଆରେ ତୁ ମୁମ୍ବାଇ ଯା, ସେଠାରେ ହୁଏତ ତୋ ଭାଗ୍ୟ ବଦଳି ଯିବ ।' ମନକୁ ଦୃଢ଼ କରି ମୁମ୍ବାଇ ଆସିଲି । ମୋତେ 'ଜଙ୍କସନ୍' ଟାଇଟଲ ବିଶିଷ୍ଟ ଏକ ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଲା । କିନ୍ତୁ ଏହି ଫିଲ୍ମଟି କେବଳ କାଗଜକଲମରେ ହିଁ ରହିଗଲା । ତା'ପରେ 'ବିଲ୍ଲା ୨' ନାମକ ଏକ ସିନେମାର ଅଡିସନ୍‌ରେ ମୁଁ ଭାଗ ନେଲି । ସେଠାରେ ପାଖାପାଖି ୭୦୦ ନବାଗତାଙ୍କ ମଧ୍ୟରୁ ମୁଁ ସିଲେକ୍ଟ ହେଲି । ଏହି ଫିଲ୍ମର ଶୁଟିଂ ଏତେ ଡେରି ହେଲା ଯେ ମୁଁ ଧୈର୍ଯ୍ୟହରା ହୋଇ ମନା କରିଦେଲି । କିନ୍ତୁ ୨୦୧୨ରେ ଅନୁରାଗ ବସୁ ମୋତେ 'ଗ୍ୟାଙ୍ଗ୍‌ସ ଅଫ୍ ୱାସେପୁରା' ପାଇଁ ସାଇନ୍ କରାଇଥିଲେ । ପ୍ରଥମ ସିନେମା ହିଟ୍ ହେବା ପରେ ମୁଁ ଆଉ ପଛକୁ ଫେରି ଚାହିଁ ନ ଥିଲି । ସେତେବେଳେ ଯଦି ମୁଁ ମୋ' ସେହି ସାଙ୍ଗ କଥା ମାନି ନ ଥାନ୍ତି ତେବେ ମୁଁ ବଲିଉଡ୍‌ଠାରୁ ହୁଏତ ବହୁତ ଦୂରରେ ରହିଯାଇଥାଆନ୍ତି ।''

## ଜାହ୍ନବୀଙ୍କ ହବି

ଜାହ୍ନବୀ କପୁରଙ୍କର ଅଭିନୟ ବ୍ୟତୀତ ଆଉ ଏକ ଜିନିଷ ପ୍ରତି ରୁଚି ରହିଛି । ତାହା କ'ଣ ଜାଣନ୍ତି ? ପରିଭ୍ରମଣ । ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲିବା ତାଙ୍କର ଏକ ଅଭ୍ୟାସ । କେବଳ ସେତିକି ନୁହେଁ, ସେହି ସ୍ଥାନ ବିଷୟରେ ତଥ୍ୟ ସଂଗ୍ରହ କରିବାକୁ ଭୁଲି ନ ଥାନ୍ତି । ଶୁଟିଂରୁ ଫୁର୍‌ସତ ମିଳିବା ମାତ୍ରେ ସେ ଏକୁଟିଆ ହେଉ ଅବା ପରିବାର ସହ ବୁଲିବାକୁ ବାହାରି ଯାଆନ୍ତି । ଏ ସମ୍ପର୍କରେ ଜାହ୍ନବୀ କହନ୍ତି, ''ବିଭିନ୍ନ ଟୁରିଷ୍ଟ ସ୍ଥାନ ବୁଲିବା ମୋର ଏକ ଅଭ୍ୟାସ । ଆଉ ଏଭଳି ହବି ମୋର ପିଲାଟିଦିନରୁ ରହିଛି । ମାମା ଏବଂ ବାବାଙ୍କ ସହ ମୁଁ ସ୍କୁଲରେ ପଢ଼ିବା ସମୟରେ ଅନେକ ସ୍ଥାନ ବୁଲିଛି । କେବଳ ସେତିକି ନୁହେଁ, ଏବେ ଏହି ଅଭ୍ୟାସ ମଧ ଜାରି ରହିଛି । ମୋତେ ଅବସର ମିଳିଲେ ବିଭିନ୍ନ ସ୍ଥାନ ବୁଲିବାକୁ ବାହାରି ଯାଇଥାଏ । ସେଠାକାର ଇତିହାସ ବିଷୟରେ ତଥ୍ୟ ସଂଗ୍ରହ କରି ତାହାକୁ ମଧ ଡାଏରୀରେ ଲିପିବଦ୍ଧ କରିବାକୁ ଭୁଲି ନ ଥାଏ ।'' ପାଠ ପଢ଼ିବା ସମୟରେ ଜାହ୍ନବୀଙ୍କ ଇଚ୍ଛା ଥିଲା ଡାକ୍ତର ହେବାକୁ, ହେଲେ ତାହା କେବଳ ଆଶାରେ ହିଁ ରହିଯାଇଥିଲା । ବଲିଉଡ୍‌ରେ ସୁଯୋଗ ପାଇବା ପୂର୍ବରୁ ତାଙ୍କୁ ଏକ ତେଲୁଗୁ ଫିଲ୍ମରେ ଅଭିନୟ କରିବାର ସୁଯୋଗ ମିଳିଥିଲା । ଏହି ଫିଲ୍ମର ନିର୍ଦ୍ଦେଶକ ଥିଲେ ଏ.ଆର୍. ମୁରୁଗୋଡସ ଏବଂ ମେଲ୍ ଲିଡ୍‌ରେ ଅଭିନୟ କରିଥିଲେ ମହେଶ ବାବୁ । ହେଲେ ପାଠପଢ଼ା ଚାଲିଥିବାରୁ ଜାହ୍ନବୀ ଏଭଳି ଏକ ଭଲ ସୁଯୋଗକୁ ହାତଛଡ଼ା କରିବାକୁ ବାଧ ହୋଇଥିଲେ ।

## ଅଲ୍‌ରାଉଣ୍ଡର ଅଜୟ

ଅଜୟ ଦେବଗନ ବଲିଉଡ୍‌ରେ ଦୀର୍ଘ ୩୪ ବର୍ଷ ଧରି ଅଭିନୟ ଜାରି ରଖିଛନ୍ତି । ଆକ୍ସନ ମାଷ୍ଟର ବୀରୁ ଦେବଗନଙ୍କ ଏହି ପୁତ୍ରଙ୍କ ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା ୧୯୯୧ରୁ । ଫିଲ୍ମଟିର ଟାଇଟଲ ଥିଲା 'ଫୁଲ୍ ଔର କାଣ୍ଟେ' । ଆକ୍ସନ ଏବଂ ପ୍ରେମ କାହାଣୀକୁ ଆଧାର କରି ନିର୍ମିତ ଏହି ଫିଲ୍ମଟି ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା । କେବଳ ସେତିକି ନୁହେଁ, ପ୍ରଥମ ସିନେମାରୁ ହିଁ ନିଜ ଅଭିନୟ ଦକ୍ଷତାର ପରିଚୟ ଦେବାରେ ସେ ସକ୍ଷମ ହୋଇଥିଲେ । ଇତିମଧ୍ୟରେ ସେ ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବାରେ ସକ୍ଷମ ହୋଇଛନ୍ତି । କେବଳ ସେତିକି ନୁହେଁ ସେ ଶ୍ରେଷ୍ଠ ଅଭିନେତା ଭାବରେ ଦୁଇଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇସାରିଛନ୍ତି । ପ୍ରଥମେ ସେ 'ଜଖମ୍' ପାଇଁ ଏବଂ ପରେ ଦେଶାତ୍ମବୋଧକ ସିନେମା 'ଦ ଲିଜେଣ୍ଡ ଅଫ୍ ଭଗତ ସିଂ' ଓ 'ତାନାଜୀ' ଲାଗି ତାଙ୍କୁ ଏହି ସମ୍ମାନଜନକ ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ଅଜୟଙ୍କ ଅଭିନୀତ ପ୍ରମୁଖ ସିନେମାଗୁଡ଼ିକ ହେଉଛି– 'ଦିଲୱାଲେ', 'ଜାନ୍', 'ହମ୍ ଦିଲ୍ ଦେ ଚୁକେ ସନମ୍', 'ଗଙ୍ଗାଜଲ୍', 'ଗୋଲ୍‌ମାଲ୍', 'ରାଜନୀତି', 'ସିଙ୍ଘମ', 'ବୋଲ୍ ବଚ୍ଚନ', 'ଦୃଶ୍ୟମ', 'ଟୋଟାଲ ଧମାଲ' ଏବଂ 'ସିଙ୍ଘମ ଏଗେନ୍' । ଚଳିତ ବର୍ଷ ତାଙ୍କ ଅଭିନୀତ ମୁକ୍ତିଲାଭ ଅପେକ୍ଷାରେ ଥିବା ସିନେମାଗୁଡ଼ିକ ହେଲା 'ମା', 'ସନ୍ ଅଫ୍ ସର୍ଦ୍ଦାର ୨' ଏବଂ 'ଦେ ଦେ ପ୍ୟାର ଦେ ୨' ।

## ମଡେଲିଂରୁ ଅଭିନେତ୍ରୀ

କଙ୍ଗନା ରାଣାୱତ ଏକାଧାରରେ ଜଣେ ଅଭିନେତ୍ରୀ, ପ୍ରଯୋଜିକା ଏବଂ ନିର୍ଦ୍ଦେଶିକା । ତା'ସହ ଏବେ ସେ ରାଜନୀତି ସହ ଜଡ଼ିତ । ହେଲେ ଅଭିନୟ ପୂର୍ବରୁ ସେ କ'ଣ କରୁଥିଲେ ? ସେତେବେଳେ ତାଙ୍କୁ ମାତ୍ର ୧୬ ବର୍ଷ । ଏହି ବୟସରେ ସେ ମଡେଲିଂ ଆରମ୍ଭ କରିଥିଲେ । ୨୦୦୬ ତାଙ୍କ ପାଇଁ ଯେମିତି ଅପେକ୍ଷା କରି ରହିଥିଲା । ଉକ୍ତ ବର୍ଷ ତାଙ୍କୁ ହିନ୍ଦୀ ସିନେମାରେ ଅଭିନୟ କରିବାର ସୁଯୋଗ ମିଳିଥିଲା । ଫିଲ୍ମଟି ଥିଲା ମହେଶ ଭଟ୍ଟଙ୍କ ପ୍ରଯୋଜିତ ଏବଂ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ 'ଗ୍ୟାଙ୍ଗଷ୍ଟର–ଏ ଲଭ୍ ଷ୍ଟୋରି' । ନିଜର ଆକ୍ଟିଂ କ୍ୟାରିୟର ଆରମ୍ଭ ସମ୍ପର୍କରେ ସେ କହନ୍ତି, ''ବିଶିଷ୍ଟ ପ୍ରଯୋଜକ ମହେଶ ଭଟ୍ଟ ମୋତେ ପ୍ରଥମେ ସୁଯୋଗ ଦେଇଥିଲେ । ପ୍ରଥମ ସିନେମା ପାଇଁ ମୋତେ ଶ୍ରେଷ୍ଠ ନବାଗତା ଅଭିନେତ୍ରୀ ଭାବରେ ଫିଲ୍ମ ଫେୟାର ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ମଡେଲିଂରୁ ଅଭିନୟ ଦୁନିଆରେ ପାଦ ଦେବା ପରେ ଏବଂ ପ୍ରଥମ ସିନେମା ହିଟ୍ ହେବା ପରେ ମୁଁ ଆଉ ପଛକୁ ଫେରି ଚାହିଁ ନ ଥିଲି ।''


ଅଜୟ


ଜାହ୍ନବୀ


କଙ୍ଗନା




# ହାଇ ଆଲର୍ଟରେ ପଞ୍ଜାବ ପୋଲିସ

**ମୁଲାନପୁର,୨୮।୫(ପି.ଟି.):** ଭାରତ ଓ ପାକିସ୍ତାନ ମଧ୍ୟରେ ଦେଖାଦେଇଥିବା ଉତ୍ତେଜନା କାରଣରୁ ଆଇପିଏଲ ପ୍ଲେଅଫ୍ ପ୍ରଭାବିତ ହେବାର ସମ୍ଭାବନା ନାହିଁ ବୋଲି ପଞ୍ଜାବ ପୋଲିସ ପକ୍ଷରୁ ବୁଧବାର କୁହାଯାଇଛି। ଆଇପିଏଲ୍‌ର କ୍ୱାଲିଫାୟର-୧ ଓ ଏଲିମିନେଟର ମ୍ୟାଚ୍ ମୁଲାନପୁରରେ ହେବାର ଅଛି। କ୍ୱାଲିଫାୟର-୨ ଓ ଫାଇନାଲ ମ୍ୟାଚ୍ ଯଥାକ୍ରମେ ଜୁନ୍ ୧ ଓ ୩ ତାରିଖରେ ଅହମଦାବାଦ୍‌ରେ ହେବ। ମୁଲାନପୁର ଷ୍ଟାଡିୟମରେ ଆସନ୍ତା ଦୁଇଦିନ ମଧ୍ୟରେ ଦୁଇଟି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବାର ଅଛି। ମ୍ୟାଚ୍ ଦେଖିବା ପାଇଁ ପୂରା ଦେଶରୁ ଲୋକେ ଆସୁଛନ୍ତି। ଆମେ ଷ୍ଟାଡିୟମର ଚାରିଆଡ଼େ ଏବଂ ଏହାର ଆଖପାଖ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ବଢ଼ାଇଛୁ। ମ୍ୟାଚ୍ ବେଳେ ଦର୍ଶକ ଓ ପ୍ରଶଂସକଙ୍କ ସୁରକ୍ଷା ଲାଗି ୬୫ ଗେଜେଟେଡ୍ ଅଧିକାରୀଙ୍କ ସମେତ ୨,୫୦୦ ପୋଲିସ କର୍ମୀ ମୁତୟନ କରାଯାଇଛି। ମ୍ୟାଚ୍ ଦେଖିବାକୁ ଆସିଥିବା ପ୍ରଶଂସକ ଯେଭଳି କୌଣସି ସମସ୍ୟାର ସମ୍ମୁଖୀନ ହେବେ ନାହିଁ, ଆମେ ତାହା ନିଶ୍ଚିତ କରିବାକୁ ଚାହୁଁ। ଅନ୍ୟପକ୍ଷରେ ସୁରକ୍ଷା ବ୍ୟବସ୍ଥା ଖୁବ୍ କଡ଼ାକଡ଼ି ରହିବ।

# ପଞ୍ଜାବ ବନାମ ବେଙ୍ଗାଲୁରୁ

**ଚଣ୍ଡିଗଡ଼,୨୮।୫**

ଚଳିତ ଆଇପିଏଲ୍‌ରେ ଆଜି ଖେଳାଯିବାକୁ ଥିବା ପ୍ରଥମ କ୍ୱାଲିଫାୟରରେ ପଞ୍ଜାବ କିଙ୍ଗ୍ସ (ପିବିକେଏସ୍) ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ଏହି ମ୍ୟାଚ୍ ମୁଲାନପୁର ଷ୍ଟାଡିୟମରେ ଖେଳାଯିବ। ଏହା ପଞ୍ଜାବର ଦ୍ୱିତୀୟ ହୋମ ଭେନ୍ୟୁ। ଏହି ମ୍ୟାଚ୍‌ରେ ବିଜୟୀ ଦଳ ସିଧାସଳଖ ଫାଇନାଲରେ ପ୍ରବେଶ କରିବ ଏବଂ ପରାଜିତ ଦଳକୁ ଫାଇନାଲରେ ପହଞ୍ଚିବା ପାଇଁ କ୍ୱାଲିଫାୟର-୨ ଜରିଆରେ ଦ୍ୱିତୀୟ ସୁଯୋଗ ମିଳିବ। ଏଥିଯୋଗୁ ଉଭୟ ଦଳ ଅତ୍ୟଧିକ ଆକ୍ରମଣାତ୍ମକ ଆଭିମୁଖ୍ୟ ଆପଣେଇବା ଆଶା କରାଯାଉଛି।

ପଞ୍ଜାବ କିଙ୍ଗ୍ସ ୨୦୧୪ ପରେ ପ୍ରଥମ ଥର ପାଇଁ ପ୍ଲେଅଫ୍‌ରେ ସ୍ଥାନ ପାଇଛି। କୋଚ୍ ରିକି ପଣ୍ଟିଂ ଓ ଶ୍ରେୟସ ଆୟରଙ୍କ ନେତୃତ୍ୱାଧୀନ ଦଳ ଲିଗ୍ ପର୍ଯ୍ୟାୟରେ ଚମତ୍କାର ପ୍ରଦର୍ଶନ କରି ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନ ଅଧିକାର କରିଛି। କୋଚ୍ ପଣ୍ଟିଂ ଓ ଅଧିନାୟକ ଆୟରଙ୍କ କମ୍ବିନେଶନ ଖେଳାଳିଙ୍କ ମଧ୍ୟରୁ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ବାହାର କରିବାରେ ସଫଳ ହୋଇଛି। ସେମାନଙ୍କର ଦୁଇ ଓପନର ପ୍ରଭସିମରନ ସିଂ ଓ ପ୍ରିୟାଂଶ ଆର୍ଯ୍ୟ ଭଲ ଫର୍ମରେ ଅଛନ୍ତି। ଦୁଇ ଓପନର ଅଧିନାୟକ ଆୟର ଓ ଜୋଶ ଇଙ୍ଗଲିସଙ୍କୁ ଭଲ ମୂଳଦୁଆ ପ୍ରଦାନ କରିଛନ୍ତି। ଦଳରେ ଶଶାଙ୍କ ସିଂଙ୍କ ଭଳି ଉତ୍ତମ ଫିନିଶର ମଧ୍ୟ ଅଛନ୍ତି। ପ୍ରତି ସିଜନରେ ତାଙ୍କ ଗେମରେ ସୁଧାର ଆସୁଛି। ଅଷ୍ଟ୍ରେଲିଆନ ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ ମଧ୍ୟ ଫର୍ମକୁ ଫେରିଛନ୍ତି। ଦଳର ବ୍ୟାଟିଂ ଲାଇନ ଶକ୍ତିଶାଳୀ ହୋଇଥିବା ବେଳେ ଦଳର ଦୁର୍ବଳତା ବୋଲିଂରେ ରହିଛି। ବିଶେଷ କରି ମାର୍କୋ ଜାନସେନଙ୍କ ବିଦାୟ ପରେ ବୋଲିଂ ବିଭାଗରେ ସମସ୍ୟା ଦେଖାଦେଇଛି। ଜାନସେନ ପାୱାରପ୍ଲେ ଓ ଡେଥ୍ ଭଳି ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟରେ ଭଲ ବୋଲିଂ କରନ୍ତି। ବ୍ୟାଟିଂ ଅଲରାଉଣ୍ଡର ଆଜମତୁଲା ଓମାରଜାଇ ତାଙ୍କ ସ୍ଥାନ ନେଇପାରନ୍ତି। ବିଦେଶୀ ପେସର ଭାବେ କାଇଲ ଜେମିସନ ଖେଳିପାରନ୍ତି। ଆଙ୍ଗୁଠି ଜନିତ ସମସ୍ୟା ଯୋଗୁ ଗତ ଦୁଇ ମ୍ୟାଚ୍ ମିସ କରିଥିବା ୟୁଜବେନ୍ଦ୍ର ଚହଲ ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଲାଗି ଦଳକୁ ଫେରିପାରନ୍ତି। ସେ ହରପ୍ରୀତ ବ୍ରାରଙ୍କ ସହ ସ୍ପିନ ବୋଲିଂ ବିଭାଗ ସମ୍ଭାଳିବେ। ଅର୍ଶଦୀପ ସିଂ ପ୍ରତ୍ୟେକ ପର୍ଯ୍ୟାୟରେ ଦଳ ପାଇଁ ଉଲ୍ଲେଖନୀୟ ବୋଲିଂ କରିଛନ୍ତି।

**ଆଜି ଆଇପିଏଲ୍ କ୍ୱାଲିଫାୟର-୧**



ଦୁଇ ଦଳର ଅଧିନାୟକ ଶ୍ରେୟସ ଆୟର ଓ ରଜତ ପଟିଦାର।

ଆର୍‌ସିବି ବିଗତ ବର୍ଷରେ ପ୍ଲେଅଫ୍‌ରେ ଅନେକ ହୃଦୟ ବିଦାରକ ପରାଜୟର ସମ୍ମୁଖୀନ ହୋଇଛି। ପଞ୍ଜାବ ଭଳି ଆର୍‌ସିବି ମଧ୍ୟ ଖେଳାଳିଙ୍କ ଆହତ ସମସ୍ୟାରେ ରହିଛି। ପେସର ଜୋଶ ହାଜେଲଉଡ୍ ଓ ଫିନିଶର ଟିମ ଡାଭିଡ୍ କ୍ୱାଲିଫାୟର ଉପଲବ୍ଧ ହେବେ ବୋଲି ଆଶା କରାଯାଉଛି। ଉଭୟ ଅଷ୍ଟ୍ରେଲିଆନ ଖେଳାଳି ଫେରିଲେ ଦଳର ସନ୍ତୁଳନ ବୃଦ୍ଧି ପାଇବ। ଦୀର୍ଘ ବର୍ଷ ହେଲା ପ୍ରଭାବୀ ଟପ୍ ଅର୍ଡର ବ୍ୟାଟରଙ୍କ ପାଇଁ ଆର୍‌ସିବି ପରିଚିତ ଥିବା ବେଳେ ମିଡିଲ ଅର୍ଡରରେ ଜିତେଶ ଶର୍ମାଙ୍କ ଉପସ୍ଥିତି ବ୍ୟାଟିଂ ଲାଇନ୍‌ର ଶକ୍ତି ବୃଦ୍ଧି କରିଛି। ମଙ୍ଗଳବାର ଲକ୍ଷ୍ନୌ ବିପକ୍ଷରେ ଜିତେଶ ତାଙ୍କ ଆଇପିଏଲ କ୍ୟାରିୟରର ଶ୍ରେଷ୍ଠ ଇନିଂସ ଖେଳିଥିଲେ। ଏଭଳି ପ୍ରଦର୍ଶନ ଯୋଗୁ ତାଙ୍କ ଆତ୍ମବିଶ୍ୱାସ ଖୁବ ବୃଦ୍ଧି ପାଇବା ସ୍ୱାଭବିକ। ଫିଲ ସଲ୍ଟ ଫର୍ମକୁ ଫେରିଛନ୍ତି। ଏଥିଯୋଗୁ ସଲ୍ଟ ଓ ବିରାଟ କୋହଲିଙ୍କ ଓପନିଂ ଯୋଡ଼ି ପାୱାରପ୍ଲେରେ ଦଳକୁ ବିସ୍ଫୋରକ ଆରମ୍ଭ ଦେବେ ବୋଲି ଆଶା କରାଯାଉଛି।

ଏହି ଭେନ୍ୟୁରେ ପଞ୍ଜାବକୁ ଆର୍‌ସିବି ହରାଇଥିଲା। ଏଠାରେ ଏପର୍ଯ୍ୟନ୍ତ ଖେଳାଯାଇଥିବା ମ୍ୟାଚ୍‌ରେ କେବଳ ଥରେ ୨୦୦ ସ୍କୋର ଅତିକ୍ରମ କରିଛି। ଉଭୟ ଆରସିବି ଓ ପଞ୍ଜାବ ଆଇପିଏଲ୍ ଟ୍ରଫି ଜିତି ନାହାନ୍ତି। ଏଥିଯୋଗୁ ଉଭୟ ଦଳ ଏଥର ଅପେକ୍ଷାର ଅନ୍ତ ଘଟାଇବା ଲକ୍ଷ୍ୟରେ ରହିବେ।

**ଫ୍ରେଞ୍ଚ୍ ଓପନ୍**

# ରାଉଣ୍ଡ-୩ରେ ଅଲ୍‌କାରାଜ୍

**ପ୍ୟାରିସ୍,୨୮।୫:** କାର୍ଲୋସ ଅଲ୍‌କାରାଜ ଫ୍ରେଞ୍ଚ୍ ଓପନ୍ ଟୁର୍ନାମେଣ୍ଟର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ସପ୍ତମ ସିଡ୍ କାସ୍ପର ରୁଡ୍ ପରାଜୟ ସହ ବିଦାୟ ନେଇଛନ୍ତି। ବୁଧବାର ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ ମ୍ୟାଚ୍‌ରେ ଅଲ୍‌କାରାଜ ୬-୧, ୪-୬, ୬-୧, ୬-୨ ସେଟ୍‌ରେ ହଙ୍ଗେରୀର ଫାବିଆନ ମାରୋଜସାନ୍‌ଙ୍କୁ ପରାସ୍ତ କରିଛନ୍ତି। ୨୫ତମ ସିଡ୍ ଆଲେକ୍ସି ପପିରିନ ୭-୫, ୬-୩, ୬-୪ ସେଟ୍‌ରେ ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ, ମାରିଆନୋ ନାଭୋନ ୬-୧, ୭-୬(୭-୧), ୬-୩ ସେଟ୍‌ରେ ରେଲି ଓପେଲକାଙ୍କୁ, ଡାନିଏଲ ଅଲ୍ଟମାୟର ୬-୨, ୪-୬, ୬-୩, ୭-୫ ସେଟ୍‌ରେ ଭିଟ କୋପ୍ରିଭାଙ୍କୁ ହରାଇଛନ୍ତି। ଅନ୍ୟପକ୍ଷରେ ୨୦୨୨ ଓ ୨୦୨୩ ସଂସ୍କରଣର ଫାଇନାଲିଷ୍ଟ ତଥା ୱାର୍ଲ୍ଡ ନଂ-୭ ରୁଡ୍ ୬-୨, ୪-୬, ୧-୬, ୦-୬ ସେଟ୍‌ରେ ନୁନୋ ବର୍ଗେସ୍‌ଙ୍କଠାରୁ ପରାସ୍ତ ହୋଇଛନ୍ତି।




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ